# ଧରିତ୍ରୀ
DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 19/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 144 | ମୂଲ୍ୟ ₹୭/-






90 YEARS

TRUST IS TIMELESS

**JHARSUGUDA : Sarbahal Road, Marwari Para | ROURKELA : Kesar Bhawan, Main Road**

**SHOWROOMS ALSO AT :** BHUBANESWAR | ANGUL | BERHAMPUR | CUTTACK | JAJPUR ROAD | PURI | SAMBALPUR (Opening Shortly)

BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com | 1800 3131 777 | FOLLOW US ON:

SCAN TO KNOW MORE




ଆସାମର ଗୁଆହାଟୀଠାରେ ଶନିବାର ସେନା, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଏସ୍‌ଏସ୍‌ବି ପକ୍ଷରୁ ମିଳିତ ବନ୍ୟା ସହାୟତା ଅଭିଯାନ 'ଜଲ ରାହତ'ରେ କର୍ମଚାରୀମାନେ ଭାଗ ନେଇଛନ୍ତି।

# ପିଏମ୍‌ଜିଏସ୍‌ୱାଇ-୩ ଯୋଜନା ୨୦୨୮ ମାର୍ଚ୍ଚ ଯାଏ ବଢ଼ିଲା

## କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୧୮।୪

କେନ୍ଦ୍ର କ୍ୟାବିନେଟ୍ ଶନିବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ତୃତୀୟ ପର୍ଯ୍ୟାୟ (ପିଏମ୍‌ଜିଏସ୍‌ୱାଇ) ସମୟସୀମାକୁ ୨୦୨୫ ମାର୍ଚ୍ଚରୁ ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏହି ଯୋଜନା ପାଇଁ ସଂଶୋଧିତ ବ୍ୟୟବରାଦ ୮୩,୯୭୭ କୋଟି ଟଙ୍କା ରଖାଯାଇଛି। ପୂର୍ବରୁ ୮୦,୨୫୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ବର୍ଦ୍ଧିତ ସମୟସୀମା ମଧ୍ୟରେ ସମତଳ ଅଞ୍ଚଳରେ ସଡ଼କ ଓ ପୋଲ ନିର୍ମାଣ ସମେତ ପାହାଡ଼ିଆ ଅଞ୍ଚଳରେ ରାସ୍ତା ନିର୍ମାଣ କରାଯିବ ।

୯୬୧ କୋଟି ଟଙ୍କା ବ୍ୟୟରେ ୧୬୧ଟି ବଡ଼ ପୋଲ ନିର୍ମାଣକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି, ଯାହା ପୂର୍ବରୁ ଅନୁମୋଦିତ ରାସ୍ତାଗୁଡ଼ିକର ଅଂଶବିଶେଷ। ଏଥିପାଇଁ ୨୦୨୫ ମାର୍ଚ୍ଚ ୩୧ରେ କାର୍ଯ୍ୟ ମଞ୍ଜୁରୀ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟେଣ୍ଡର ହୋଇ ନ ଥିବାରୁ ସେଗୁଡ଼ିକୁ ପୁନର୍ବାର କାର୍ଯ୍ୟକାରୀ କରାଯିବ। ପିଏମ୍‌ଜିଏସ୍‌ୱାଇ-୩ ୨୦୧୯ରେ ଆରମ୍ଭ ହୋଇଥିଲା। ଏହି ଯୋଜନାରେ ୧,୨୫,୦୦୦ କି.ମି. ଦୀର୍ଘ ରାସ୍ତା ଓ ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ସଂଯୋଗକୁ ଉନ୍ନତ କରିବା ଉପରେ ଧ୍ୟାନ ଦେଉଛି। ଏହା ଗ୍ରାମାଞ୍ଚଳ କୃଷି ବଜାର, ଉଚ୍ଚ ମାଧ୍ୟମିକ ସ୍କୁଲ୍ ଏବଂ ହସ୍ପିଟାଲଗୁଡ଼ିକୁ ସଂଯୋଗ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାସ୍ତାଘାଟ ସୁବିଧା ନ ଥିବା ଗ୍ରାମଗୁଡ଼ିକୁ ନୂଆ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଥିଲା। ତୃତୀୟ ପର୍ଯ୍ୟାୟରେ ପୂର୍ବରୁ ଥିବା ରାସ୍ତାର ଉନ୍ନତୀକରଣକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ୨୦୨୫ ଡିସେମ୍ବର ସୁଦ୍ଧା ୧,୨୨,୩୯୩ କି.ମି. ରାସ୍ତାକୁ ମଞ୍ଜୁରୀ ମିଳିଥିବାବେଳେ ସେଥିରୁ ୮୩ ପ୍ରତିଶତ ବା ୧,୦୧,୬୨୩ କି.ମି. ରାସ୍ତା ନିର୍ମାଣ ସରିଛି। ଅବଶିଷ୍ଟ ୧୭ ପ୍ରତିଶତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ଲାଗି ରାଜ୍ୟଗୁଡ଼ିକୁ ବର୍ଦ୍ଧିତ ୩ ବର୍ଷ ଦିଆଯାଉଛି।

ସୂଚନାଯୋଗ୍ୟ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟ ୨୦୦୦ ଡିସେମ୍ବର ୨୫ରେ ପିଏମ୍‌ଜିଏସ୍‌ୱାଇ ଶୁଭାରମ୍ଭ ହୋଇଥିଲା। ଭାରତର ରାସ୍ତାଘାଟ ନ ଥିବା ଗ୍ରାମାଞ୍ଚଳକୁ ସବୁଦିନିଆ ସଡ଼କ ସଂଯୋଗ ଯୋଗାଇଦେବା ଏହାର ଲକ୍ଷ୍ୟ ଥିଲା।

# ଶେଷହେଲା ବଜେଟ ଅଧିବେଶନ

## ପାର୍ଲାମେଣ୍ଟ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ନୂଆଦିଲ୍ଲୀ,୧୮।୪

ଜାନୁଆରୀ ୨୮ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶନିବାର ଶେଷ ହୋଇଛି। ଏଥିସହିତ ରାଜ୍ୟ ସଭା ଓ ଲୋକ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ଉଚ୍ଚ ସଦନ ମୋଟ ୧୫୭ ଘଣ୍ଟା ୪୦ ମିନିଟ୍ କାର୍ଯ୍ୟ କରିଥିଲା ଏବଂ ୧୧୦ ପ୍ରତିଶତ ଫଳପ୍ରଦ ହୋଇଛି। ବର୍ଷକୁ ପାର୍ଲାମେଣ୍ଟର ୩ଟି ଅଧିବେଶନ ବସୁଥିବାବେଳେ ଦେଶର ନୀତି ନିର୍ଦ୍ଧାରଣ ଦେବା ଓ ଅଭିବୃଦ୍ଧି ହାର ରୂପରେଖ ଦେବାରେ ବଜେଟ ଅଧିବେଶନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଗତ ୧୬ରୁ ୧୮ ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନରେ ହରିବଂଶ ନାରାୟଣ ସିଂଙ୍କୁ ତୃତୀୟ ଥର ପାଇଁ ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚିତ କରାଯାଇଥିଲା। ଏହି ଅଧିବେଶନରେ ରାଜ୍ୟ ସଭାରେ ୧୧୭ଟି ପ୍ରଶ୍ନ, ୪୪୬ଟି ଶୂନ୍ୟକାଳ ପ୍ରସ୍ତାବ ଏବଂ ୨୦୭ଟି ସ୍ୱତନ୍ତ୍ର ପ୍ରସ୍ତାବ ରେକର୍ଡ ହେବା ସହ ସଫଳତାର ସହ କାର୍ଯ୍ୟ କରିଥିବାରୁ ଅଧ୍ୟକ୍ଷ ସବୁ ଦଳର ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପୂର୍ବାହ୍ନ ୧୧ଟାରେ ଗୃହକୁ ସାଇନ୍ ଡାଏ ଘୋଷଣା କରିଥିଲେ। ଲୋକ ସଭାରେ ମହିଳା ସ୍ଥାନ ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ନାକଚ ହୋଇଯିବାର ଦିନକ ପରେ ଅଧିବେଶନ ଶେଷ ହୋଇଛି। ବିଲ୍‌ରେ ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଥିଲା।

# ଅସ୍ତ୍ରବିରତି ସତ୍ତ୍ୱେ ଲେବାନନ୍‌ରେ ଇସ୍ରାଏଲ୍‌ର ଆକ୍ରମଣ

ନବାତିହ,୧୮।୪

ଲେବାନନ୍ ସହ ଇସ୍ରାଏଲ୍‌ର ୧୦ ଦିନିଆ ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ଇସ୍ରାଏଲୀ ସେନା ଶନିବାର ସକାଳେ ଦକ୍ଷିଣ ଲେବାନନ୍‌ର ମେଫାଡାଉନ୍ ଗ୍ରାମ ବାହାରେ ୨ଟି ଆମ୍ବୁଲାନ୍ସ ଉପରେ ଆକ୍ରମଣ କରିଛି। ବୁଧବାର ମଧ୍ୟ ଇସ୍ରାଏଲ୍ ଅନ୍ୟ ୨ଟି ଆମ୍ବୁଲାନ୍ସ ଉପରେ ଆକ୍ରମଣ କରିଥିଲା। ପ୍ରଥମ ୨ଟି ଆମ୍ବୁଲାନ୍ସ ଧ୍ୱଂସ ହୋଇଯାଇଥିବାବେଳେ ସେଥିରେ ଥିବା ୮ କର୍ମଚାରୀଙ୍କ ମଧ୍ୟରୁ ୬ ଜଣ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ୩ଟି ଆକ୍ରମଣରେ ୪ ଜଣ ମେଡିକାଲ କର୍ମଚାରୀଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହେଲେଣି। ଲେବାନନ୍‌ର ସ୍ୱାସ୍ଥ୍ୟସେବା ସେକ୍ଟରକୁ ଇରାନ୍ ଟାର୍ଗେଟ କରୁଥିବାର ଏହା ସଦ୍ୟତମ ଉଦାହରଣ। ଗାଜାରେ ହମାସ୍ ବିରୋଧରେ ଆକ୍ରମଣ ବେଳେ ମଧ୍ୟ ଇସ୍ରାଏଲ୍ ହସ୍ପିଟାଲଗୁଡ଼ିକୁ ଟାର୍ଗେଟ କରୁଥିଲା। ସେହିପରି ୨୦୨୪ ଇସ୍ରାଏଲ୍-ହେଜ୍‌ବୋଲ୍ଲା ଯୁଦ୍ଧରେ ଅନୁରୂପ ଆକ୍ରମଣ ହେଉଥିଲା।

# ମହିଳା ସଂରକ୍ଷଣ ବିଲ୍ ନାକଚ ହେବା ଗଣତନ୍ତ୍ରର ବିଜୟ: ପ୍ରିୟଙ୍କା

ନୂଆଦିଲ୍ଲୀ,୧୮।୪

ଲୋକ ସଭାରେ ମହିଳା ସ୍ଥାନ ସଂରକ୍ଷଣ ବିଲ୍ ଗୃହୀତ ହୋଇ ନ ପାରିବା ଗଣତନ୍ତ୍ରର ବିଜୟ ଏବଂ କେନ୍ଦ୍ର ପାଇଁ କଳା ଦିବସ ବୋଲି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶନିବାର କହିଛନ୍ତି। ମହିଳା ସଂରକ୍ଷଣ ନାମରେ ସରକାର ସଂଘୀୟ ବ୍ୟବସ୍ଥା ବଦଳାଇବାକୁ ଉଦ୍ୟମ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ପ୍ରିୟଙ୍କା କହିଛନ୍ତି, ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଧେୟକ ନାକଚ ହୋଇଯିବା ବିରୋଧୀ ଏକତା ଶକ୍ତିର ପ୍ରତିଫଳନ କରିବା ସହ ସାମ୍ବିଧାନିକ ସିଦ୍ଧାନ୍ତକୁ ବଜାୟ ରଖିଛି। ଶୁକ୍ରବାର ଯାହା ଘଟିଲା, ତାହା ଗଣତନ୍ତ୍ର ପାଇଁ ଏକ ବଡ଼ ବିଜୟ। ସଂଘୀୟ ଢାଞ୍ଚା ବଦଳାଇବାର ଷଡ଼ଯନ୍ତ୍ର ପରାଜିତ



ଏଆଇସିସି ମୁଖ୍ୟାଳୟରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି।

ହୋଇଛି। ଏହା ସମ୍ବିଧାନ, ବିରୋଧୀ ଏକତା ଏବଂ ଦେଶ ପାଇଁ ବିଜୟ ବୋଲି ପ୍ରିୟଙ୍କା କହିଛନ୍ତି। ମହିଳା ସଂରକ୍ଷଣ ପ୍ରସଙ୍ଗକୁ ବ୍ୟବହାର କରି ସରକାର ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ସହ ସମ୍ପୃକ୍ତ ଏକ ବୃହତ୍ ରାଜନୈତିକ ଏଜେଣ୍ଡାକୁ ଆଗେଇ ନେବାକୁ ଚାହୁଁଥିଲେ। କ୍ଷମତାରେ ରହିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା। ସେମାନଙ୍କ ବିଶ୍ୱାସ ଯେ, ଯଦି ଡିଲିମିଟେଶନ (ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ) ବର୍ତ୍ତମାନ ନ ହୁଏ, ତେବେ ୨୦୨୯ ପୂର୍ବରୁ କରାଯାଇପାରିବ ନାହିଁ। ସେମାନଙ୍କ ନିଜସ୍ୱ ଇଚ୍ଛା ଅନୁଯାୟୀ ପ୍ରକ୍ରିୟା କାର୍ଯ୍ୟକାରୀ ହେବା ସେମାନେ ଚାହୁଁଥିଲେ ବୋଲି କଂଗ୍ରେସ ନେତ୍ରୀ କହିଛନ୍ତି।

ସମ୍ବିଧାନ ସଂଶୋଧନ ବିଲ୍ ମହିଳା ସ୍ଥାନ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦେଶକୁ ମିଛ କହୁଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ତାମିଲନାଡୁର ରାନିପେଟ୍‌ଠାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରି ରାହୁଲ କହିଛନ୍ତି, ମହିଳା ସ୍ଥାନ ସଂରକ୍ଷଣ ପଛରେ ଦେଶର ନିର୍ବାଚନ ମାନଚିତ୍ରକୁ ବଦଳାଇଦେବା ଏବଂ ରାଜ୍ୟଗୁଡ଼ିକୁ ଦୁର୍ବଳ କରିଦେବାର ଭୟଙ୍କର ଚିନ୍ତାଧାରା ଲୁଚି ରହିଥିଲା।

# ଆଗୁଆ ଜାମିନ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଅଭିଯୁକ୍ତ ନିଡ଼ା ଖାନ୍

## ନାଶିକ୍ ଟିସିଏସ୍‌ରେ ଯୌନ ନିର୍ଯାତନା, ଧର୍ମ ପରିବର୍ତ୍ତନ ମାମଲା

ମୁମ୍ବାଇ,୧୮।୪

ମହାରାଷ୍ଟ୍ରର ନାଶିକ୍‌ସ୍ଥିତ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍)ରେ ଯୌନ ନିର୍ଯାତନା ଓ ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରିବା ମାମଲାର ଅଭିଯୁକ୍ତ ନିଡ଼ା ଖାନ୍ ଏବେ ମୁମ୍ବାଇରେ ରହୁଥିବାବେଳେ ଗର୍ଭବତୀ ଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଆଗୁଆ ଜାମିନ ପାଇଁ ନାଶିକ୍‌ର ଏକ ସ୍ଥାନୀୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଗିରଫଦାରିରୁ ବର୍ତ୍ତିବା ପାଇଁ ସେ ଉଦ୍ୟମ ଚଳାଇଛନ୍ତି। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ତାଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ମେଡିକାଲ ଚ୍ୟାନେଲ୍ ଜରିଆରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇପାରେ। ୨୫ ବର୍ଷୀୟା ନିଡ଼ା ୨୦୨୧ରେ ଟିସିଏସ୍‌ର ନାଶିକ୍ ବିପିଓ ୟୁନିଟ୍‌ରେ ଯୋଗଦେଇଥିଲେ। ଯୌନ ନିର୍ଯାତନା ଓ ଧର୍ମାନ୍ତରୀକରଣ ଅଭିଯୋଗ ଆସିବା ପରେ ଗତ ସପ୍ତାହରେ କମ୍ପାନୀ ତାଙ୍କ ସମେତ



ନିଡ଼ା ଖାନ୍

ଅନ୍ୟ କେତେଜଣଙ୍କୁ ନିଲମ୍ବନ କରିଥିଲା। କମ୍ପାନୀର ୮ ଜଣ ମହିଳା କର୍ମଚାରୀଙ୍କ ଅଭିଯୋଗ ପରେ ଘଟଣାର ତଦନ୍ତ ପାଇଁ ପୋଲିସ ଏସ୍‌ଆଇଟି ଗଠନ କରିଥିଲା। ଅଭିଯୋଗ ଅନୁଯାୟୀ ବରିଷ୍ଠ ସହକର୍ମୀମାନେ ସେମାନଙ୍କୁ ମାନସିକ ଓ ଯୌନ ନିର୍ଯାତନା ଦେଉଥିବାବେଳେ ଏଚ୍‌ଆର୍ ବିଭାଗ ସେମାନଙ୍କ ଅଭିଯୋଗକୁ ଅଣଦେଖା କରୁଥିଲା।

# ଖାତରେ ଭ୍ୟାନ୍ ଖସି ୯ ମୃତ

କୋଏମ୍ବାଟୁର୍,୧୮।୪

କେରଳର କୋଝିକୋଡ୍‌ରୁ ୧୬ ଜଣ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ଭ୍ୟାନ୍ କୋଏମ୍ବାଟୁରର ଭାଲପରାଇ ଘାଟ ରୋଡ୍‌ରେ ଓଲଟି ଏକ ଗଭୀର ଖାତ ମଧ୍ୟକୁ ଖସିପଡ଼ିବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ଭ୍ୟାନ୍‌ଟି ଭାଲପରାଇରୁ ପୋଲ୍ଲାଚି ଯାଉଥିଲା। ଆହତ ୪ ଜଣଙ୍କୁ କୋଏମ୍ବାଟୁର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ବନ ବିଭାଗ ସହାୟତାରେ ଅନ୍ୟମାନଙ୍କୁ ଖୋଜାଚାଲିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଚଳାଇଛି।

# ସ୍ମାର୍ଟଫୋନ୍‌ରେ ଆଧାର ଆପ୍ ବାଧ୍ୟତାମୂଳକ ନିୟମ ପ୍ରତ୍ୟାହୃତ

ନୂଆଦିଲ୍ଲୀ,୧୮।୪

ଆପଲ୍, ସାମ୍‌ସଙ୍ଗ ଓ ଅନ୍ୟାନ୍ୟ ସ୍ମାର୍ଟଫୋନ୍ ନିର୍ମାଣକାରୀ କମ୍ପାନୀର ବିରୋଧ ପରେ ଭାରତ ସରକାର ସମସ୍ତ ସ୍ମାର୍ଟଫୋନ୍‌ରେ ଆଧାର ଆପ୍ ସଂଯୋଗ କରିବା ଯୋଜନାରୁ ଓହରିଯାଇଛନ୍ତି। ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଶୁକ୍ରବାର ଏହା ସ୍ପଷ୍ଟ କରିଛି।

ଭାରତରେ ବିକ୍ରି ହେଉଥିବା ସମସ୍ତ ନୂଆ ସ୍ମାର୍ଟଫୋନ୍‌ରେ ଆଧାର ଆପ୍ ପୂର୍ବରୁ ସଂଯୋଗ କରିବା ଚିନ୍ତାଧାରା ଉପରେ ଆପଲ୍, ଗୁଗଲ ଆଦି




ସ୍ମାର୍ଟଫୋନ୍ ନିର୍ମାତାଙ୍କ ସହ ଆଲୋଚନା କରିବାକୁ ୟୁଆଇଡିଏଆଇ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟକୁ କହିଥିଲା। ଅଙ୍ଗୁଳି ଛାପ ଓ ଆଖି ସ୍କାନ୍ ଥାଇ ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର ଭାରତର ୧୩୪ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କର ଏକ ଡିଜିଟାଲ ପରିଚୟ, ଯାହାକୁ ବ୍ୟାଙ୍କିଙ୍ଗ୍, ଟେଲିକମ୍ ଯାଞ୍ଚ ଆଦି ବହୁ ସେବାରେ ବ୍ୟବହାର କରାଯାଇଥାଏ। ତେବେ ଉକ୍ତ ପ୍ରସ୍ତାବ ଉପରେ ସମୀକ୍ଷା କରିବା ପରେ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଆପ୍‌କୁ ବାଧ୍ୟତାମୂଳକ କରିବା ଯୋଜନାରେ ଆଗକୁ ନ ବଢ଼ିବାକୁ ନିଷ୍ପତ୍ତି ନେଇଛି। ଯୋଜନାକୁ ବାଦ୍ ଦେବାର ପ୍ରକୃତ କାରଣ ସମ୍ପର୍କରେ ୟୁଆଇଡିଏଆଇ ଜଣାଇନାହିଁ। ତେବେ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ଶିଳ୍ପର ଷ୍ଟେକ୍‌ହୋଲ୍ଡରମାନଙ୍କ ସହ ବିଚାର ବିମର୍ଶ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି।

# ରାଜସାକ୍ଷୀ ହେବେ ଜାକ୍‌ଲିନ୍

ନୂଆଦିଲ୍ଲୀ,୧୮।୪

ଠକ ସୁକେଶ ଚନ୍ଦ୍ରଶେଖରଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ନୂଆ ମୋଡ଼ ନେଇଛି। ଅଭିନେତ୍ରୀ ଜାକ୍‌ଲିନ୍ ଫର୍ନାଣ୍ଡିଜ୍ ମାମଲାରେ ରାଜସାକ୍ଷୀ ହେବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଆନୁଷ୍ଠାନିକ ଭାବେ ଆବେଦନ କରିଛନ୍ତି। ଜାକ୍‌ଲିନ୍ ମଧ୍ୟ ଉକ୍ତ ମନିଲଣ୍ଡରିଂ ମାମଲାର ଅନ୍ୟତମ ଅଭିଯୁକ୍ତ। ଉକ୍ତ ଅପରାଧ ଅର୍ଥରେ କିଣାଯାଇଥିବା ଉପହାର ସେ ଗ୍ରହଣ କରିଥିଲେ। ମନିଲଣ୍ଡରିଂ ମାମଲାରେ ଜାକ୍‌ଲିନ୍ ରାଜସାକ୍ଷୀ ହେବାକୁ ଚାହାନ୍ତି ବୋଲି ଶୁକ୍ରବାର ଦିଲ୍ଲୀର ଏକ ଅଦାଲତଙ୍କୁ ଜଣାଇଥିଲେ। ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାରେ ସୁକେଶ ଅଭିଯୁକ୍ତ ଥିବାବେଳେ ତାଙ୍କ ନାମରେ ଅନେକ ଜାଲିଆତି ମାମଲା ରହିଛି।

# ସୁ୍ୟ ଟୀଙ୍କୁ ଡରୁଛନ୍ତି ଶାସକ

## ୪,୩୩୫ ବନ୍ଦୀଙ୍କୁ ମୁକ୍ତକଲା ମ୍ୟାନ୍‌ମାର

ନୂଆଦିଲ୍ଲୀ,୧୮।୪

ମ୍ୟାନ୍‌ମାରର ନୂଆ ରାଷ୍ଟ୍ରପତି ମିନ୍ ଅଙ୍ଗ୍ ହଇଙ୍ଗ୍ ଶୁକ୍ରବାର ୪,୩୩୫ ବନ୍ଦୀଙ୍କୁ ସର୍ବକ୍ଷମା ପ୍ରଦାନ ପୂର୍ବକ ଜେଲରୁ ମୁକ୍ତ କରିଥିବା ସେଠାକାର ସରକାରୀ ଟିଭିରେ ରିପୋର୍ଟ ପ୍ରସାରିତ ହୋଇଛି। ଗତ ୬ ମାସ ମଧ୍ୟରେ ଏହା ହେଉଛି ତୃତୀୟ ସର୍ବକ୍ଷମା। ତେବେ ନୋବେଲ ବିଜୟିନୀ ତଥା ପୂର୍ବତନ ଷ୍ଟେଟ୍ କାଉନ୍‌ସେଲର ଅଙ୍ଗ୍ ସାନ୍ ସୁ୍ୟ ଟୀଙ୍କ ଜେଲ ଦଣ୍ଡାଦେଶକୁ କୋହଳ କରାଯାଇଥିଲେ ମଧ୍ୟ ତାଙ୍କୁ ସରକାର ମୁକ୍ତ କରିନାହାନ୍ତି। ତେଣୁ ସାମରିକ ସରକାର ଏବେ ମଧ୍ୟ ସୁ୍ୟ ଟୀଙ୍କ ନେତୃତ୍ୱକୁ ଭୟ କରୁଥିବା ମନେ କରାଯାଉଛି।

୨୦୨୧ରେ ମ୍ୟାନ୍‌ମାରରେ ସାମରିକ ବିଦ୍ରୋହରୁ କ୍ଷମତା ପରିବର୍ତ୍ତନ ଘଟିଥିଲା। ତତ୍କାଳୀନ ଷ୍ଟେଟ୍ କାଉନ୍‌ସେଲର ସୁ୍ୟ ଟୀଙ୍କୁ ଗୃହଯୁଦ୍ଧ, ରାଜନୈତିକ



ଅଙ୍ଗ୍ ସାନ୍ ସୁ୍ୟ ଟୀ

ଦମନ, ନିର୍ବାଚନୀ ଦୁର୍ନୀତି, ଦେଶର ଗୋପନୀୟତା ଆଇନ ଉଲ୍ଲଂଘନ ଆଦି ଅଭିଯୋଗରେ ଗିରଫ କରାଯାଇଥିଲା। ସେବେଠୁ ସେ ଜେଲରେ ଅଛନ୍ତି।

ମ୍ୟାନ୍‌ମାରରେ ଜାନୁଆରୀରେ ସ୍ୱାଧୀନତା ଦିବସ ଓ ଏପ୍ରିଲରେ ନବବର୍ଷ ପାଳନ ଅବସରରେ ବନ୍ଦୀମାନଙ୍କୁ ଆମ୍‌ନେଷ୍ଟି (ସର୍ବକ୍ଷମା) ପ୍ରଦାନ କରାଯାଇଥାଏ। ଏମ୍‌ଆର୍‌ଟିଭିରେ ପ୍ରସାରିତ ରିପୋର୍ଟ ଅନୁସାରେ ଶୁକ୍ରବାର ୧୭୯ ବିଦେଶୀଙ୍କ ସମେତ ମୋଟ ୪,୩୩୫ ବନ୍ଦୀଙ୍କୁ ମୁକ୍ତ କରାଯାଇଛି। ଏପରି କି ମୃତ୍ୟୁ ଦଣ୍ଡାଦେଶ ପାଇଥିବା କଏଦୀମାନଙ୍କ ଦଣ୍ଡକୁ ଆଜୀବନ ଜେଲ, ଆଜୀବନ ଦଣ୍ଡାଦେଶ ପାଇଥିବା ବନ୍ଦୀଙ୍କୁ ୪୦ ବର୍ଷ ଏବଂ ଅନ୍ୟ କଏଦୀମାନେ ପାଇଥିବା ମୋଟ ଦଣ୍ଡାଦେଶର ୬ ଭାଗରୁ ଭାଗେ ମାଫ୍ କରାଯାଇଛି। ତଦନୁସାରେ ୨୭ ବର୍ଷ ଜେଲ ଦଣ୍ଡାଦେଶ ଭୋଗୁଥିବା ସୁ ଟୀଙ୍କ ୪ ବର୍ଷ ୬ ମାସ ଦଣ୍ଡ ଛାଡ଼ କରାଯାଇଛି। ୮୦ ବର୍ଷୀୟା ନୋବେଲ ଶାନ୍ତି ପୁରସ୍କାର ବିଜୟିନୀଙ୍କୁ ଏକ ଅଜ୍ଞାତ ସ୍ଥାନରେ ବନ୍ଦୀ ରଖାଯାଇଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି। ସୁ୍ୟ ଟୀଙ୍କ ବୟସାଧିକ କାରଣରୁ ଦିନକୁ ଦିନ ସ୍ୱାସ୍ଥ୍ୟ ବିଗିଡ଼ିବାରେ ଲାଗିଥିବାବେଳେ ଅଦ୍ୟାବଧି ମୁକ୍ତ କରା ନ ଯିବା ନେଇ ତାଙ୍କ ପୁଅ କିମ୍ ଆରିସ୍ ଚିନ୍ତାବ୍ୟକ୍ତ କରିଛନ୍ତି। ଇତିମଧ୍ୟରେ ସେନା ମୁଖ୍ୟ ମିନ୍ ଅଙ୍ଗ୍ ହାଇଙ୍ଗ୍ (୬୯) ଏପ୍ରିଲ ୩ରେ ଦେଶର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ଏଥର ମଧ୍ୟ ସୁ୍ୟ ଟୀଙ୍କୁ ମୁକ୍ତ କରିବା ପରିବର୍ତ୍ତେ ମାତ୍ର ସାଢ଼େ ୪ ବର୍ଷ ଜେଲ ଦଣ୍ଡାଦେଶ କୋହଳ କରାଯାଇଛି। ଅର୍ଥାତ୍ ସାମରିକ ଶାସନ ବେଳେ ୫ ବର୍ଷ ଜେଲରେ ରହିସାରିଥିବା ଏହି ନେତ୍ରୀ ଆହୁରି ୧୭ରୁ ଊର୍ଦ୍ଧ୍ୱ ବର୍ଷ ଦଣ୍ଡ ଭୋଗିବେ। ଅନ୍ୟପକ୍ଷେ ସୁ୍ୟ ଟୀଙ୍କ ସହ ଗିରଫ ହୋଇଥିବା ତତ୍କାଳୀନ ରାଷ୍ଟ୍ରପତି (୨୦୧୮-୨୦୨୧) ୱିନ୍ ମିଇଣ୍ଟଙ୍କୁ ଛାଡ଼ି ଦିଆଯିବ ବୋଲି ଜଣାପଡ଼ିଛି। ସାମରିକ ବିଦ୍ରୋହ ବେଳେ ଅନେକ ହଜାର ଆକ୍ଟିଭିଷ୍ଟ ତଥା ଜୁଣ୍ଟା ମିଲିସିଆ ସଦସ୍ୟଙ୍କୁ ରାଜନୈତିକ ଅପରାଧ ଅଭିଯୋଗରେ ଗିରଫ କରାଯାଇଥିଲା।

# ମୁଁ ଯାହା ଦେଖାଯାଉଛି ତାହା ସ୍ୱାଭାବିକ

ମୁମ୍ବାଇ



ଅଭନୀତ୍ କୌର

ଅଭିନେତ୍ରୀ ଅଭନୀତ୍ କୌର ଯେତିକି ଗ୍ଲାମର୍ସ ସେତିକି ଚର୍ଚ୍ଚିତ ମଧ୍ୟ। ନିଜ ଚମକଦାର ଲୁକ୍ ପାଇଁ ସେ ପ୍ରାୟତଃ ପ୍ରଶଂସା ସାଉଁଟନ୍ତି। ନିକଟରେ ସେ ତାଙ୍କ ତ୍ୱଚାରେ ବୋଟକ୍ସ କିମ୍ବା ସର୍ଜରି କରିଥିବା ଚର୍ଚ୍ଚା ଚାଲିଛି। କିନ୍ତୁ ଏକ ସାକ୍ଷାତ୍କାରରେ ସେ ଏହାକୁ ଖଣ୍ଡନ କରିଛନ୍ତି। ଏହି ପରିବର୍ତ୍ତନ ସମ୍ପୂର୍ଣ୍ଣ ସ୍ୱାଭାବିକ। ବୟସ ସହ ସେ ଚମକୁଥିବା ଅଭନୀତ୍ କହିଛନ୍ତି।

ପ୍ରତ୍ୟେକ ବ୍ୟକ୍ତିଙ୍କ ପିଲାଦିନ ଏବଂ ବୟସ ବଢ଼ିବାର ଫଟୋ ଭିତରେ ନିଶ୍ଚୟ ଭିନ୍ନ ଥାଏ। ସମସ୍ତେ ବଡ଼ ହୁଅନ୍ତି ଏବଂ ବୟସ ବଢ଼ିବା ସହ ଚେହେରାରେ ଚମକ ଆସେ। ମୋର ତ୍ୱଚାରେ କୌଣସି ଅସ୍ତ୍ରୋପଚାର କିମ୍ବା ବୋଟକ୍ସ ହୋଇନାହିଁ ବୋଲି ଅଭନୀତ୍ କହିଛନ୍ତି। ଏଥିସହ ସେ କହିଛନ୍ତି, ମୁଁ ଯାହା ଦେଖାଯାଉଛି ତାହା ସ୍ୱାଭାବିକ। ମୋ ସୁନ୍ଦରତାର ସମସ୍ତ ଶ୍ରେୟ ମା'ଙ୍କର ବୋଲି ସେ ପ୍ରକାଶ କରିଛନ୍ତି।

ଅଭନୀତ୍ ଅତି କମ୍ ବୟସରେ ଟିଭି(ଛୋଟ ପରଦା) ଜଗତରେ ପାଦ ଦେଇଥିଲେ। ଧୀରେ ଧୀରେ ନିଜ ପାଇଁ ଏକ ସ୍ଥାନ ମଧ୍ୟ ସୃଷ୍ଟି କରିଥିଲେ। ଏବେ ସେ ଫିଲ୍ମ ଜଗତରେ ମଧ୍ୟ ସକ୍ରିୟ ଅଛନ୍ତି।

DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ | Bhubaneswar, Sunday, April 19/2026




ଶୀତଳା ପୂଜା ଅବସରରେ ଶନିବାର ଦୋଣ୍ଡି ରୀତିନୀତି ପାଳନ କରିବାକୁ ଯାଇ ଶ୍ରଦ୍ଧାଳୁମାନେ କୋଲକାତାର କାଳିଘାଟ ଆଡ଼େ ରାସ୍ତା ଉପରେ ସାଷ୍ଟାଙ୍ଗ ପ୍ରଣାମ କରି ଯାଉଛନ୍ତି।

# ଚଢ଼ାଉ ବେଳେ ଟ୍ରାକ୍ଟର ଚଢ଼ାଇ ଦେଲେ: ତହସିଲଦାର ଗୁରୁତର

## ମାଟି ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ

ମାଟି ଚୋରାଚାଲାଣ ଖବର ପାଇ ଚଢ଼ାଉ କରିବାକୁ ଯାଇଥିବା ଯାଜପୁର ଜିଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପରକୁ ଟ୍ରାକ୍ଟର ଚଢ଼ାଇ ଦିଆଯାଇଛି। କୋରେଇ ଥାନା ଅନ୍ତର୍ଗତ ମୀନାବଜାର ଛକ ନିକଟରେ ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଏହି ଘଟଣା ଘଟିଛି। ତହସିଲଦାର ପଣ୍ଡାଙ୍କୁ ମାରିଦେବାକୁ ମାଫିଆମାନେ ଉଦ୍ୟମ କରିଛନ୍ତି। ତେବେ ଟ୍ରାକ୍ଟରଟି ଗୋଡ଼ ଉପରେ ଚଢ଼ିଯାଇଥିବାରୁ ତହସିଲଦାର ପଣ୍ଡା ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଯାଜପୁର ଜିଲାରେ ମାଟି, ବାଲି, ମୋରମ୍ ଆଦି ଲଘୁ ଖଣିଜ ପଦାର୍ଥର ଚୋରାଚାଲାଣ କରିଆସୁଥିବା ମାଫିଆଙ୍କ ଦୌରାତ୍ମ୍ୟକୁ ପ୍ରମାଣିତ କରିଛି। ଏହି ମାଫିଆମାନଙ୍କ ପଛରେ ପ୍ରଭାବଶାଳୀ ଲୋକଙ୍କ ସମେତ କେତେଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଆସୁଛି। ତେବେ ଯେଉଁମାନେ ଏହି କାରବାରକୁ ରୋକିବାକୁ ଚେଷ୍ଟା କରୁଛନ୍ତି କିମ୍ବା ବିରୋଧ କରୁଛନ୍ତି, ସେମାନଙ୍କୁ ହତ୍ୟା କରିବାକୁ ମାଫିଆମାନେ ପଛଘୁଞ୍ଚା ଦେଉନାହାନ୍ତି। ୨୦୧୮ ଫେବୃଆରୀ ୪ ମଧରାତ୍ରରେ କୋରେଇ ଥାନା ଅନ୍ତର୍ଗତ ବେଣାପୁର ଛକରେ ଓଭରଲୋଡିଂ ଓ ଟ୍ରାଞ୍ଜିଟ୍ ପାସ୍ ଯାଞ୍ଚ କରୁଥିବା ଯାଜପୁର ଆର୍‌ଟିଓ ମନୋଜ କୁମାର ବେହେରାଙ୍କ ଉପରକୁ ଏକ ଟିପ୍ପର ବୋଝେଇ ହାଇୱା ଚଢ଼ାଇ ଦିଆଯାଇଥିଲା। ସେଥିରେ ଆର୍‌ଟିଓଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୬ ତାରିଖ ବିଳମ୍ବିତ ରାତିରେ ଯାଜପୁର ଜୁନିୟର ଖଣି ଅଧିକାରୀ ବିଶ୍ୱଜିତ୍ ସ୍ୱାଇଁ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ଛକ ନିକଟରେ ବାଲି ବୋଝେଇ ଗାଡ଼ି ଯାଞ୍ଚ କରୁଥିବା ସମୟରେ ତାଙ୍କୁ ମାଫିଆମାନେ ଆକ୍ରମଣ କରିଥିଲେ। ଏହି ଘଟଣାରେ ୩ ଜଣ ଗିରଫ ହୋଇଛନ୍ତି।



ପ୍ରଶାନ୍ତ କୁମାର ପଣ୍ଡା

ଯାଜପୁର/ବ୍ୟାସନଗର (ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି), ୧୮।୪

କୋରେଇ ଥାନାଠାରୁ ପ୍ରାୟ ୧ କିଲୋମିଟର ଦୂର ମୀନାବଜାର ଛକ ନିକଟରୁ ବେଆଇନ ମାଟି ଓ ବାଲି ଚୋରାଚାଲାଣ ହେଉଥିବା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ଖବର ପାଇଥିଲେ। ଏହାପରେ ସେ ଟିମ୍ ସହ ଚଢ଼ାଉ କରିବାକୁ ଶନିବାର ପୂର୍ବାହ୍ନରେ ସେଠାକୁ ଯାଇଥିଲେ। ଏହି ସମୟରେ ମାଟି ☞ପୃଷ୍ଠା-୨

# ଯୋଜନା ବୋର୍ଡ ସ୍ଥାନରେ ଏସ୍‌ଆଇଟିଆଇ-ଓଡ଼ିଶା

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

- **ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ**
- **ଜଣଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରିବେ ମୁଖ୍ୟମନ୍ତ୍ରୀ**
- **ଉନ୍ନୟନ କମିଶନର ରହିବେ ଅତିରିକ୍ତ ସଦସ୍ୟ ସଚିବ**
- **୪ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ମିଳିବ ନିଯୁକ୍ତି**
- **୬ ବିଷୟ ଉପରେ କାର୍ଯ୍ୟ କରିବ ଏସ୍‌ଆଇଟିଆଇ-ଓଡ଼ିଶା**

ରାଜ୍ୟ ସରକାର ଖୁବ୍‌ଶୀଘ୍ର ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଫର୍ ଟ୍ରାନ୍ସଫର୍ମେଟିଭ ଇନିସିଏଟିଭସ୍ (ଏସ୍‌ଆଇଟିଆଇ-ଓଡ଼ିଶା) ପ୍ରତିଷ୍ଠା କରିବେ। ରାଜ୍ୟ ଯୋଜନା ବୋର୍ଡକୁ ଭାଙ୍ଗି ସାରିଥିବାବେଳେ ସେହି ସ୍ଥାନରେ ଏସ୍‌ଆଇଟିଆଇ-ଓଡ଼ିଶା ପ୍ରତିଷ୍ଠା ହେବ। ଏନେଇ ସରକାର ଆଣିଥିବା ସଂକଳ୍ପରେ ଉଲ୍ଲେଖ କରାଯାଇ ନାହିଁ। ମାତ୍ର ତାହା ହିଁ ହେବାକୁ ଯାଉଛି। ଏହା ରାଜ୍ୟ ସରକାରଙ୍କ ଏକ ଥିଙ୍କ୍ ଟ୍ୟାଙ୍କ୍ ବା ଏକ ରାଜ୍ୟ ଯୋଜନା ବୋର୍ଡ ସ୍ଥାନରେ ☞ପୃଷ୍ଠା-୨



ମୋହନ ଚରଣ ମାଝୀ

**ଆଜିର ସମ୍ପାଦକୀୟ**

**ଆମେ ନୀରବ**









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଥ୍ରୀଡି ଗ୍ଲାସ୍ ସଲ୍ୟୁଶନ୍ ପକ୍ଷରୁ ଗ୍ରାଉଣ୍ଡବ୍ରେକିଂ ସେରିମନି, ସ୍ଥାନ: ଇନ୍‌ଫୋଭ୍ୟାଲି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରତାପ ଚନ୍ଦ୍ର ଦାଶ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ରେଡ୍‌କ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## କଟକ

- କଟକ ମାରୱାଡି ସମାଜ, ୱେଲବିଙ୍ଗ ଆଣ୍ଡ ଟିମ୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ମାରୱାଡି କ୍ଲବ ପରିସର, ମାଣିକଘୋଷ ବଜାର, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ସର୍ବୋଦୟ ସମାଜ ସମ୍ମିଳନୀ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ପୂର୍ବାହ୍ନ ୧୧ଟା।
- କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅକ୍ଷୟ ଅମୃତ ମହୋତ୍ସବ, ସ୍ଥାନ: ଝିଙ୍କିରିଆ ସେବାଶ୍ରମ, ୪୨ ମୌଜା, ସମୟ: ଅପରାହ୍ନ ୩ଟା।
- ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି, ସ୍ଥାନ: ବିଦ୍ୟାଳୟ ପରିସର, ସୁନ୍ଦରଗ୍ରାମ, ସମୟ: ଅପରାହ୍ନ ୫ଟା।
- ଆମେ କଳାକାର ପକ୍ଷରୁ ରଜନୀକାନ୍ତ ନାୟକ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଶହୀଦ ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଭାଗବତ ସପ୍ତାହର ଚତୁର୍ଥ ଦିବସ, ସ୍ଥାନ : ଧର୍ମଦ୍ୱାର, ଘଣ୍ଟୁଆ, ବାଲିଆପାଳ, ସମୟ : ସକାଳ ୬ଟା।
- ସାର୍ବଜନୀନ ଚଉଦ ମାଦଳ ମହୋତ୍ସବ ତୃତୀୟ ଦିବସ, ସ୍ଥାନ : ଜହତା ଚଉଦମାଦଳ ପଡ଼ିଆ, ରୂପସା, ସମୟ : ସକାଳ ୭ଟା।
- ଭ୍ରାମ୍ୟମାଣ ବ୍ରହ୍ମଯାଜ୍ଞ୍ୟ, ସ୍ଥାନ: ଟେକ ଚନ୍ଦନପୁର, ମାଣିତ୍ରୀ, ଖଇରା, ସମୟ: ସକାଳ ୮ଟା
- ବିଶାଳ ରକ୍ତଦାନ ଶିବିର, ସ୍ଥାନ : ଶମ୍ଭୁନାଥ ହାଇସ୍କୁଲ, ବସ୍ତା, ସମୟ : ସକାଳ ୯ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ମିଳିତ ନିଶା ନିବାରଣ ଅଭିଯାନର ୧୦ମ ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ : ଏସିପିଏଲ୍ ସଭାଗୃହ, ଭାସ୍କରଗଞ୍ଜ, ବଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ : ଆଇଟିଆଇ ପଡିଆ, ବାଲେଶ୍ୱର, ସମୟ : ଅପରାହ୍ନ ୪ଟା।

- ପାରୁଳିଆ ଶିବଙ୍କ ପାଟ ଉତ୍ସବ, ସ୍ଥାନ : ପାରୁଳିଆ ଶିବ ମନ୍ଦିର, ବାଲିଆପାଳ, ସମୟ : ଅପରାହ୍ନ ୫ଟା।

## ଭଦ୍ରକ

- ମା' କାଲୁଣୀ ଠାକୁରାଣୀ ପୀଠର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ପଦ୍ମପୋଖରୀ ଡିଗିପାର୍କ, ଧାମନଗର, ସମୟ: ସକାଳ ୭ଟା।
- ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଭେଙ୍କଟେଶ୍ୱର ସ୍କୁଲ ପରିସର, ଚାନ୍ଦବାଲି, ସମୟ: ସକାଳ ୯ଟା।

## କେନ୍ଦୁଝର

- ଶାସ୍ତ୍ରୀ ନଗର ସ୍ଥିତ ଶ୍ରୀ ତ୍ରିନାଥ ଦେବ ଓ ବାବା ଶନି ଦେବ ଓ ଶ୍ରୀ ଶ୍ରୀ ପଞ୍ଚ ମୁଖୀ ହନୁମାନ ଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଯୋଡ଼ା, ସମୟ: ସକାଳ ୭ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସଙ୍କୀର୍ତ୍ତନ, ସ୍ଥାନ: ଷ୍ଟେଶନ ରୋଡ୍, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।
- ହରି ହାଟ ସଙ୍କୀର୍ତ୍ତନ , ସ୍ଥାନ: ଘଟଗାଁ ବ୍ଲକ୍ ବସନ୍ତପୁର, ସମୟ : ସକାଳ ୯ଟା

## ମୟୂରଭଞ୍ଜ

- ବାସ୍ତବ ପକ୍ଷରୁ ଆନ୍ତଃ ଜିଲା ସ୍ତରୀୟ ଆର୍ଟ ପ୍ରତିଯୋଗିତା, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ସକାଳ ୮ଟା।
- ଆମେ ଓଡ଼ିଆ ଆମ ଅସ୍ମିତା ଆଲୋଚନା ଚକ୍ର, ସ୍ଥାନ: ଉଦଳା ବରିଷ୍ଠ ନାଗରିକ ସଭାଗୃହ, ସମୟ: ସକାଳ ୯ ଟା।
- ଆମେ ୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବରେ ମୁଣ୍ଡାରୀ ଷ୍ଟାର ନାଇଟ୍ସ, ସ୍ଥାନ: ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡି ନଦୀ ସଙ୍ଗମ ସ୍ଥଳ ବାରିପଦା, ସମୟ: ଅପରାହ୍ନ ୫ଟା।

## ଢେଙ୍କାନାଳ

- ଐତିହ୍ୟ ପଦଯାତ୍ରାର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ସୂର୍ଯ୍ୟ ମଣ୍ଡପ, ସମୟ: ସକାଳ ସାଢେ ୯ଟା।

## ଅନୁଗୋଳ

- ଶ୍ରୀମଦ୍ ଭାଗବତ ସପ୍ତାହରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଜଗତସିଂହପୁର କରାଟେ ଆସୋସିଏଶନ ପକ୍ଷରୁ ଦିନିକିଆ କରାଟେ ଚାମ୍ପିୟନଶିପ କାର୍ଯ୍ୟକ୍ରମ, ସ୍ଥାନ: ପୌର କଲ୍ୟାଣ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

- ଓଡିଶା ସାହିତ୍ୟ ଏକାଡେମୀ ଓ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ସାହିତ୍ୟ ପର୍ବ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ବାରୁଣେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଅଙ୍କୁରାରୋପଣ, ସ୍ଥାନ: ଚାରଦିଆ, କୁଜଙ୍ଗ, ସମୟ: ଅପରାହ୍ନ ୪ଟା।
- ନୁଆବଜାର ଏ ଟାଇପ କଲୋନୀ ଯୁବକ ସଂଘ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ପଣା ଆସର, ସ୍ଥାନ: ନୁଆବଜାର, ପାରାଦୀପ ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଶ୍ରୀଜଗନ୍ନାଥ, ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାହାଡାସୁନ୍ଦରୀ ମନ୍ଦିର ପରିସର, ନୂଆଗାଁ, ଡେରାବିଶ, ସମୟ: ସକାଳ ୬ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଗିରିଗୋବର୍ଦ୍ଧନଧାରୀ ଯାଦବ ସଂଘ ପକ୍ଷରୁ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜିଗରଣ, ପଚ୍ଚାମୁଣ୍ଡାଇ, ସମୟ: ସକାଳ ୬ଟା।
- ସ୍ୱାସ୍ଥ୍ୟ କ୍ଲିନିକ ଆଣ୍ଡ ଡାଇଗ୍ନୋଷ୍ଟିକ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବଉଳବିହାର ନିକଟ, ଗରାପୁର, କେନ୍ଦ୍ରାପଡ଼ାସହର, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ଜିଲା ବ୍ରାହ୍ମଣ ସଭା ନିର୍ବାଚନ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଫକିରାବାଦର ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ପାଇଁ ନାମଯଜ୍ଞ, ସ୍ଥାନ: ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସର, ଦାନପୁର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଜମ୍ବୁ ଦ୍ୱୀପ ମହୋତ୍ସବ, ସ୍ଥାନ: ମା' ରାମଚଣ୍ଡୀ ପୀଠ, ରାମନଗର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଶ୍ରୀରାମ ଚରିତ ମାନସ କାର୍ଯ୍ୟକ୍ରମର ୫ମ ସନ୍ଧ୍ୟା, ସ୍ଥାନ: ବ୍ୟାସନଗର ଗୋଶାଳା ଦେବେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପାଠ ୬ଷ୍ଠ ଦିବସ, ସ୍ଥାନ: ବ୍ୟାସନଗର ଗୋପବନ୍ଧୁ ଛକ ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୪୭ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରାର ଷଷ୍ଠ ଦିବସରେ ନୀତିକାନ୍ତି ସହ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ଭୋର ୫ଟା୩୦ରୁ ରାତ୍ର ୧୧ ।
- ନିଖିଳ ଉତ୍କଳ ବାରିକ ସମିତର ବାର୍ଷିକ ଅଧିବେଶନ, ସ୍ଥାନ: ଖଣ୍ଡପଡା ଉମାଦେଇ ଠାକୁରାଣୀଙ୍କ ପୀଠ, ସମୟ: ପୂର୍ବାହ୍ନ ୯ଟା ।

## କୋରାପୁଟ

- ଅକ୍ଷୟ ତୃତୀୟା(କୃଷକ ଦିବସ) ପାଳିତ, ସ୍ଥାନ: ସରକାରୀ କୃଷି ଫାର୍ମ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ବିକାଶ ପରିଷଦ ବୈଠକ, ସ୍ଥାନ: ଓଡ଼ିଆ ପେଣ୍ଠ ପଞ୍ଚାୟତ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଭଗବାନ ପର୍ଶୁରାମ ଉତ୍ସବ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ବୈଦ୍ୟନାଥ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ : ସକାଳ ୮ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସ୍ଥିତ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ସମ୍ବଲପୁର କବାଡି ପ୍ରିମିୟର ଲିଗ୍-୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ଡଲଫିନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଶ୍ରୀ ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଷ୍ଟ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ : ବ୍ରୁକ୍‌ହିଲ ସ୍ଥିତ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଗଣ୍ଡା ସମାଜ କଲ୍ୟାଣ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।
- ଲଜପତ ରାୟ ଆଇନ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ମହାବିଦ୍ୟାଳୟ ପରିସରସ୍ଥ ସୁବର୍ଣ୍ଣ ଜୟନ୍ତୀ ହଲ, ସମୟ : ଅପରାହ୍ନ ୫ଟା ।
- ଜିଲା ପୋଲିସ ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ, ସ୍ଥାନ : ରିଜର୍ଭ ପୋଲିସ ଲାଇନ ପଡିଆ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ଭଗବାନ ପର୍ଶୁରାମ ଜନ୍ମୋତ୍ସବ ଓ ଯଜ୍ଞାରମ୍ଭ, ସ୍ଥାନ: ନୃସିଂହ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୭ଟା ୧୫ ।
- ରାଜ୍ୟ ଓବିସି-ଏସ୍‌ଟି-ଏସ୍‌ସି ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଭଗବାନ ପର୍ଶୁରାମ ଜନ୍ମୋତ୍ସବ ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ, ସ୍ଥାନ: ପର୍ଶୁରାମ ଛକ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।
- ପର୍ଶୁରାମ ଜନ୍ମୋତ୍ସବ ଉପଲକ୍ଷେ ବିଶାଳ ଶୋଭାଯାତ୍ରା, ସ୍ଥାନ: ନୃସିଂହ ମନ୍ଦିର,ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ।
- ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ,ସ୍ଥାନ: ଶ୍ରୀ ବ୍ରାହ୍ମଣ ସମାଜ ଭବନ, କଣ୍ଟାବାଞ୍ଜି, ସମୟ: ସନ୍ଧ୍ୟା ୭ଟା ।

## ରାଉରକେଲା

- ୟଙ୍ଗ୍ ଟ୍ୟାଲେଣ୍ଟ ଅଫ୍ ରାଉରକେଲା ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୨ ସାହାନାଇ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରାହ୍ମଣ ମହାସଭା ପକ୍ଷରୁ ଜଳ ବିତରଣ, ସ୍ଥାନ: ୭-୧୭ ଛକ, ସମୟ: ସକାଳ ୧୦ଟା।
- ସାଇବାବା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଓଏସ୍‌ଆର୍‌ଟିସି କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ନବଜୀବନ ଅନୁଷ୍ଠାନର ବସନ୍ତ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ସଂସ୍କୃତି ଭବନ,ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ:କଲେଜ ରୋଡ, ବରଗଡ଼,ସମୟ:ସକାଳ ୭ଟା।
- ସି.ଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ସକାଳ ୭ଟା।
- ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା,ସ୍ଥାନ: ୟୁଥ କ୍ଲବ, ଗାଇସିଲେଟ, ସମୟ:ସକାଳ ୯ଟା।

## କଳାହାଣ୍ଡି

- ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ହିଲ ଟାଉନ, ଜୁନାଗଡ଼ ଫତେନଗର ପଡା, ସମୟ: ଅପରାହ୍ନ ୪ଟା।
- ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜୁନାଗଡ଼ ବ୍ଲକ ଆଟିଗାଁ ବିଶାଳପଡା, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଅଧିବାସ ଓ କଳସ ଯାତ୍ରା, ସ୍ଥାନ : ରିଆମାଳ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା (ଏମ୍‌କେବିୱାଇ) ୨୦୨୬ ଅନ୍ତର୍ଗତ ଗଣବିବାହ କାର୍ଯ୍ୟକ୍ରମ, ସ୍ଥାନ : ଦେବଗଡ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ : ତିଲେଇବଣି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ସହର ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ପୁରାଣ ପଠନ ଓ ତ୍ରିନାଥ ମେଳା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ କୋନାବିରା ଗାଁ, ସମୟ: ସକାଳ ୯ଟା ଓ ଅପରାହ୍ନ ୩ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଡୁଆଝର (ସାଲେପଡା), ସମୟ: ପ୍ରାତଃ ୪ଟା ୩୦।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ଅପରାହ୍ନ ୪ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଳିମାଟି ଗାଁ, ସମୟ: ଅପରାହ୍ନ ୪ଟା ୩୦।

## ଝାରସୁଗୁଡ଼ା

- ମୁଖ୍ୟମନ୍ତ୍ରୀ କପ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ:୨ୟ ଓଏସ୍‌ଏପି ପଡ଼ିଆ, ଝାରସୁଗୁଡ଼ା, ସମୟ:ସକାଳ ୮ଟା
- ଆଧ୍ୟାତ୍ମିକ ଉପନିଷଦ ଜ୍ଞାନାମୃତ କାର୍ଯ୍ୟକ୍ରମ, ସ୍ଥାନ: ମନମୋହନ ପଡ଼ିଆ, ଝାରସୁଗୁଡ଼ା, ସମୟ:ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଶ୍ରୀଚନ୍ଦ୍ର କାରଣରୁ ବନ୍ଧୁମିଳନ, ଆନୁଷ୍ଠାନିକ କର୍ମ ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସା ମିଳିବ। ଉଚ୍ଚସ୍ତରରେ ସମ୍ପର୍କ ସ୍ଥାପନ ହେବା ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୁଭେଚ୍ଛା ଲାଭ କରିବେ। ଅର୍ଥନୈତିକ ସ୍ଥିତିର ଅଭିବୃଦ୍ଧି, ସାହିତ୍ୟ, ସଙ୍ଗୀତରେ ଉନ୍ନତି, ଯାନ୍ତ୍ରିକ ଦ୍ରବ୍ୟଲାଭରୁ ଖୁସି ହେବେ। ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତିରେ ବ୍ୟତିକ୍ରମର ସୂଚନା ରହିଛି।

**ବୃଷ** ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ମିତ୍ରତାର ସମ୍ପର୍କ ଯୋଡ଼ି ହୋଇଯିବ। କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଖଟାଇ କାମ ହାସଲ କରିନେବେ। ବାଣିଜ୍ୟରେ ଉନ୍ନତି କରିବେ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପରିବହନରେ କିଛି ଝଟକା ଲାଗିପାରେ। କ୍ରନିକ୍ ରୋଗପୀଡ଼ାରେ ସାମାନ୍ୟ ଉପଶମ ଯୋଗୁ ଆଶ୍ୱସ୍ତି ଲାଭ କରିବେ।

**ମିଥୁନ** ଆଜି ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଆନୁଷ୍ଠାନିକ କାମରେ ଯୋଗ ଦେଇପାରନ୍ତି। ବୁଧଙ୍କ ଦୁର୍ବଳତା ପରିପ୍ରେକ୍ଷୀରେ ପରିଶ୍ରମଜନିତ ଦେହଟା ଟିକିଏ ଭଲ ଲାଗି ନପାରେ। ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ସାମାନ୍ୟ ବ୍ୟସ୍ତତା ଅନୁଭବ କରିବେ।

**କର୍କଟ** କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବ୍ୟସ୍ତତା ମଧ୍ୟ ବୃଦ୍ଧି ପାଇପାରେ। ସମ୍ପର୍କୀୟଙ୍କ ସହଯୋଗୀ ମନୋଭାବ କାମକୁ ଆଗକୁ ବଢ଼ାଇ ନେବାରେ ସାହାଯ୍ୟ କରିବ। ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ଆରମ୍ଭ କରିବାକୁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କ୍ଷତିରେ ପଡ଼ିବାର ଆଶଙ୍କା ରହିଛି।

**ସିଂହ** ଆଜି ଯେତେ ପ୍ରତିବନ୍ଧକ ଆସୁନା କାହିଁକି, ତାହାର ସାମ୍ନା କରି ପ୍ରତିକାରମୂଳକ ପଦକ୍ଷେପ ନେବେ। ପାରିବାରିକ ସମସ୍ୟା ବିଜଡ଼ିତ ମନ ହେତୁ ଅଫିସରେ କାହାକୁ କିଛି ନ କହି ମନ କଥା ମନରେ ମାରି ରହିପାରନ୍ତି। ବାଣିଜ୍ୟ, ନିର୍ମାଣ, ପରିବହନରେ ସମସ୍ୟା ରହିବ ନାହିଁ। ଶିକ୍ଷା, ସନ୍ତାନ, ସମ୍ପର୍କ କ୍ଷେତ୍ରରେ ଗଡ଼ବଡ଼ ରହିପାରେ।

**କନ୍ୟା** ଆଜି ସକାଳର ବ୍ୟସ୍ତତା କେତେ ସମୟ ପରେ ଦୂର ହୋଇଯିବ। ଏ ଦିଗରେ ଆତ୍ମୀୟ ସ୍ୱଜନ ଓ ହିତୈଷୀଙ୍କ ପ୍ରତ୍ୟକ୍ଷ ମନ୍ତ୍ରଣା କାମ କରିବ। ଆର୍ଥିକ ସ୍ଥିତି ଓ ବୈଷୟିକ ସମୃଦ୍ଧିର ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିରତା ରହିନପାରେ। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଉଚ୍ଚ ସ୍ଥାନରେ ରବି ଓ ରାଶ୍ୟାଧିପ ଶୁକ୍ର ଆପଣଙ୍କ ଆଶା ଓ ଭରସାକୁ ଋଦ୍ଧିମନ୍ତ କରିବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ସହଯୋଗର ଅବାରିତ ଧାରା ମନକୁ ଉତ୍ସାହିତ କରିବ। ବାଧିଲାଭଳି କଥା କହିବା ଦ୍ୱାରା ଘରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ବନ୍ଧୁ ଗହଣରେ ଅଧିକାଂଶ ସମୟ କଟିବ।

**ବିଛା** ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ଅସ୍ଥିରତା ଯୋଗୁ ଆପଣଙ୍କ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। ଆଦୌ ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନେ ସମ୍ମୁଖରେ କିଛି ନ କହି ପଶ୍ଚାତ୍ତେ ସମାଲୋଚନା ମୂଳକ କଥା କହିପାରନ୍ତି। ରାଜନୈତିକ, ପ୍ରଶାସନିକ, ରଚନାତ୍ମକ ତଥା ସାମାଜିକ କ୍ଷେତ୍ରରେ ଉନ୍ନତ ମାନର ସୁଫଳ ମିଳିବ।

**ଧନୁ** ଆଜି ଦିନଟି ଆର୍ଥିକ ଦୃଷ୍ଟିରୁ ଉତ୍ତମ ରହିପାରେ। ବନ୍ଧୁ ସାହାଯ୍ୟରୁ ବିବାଦର ସମାଧାନ କରିବାରେ ସଫଳ ହେବେ। ପଢ଼ା ପ୍ରତି ପିଲାଙ୍କ ବିମୁଖତାରୁ ଚିନ୍ତିତ ରହିବେ। ପାରିବାରିକ ଅଶାନ୍ତି ଦେଖାଦେଇପାରେ। ବକେୟା ଅର୍ଥ ଆଦାୟ କରିପାରିବେ। ବାଣିଜ୍ୟ, ବ୍ୟବସାୟ, କ୍ରୀଡ଼ା, ସାହିତ୍ୟ, ମନୋରଞ୍ଜନ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ।

**ମକର** ସମ୍ପର୍କୀୟଙ୍କ ସହାୟତାରେ ଚେଷ୍ଟା ଫଳବତୀ ହେବ। ତୃତୀୟସ୍ଥ ଗ୍ରହ ପ୍ରଭାବରେ ନିଜ କାମ ଛାଡ଼ି ପରକାର୍ଯ୍ୟରେ ତତ୍ପରତା ପ୍ରକାଶ କରିପାରନ୍ତି। କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯିବା ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅନ୍ୟମାନଙ୍କ କଥାରେ ଭାସି ନଯାଇ ବିଚାରପୂର୍ବକ କାମ ନକଲେ ହଇରାଣ ହେବାକୁ ପଡ଼ିପାରେ।

**କୁମ୍ଭ** ଆଜି ଆପଣ ଯେମିତି ଚିନ୍ତା କରୁଛନ୍ତି, ସେହିପରି କାର୍ଯ୍ୟ ସାଧନ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରେ ପାରିବାରିକ ସ୍ଥିତି ବିଶେଷ ପ୍ରୀତିଦାୟକ ରହିବ ଏବଂ ବନ୍ଧୁମିଳନ ଜନିତ ଆନନ୍ଦ ଅନୁଭବ କରିପାରନ୍ତି। ବନ୍ଧୁଗୃହକୁ ଯାତ୍ରା, ପ୍ରଶାସନିକ କାର୍ଯ୍ୟ, ଆଇନ ସହାୟତା, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ** ଯଥାସାଧ୍ୟ ପ୍ରତିବନ୍ଧକର ସାମ୍ନା କରି ଆପଣଙ୍କ କାର୍ଯ୍ୟ ସମୂହ ସମ୍ପନ୍ନ କରିବେ। ଆତ୍ମସଂଯମ ପରିପ୍ରେକ୍ଷୀରେ ଦୈହିକ ଓ ମାନସିକ ଭାବାବେଗକୁ ଉତ୍ଫୁଲ୍ଲିତ ରଖିପାରନ୍ତି। ପରକଥାରେ ପଡ଼ି ଘର ଲୋକଙ୍କୁ ଅବିଶ୍ୱାସ କଲେ ଓଲଟାଫଳ ମିଳିବ। ଆପଣଙ୍କ ସଂଯମିତ କଥାବାର୍ତ୍ତା ସମସ୍ୟା ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ।

ଆଜି ଏପ୍ରିଲ ୧୯ ତାରିଖ, ବୈଶାଖ ଶୁକ୍ଳ ଦ୍ୱିତୀୟାଯୁକ୍ତ ତୃତୀୟା ରବିବାର, ରାଶିନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୧୨ା୩୧ମି. ଗତେ, ବୃଷଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫ା୨୯ମି. ଗତେ ଘ.୦୯ା୪୦ ମଧ୍ୟେ, ଘ.୦୧ା୨୦ ଗତେ ଘ.୦୧ା୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪ା୨୮ ଗତେ ଘ.୦୬ା୦୨ ମଧ୍ୟେ ରାହୁକାଳ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକିରେ ଭାଜିଲି ଚଣା,
ଗୁଡ଼ ଗୋଳିଦେଲି ପଣା,
କିଏ ସିଙ୍ଗିଟାଳି କିଏ ମଗର,
ଏଇଠାରେ ଯିବ ଜଣା।**

ପରୀକ୍ଷା ନିରୀକ୍ଷା କରି ସତ୍ୟାସତ୍ୟ ଜାଣିବା ବା ବାହାର କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଅସଲି ଏବଂ ନକଲି ତଥା ସାଧୁ ଓ ଠକଙ୍କୁ ପରୀକ୍ଷା କରିବାର କାଇଦା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଠକ ମଲାବେଳେ ମାଳା ଜପିଲା
ସନ୍ଥ ମଲାବେଳେ ଗୁଣ ଗାଇଲା।**

ମୃତ୍ୟୁ ସନ୍ନିକଟ ହେଲେ ଲୋକଙ୍କ ମନରେ ଏକପ୍ରକାର ଭାବାନ୍ତର ସୃଷ୍ଟି ହୋଇଥାଏ। ହନୁ ମଲା ବେଳେ ସତ କହିଲା ଭଳି ମୃତ୍ୟୁ ବେଳାରେ ଲୋକର ଅସଲ ଚରିତ୍ର ଜଣାପଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଚଢ଼ାଉ ବେଳେ ଟ୍ରାକ୍ଟର ...

ଲୋଡ୍ କରୁଥିବା ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ସେହିପରି ମାଟି ବୋଝେଇ ଟ୍ରାକ୍ଟର ଓ ଜେସିବି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ସମୟରେ ତହସିଲଦାର ପଣ୍ଡା ମୀନାବଜାର ଛକ ନିକଟରେ ଉକ୍ତ ଟ୍ରାକ୍ଟରକୁ ଅଟକାଇଥିଲେ। ଏହି ଅତର୍କିତ ଚଢ଼ାଉର ଜବାବ ଦେବାକୁ ଯାଇ ସମ୍ପୃକ୍ତ ଡ୍ରାଇଭର ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଇଥିଲେ। ଏହି ସମୟରେ ତହସିଲଦାର ତଳେ ପଡିଯିବାରୁ ତାଙ୍କ ଗୋଡ଼ ଉପରେ ଟ୍ରାକ୍ଟର ପଛ ଚକା ଚଢ଼ିଯାଇଥିଲା। ଏହାପରେ ଟ୍ରାକ୍ଟରଟି ସେଠାରୁ ଫେରାର ହୋଇଯାଇଥିଲା, ଯାହାର ନମ୍ବର ଜଣାପଡ଼ିନାହିଁ। ତହସିଲଦାର ପଣ୍ଡାଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଘଟଣାସ୍ଥଳରେ ଥିବା ତହସିଲଦାରଙ୍କ ସହକର୍ମୀ ଇତିଶ୍ରୀ ସେନାପତି କୋରେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି କୋରେଇ ଥାନାରେ ୧୫୧/୨୦୨୬ ନମ୍ବର ଏକ ମାମଲା ରୁଜୁ ହୋଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଉକ୍ତ ଟ୍ରାକ୍ଟର ସମ୍ପର୍କରେ ପୋଲିସ ଟେର୍ ପାଇ ନ ଥିଲାବେଳେ ସନ୍ଦେହରେ ୪ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନକୁ ଜବତ କରାଯାଇଛି। ଏହାସହ ୪ଜଣ ଟ୍ରାକ୍ଟର ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଥାନା ଅଧିକାରୀ ରାକେଶ ତ୍ରିପାଠୀ କହିଛନ୍ତି ଯେ, ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଉକ୍ତ ଘଟଣାରେ ତହସିଲଦାର ପଣ୍ଡାଙ୍କ ଗୋଡ଼ ଫ୍ୟାକ୍ଚର ହୋଇଛି। ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ଘଟଣାକୁ ନେଇ ସାଧାରଣରେ ଆଲୋଡ଼ନ ସୃଷ୍ଟି ହୋଇଛି। ଯାଜପୁର ଜିଲାରେ ବେଆଇନ ଭାବେ ବାଲି, ମାଟି, ମୋରମ ଉତ୍ତୋଳନ ଓ ଚାଲାଣ ସୀମା ଲଂଘିଛି। ଏଥିରେ ଯିଏ ପ୍ରତିବାଦ କରିବ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଏବଂ ଧମକଦେବା ନିତିଦିନିଆ ଘଟଣା ହେବାକୁ ଯାଉଛି। ଉଦାହରଣ ଭାବେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଫତେପୁର ପଞ୍ଚାୟତ ଅଧୀନ ଖରସ୍ରୋତା ନଦୀର ମନେଇ ସରକାରୀ ବାଲିଘାଟରେ ୨୪ା୩ା୨୦୨୨ରେ ବୋମାମାଡ଼ ହୋଇଥିଲା। ଏଥିରେ ସେହି ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ସୁରେନ୍ଦ୍ର କୁମାର ଦାଶଙ୍କ ମୃତ୍ୟୁ ହୋଇଥିଲା। ଏବେ ଯେଭଳି ମାଜିଷ୍ଟ୍ରେଟ୍ କ୍ଷମତାଧାରୀ ତହସିଲଦାରଙ୍କୁ ଆକ୍ରମଣ ହେଉଛି, ସେଥିରୁ ସାଧାରଣ ଲୋକ କେତେ ସୁରକ୍ଷିତ ତାହା ସ୍ପଷ୍ଟ ବୁଝାପଡୁଛି ।

## ରାଜ୍ୟ ଯୋଜନା ବୋର୍ଡ ....

ଏସ୍‌ଆଇଟିଆଇ-ଓଡ଼ିଶା ଶୀର୍ଷସ୍ତରୀୟ ରଣନୈତିକ ପରାମର୍ଶଦାତା ସଂସ୍ଥା ଭାବେ କାର୍ଯ୍ୟ କରିବ। ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ ଏହା ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରକାଶ ପାଇଛି।

ରାଜ୍ୟ ସରକାର ୨୦୨୪ ଜୁଲାଇ ୧୮ରେ ରାଜ୍ୟ ଯୋଜନା ବୋର୍ଡକୁ ଭାଙ୍ଗିଦେଇଥିଲେ। ଯେହେତୁ ପାରମ୍ପରିକ ଯୋଜନା ପ୍ରଣାଳୀ ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ ହୋଇପଡ଼ିଛି, ଏସ୍‌ଆଇଟିଆଇ ଓଡ଼ିଶା ବର୍ତ୍ତମାନ ସମୟରେ ଏକ ଦୂରଦୃଷ୍ଟିସମ୍ପନ୍ନ ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବ। ବିକାଶ ଲକ୍ଷ୍ୟ ହାସଲ ଲାଗି ନୀତି ପ୍ରସ୍ତୁତ କରିବା ପାଇଁ ଆଧୁନିକ ଚିନ୍ତାଧାରା ସହ ଇନୋଭେଶନ, କୋ-ଅପରେଟିଭ୍ ଫେଡେରାଲାଜମ୍ ଏବଂ ମାପଯୋଗ୍ୟ ଫଳାଫଳ ସମ୍ପର୍କରେ ପରାମର୍ଶ ଯୋଗାଇ ଦେବ। ଏହା ସର୍ବୋଚ୍ଚସ୍ତରରେ ସରକାରଙ୍କୁ ରଣନୈତିକ ଦିଗ୍‌ଦର୍ଶନ ପ୍ରଦାନ କରିବ। ଏସ୍‌ଆଇଟିଆଇ ଓଡ଼ିଶା ମୁଖ୍ୟତଃ ୬ଟି ବିଷୟ ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ସେଗୁଡ଼ିକ ହେଲେ ଅର୍ଥନୀତି ଓ ଅର୍ଥ, ଗ୍ରାମୀଣ ଅର୍ଥନୀତି ଓ ଜୀବିକା, ନିଯୁକ୍ତି ଓ ସହରୀ ବିକାଶ, ନୂଆ ଚିନ୍ତାଧାରା ଓ ଇନୋଭେଶନ, ଶକ୍ତି ପରିବର୍ତ୍ତନ, ପରିବେଶ ଓ ଜଙ୍ଗଲ ଏବଂ ଖଣି ଓ ପ୍ରାକୃତିକ ସମ୍ପଦ।

ଏସ୍‌ଆଇଟିଆଇ-ଓଡ଼ିଶାର ଏକ ଗଭର୍ଣ୍ଣିଂ କାଉନସିଲ ରହିବ। ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ। ଏହାସହ ଜଣେ ଉପାଧ୍ୟକ୍ଷ ଓ ୪ ଜଣ ପୂର୍ଣ୍ଣକାଳୀନ ସଦସ୍ୟ ରହିବେ। ୯ ଜଣ ଏକ୍ସ-ଅଫିସିଓ ସଦସ୍ୟ, ୨ ଜଣ ସ୍ପେଶାଲ ଇନ୍‌ଭାଇଟି ରହିବେ। ଏହି ପରିଷଦ ବର୍ଷକୁ ଅତିକମ୍‌ରେ ଥରେ ବୈଠକ କରିବେ। ଏସ୍‌ଆଇଟିଆଇ ଓଡ଼ିଶାର ଉପାଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ହେବେ। ତାଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିବ। ବିଭିନ୍ନ କ୍ଷେତ୍ରର ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରିବେ। ସେମାନଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିବ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ଅତିରିକ୍ତ ସଦସ୍ୟ ସଚିବ ଭାବେ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ଜଣଙ୍କୁ ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର(ସିଇଓ) ଭାବେ ନିଯୁକ୍ତ କରିବେ। ଆଇଏଏସ୍ କ୍ୟାଡରର ଜଣେ ପ୍ରମୁଖ ସଚିବ କିମ୍ବା କମିଶନର-ତଥା- ସଚିବ ପାହ୍ୟାର ଅଧିକାରୀ ସିଇଓ ଭାବେ ନିଯୁକ୍ତ ହେବେ। ଏହାସହ ସମ୍ପୃକ୍ତ ବିଷୟବସ୍ତୁ ଉପରେ ଜ୍ଞାନ ଓ ଅଭିଜ୍ଞତା ଥିବା ଜଣେ ପ୍ରୋଗ୍ରାମ ଡାଇରେକ୍ଟର, ଏକ ବହୁମୁଖୀ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେଶନ ୟୁନିଟ୍(ପିଆଇୟୁ) ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ଏକ ପ୍ରଶାସନିକ ୟୁନିଟ୍ ରହିବ। ଏସ୍‌ଆଇଟିଆଇ ଓଡ଼ିଶା ଅଧୀନରେ ଷ୍ଟେଟ୍ ମନିଟରିଂ ଆଣ୍ଡ୍ ଇଭାଲ୍ୟୁଏଶନ ଅଫିସ୍ ମଧ୍ୟ ରହିବ। ଏହା ଏଭିଡେନ୍ସ ଡ୍ରିଭେନ ଗଭର୍ନାନ୍ସ ପାଇଁ ଏକ ନୋଡାଲ ସଂସ୍ଥା ଭାବେ କାର୍ଯ୍ୟ କରିବ। ଏସ୍‌ଆଇଟିଆଇ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରଶାସନିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ଯୋଜନା ବୋର୍ଡ ସରକାରଙ୍କ ପକ୍ଷରୁ ଭାଙ୍ଗି ତା' ବଦଳରେ ଏସ୍‌ଆଇଟିଆଇ-ଓଡ଼ିଶା ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜ୍ୟର ମୁଖ୍ୟମନ୍ତ୍ରୀ ହିଁ ରହିପାରିବେ। ଉପାଧ୍ୟକ୍ଷ ପଦରେ ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଉଥିଲା। ବର୍ତ୍ତମାନ ମଧ୍ୟ ସେହି ଢାଞ୍ଚା ରହିଛି। ହେଲେ ନାମ ଓ ପଦପଦବୀର ଅନେକ ପରିବର୍ତ୍ତନ କରାଯାଇଛି।




# ପତ୍ର ପ୍ଲେଟ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

## ଜଳିଗଲା ୫ କୋଟିର ମେଶିନ, ସାମଗ୍ରୀ

ରେମୁଣା (ରବୀନ୍ଦ୍ର ମହାକୁଡ଼)/ରସାଳପୁର (ଶରତ ସାମଲ), ୧୮।୪

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ କେନ୍ଦ୍ରୀୟ ବିଦ୍ୟାଳୟ-୨ ନିକଟବର୍ତ୍ତୀ ଛଣପୁର ମୁଖ୍ୟରାସ୍ତା ପାର୍ଶ୍ୱରେ ଅବସ୍ଥିତ ପତ୍ର ପ୍ଲେଟ ଫ୍ୟାକ୍ଟ୍ରିରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫ୍ୟାକ୍ଟ୍ରିରେ ନିଆଁ ଲାଗି ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମେଶିନ ଓ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀର ୩ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ସଟ୍ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଫ୍ୟାକ୍ଟ୍ରି ପାଖକୁ ଲାଗି ଫ୍ୟାକ୍ଟ୍ରି ମାଲିକଙ୍କ ଦୁଇ ମହଲା କୋଠା ନିଆଁରୁ ଅଳ୍ପକେ ବର୍ତ୍ତି ଯାଇଛି। ତେବେ ଫ୍ୟାକ୍ଟ୍ରିରେ ଅଧିକ ମହିଳା ଶ୍ରମିକ କାମ କରନ୍ତି।



ଶ୍ରମିକମାନେ ୫ଟାରେ ଛୁଟି ହୋଇ ପଳାଇଯିବା ପରେ ନିଆଁ ଲାଗିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ବିଳମ୍ବରେ ଅଗ୍ନିଶମ ବିଭାଗ ପହଞ୍ଚିବାରୁ ଅସନ୍ତୋଷ ଦେଖାଦେଇଥିଲା। ଅପରପକ୍ଷରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତଙ୍କ ସମେତ ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀଙ୍କ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି।

# ମାସ ଶେଷ ସୁଦ୍ଧା ସିବିଏସ୍‌ଇ ଦ୍ୱାଦଶ ରେଜଲ୍ଟ

ଭୁବନେଶ୍ୱର, ୧୮।୪ (ସୁଚିସ୍ମିତା ସାହୁ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସଇ) ପକ୍ଷରୁ ୨୦୨୬ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଚଳିତ ମାସ ଶେଷ ସୁଦ୍ଧା ପ୍ରକାଶ ପାଇପାରେ। ଏ ସମ୍ପର୍କରେ ସୂଚନା ଦେଇ ସିବିଏସ୍‌ଇ କହିଛି, ମୂଲ୍ୟାଙ୍କନ ପ୍ରକ୍ରିୟାକୁ ଶୀଘ୍ର ଓ ସଠିକ କରିବା ପାଇଁ ଅନ୍-ସ୍କ୍ରିନ ମାର୍କିଂ ପ୍ରଣାଳୀକୁ ବ୍ୟବହାର କରାଯାଇଛି। ଉତ୍ତର ଖାତାଗୁଡିକୁ ଡିଜିଟାଲ ଭାବେ ଯାଞ୍ଚ କରାଯାଇଛି। ଛାତ୍ରୀଛାତ୍ର ନିଜ ଫଳାଫଳ results.cbse.nic.in ଓ cbse.gov.in. ୱେବ୍‌ସାଇଟରେ ଦେଖିପାରିବେ। ଏହାସହ ଡିଜିଲକର, ଏସ୍‌ଏମ୍‌ଏସ୍ ଓ ଉମଙ୍ଗ ଆପ୍ ମାଧ୍ୟମରେ ମଧ୍ୟ ରେଜଲ୍ଟ ଉପଲବ୍ଧ ହେବ। ଏହି ବିକଳ୍ପଗୁଡ଼ିକ ରେଜଲ୍ଟ ପ୍ରକାଶ ସମୟରେ ୱେବ୍‌ସାଇଟର ଭିଡ଼ କମାଇବାରେ ସାହାଯ୍ୟ କରିବ। ଡିଜିଲକର ମାଧ୍ୟମରେ ଡିଜିଟାଲ ମାର୍କଶିଟ୍ ମଧ୍ୟ ମିଳିବ। ସେଥିରେ ଛାତ୍ରୀଛାତ୍ରଙ୍କ ବିବରଣୀ, ମାର୍କ, ଗ୍ରେଡ୍ ରହିବ। ରେଜଲ୍ଟ ବାହାରିବା ପରେ ସେଥିରେ ଟପ୍ପର ତାଲିକା ପ୍ରକାଶ କରାଯିବ ନାହିଁ। ପରୀକ୍ଷାରେ ପାସ୍ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ୩୩% ନମ୍ବର ରଖିବାକୁ ପଡ଼ିବ। ଯେଉଁ ଛାତ୍ରୀଛାତ୍ର ଏକ କିମ୍ବା ଅଧିକ ବିଷୟରେ ଅସଫଳ ହୋଇଥିବେ, ସେମାନେ କମ୍ପାର୍ଟମେଣ୍ଟ ପରୀକ୍ଷା ଦେଇପାରିବେ। ଏହି ପରୀକ୍ଷା ଜୁଲାଇ ୨୦୨୬ରେ ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦିଆଯାଇଛି।

# ସ୍କୁଲ ବସ୍ ଓଲଟିଲା, ୧୨ ଛାତ୍ରୀଛାତ୍ରଙ୍କ ସହ ଡ୍ରାଇଭର ଆହତ

ଦିଗପହଣ୍ଡି/ ଚିକିଟି, ୧୮।୪ (ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟିଗଡ଼ ଧାନଘର ଛକ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟସ୍ଥ ମୁଖ୍ୟ ରାସ୍ତା କଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ଶନିବାର ସକାଳ ସାଢ଼େ ୬ଟାରେ ଏକ ସ୍କୁଲ ବସ୍ ଓଲଟି ପଡିଛି। ଫଳରେ ୧୨ଜଣ ଛାତ୍ରୀଛାତ୍ରଙ୍କ ସହ ଡ୍ରାଇଭର ଆହତ ହୋଇଛନ୍ତି। ବସ୍ ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ରହିଛି। ଆହତ ଛାତ୍ରୀଛାତ୍ର ସପ୍ତମ, ଅଷ୍ଟମ ଓ ଦଶମ ଶ୍ରେଣୀର ବୋଲି ଜଣାପଡିଛି।

ଖବରରୁ ଜଣାପଡିଛି, ଏହି ସ୍କୁଲ ବସ୍‌ଟି (ନଂ. ଓଡ଼ି ୦୭ ୟୁ -୭୧୨୩) ସବୁଦିନ ପରି ଶନିବାର ସକାଳୁ ନୂଆପଡ଼ା, ଚାନ୍ଦପୁର, ଦେଉଳିଆପଡ଼ା, ଡଭାର, ବାଦ୍ୟନାଳ ଶାସନ ଆଦି ଗ୍ରାମରୁ ଛାତ୍ରୀଛାତ୍ରଙ୍କୁ ଧରି ପିତାତଳି ଗ୍ରାମସ୍ଥିତ ଆଦର୍ଶ ବିଦ୍ୟାଳୟ ଅଭିମୁଖେ ଯାଉଥିଲା। ଚିକିଟିଗଡ଼ ଧାନଘର ଛକ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟସ୍ଥ ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ରାସ୍ତାକଡକୁ ଓଲଟି ପଡିଥିଲା। ଫଳରେ ୧୨ ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଆଦିତ୍ୟ ନାରାୟଣ ସାହୁ, ଓମ୍ ପ୍ରସାଦ ସାହୁ, ଆଦିତ୍ୟ ସାହୁ, ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ, ଶ୍ରାବଣୀ ସାହୁ, ସୁଲଗ୍ନା ସାହୁ, ଅଷ୍ଟମ ଶ୍ରେଣୀର ଛାତ୍ରୀ ଟି. ସଞ୍ଚିତା, ଦଶମ ଶ୍ରେଣୀର ଛାତ୍ରୀ କିରଣ ରଣା, ରାଣୀ ସାହୁ, ବନିତା ପ୍ରଧାନ ଓ ଅନ୍ୟ ୨ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏଥିସହିତ ବସ୍ ଡ୍ରାଇଭର ମନୋଜ ସାହୁ (୪୫) ମଧ୍ୟ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମନୋଜଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି।

# କାମ କରୁଥିବାବେଳେ ଟଳି ପଡ଼ିଲେ ଶ୍ରମିକ

■ ସମ୍ବଲପୁର ଜିଲାରେ ବର୍ଷର ପ୍ରଥମ ଅଂଶୁଘାତ ମୃତ୍ୟୁ ସନ୍ଦେହ
■ ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ସମ୍ବଲପୁର, ୧୮।୪ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଶନିବାର ଅଂଶୁଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ଯୁଯୁମୁରା ଥାନା ଅନ୍ତର୍ଗତ ଝାଁକରପାଲି(ରସିଆପାଲି)ର ବିଶ୍ୱଜିତ ସାହୁ(୪୪)। ସେ ଗାଁପାଖରେ ଚାଲିଥିବା ଏକ କଂକ୍ରିଟ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ କାମ କରୁଥିଲେ। ଶନିବାର ସକାଳ ପ୍ରାୟ ୯ଟା ରୁ ୧୦ଟା ମଧ୍ୟରେ କାମ କରୁଥିବା ସମୟରେ ବିଶ୍ୱଜିତ ହଠାତ୍ ଅସୁସ୍ଥ ହୋଇ ଟଳି ପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅଂଶୁଘାତରେ ବିଶ୍ୱଜିତଙ୍କର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ହୋତା କହିଛନ୍ତି, ବିଶ୍ୱଜିତ ଏଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ତେବେ ଏହା ଏକ ଅଂଶୁଘାତଜନିତ ମୃତ୍ୟୁ କି ନୁହେଁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସ୍ପଷ୍ଟ ହେବ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ଏବେଠାରୁ କହିହେବ ନାହିଁ। ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ସିଡିଏମ୍‌ଓଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।


ମୃତ ବିଶ୍ୱଜିତ ସାହୁ

# ଚୌଦ୍ୱାର ଜେଲ ୱାର୍ଡର ଗିରଫ

ଚୌଦ୍ୱାର, ୧୮।୪ (ଆଶୁତୋଷ ଦାସ)

ଚୌଦ୍ୱାର ଜେଲରେ ଜଣେ ବିଚାରାଧୀନ ମହିଳା କଏଦୀଙ୍କ ସୁନାଗହଣା ଗାଏବ ଘଟଣାରେ ଚୌଦ୍ୱାର ପୋଲିସ ୱାର୍ଡରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ୱାର୍ଡର ହେଲେ ମନୋଜ ମଣ୍ଡଳ। ପୋଲିସ ସୂଚନା ଅନୁଯାୟୀ, ମାହାଙ୍ଗା ଥାନା ଅଞ୍ଚଳର ଇତିଶ୍ରୀ ମହାନ୍ତି ନାମ୍ନୀ ମହିଳା ଏକ ଆପରାଧିକ ମାମଲାରେ ଗିରଫ ହୋଇ ଗତ ସେପ୍ଟେମ୍ବର ୨୩ରେ ଚୌଦ୍ୱାର ଜେଲକୁ ଆସିଥିଲେ। ସେ ବିଚାରାଧୀନ କଏଦୀ ଭାବେ ୩ ମାସ ଜେଲରେ ରହିବା ପରେ ଡିସେମ୍ବର ୨୩ରେ ଜାମିନରେ ମୁକୁଳିଥିଲେ। ଜେଲକୁ ଆସିବା ଦିନ ସେ ପିନ୍ଧିଥିବା ସୁନାମୁଦି, କାନ ଓ ନାକଫୁଲ ଆଦି ସୁନାଗହଣା ଜେଲରେ ଲାଗିଥିବା ସିସିଟିଭି କ୍ୟାମେରା ଆଗରେ ଜେଲ କର୍ମଚାରୀ ତାଙ୍କଠାରୁ ନେଇ ଜେଲ ନିୟମ ଅନୁଯାୟୀ ସୁରକ୍ଷିତ ରଖିଥିଲେ। ହେଲେ ଜେଲରୁ ବାହାରିବା ସମୟରେ ଜେଲ କର୍ତ୍ତୃପକ୍ଷ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ଗହଣା ଫେରାଇ ନ ଥିଲେ। ଫଳରେ ମହିଳା ଜଣକ ଚୌଦ୍ୱାର ଥାନାରେ ଜେଲ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ପ୍ରଘଟ ହୋଇଯିବାରୁ ଜେଲ ଅଧୀକ୍ଷକ ସମ୍ପୃକ୍ତ ମହିଳାଙ୍କୁ ଗାଏବ ଅଳଙ୍କାର ବାବଦରେ ୧ ଲକ୍ଷ ୯୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେତେବେଳେ ଏହି ଘଟଣାକୁ ନେଇ ଜେଲ ଅଧୀକ୍ଷକ ଓ ତତ୍କାଳୀନ ଜେଲରଙ୍କ ମଧ୍ୟରେ ଦୋଷ ଲଦାଲଦି ହୋଇଥିଲେ।


ଗିରଫ ଜେଲ ୱାର୍ଡର ମନୋଜ ମଣ୍ଡଳ




ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ।–ଶ୍ରୀମା



# ଆମେ ନୀରବ



**ଆକାର ପଟେଲ**

ଇରାନ ଉପରେ ଆମେରିକା–ଇସ୍ରାଏଲ ଆକ୍ରମଣ କରିଛନ୍ତି। ଏହି ଯୁଦ୍ଧରେ ବିଶ୍ୱର ଅନ୍ୟ ଦେଶ ପରି ଭାରତ ମଧ୍ୟ ନକାରାତ୍ମକ ଭାବରେ ପ୍ରଭାବିତ ହୋଇଛି। ପ୍ରକୃତରେ ଇରାନୀୟଙ୍କୁ ଛାଡ଼ି ଭାରତୀୟମାନେ ଅନ୍ୟ ଯେକୌଣସି ରାଷ୍ଟ୍ର ତୁଳନାରେ ଅଧିକ କଷ୍ଟ ଭୋଗିସାରିଲେଣି ଏବଂ ଭୋଗୁଛନ୍ତି ମଧ୍ୟ। ଉପସାଗରୀୟ ଅଞ୍ଚଳରେ ପ୍ରାୟ ଏକ କୋଟି ଭାରତୀୟ ଅଛନ୍ତି, ଯାହା ଛଅଟି ଗଲ୍ଫ କୋଅପରେଶନ କାଉନ୍‌ସିଲ( ଜିସିସି) ଦେଶ ମଧ୍ୟରୁ ପାଞ୍ଚଟି ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ହିଂସା ଯୋଗୁ ଏହି ଭାରତୀୟଙ୍କ ଜୀବନ ଏବଂ ଜୀବିକା ଏବେ ବିପଦରେ । ଅନିଶ୍ଚିତତା ସେମାନଙ୍କୁ ସମସ୍ୟାରେ ପକାଇଛି ଏବଂ ବିଶେଷକରି ଭଲରେ ଜୀବନଯାପନ କରୁ ନ ଥିବା ଲୋକଙ୍କ ପାଇଁ ଜିଇବା କଷ୍ଟକର ହୋଇଯାଇଛି। ଏହି ସଂଖ୍ୟାଗରିଷ୍ଠମାନେ ହେଉଛନ୍ତି ଉପସାଗରୀୟ ଅଞ୍ଚଳରେ ସେବା କିମ୍ବା ଶିଳ୍ପ କ୍ଷେତ୍ରରେ କାର୍ଯ୍ୟକରୁଥିବା ପ୍ରବାସୀ ଭାରତୀୟ ଶ୍ରମିକ ଶ୍ରେଣୀର ଲୋକେ। ଏହି କ୍ଷେତ୍ରରେ ଅନେକ ଲକ୍ଷ ଭାରତୀୟଙ୍କ ସକ୍ରିୟ ଯୋଗଦାନ ଥିବାରୁ ଯୁଦ୍ଧ ପରେ ଜିସିସି ରାଷ୍ଟ୍ରଗୁଡ଼ିକର ଭବିଷ୍ୟତ ଏବଂ ଅର୍ଥନୀତି ପ୍ରଭାବିତ ହୋଇପାରେ। ଯେଉଁ ରାଷ୍ଟ୍ରରୁ ଆମେ ଇନ୍ଧନ ଏବଂ ଗ୍ୟାସ ଆଣୁଛୁ ସେମାନଙ୍କ ତୁଳନାରେ ବି ଭାରତ ଅଧିକ ଅଡୁଆରେ ପଡ଼ିଛି ଏବଂ କଷ୍ଟ ପାଉଛି। ଏଥିପାଇଁ ଏହି ପ୍ରଶ୍ନ ପଚାରିବା ଜରୁରୀ– ଯୁଦ୍ଧରତ ରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲର କାର୍ଯ୍ୟକଳାପକୁ ପ୍ରଭାବିତ କରିବାରେ କିମ୍ବା ପ୍ରଭାବିତ କରିବାକୁ ଚେଷ୍ଟା କରିବାରେ ଆମେ ଅସମର୍ଥ କାହିଁକି? ଆମ ସରକାର କେବଳ କହିଛନ୍ତି, ଶିପିଂ ପୁନର୍ବାର ଆରମ୍ଭ କରିବାକୁ ଅନୁମତି ଦିଆଯାଉ। ଏଭଳି କହିବା ବ୍ୟତୀତ ସରକାର ଅନ୍ୟ ସମସ୍ୟା ସହିତ ଜଡିତ ହୋଇନାହାନ୍ତି। କାହିଁକି ଜାହାଜଗୁଡ଼ିକ ଅଟକି ରହିଛନ୍ତି? ଆମେ ସେ ବିଷୟରେ କୌଣସି ଟିପ୍ପଣୀ ଦେଉନାହୁଁ। ଏହାକୁ ପୁନର୍ବାର କିପରି ଆରମ୍ଭ କରାଯିବ? ଏ ବିଷୟରେ ଆମକୁ ଜଣାନାହିଁ। କେବଳ ଆବେଦନ କିମ୍ବା ଦାବି କିମ୍ବା ଅନୁରୋଧ କରୁଛୁ ଯେ, ଶିପିଂ ଆରମ୍ଭ କରିବାକୁ ଅନୁମତି ଦିଆଯାଉ। ଉଲ୍ଲେଖନୀୟ ଯେ, ଭାରତ ତ୍ରୁଟିପୂର୍ଣ୍ଣ ଭାବରେ ୟୁରୋପର ଉପନିବେଶବାଦୀ ରାଷ୍ଟ୍ରଗୁଡ଼ିକର ଦୃଷ୍ଟିକୋଣକୁ ସମର୍ଥନ କରିଚାଲିଛି, ଯେଉଁମାନେ ଯୁଦ୍ଧରେ ଜଡ଼ିତ ହେବାକୁ ଚାହାନ୍ତି ନାହିଁ। ସେମାନେ କେବଳ ଚାହାନ୍ତି ସେମାନଙ୍କ ସାମଗ୍ରୀ ସୁରୁଖୁରୁରେ ଆସିଯାଉ। ଆସନ୍ତୁ ପ୍ରଶ୍ନର ଉତ୍ତର ଦେବା ପାଇଁ ଚେଷ୍ଟା କରିବା। ଏହା ମଧ୍ୟ ସମ୍ଭବ । ଏସବୁ ପଛରେ ସମ୍ଭବତଃ କୌଣସି ଗୋଟିଏ କାରଣ ନାହିଁ ବରଂ ଏପରି କେତୋଟି କାରଣ ରହିଛି, ଯାହା ପଦକ୍ଷେପ ନେବା ଅପେକ୍ଷା ଆମକୁ ନୀରବ ରହିବାକୁ ପ୍ରେରିତ କରିଛି। ଆସନ୍ତୁ ସେଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଆଲୋଚନା କରିବା।

ଭାରତୀୟ ବୈଦେଶିକ ନୀତିରେ ଏକ ଅସଙ୍ଗତି ଅଛି ଏବଂ ଏହାର ଚେର ଜାତୀୟ ସୁରକ୍ଷା ଯାଏ ଲମ୍ବିଛି। ଉଦାହରଣ ସ୍ୱରୂପ, ଚାଇନା ଭାରତର ବନ୍ଧୁ କିମ୍ବା ଶତ୍ରୁ; ତାହା ସହ ବାଣିଜ୍ୟ କରାଯିବା ଉଚିତ ନା ବିଚ୍ଛିନ୍ନ ହେବା ଦରକାର, ସେ ସମ୍ପର୍କରେ ଆମେ ସ୍ପଷ୍ଟ ନୋହୁଁ। ନୀତି ତଥା ବିଶ୍ୱାସ ଅଭାବରୁ ହିଁ ସମନ୍ୱୟ ରହେ ନାହିଁ। ଆମର ଅଧିକାଂଶ ବୈଦେଶିକ ନୀତି ଭାରତୀୟଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏବେ ଏହି ଯୁଦ୍ଧ ସ୍ଥିତିରେ ସେପରି ହୋଇଛି। ଏହା ସ୍ପଷ୍ଟ ଯେ, ବିଶ୍ୱନେତା ହେବାର ଦାବି ଫମ୍ପା ଥିଲା, ଆମେ ଲଜ୍ଜିତ ହୋଇ ଦୂରେଇ ରହିଗଲୁ। ଜାତୀୟ ସ୍ୱାର୍ଥର ଧାରଣାକୁ ପରିତ୍ୟାଗ କରି ଆମେ ବ୍ୟକ୍ତିଗତ ସ୍ୱାର୍ଥ ସହିତ ଜଡ଼ିତ ବ୍ୟକ୍ତିଗତ କୂଟନୀତିକୁ ଆଦରି ନେଇଛୁ ଏବଂ ଧରି ନେଉଛୁ ଘନିଷ୍ଠତା ହେଉଛି ବୈଦେଶିକ ନୀତି ପାଇଁ ଏକ ଦୃଢ଼ ଭିତ୍ତିଭୂମି। ଗଭୀର ବନ୍ଧୁତ୍ୱ ରଖିବା ପ୍ରୟାସରେ (ଟ୍ରମ୍ପଙ୍କ ଦ୍ୱାରା) ଆମକୁ ବିଶ୍ୱାସଘାତ କରାଯାଇଛି କିମ୍ବା ବିପରୀତ ପକ୍ଷ (ନେତନ୍ୟାହୁ)ଙ୍କ ଦ୍ୱାରା ଆମକୁ ବ୍ୟବହାର କରାଯାଇଛି। ଦ୍ୱନ୍ଦ୍ୱ ହେଉଛି, ଆମର ବନ୍ଧୁମାନେ ଭାରତୀୟଙ୍କୁ ଦୁଃଖ ଦେଲେ ମଧ୍ୟ ସେମାନଙ୍କୁ ଯୁଦ୍ଧ ବନ୍ଦ କରିବାକୁ କହିବାର କ୍ଷମତା ଆମ ପାଖରେ ନାହିଁ ବୋଲି ଆମେ ମନେକରୁଛୁ।

ଆଉ ଏକ କାରଣ ହେଉଛି ଯେ ଅନ୍ୟମାନଙ୍କ କୂଟନୈତିକ ପ୍ରୟାସ ଆମକୁ ଚିନ୍ତିତ କରିଛି। ଆମେ ଯେଉଁମାନଙ୍କୁ ଘୃଣା କରୁ ସେମାନଙ୍କ ପ୍ରୟାସରେ ଯୁଦ୍ଧ ଶେଷ ହେବାକୁ ଯାଉଛି। ହେଲେ ଆମେ ତାହା ନ କରି ଭାରତୀୟମାନେ କଷ୍ଟ ପାଆନ୍ତୁ ବୋଲି ପସନ୍ଦ କରୁଛୁ, ଯାହା ଅଯୌକ୍ତିକ । ଏହା ସେହି ଲୋକମାନଙ୍କର କାର୍ଯ୍ୟ, ଯେଉଁମାନେ ନେତୃତ୍ୱରେ ରହି 'ବିଶ୍ୱ ଏକ ପରିବାର' ବୋଲି ଆମକୁ ଉଚ୍ଚସ୍ୱରରେ କହୁଛନ୍ତି। ଅନ୍ୟ ଏକ କାରଣ ଅଛି ଏବଂ ଏହାକୁ ଲୋକକଥା–ମୁଲ୍ଲେ କି ଦୌଡ଼ ମସଜିଦ୍ ତକ୍– ସହିତ ବର୍ଣ୍ଣନା କରାଯାଇପାରେ। ଇଣ୍ଟରନେଟ ଏହି କଥାକୁ ବ୍ୟାଖ୍ୟା କରେ ଯେ,''ଯେଉଁ ବ୍ୟକ୍ତି କେବଳ ନିଜର ଜ୍ଞାନ, ସମ୍ବଳ କିମ୍ବା ଆଗ୍ରହ ଭିତରେ ସୀମିତ ରହନ୍ତି'' । ନୂତନ ଭାରତ ଏକ ଉଗ୍ର ଆଭ୍ୟନ୍ତରୀଣ ଜାତୀୟତାବାଦ ସହ ଜଡ଼ିତ। ଯଦି ଏ କ୍ଷେତ୍ରରେ ଆପଣ ନୂଆ କରି ଜାଣିବାକୁ ଚାହୁଁଛନ୍ତି, ତେବେ ଖବରକାଗଜ ଖୋଲନ୍ତୁ ଏବଂ ଟେଲିଭିଜନ ଚାଲୁ କରନ୍ତୁ ଜାଣିବେ ଏହା ଆମର ମୂଳମନ୍ତ୍ର ଏବଂ କୋରସ୍ ପାଲଟିଯାଇଛି। ମନେକରୁଛୁ, ଅତୀତ ପାଇଁ ସଂଖ୍ୟାଲଘୁମାନେ ଦାୟୀ, ଉଦାରବାଦୀମାନେ ଆମର ଗୌରବମୟ ଭବିଷ୍ୟତର ଏବର ପଥ ଅବରୋଧକ। ଆଗକୁ ବଢ଼ିବା ପୂର୍ବରୁ ସେସବୁକୁ ପ୍ରଥମେ ସମାଧାନ କରିବା ଜରୁରୀ। ଏହା ଆମର ପ୍ରାଥମିକ ଦାୟିତ୍ୱ ହେବା ଦରକାର ଏବଂ ଏହାକୁ ଜାରି ରଖିବା ଉଚିତ। ଯେତେବେଳେ ରାଷ୍ଟ୍ର ବିଷୟରେ ଏହି ପ୍ରକାରର ସ୍ପଷ୍ଟତା ରହିବ, ବାହ୍ୟ ଜଗତ ପ୍ରତି ଧ୍ୟାନ ରହିବ ନାହିଁ। ଏବଂ ଯଦି ଆମେ ଏହାକୁ ଅଣଦେଖା କରୁ, ତେବେ ଆଶା ରଖିବା ଯେ ଏହା ଆପେ ଆପେ ଠିକ୍ ହୋଇଯିବ, ଯାହା ଏବେ ଏପରି ହେଉଛି। ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ରଙ୍କୁ ପଚରାଯାଇଥିଲା, ''ଟ୍ରମ୍ପ ଅସୀମ ମୁନିରଙ୍କୁ ପ୍ରଶଂସା କରୁଛନ୍ତି ଏବଂ ପାକିସ୍ତାନ ଯାତ୍ରା କରିପାରନ୍ତି। ଭାରତ ପାକିସ୍ତାନର ଅସ୍ତ୍ରବିରତି ଭୂମିକାକୁ କିପରି ଦେଖେ ? ଯଦି ଟ୍ରମ୍ପ ଗୋଟିଏ ଯାତ୍ରାରେ ଭାରତ ଏବଂ ପାକିସ୍ତାନକୁ ଆସନ୍ତି ତେବେ ଭାରତ କ'ଣ ଏଥିରେ ରାଜି ହେବ ?'' ମୁଖପାତ୍ର ଉତ୍ତର ଦେଲେ, '' ଏହା ଉପରେ ମୋର ଏକ ସରଳ ଉତ୍ତର ଅଛି। ଭାରତ ପଶ୍ଚିମ ଏସିଆରେ ଘଟୁଥିବା ଘଟଣାକ୍ରମ ଉପରେ ନିକଟରୁ ନଜର ରଖିଛି।'' କିନ୍ତୁ ତାହା ଉପଯୁକ୍ତ ଏବଂ ସ୍ପଷ୍ଟ ଭାବେ ପାଳନ କରାଯାଉନାହିଁ।

Email:aakar.patel@gmail.com

# ଅହଙ୍କାରର ଅନ୍ଧକାର



**ଡ. ପବିତ୍ର ସୁବୁଦ୍ଧି**

କେହି ଜଣେ ମାଟିର କଳସୀକୁ ଦିନେ ପଚାରିଲେ ତୁମେ ସବୁବେଳେ ଏମିତି ଥଣ୍ଡା ଥାଅ କେମିତି ? ମାଟି କଳସୀ ହସି ଦେଇ କହିଲା–ଯାହାର ଅତୀତ ମାଟି ଓ ଭବିଷ୍ୟତ ବି ମାଟି, ସେ ଗରମ କ'ଣ ପାଇଁ ହେବ ? ମାଟିରେ ଗଢା ମୋ ଶରୀର, ଦିନେ ସେଇ ମାଟିରେ ହିଁ ମିଶିଯିବ। ଏଣୁ ଅହଙ୍କାର କ'ଣ ପାଇଁ କରିବି ? ଅହଙ୍କାର ହେଉଛି ଛୋଟ ଗୋଟିଏ ଶବ୍ଦ, କିନ୍ତୁ ସେହି ଶବ୍ଦ ଭିତରେ ଲୁଚି ରହିଥାଏ ମଣିଷର ପତନର ଅନ୍ୟତମ କାରଣ। ପୁରାଣରୁ ଆରମ୍ଭ କରି ଇତିହାସ ଯାଏ, କଥାରୁ କାହାଣୀ ଯାଏ ସବୁଠି ସ୍ପଷ୍ଟ ଯେ, ଅହଙ୍କାର ମଣିଷକୁ ଅନ୍ଧକରି ରଖେ। ସେହି ଅହଂ ଅନ୍ଧକାର ଯୋଗୁ ରାବଣ, କଂସ ଓ ଦୁର୍ଯ୍ୟୋଧନମାନଙ୍କୁ ଯେଉଁ ମୂଲ୍ୟ ଦେବାକୁ ପଡିଲା, ତାହା ଏଯାବତ୍ ମାନବ ସମାଜ ପାଇଁ ଏକ ଚେତାବନୀ ହୋଇ ରହିଛି। ଏସବୁ ସତ୍ତ୍ୱେ ଆଜିର ମଣିଷ ଧନସମ୍ପତ୍ତି, ବଂଶ, ବୁନିଆଦି, ଶକ୍ତି–ସାମର୍ଥ୍ୟ, ପଦପଦବୀ, ବୁଦ୍ଧି–ସିଦ୍ଧିକୁ ନେଇ ଅହଙ୍କାରୀ ହୋଇଉଠେ। ସେ ଭାବେ ସାରା ସଂସାରରେ ସେ ହିଁ ଶ୍ରେଷ୍ଠ, ସେ ହିଁ ଜ୍ଞାନୀ। ମୁଁ ହିଁ ଶୀର୍ଷ ବୋଲି ଭାବିବା ଅର୍ଥ ଆପଣ ଶେଷରେ ପହଞ୍ଚି ଯାଉଛନ୍ତି। ତେଣିକି ପତନର ଆରମ୍ଭ।

କୁହାଯାଏ– ଅଜ୍ଞତା ହିଁ ଅହଙ୍କାରର ଜନନୀ। ବିନମ୍ରତା ବ୍ୟକ୍ତି ଜୀବନର ଏକ ଅମୂଲ୍ୟ ଅଳଙ୍କାର। କେହି ଜଣେ ଏକଦା ଦାର୍ଶନିକ ସକ୍ରେଟିସଙ୍କୁ ପଚାରିଲେ– ଆପଣ କ'ଣ ଏଥେନ୍ସ ନଗରୀର ସର୍ବଶ୍ରେଷ୍ଠ ଜ୍ଞାନୀ ? ହସି ହସି ସକ୍ରେଟିସ କହିଲେ– ମୁଁ ତ କିଛି ଜାଣେ ନାହିଁ, ଜ୍ଞାନୀ ହେବି କେମିତି ? ମଣିଷ ମାତ୍ରେ ଅଜ୍ଞ। ନିଜ ଅଜ୍ଞତାକୁ ଜାଣିବା ମଣିଷର ସବୁଠାରୁ ବଡ ବିଜ୍ଞତା। ବିଡମ୍ବନା ଏହା ଯେ, ଅହଙ୍କାରୀ ନିଜକୁ ସବୁଠାରୁ ଜ୍ଞାନୀ ମନେ କରିଥାଏ। ରାବଣ ଥିଲା ପ୍ରଚଣ୍ଡ ଜ୍ଞାନୀ। ମାତ୍ର ଅହଙ୍କାରର ବଶବର୍ତ୍ତୀ ହୋଇ ସେ ନିଜ ବଂଶନାଶର କାରଣ ସାଜିଥିଲା। ସେହିପରି ଅହଙ୍କାରୀ ଦୁର୍ଯ୍ୟୋଧନ ଜ୍ଞାନୀଙ୍କୁ ହେୟଜ୍ଞାନ କରିବା ଯୋଗୁ ମହାଭାରତ ଯୁଦ୍ଧର ସୂତ୍ରପାତ ହୋଇଥିଲା। ଅହଙ୍କାର ଆମ ପ୍ରତିପାଳିତ ଏକ ରାକ୍ଷସ। ଯେଉଁ ମଦ–ମତ୍ତ ମଣିଷ ଏ ରାକ୍ଷସର କବଳିତ ହୁଏ, ସିଏ ନିଜ ସର୍ବନାଶକୁ ଡାକିଆଣେ। ନଈ ବଢିଲେ ଦୁଇ କୂଳ ଖାଏ। ଅନ୍ୟର କ୍ଷତି ଚାହୁଁଥିବା ବ୍ୟକ୍ତି ନିଜେ ବି କ୍ଷତିଗ୍ରସ୍ତ ହୁଏ।

ବିଶ୍ୱାସ ଗୋଟିଏ ଛୋଟ ଶବ୍ଦ। ଯାହା ଉପରେ ସବୁ ସମ୍ପର୍କ ବସା ବାନ୍ଧେ। ସମ୍ପର୍କର କେବେ ସ୍ୱାଭାବିକ ମୃତ୍ୟୁ ହୁଏନା। ମଣିଷର ସ୍ୱଭାବ, ବ୍ୟବହାର ଓ ଅହଙ୍କାର ଇଚ୍ଛାକୃତ ଭାବେ ଏହାକୁ ମାରିଦିଅନ୍ତି। ଯଦି ଆପଣ ସମ୍ପର୍କକୁ ବଞ୍ଚେଇ ରଖିବାକୁ ଚାହାନ୍ତି, ତେବେ ଜୀବନରେ ଏହି ଚାରିଟି ଜିନିଷକୁ କେବେ ବି ଭାଙ୍ଗନ୍ତୁ ନାହିଁ। ସେଗୁଡିକ ହେଲା– ବିଶ୍ୱାସ, ହୃଦୟ, ପ୍ରେମ ଓ ପ୍ରତିଶ୍ରୁତି। ଏଗୁଡିକ ଭାଙ୍ଗିଲା ବେଳେ ଶବ୍ଦ ହୁଏନି ସତ, କିନ୍ତୁ ବହୁତ ଯନ୍ତ୍ରଣା ହୁଏ। ପାଣି ଯଦି ମର୍ଯ୍ୟାଦା ଭାଙ୍ଗେ 'ବିନାଶ' ଆସେ। ଆଉ ବାଣୀ ଯଦି ମର୍ଯ୍ୟାଦା ଭାଙ୍ଗେ 'ସର୍ବନାଶ' ଆସେ। ଏଣୁ ବାଣୀ ଉପରେ ସର୍ବଦା ସଂଯମତା ରଖିବା ଉଚିତ। ବାଣୀକୁ 'ବାଣ' ନୁହେଁ 'ବୀଣା' କରିଦିଅନ୍ତୁ। ବାଣୀ ଯଦି ବୀଣା ହୋଇଯାଏ ଜୀବନ ସଙ୍ଗୀତମୟ ହୋଇଉଠେ, ଆଉ ଯେବେ ବାଣୀ 'ବାଣ' ହୋଇଯାଏ, ସେତେବେଳେ ଜୀବନରେ ମହାଭାରତ ଆରମ୍ଭ ହୋଇଯାଏ। ନିଷ୍ପତ୍ତି ଆପଣଙ୍କର।



ଆମେ ଜାଣୁ ତାଙ୍କ ଗତି ଅତି ବିଚିତ୍ର। କ୍ଷଣକରେ ସେ ଅମିରକୁ ଫକିରରେ, ରାଜାକୁ ରଙ୍କରେ ପରିଣତ କରିପାରେ। ଏହାସତ୍ତ୍ୱେ ମଣିଷ ମିଛ ଅହମିକାରେ ବାଟ ଚାଲେ। ମାତ୍ରାଧିକ 'ମୁଁ' 'ମୁଁ'ରେ ପ୍ରମତ୍ତ ହୁଏ । ଇନ୍ଦ୍ରଚନ୍ଦ୍ର ମାନେନା, ସେ ସମ୍ପର୍କରେ ପ୍ରସଙ୍ଗଟିଏ–ଛୋଟ ମନ୍ଦିରଟିଏ। ରାତିରେ ଠାକୁରଙ୍କ ଆଳତି ପରେ ପୂଜାରୀ ମନ୍ଦିର ଦ୍ୱାର ବନ୍ଦକରି ଘରକୁ ଫେରିଗଲେ। ମନ୍ଦିର ଭିତରେ ଗୋଟିଏ କୋଣରେ ମହମବତିଟିଏ ଜଳୁଥିଲା। ଠାକୁରଙ୍କ ସାମ୍ନାରେ ଧୂପବତିଟିଏ ବି ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା। ଏଥର ମହମବତି ଅତ୍ୟନ୍ତ ଦର୍ପରେ ଧୂପବତିକୁ କହିଲା– ମୁଁ କେତେ ଭାଗ୍ୟବାନ୍! ମୋର ଧୋବ ଫରଫର ରୂପ ମଧ୍ୟ କେତେ ସୁନ୍ଦର! ମନୁଷ୍ୟ ମୋତେ କେତେ ରଙ୍ଗରେ, କେତେ ଢଙ୍ଗରେ ପ୍ରସ୍ତୁତ କରେ। ମୋର ସୁନ୍ଦରତାକୁ ବହୁଗୁଣିତ କରିଦିଏ। ସେଇଥିପାଇଁ ସମସ୍ତଙ୍କ ନଜର ମୋ ପାଖରେ ଅଟକିଯାଏ। ହେଲେ ତମେ କେତେ କଳା, କେତେ ଅପରିଚ୍ଛନ୍ନ। ତମକୁ ତ ଆଡ଼ ଆଖିରେ କେହି ଚାହାନ୍ତି ନାହିଁ। ମହମବତି କଥା ଶୁଣି ଧୂପବତି କିଛି ବି କହିଲା ନାହିଁ।

ଅଳ୍ପ ସମୟ ପରେ ପୁଣି ମହମବତି କହିଲା– ମୁଁ ନ ଥିଲେ ଏ କକ୍ଷରେ ଅନ୍ଧକାର ଛାଇ ଯାଇଥାନ୍ତା। କେବଳ ମୋର ଆଲୋକରେ ତ ଏ ସ୍ଥାନ ଆଲୋକିତ ହୋଇଛି। ତୁମେ ବି ଜଳୁଛ। ହେଲେ ମିଞ୍ଜି ମିଞ୍ଜି ହୋଇ ଜଳୁଛ। ତୁମ ଆଲୋକ କେବଳ ତୁମ ପାଖରେ ହିଁ ସୀମିତ । ତା' ଛଡ଼ା ତୁମ ଆଲୋକ ଏତେ କ୍ଷୀଣ ଯେ ସେଥିରେ ଅନ୍ୟର କିଛି ବି ଲାଭ ହେଉନାହିଁ।

ଏହାଶୁଣି ଧୂପବତି କହିଲା– ଭଉଣୀ ! ତୁମ କଥା ଠିକ୍। ତୁମ ଆଲୋକରେ ଏ କକ୍ଷ ଆଲୋକିତ ହେଉଛି ଓ ମୋ ଜଳିବାରେ କିଛି ବି ଲାଭ ନାହିଁ। କିନ୍ତୁ ମୋ ଜଳିବାର କାରଣ ଭିନ୍ନ ଓ ତୁମ ଜଳିବାର କାରଣ ବି ଭିନ୍ନ। ତୁମେ ସ୍ୱୟଂ ଜଳି ଜଳି ଆଲୋକ ପ୍ରଦାନ କରୁଛ ଏବଂ ମୁଁ ଜଳି ଜଳି ପରିବେଶକୁ ସୁଗନ୍ଧମୟ କରୁଛି। ତୁମେ ଆଲୋକ ପ୍ରଦାନ କରୁଛ ତାହା ଭଲ କଥା, କିନ୍ତୁ ପରୀକ୍ଷାର କଠିନ ସମୟରେ ଧୈର୍ଯ୍ୟ ଓ ସାହସର ସହ ନିଜ ସ୍ଥାନରେ ଅଟଳ ରହିବାରେ ହିଁ ତୁମ ଚମକର ସାର୍ଥକତା ନିହିତ।

ମହମବତି ଧୂପବତିର କଥାକୁ ହେୟମନେ କଲା। ହଠାତ୍ ଏହି ସମୟରେ ମନ୍ଦିରର ଝରକା ଦେଇ ଦଲକାଏ ଶୀତଳ ପବନ କକ୍ଷ ମଧ୍ୟକୁ ପଶି ଆସିଲା। ଫଳରେ ମହମବତି ଲିଭିଗଲା। କିନ୍ତୁ ପବନର ତୀବ୍ର ପ୍ରବାହରେ ଧୂପବତି ସୁଗନ୍ଧ ଆହୁରି ଦ୍ରୁତଗତିରେ କକ୍ଷରେ ଖେଳିଗଲା। ଏହି ସମୟରେ ଲିଭିଯାଇଥିବା ମହମବତିକୁ ଧୂପବତି କହିଲା– ଭଉଣୀ! ସେ ଚମକ କେଉଁ କାମର, ଯାହା ଦଲକାଏ ପବନର ବି ସାମ୍ନା କରିପାରେନା। ଶୁଣ ଭଉଣୀ! ନିଜର କ୍ଷୁଦ୍ର କ୍ଷମତା ଉପରେ ଅହଙ୍କାର ବ୍ୟର୍ଥ ଅଟେ। ଏ ଜୀବନ ଦି' ଦିନର, କ'ଣ ପାଇଁ ଏତେ ଅହଙ୍କାର ? କିଏ ଜାଣେ କାହାର ଦୀପ କେତେବେଳେ ଲିଭିଯିବ ? ପାଠକେ; ଯେତେବେଳେ ମନରେ ଅହଙ୍କାର ଆସୁଛି ସେତେବେଳେ ଟିକେ ଶ୍ମଶାନକୁ ଯାଇ ବୁଲି ଆସନ୍ତୁ । ଦେଖିବେ କେତେ ଯେ ଦର୍ପ, ଅହଙ୍କାର ଓ ଅହମିକା ସେଠି ପାଉଁଶ ହୋଇଯାଇଛି। ସେଥିପାଇଁ କୁହାଯାଇଛି – Starve you Ego and feed your Soul. ଆପଣ ଆତ୍ମାର ଆଲୋକରେ ବାଟ ଚାଲିବେ ନା ଅହଙ୍କାରର ଅନ୍ଧାରରେ ବାଟ ହୁଡ଼ିବେ, ସେ ବିଚାର ଆପଣଙ୍କର। କିନ୍ତୁ ଏ କଥା ଚନ୍ଦ୍ର ସୂର୍ଯ୍ୟ ଭଳି ସତ୍ୟ ଯେ ଏ ଦୁନିଆରେ କେହି କାହାର ନୁହନ୍ତି। ମୃତଦେହକୁ ଶ୍ମଶାନରେ ପହଞ୍ଚାଇ ଦେଇ ନିଜ ଲୋକମାନେ ବି ପ୍ରଶ୍ନ କରନ୍ତି – ଆଉ କେତେ ସମୟ ଲାଗିବ ଲାସ୍ ପୋଡ଼ିବାକୁ ? ଆମକୁ ଭଲ ଲାଗୁ ବା ନ ଲାଗୁ, ଏହା ହିଁ ଜୀବନର ଅସଲ ବାସ୍ତବତା।

ମୋ: ୬୩୭୦୬୪୫୭୮୯

# ଏକ ପାଶ୍ଚାତ୍ୟ ଗାଁର କାହାଣୀ



**ଅଲେଖ ଚନ୍ଦ୍ର ମିଶ୍ର**

ପାଶ୍ଚାତ୍ୟ ଜଗତର ଗ୍ରାମ୍ୟ ଜୀବନ ଓ ସଂସ୍କୃତିର ବାସ୍ତବ ଚିତ୍ର ଏବେ ଆଉ ନାହିଁ। କିନ୍ତୁ ଆଗେ ତା'ର ରୂପରେଖ ଯେପରି ଥିଲା ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ପ୍ରାୟ ୩୦୦ ବର୍ଷ ପୂର୍ବେ ସେଠାକାର ଗାଆଁ ଗଣ୍ଡାର ଚଳଣି ଓ ପରମ୍ପରା ଭାରତୀୟ ଜନ ଜୀବନ ଭଳି ତତ୍କାଳୀନ ଲୋକଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା, ଯାହାକୁ ଆଧାର କରି ଅନେକ ସାହିତ୍ୟକୃତି ଗଢ଼ି ଉଠିଥିଲା। ସେ ସବୁର କେତୋଟି ଦୃଷ୍ଟାନ୍ତ ହେଉଛି 'ଟୋରି' ସାହିତ୍ୟ, ଭର୍ଗୀଲଙ୍କର 'ଏକ୍ଲଗ' ଏବଂ ଜୁଭେ–ନାଲ ଓ ପ୍ଲିନି, ସାମୁଏଲ ଓ କାନା ହଲଙ୍କ ଭଳି ସାହିତ୍ୟିକ। କିନ୍ତୁ ସେ କ୍ଷେତ୍ରରେ ସବୁଠାରୁ ଲୋକପ୍ରିୟ ଏବଂ ବର୍ଣ୍ଣିଳ ହେଉଛି ପ୍ରଖ୍ୟାତ ଆଇରିସ୍ କବି ଅଲିଭର୍ ଗୋଲ୍ଡସ୍ମିଥଙ୍କ ୪୩୦ ପଂକ୍ତି ବିଶିଷ୍ଟ କାଳଜୟୀ ଖଣ୍ଡକାବ୍ୟ 'ଦ ଡେଜର୍ଟେଡ ଭିଲେଜ' (୧୭୭୦)। ଗୋଲ୍ଡସ୍ମିଥ ପାଲାସ ନାମକ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ବି ତାଙ୍କ ପିତା ଅବର୍ନ ଗ୍ରାମରେ ଚାକିରି କରୁଥିବାରୁ ପିଲାବେଳୁ ସେ ପରିବାର ସହିତ ସେହି ଗ୍ରାମରେ ରହୁଥିଲେ। ଆୟର୍ଲାଣ୍ଡ ଓ ଇଂଲଣ୍ଡର ଅନେକ ସ୍ଥାନରେ ଭ୍ରମଣ କରି ନିଜର ପ୍ରତ୍ୟକ୍ଷ ଅନୁଭୂତିକୁ ସେ ଉଲ୍ଲିଖିତ କବିତାରେ ଏପରି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ଯେ, ତତ୍କାଳୀନ ଗ୍ରାମ୍ୟ ଜୀବନର ଏହା ଏକ ଦର୍ପଣ ସଦୃଶ।

କାବ୍ୟଟିର କେନ୍ଦ୍ରବିନ୍ଦୁ ଥିଲା ଆୟର୍ଲାଣ୍ଡର ଆଥ୍‌ଲୋନ ଅନ୍ତର୍ଗତ ମୋଟ ରେଲ୍‌ୱେ ଷ୍ଟେସନଠାରୁ ୬ ମାଇଲ ଦୂରରେ ଅବସ୍ଥିତ ସୁଖ ସମୃଦ୍ଧିଭରା ସୁନ୍ଦର ଅବର୍ନ ଗ୍ରାମ, ଯେଉଁଠି କବିଙ୍କ ଭାଷାରେ ବସନ୍ତ ଋତୁ ଶୀଘ୍ର ଆସିଯାଏ ଏବଂ ଗ୍ରୀଷ୍ମଋତୁ ଡେରିରେ ଛାଡ଼େ। ଗ୍ରାମଟି ତାଙ୍କର ପ୍ରିୟ ଥିଲା ଏବଂ ତାକୁ ସେ ପ୍ରଥମେ 'ସୁଇଟ୍ ଅବର୍ନ' ବୋଲି ସମ୍ବୋଧନ କରି କବିତା ଆରମ୍ଭ କରିଛନ୍ତି। ତା'ପରେ ଗ୍ରାମର ଅପୂର୍ବ ଶୋଭାରାଶିକୁ ବର୍ଣ୍ଣନା କରିବାକୁ ଯାଇ ତା'ର ସବୁଜିମା, ବିସ୍ତୃତ ଶସ୍ୟକ୍ଷେତ୍ର, ଫୁଲଫଳଭରା ପରିବେଶ, ଚଲାପଥକୁ ମାଡ଼ି ଯାଇଥିବା ଅନାବନା ଘାସ, ଗାଁ ଲୋକଙ୍କର ପରସ୍ପର ପ୍ରତି ଥିବା ସ୍ନେହ, ଶ୍ରଦ୍ଧା, ମମତା, ସହଯୋଗ ଆଦିର ସୂଚନା ଦେବା ସହିତ ପ୍ରାୟ ପ୍ରତ୍ୟେକ ପ୍ରକାର ଚରିତ୍ରର ଅବତାରଣା କରିଛନ୍ତି। ଗାଁର ମୁଖ୍ୟ ଚରିତ୍ର ଥିଲେ ଗାଁ ଚାଟଶାଳୀର ଅବଧାନ (ଭିଲେଜ ସ୍କୁଲ ମାଷ୍ଟର୍), ଯିଏ କୋଳାହଳମୟ ଛୋଟ ବିଦ୍ୟାଳୟଟିର (ନଏଜି ମାନ୍ସନ, ଲିଟିଲ ସ୍କୁଲ)ର ଦକ୍ଷ ଅନୁଶାସକ (ସ୍କିଲ୍ଡ ଟୁ ରୁଲ) ଥିଲେ। ତାଙ୍କର ଭୟ ଉଦ୍ରେକକାରୀ ଚେହେରା ଦେଖିଲେ ଚାଟମାନେ ପ୍ରମାଦ ଗଣୁଥିଲେ ଏବଂ ସକାଳୁ ତାଙ୍କ ମୁହଁରୁ ଦିନଟି କେମିତି କଟିବ ଜାଣିବା ପାଇଁ ଶଙ୍କାକୁଳ ହୋଇ ପଡୁଥିଲେ। ପାଠପଢ଼ା ପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲେ ବି ଅନେକେ ତା'ର ମୂଲ୍ୟ ବୁଝୁ ନଥିଲେ। ସେ ଏକାଧାରରେ ଜଣେ ଜ୍ୟୋତିଷ, ଗଣକ ଓ ଭବିଷ୍ୟବକ୍ତା ଥିଲେ ; ଯିଏ ବର୍ଷା, ଜୁଆର, ବାତ୍ୟା ଆଦିର ପ୍ରାକ୍ ସୂଚନା ଦେଇ ପାରୁଥିଲେ ଏବଂ ଜମିବାଡ଼ିର ମାପଚୁପ ବି କରୁଥିଲେ। ଏପରିକି ଜାଣି ନଥିବା କଥାକୁ ଠାସକ ମାରି ଚଳେଇ ନେଉଥିଲେ। ଗାଁର ପୂଜକ ପଣ୍ଡିତଙ୍କ ସହିତ ଯୁକ୍ତିତର୍କରେ ହାରିଲେ ବି କେବେ ହାର୍ ମାନୁ ନଥିଲେ। ତାଙ୍କର ଛୋଟିଆ ମୁଣ୍ଡରେ ଥିବା ଜ୍ଞାନଗରିମା ଦେଖି ଗ୍ରାମବାସୀଙ୍କର ଆଶ୍ଚର୍ଯ୍ୟର ସୀମା ରହୁ ନଥିଲା (ୱାନ୍ ସ୍ମଲ୍ ହେଡ୍ କୁଡ୍ କ୍ୟାରି ଅଲ୍ ହି ନିଉ)। ଗାଁର ନାପିତ କ୍ଷୌରାଦି କର୍ମ କରୁଥିବା ବେଳେ କ'ଣ କେତେ କଥା ଗପୁଥିବ (ବାର୍ବର୍ସ ଟେଲ)। କୃଷକମାନେ ପରସ୍ପର ମଧ୍ୟରେ ଚାଷବାସ ଓ ଫସଲର ଭଲମନ୍ଦ ବିଷୟରେ ଘଣ୍ଟା ଘଣ୍ଟା ଧରି ଆଲୋଚନା କରୁଥିବେ (ଫାର୍ମର୍ସ ନିଉଜ୍)। ଶାଳଘରେ କାର୍ଯ୍ୟବ୍ୟସ୍ତ କମାର ବାପୁଡ଼ା ମୁଣ୍ଡରୁ ଝାଳ ପୋଛୁପୋଛୁ କାମରେ ଲାଗିଥିବ (ଦ ସେୱଟ ଅଫ୍ ଦି ବ୍ଲାକସ୍ମିଥ), ବିଲବାଡ଼ି ବା ବଣରେ ଜାଳେଣି ସଂଗ୍ରହ କରୁଥିବା ବେଳେ ଲୋକଟିଏ ଅନାବନା ଗୀତ ଗାଉଥିବ (ଉଡ୍ ମ୍ୟାନ୍ସ ବାଲାଡ୍)। ଏହିପରି ଅନେକ ସମ୍ବେଦନଶୀଳ ଘଟଣାର ବର୍ଣ୍ଣନା ଶୈଳୀ ମଧ୍ୟରେ ଗତିଶୀଳ ହୋଇଥିବା କାବ୍ୟଟି ପାଠକଙ୍କୁ ଆନମନା କରି ଦେଉଥିବା ବେଳେ ପରବର୍ତ୍ତୀ କାଳର ସହରୀକରଣ ପ୍ରଭାବରେ ଗ୍ରାମ୍ୟ ଜୀବନ ବିପର୍ଯ୍ୟୟର ଶିକାର ହୋଇ କିପରି ଶ୍ରୀହୀନ ହୋଇପଡ଼ିଲା, ସେ ଘଟଣା ବର୍ଣ୍ଣନା କରି କବି ପାଠକଙ୍କ ଚକ୍ଷୁରେ ଅଶ୍ରୁ ଭରି ଦେଇଛନ୍ତି। କବିଙ୍କ ଭାଷାରେ ଗାଁକୁ କୃତ୍ରିମ ପ୍ରଗତି, ନିରର୍ଥକ ପ୍ରାଚୁର୍ଯ୍ୟ ଓ ତଥାକଥିତ ଆତ୍ମତୃପ୍ତି ପ୍ରବେଶ କରି ତା'ର ନୈସର୍ଗିକ ମୌଳିକତାକୁ ଅପହରଣ କରିନେଲା। ଫଳରେ ନିଜର ଅନିଚ୍ଛା ସତ୍ତ୍ୱେ ଗାଁର ବାସିନ୍ଦାମାନେ ସେମାନଙ୍କର ଭିଟାମାଟି ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଗାଁରେ ଧନ, ସମ୍ପଦ, ଐଶ୍ୱର୍ଯ୍ୟ ପରିପୂର୍ଣ୍ଣ ହୋଇ ଉଠୁଥିଲା, ହେଲେ ତାକୁ ଭୋଗ କରିବାକୁ ଲୋକ ନଥିଲେ (ହୋୟାର୍ ୱେଲ୍‌ଥ ଆକ୍ୟୁମୁଲେଟ୍ସ ଆଣ୍ଡ ମେନ ଡିକେ)। ସହରାଭିମୁଖୀ ହୋଇ ସେମାନେ ଗାଁକୁ ଛାଡ଼ିଚାଲିଗଲେ ଆଉ ଅଲୋଡ଼ା ହୋଇ ପଡ଼ିରହିଲା ତାଙ୍କର ପ୍ରିୟ ଗ୍ରାମ। କବିତାଟିର ଶେଷଭାଗରେ କବି ଆଶାବାଦୀ ହୋଇ ଭବିଷ୍ୟବାଣୀ କରିଥିଲେ ଯେ, ଦିନ ଆସିବ ଯେତେବେଳେ ସେଭଳି ବାହ୍ୟାଡ଼ମ୍ବର ବି ରହିବ ନାହିଁ ଏବଂ ଲୋକେ ପୁରୁଣା ଗ୍ରାମର ଲୁପ୍ତ ଗୌରବକୁ ଝୁରି ହେଉଥିବେ (ଦ୍ୟାଟ୍ ପ୍ରାଉଡ୍ ଏମ୍ପାୟାର୍ ହେଷ୍ଟସ୍ ଟୁ ସୁଇଫ୍ଟ ଡିକେ)। କାଳକ୍ରମେ ସେ ଯା ହିଁ ହେଲା। ପରବର୍ତ୍ତୀ କାଳରେ ସେହି ସ୍ମରଣୀୟ ଗ୍ରାମଟି ଏକ ଐତିହ୍ୟ ସମ୍ପନ୍ନ ତୀର୍ଥଭୂମି ପାଲଟି ଯାଇ ଅନେକ ଭାବପ୍ରବଣତାର କେନ୍ଦ୍ରବିନ୍ଦୁ ହୋଇଗଲା, ଯାହାର ନିଦର୍ଶନ ପର ପିଢ଼ିର ସାହିତ୍ୟ ସମ୍ଭାର ଓ ସାମାଜିକ ଚେତନାକୁ ବ୍ୟାପକ ଭାବରେ ପ୍ରଭାବିତ କରିଥିଲା। ସାମୁଏଲ କାର୍ଟର୍ ହଲ ଓ ଆନ୍ନା ହଲଙ୍କ ଦ୍ୱାରା ସମ୍ପାଦିତ 'ହ୍ୟାଣ୍ଡ ବୁକ୍ ଅଫ୍ ଆୟର୍ଲାଣ୍ଡ' (୧୮୫୩)ରେ ପ୍ରକାଶ ପାଇଥିଲା, ବ୍ରିଟେନକୁ ଆସୁଥିବା ପର୍ଯ୍ୟଟକମାନେ ମୋଟ ଷ୍ଟେସନରେ ଓହ୍ଲେଇ ଅଳ୍ପ ଦୂରରେ ଥିବା ସୁପ୍ରସିଦ୍ଧ ଅବର୍ନ ଗ୍ରାମକୁ ତୀର୍ଥଯାତ୍ରା କରିଯିବା ଉଚିତ। ଜେ ଷ୍ଟର୍ଲିଙ୍ଗ କୋଏନ ଏବଂ ଏନ ପି ୱିଲଙ୍କ ପୁସ୍ତକ, 'ଦି ସିନେରି ଆଣ୍ଡ ଆଣ୍ଟିକ୍ୱିଟିସ ଅଫ୍ ଆୟର୍ଲାଣ୍ଡ' (୧୮୪୧)ର ତଥ୍ୟ ଅନୁସାରେ ଗୋଲ୍ଡସ୍ମିଥଙ୍କ ଡେଜର୍ଟେଡ୍ ଭିଲେଜ ସାରା ୟୁରୋପର କାହାଣୀ। ଅକ୍ସଫୋର୍ଡସାୟାର୍ ପ୍ରକାଶିତ 'ରିଭୋଲିଉସନ ଇନ୍ ଲୋ ଲାଇଫ' ପୁସ୍ତକରେ ଲଣ୍ଡନଠାରୁ ମାତ୍ର ୫୦ ମାଇଲ ଦୂରରେ ଅବସ୍ଥିତ ନୁହ୍ୟାମ୍ନ ନାମକ ଗ୍ରାମ ସହ ଅନ୍ୟ ଅନେକ ସମଦଶାପନ୍ନ ଗ୍ରାମର ବର୍ଣ୍ଣନା କରାଯାଇଛି, ଯାହାକୁ ଗୋଲ୍ଡସ୍ମିଥ ୧୭୬୧ରେ ଦେଖି ଦୁଃଖ ପ୍ରକାଶ କରିଥିଲେ, 'ଆଇ ସି ଦ ରୁରାଲ ଭର୍ଚୁଜ ଲିଭ ଦି ଲ୍ୟାଣ୍ଡ'।



ପାଶ୍ଚାତ୍ୟ ଜଗତରେ ଯାହା ଗତକାଲି ଘଟେ, ଭାରତରେ ତାହା ଆଗାମୀ କାଲି ଘଟେ। ପରିତାପର କଥା ଯେ ଆମେ ଏବେ ସେହି ପଥର ଯାତ୍ରୀ ହୋଇ ଆମ ଗ୍ରାମ୍ୟ ଜୀବନର ଯେଉଁ ଅମୂଲ୍ୟ ପରମ୍ପରାକୁ ହଜେଇ ଦେଉଛୁ ତାହା ଆଉ ମିଳିବନି, ଯାହା ଚାଲିଯାଉଛି ଆଉ ଫେରିବନି।

ମୋ: ୯୪୩୮୬୭୩୮୯୮

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 7 | |
| | | | 9 | | | | | 3 |
| | | 5 | | | | 8 | 4 | 6 |
| | 8 | 4 | | 6 | 2 | | | |
| | | 6 | 3 | 8 | | | | |
| | 5 | | | | | | | |
| | | 1 | | 3 | 6 | | 5 | 7 |
| | | | 8 | | | 1 | 6 | 9 |
| | | | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 6 | 5 | 9 | 2 | 8 | 4 |
| 9 | 6 | 4 | 7 | 8 | 2 | 3 | 1 | 5 |
| 5 | 8 | 2 | 1 | 3 | 4 | 6 | 7 | 9 |
| 1 | 2 | 3 | 5 | 6 | 8 | 9 | 4 | 7 |
| 6 | 9 | 8 | 4 | 7 | 3 | 5 | 2 | 1 |
| 4 | 5 | 7 | 2 | 9 | 1 | 8 | 6 | 3 |
| 2 | 3 | 5 | 8 | 4 | 7 | 1 | 9 | 6 |
| 7 | 1 | 9 | 3 | 2 | 6 | 4 | 5 | 8 |
| 8 | 4 | 6 | 9 | 1 | 5 | 7 | 3 | 2 |

ଗତକାଲିର ଉତ୍ତର

## ଏଇ ଭାରତରେ

କଶ୍ମୀର ସାଫ୍ରୋନ ବା କେଶରର ଚାହିଦା ଆଜିକା ବଜାରରେ ଆକାଶଛୁଆଁ। ମୂଲ୍ୟ ବି କାହିଁରେ କ'ଣ। ସାଫ୍ରୋନ ଚାଷ କେବଳ କଶ୍ମୀର ଜଳବାୟୁରେ ସୀମିତ ଥିଲା। ଏହାକୁ ବି 'ରେଡ୍ ଗୋଲ୍ଡ' କୁହାଯାଏ। ହେଲେ ଏବେ କଶ୍ମୀର ବାହାରେ ଏହା ଚାଷ କରାଯାଉଛି। ପଞ୍ଜାବ ଲୁଧିଆନାର ଭଉଣୀ –ଭାଇ ଅସ୍ତିକା ଓ ଶଙ୍କର ନାରୁଲା ଘରେ ଏରୋପୋନିକ୍ସ (ବିନା ମାଟିରେ କେବଳ ପାଣିରେ ହେଉଥିବା ଚାଷ) ମାଧ୍ୟମରେ ଆଧୁନିକ ପଦ୍ଧତିରେ କଶ୍ମୀର ସାଫ୍ରୋନ ଚାଷ କରୁଛନ୍ତି। ଚାଷ ଜମିର ଆବଶ୍ୟକତା ନାହିଁ କିମ୍ବା ବର୍ଷାକୁ ବି ଅପେକ୍ଷା କରିବାକୁ ପଡୁନାହିଁ, କେବଳ ତାପମାତ୍ରା ନିୟନ୍ତ୍ରିତ ଗୃହରେ ଦରକାର ପଡୁଛି ର୍ୟାକ ଓ ସେନ୍‌ସର। ଏବେ ସେମାନେ ଏହି ଚାଷରୁ ଦୁଇଟି ସିଜନରେ ୨୬ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ଅସ୍ତିକାଙ୍କ ବୟସ ୨୫ ଓ ସେ ରାଜନୀତି ବିଜ୍ଞାନରେ ଡିଗ୍ରୀ କରିଛନ୍ତି । ଶଙ୍କରଙ୍କୁ ଏବେ ବୟସ ୨୩ ବର୍ଷ ଏବଂ ସେ କମ୍ପ୍ୟୁଟର ଆପ୍ଲିକେସନର ଛାତ୍ର। ଏହି ଚାଷରେ ସେମାନଙ୍କ ପିତା ବିକାଶ ନରୁଲା ସହଯୋଗ କରିଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୯ ଏପ୍ରିଲ ୧୯୭୬

- ଜାତୀୟ କମିଟିରେ ରାଜନୈତିକ ଶକ୍ତିଗୁଡ଼ିକର ଏକତ୍ରୀକରଣ ନିମନ୍ତେ ସ୍ୱତନ୍ତ୍ର ଦଳ ଜନତା ଦଳରେ ମିଶିଯିବା ଲାଗି ଦଳର ସଭାପତି ଜି.କେ. ସୁନ୍ଦରମ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ନିରୁଦ୍ଦିଷ୍ଟ ଛାତ୍ର ରାଜନଙ୍କ ମାମଲାରେ ହାଇକୋର୍ଟର ରାୟ ଓ ଜନମତର ଚାପରେ କେରଳର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ଲାଗି କରୁଣା କରନ୍‌ଙ୍କ ନିଷ୍ପତ୍ତି।

## ଚିରନ୍ତନୀ

ନୟନର ଜଳ ପୋଛ ଗୋ ନୟନୁ
ବଦନେ ବିକାଶେ ହାସ
ଭୁବନ ଡାକିଛି ପବନ ଡାକିଛି
ଚଳିବି ପରବାସ ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାଙ୍କ ମନକୁ ବୁଝନ୍ତୁ

**ମହାଶୟ,**

ପିଲାମାନେ କେବଳ ଦେଖିବାକୁ ସାନ। ମନ କିନ୍ତୁ ବିଶାଳ। ହୃଦୟ ଦିଗନ୍ତ ବ୍ୟାପି ପରିବ୍ୟାପ୍ତ। ପିଲାଙ୍କ ଛୋଟ ଶରୀର ଦେଖି ପ୍ରାୟତଃ ବଡ଼ ଲୋକଙ୍କ କେବଳ ତାଗିଦ ରହେ ସିନା କିନ୍ତୁ ମନ, ହୃଦୟକୁ ବୁଝି ପିଲାଙ୍କ ସହିତ ମେଳ ଖୁଆଇବା କମ ଲୋକଙ୍କ ଭାଗ୍ୟରେ ଥାଏ। ପିଲାଙ୍କ ମନ ଅତ୍ୟନ୍ତ ସମ୍ବେଦନଶୀଳ ଓ ସୃଜନଶୀଳ। ସେମାନଙ୍କ ମନକୁ ବୁଝିବା ମାନେ ତାଙ୍କ ଭବିଷ୍ୟତକୁ ଗଢ଼ିବା ସହିତ ସମାନ। ଏହାକୁ କିନ୍ତୁ ଅଧିକାଂଶ ସ୍ଥାନରେ ଅଣଦେଖା କରାଯାଇଥାଏ। ଯେଉଁ ଅଭିଭାବକ ପିଲାଙ୍କ କୌଣସି ପ୍ରକାର ଯତ୍ନ ଓ ଆବଶ୍ୟକତା ପ୍ରତି ଅବହେଳା କରି ନ ଥାନ୍ତି ସେହି ପିଲା ଦିନେ ପରିବାର କାହିଁକି ଦେଶ ଓ ସମାଜ ପାଇଁ ମେରୁଦଣ୍ଡ ହୋଇ ଠିଆ ହୁଅନ୍ତି। ପିଲାମାନେ ସ୍ନେହ, ସୁରକ୍ଷା ଓ ପ୍ରୋତ୍ସାହନ ଚାହାନ୍ତି। ବଡ଼ମାନଙ୍କର କଥା, ବ୍ୟବହାର ଓ ପରିବେଶ ପିଲାଙ୍କ ମନରେ ଗଭୀର ପ୍ରଭାବ ପକାଏ। ଏହାର ଅଭାବ ପିଲାଙ୍କଠାରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଯଦି ସେମାନେ ସବୁବେଳେ ଅବହେଳାର ଶିକାର ହୁଅନ୍ତି, ତେବେ ସେମାନଙ୍କ ଆତ୍ମବିଶ୍ୱାସ କମିଯାଏ। ଫଳରେ ସେମାନେ ଲକ୍ଷ୍ୟ ବିଚ୍ୟୁତ ହୋଇଯାନ୍ତି। ତେଣୁ ପିଲାଙ୍କ ମନ ସହିତ ଗୁରୁ ଓ ଅଭିଭାବକଙ୍କ ମନ ମଧ୍ୟ ନିର୍ମଳ ହେବା ଆବଶ୍ୟକ। ପିଲାଙ୍କ ସୃଜନାତ୍ମକ ଆଗ୍ରହ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରିବା ଉଚିତ। ପିଲାଙ୍କ ପ୍ରଶ୍ନର ଉତ୍ତର ଦେବା, ମତାମତ ଶୁଣିବା ଓ ସେମାନଙ୍କୁ ଖେଳିବାକୁ ସମୟ ଦେବା ଆବଶ୍ୟକ। ଏହାଦ୍ୱାରା ପିଲାଙ୍କ ସୃଜନଶୀଳତା ସହିତ ବୌଦ୍ଧିକ ଜ୍ଞାନର ପରିପ୍ରକାଶ ଘଟିଥାଏ। ପିଲାଙ୍କୁ ଭଲ ପରିବେଶ ଦେବା ଦରକାର। ସ୍ୱଚ୍ଛ ଓ ନିର୍ମଳ ପରିବେଶ ସେମାନଙ୍କୁ ସୁନ୍ଦର ମଣିଷ ଭାବେ ଗଢ଼ିତୋଳିବାରେ ସହାୟକ ହୋଇଥାଏ। ତେଣୁ ପିଲାଙ୍କ ମନ ସହିତ ଅଭିଭାବକଙ୍କ ଧ୍ୟାନ ଜୀବନ ଜିଇବାର ଏକ ବଡ଼ ଆକର୍ଷଣ ଭାବେ ଧରାଯିବ।

–ଡା. ରାଜାରାମ ଷଡ଼ଙ୍ଗୀ, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)



ବିଏସ୍ଇ ସେନ୍ସେକ୍ସ
୭୮,୪୯୩ (+୫୦୪.୮୬)



୧ ଡଲାର = ୯୨.୬୦ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୮୩.୮୫ ଡଲାର

# ଅନିଲ ଅଗ୍ରୱାଲଙ୍କ ବିରୋଧରେ ଏଫ୍ଆଇଆର୍‌କୁ ନବୀନ ଜିନ୍ଦଲଙ୍କ ନିନ୍ଦା



### ଛତିଶଗଡ଼ର ବଏଲର ବିସ୍ଫୋରଣ ମାମଲା

ଭୁବନେଶ୍ୱର,୧୮ା୪(ଅନୁରାଧା ମହାରଣା)

ଛତିଶଗଡ଼ର ସିଙ୍ଘିତାରାଇରେ ସମ୍ପ୍ରତି ଘଟିଥିବା ବଏଲର ବିସ୍ଫୋରଣ ଦୁର୍ଘଟଣାରେ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କୁ ବିରୋଧରେ ଏଫ୍ଆଇଆର୍‌କୁ ନିନ୍ଦା କରିଛନ୍ତି। ଏ ନେଇ ଜିନ୍ଦଲ କହିଛନ୍ତି, ଛତିଶଗଡ଼ର ଦୁଃଖଦ ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ୨୦ ପରିବାର ସବୁକିଛି ହରାଇଛନ୍ତି। ଉପଯୁକ୍ତ କ୍ଷତିପୂରଣ, ପରିବାର ପାଇଁ ଜୀବିକା ସହାୟତା ଏବଂ ଏକ ସମ୍ପୂର୍ଣ୍ଣ ତଦନ୍ତ ଆଲୋଚନା କରାଯାଇପାରିବ ନାହିଁ। ସେହି ସମୟରେ ତଥ୍ୟ ପ୍ରମାଣିତ ହେବା ପୂର୍ବର ଅଗ୍ରୱାଲଙ୍କ ନାମ ଏଫ୍ଆଇଆର୍‌ରେ ରଖିବା ନିଷ୍ପତ୍ତି ଉପରେ ସେ ପ୍ରଶ୍ନ ଉଠାଇଥିଲେ। ମାତ୍ର କୌଣସି ତଦନ୍ତ ପୂର୍ବରୁ ଅନିଲ ଅଗ୍ରୱାଲଙ୍କ ନାମ ଏଫ୍ଆଇଆର୍‌ରେ ରଖିବା ଗୁରୁତର ଚିନ୍ତା ସୃଷ୍ଟି କରୁଥିବା ସେ କହିଛନ୍ତି। ସେ କହିଛନ୍ତି, ସେହି ପ୍ଲାଣ୍ଟର କାର୍ଯ୍ୟରେ ତାଙ୍କର କୌଣସି ଭୂମିକା ନ ଥିଲା। ଯେତେବେଳେ ପିଏସ୍‌ୟୁ ପ୍ଲାଣ୍ଟ କିମ୍ବା ରେଳପଥରେ ଦୁର୍ଘଟଣା ଘଟେ, ଆମେ ଅଧ୍ୟକ୍ଷଙ୍କ ନାମ ନେଉ ନ ଥିବାବେଳେ ଘରୋଇ କ୍ଷେତ୍ରରେ ମଧ୍ୟ ସମାନ ନିୟମ ରହିବା ଦରକାର ବୋଲି ଜିନ୍ଦଲ କହିଛନ୍ତି। ଅନିଲ ଅଗ୍ରୱାଲଙ୍କ ବିରୋଧରେ ଦାଏର ହୋଇଥିବା ମାମଲା ଭିତ୍ତିହୀନ ବୋଲି ସେ କହିଛନ୍ତି।

# ଓଡ଼ିଶାରେ ୪ ପ୍ରମୁଖ ନୂତନ ଲାଇନ ପ୍ରକଳ୍ପ ତ୍ୱରାନ୍ୱିତ

ଭୁବନେଶ୍ୱର,୧୮ା୪(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ୪ଟି ପ୍ରମୁଖ ନୂତନ ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ମୋଟ ୬,୮୭୯ କୋଟିରୁ ଅଧିକ ଟଙ୍କାର ମିଳିତ ନିବେଶ ଏବଂ ୩୮୨ ରୁଟ୍ କିଲୋମିଟର ଲମ୍ବ ସହ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଂଯୋଗୀକରଣକୁ ଉନ୍ନତ କରିବା ଲକ୍ଷ୍ୟ ରଖିଛି। ପୂର୍ବତଟ ରେଳପଥ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏପ୍ରିଲ ୧୬ରେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣାପତ୍ର ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା, ସମୟସୀମା ମଧ୍ୟରେ ମଞ୍ଜୁରୀ ସୁନିଶ୍ଚିତ କରିବା ଏବଂ ମିଳିତ ତଦାରଖ ମାଧ୍ୟମରେ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ କରିବା ପାଇଁ ଏକ ସଂରଚିତ ସମନ୍ୱୟ ବ୍ୟବସ୍ଥା ପ୍ରଦାନ କରେ। ଏହି ରାଜିନାମା ପ୍ରକଳ୍ପ କାର୍ଯ୍ୟକାରିତାରେ ଅଧିକ ଗତି, ଉତ୍ତରଦାୟିତ୍ୱ ଏବଂ ସମନ୍ୱୟ ଆଣିବାରେ ସହାୟକ ହେଉଛି। ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରୀ, ଟେଣ୍ଡରିଂ ଏବଂ ନିର୍ମାଣ କାର୍ଯ୍ୟ ମିଶନ ମୋଡ୍‌ରେ ଅଗ୍ରଗତି କରୁଛି। 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ମାନ୍ୟତା ପ୍ରଦାନ ଏକ ପ୍ରମୁଖ କାର୍ଯ୍ୟକାରୀ ହୋଇଛି। ଜୟପୁର-ମାଲକାନଗିରି ନୂତନ ରେଳ ଲାଇନ ପ୍ରକଳ୍ପ (୧୨୬ କିଲୋମିଟର) ରେଳପଥ ଦ୍ୱାରା ୭୫% ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ୨୫% ପାଣ୍ଠି ସହ ୨,୩୪୩.୬୪ କୋଟି ଟଙ୍କାରେ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପଟି ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ମଞ୍ଜୁରୀ କ୍ଷେତ୍ରରେ ପ୍ରମୁଖ ସଫଳତା ହାସଲ କରିଛି। ୭୪୭.୯୧ କୋଟି ମୂଲ୍ୟର ଜୟପୁର-ନବରଙ୍ଗପୁର ନୂତନ ରେଳପଥ ପ୍ରକଳ୍ପ (୪୪.୧୪ କିଲୋମିଟର)ରେ ଓଡ଼ିଶା ସରକାର ଜମି ଖର୍ଚ୍ଚ ସହ ନିମାଣ ଖର୍ଚ୍ଚର ୫୦% ବହନ କରୁଥିବା ବେଳେ ଅବଶିଷ୍ଟ ୫୦% ଖର୍ଚ୍ଚ ରେଳବାଇ ପକ୍ଷରୁ ଯୋଗାଣ କରାଯାଉଛି। ୨,୩୪୩.୬୪ କୋଟି ଟଙ୍କା ମୂଲ୍ୟରେ ବରଗଡ଼-ନୂଆପଡ଼ା ନୂତନ ରେଳପଥ ପ୍ରକଳ୍ପ (୧୩୮.୩୨ କିଲୋମିଟର)ରେ ୭୫% ପାଣ୍ଠି ରେଳପଥ ଓ ୨୫% ଓଡ଼ିଶା ସରକାର ଯୋଗାଇଛନ୍ତି। ବରଗଡ଼ ଜିଲାରେ ଘରୋଇ ଜମି ଅଧିଗ୍ରହଣ ନିମନ୍ତେ ସମସ୍ତ ୭୯ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ଲାଗି ୨୦ଏ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦ଇ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି ଏବଂ ୬ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧,୧୬୫.୮୯ କୋଟି ଟଙ୍କାର ଅନୁମୋଦିତ ମୂଲ୍ୟ ଗୁଣପୁର-ଥେରୁବାଲି ନୂତନ ଲାଇନ ପ୍ରକଳ୍ପ (୭୩.୬୨ କିଲୋମିଟର)ରେ ଜମି ଅଧିଗ୍ରହଣ ଏବଂ ଟେଣ୍ଡର ପ୍ରକ୍ରିୟାରେ ଏକକାଳୀନ ପ୍ରଗତି ଦେଖାଯାଉଛି।

# ସଦିଚ୍ଛା ଥିଲେ ସଫଳତା ନିଶ୍ଚୟ ମିଳେ



ପ୍ରୀତି ପଲ୍ଲବୀ ପଟ୍ଟନାୟକ

**ଓସିରିସ୍ ଏଗ୍ରିଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଅଧୀନ 'ଓଡ଼ିଶା କଫି'ର ପ୍ରତିଷ୍ଠାତା ହେଉଛନ୍ତି ପ୍ରୀତି ପଲ୍ଲବୀ ପଟ୍ଟନାୟକ। କୋରାପୁଟ କଫିର ପ୍ରଚାରପ୍ରସାର କ୍ଷେତ୍ରରେ 'ଓଡ଼ିଶା କଫି'ର ଯଥେଷ୍ଟ ଅବଦାନ ରହିଥିବାବେଳେ ପ୍ରୀତି ପଲ୍ଲବୀ ସର୍ବଦା ଓଡ଼ିଶାର ଚାଷୀଙ୍କୁ ଗୁରୁତ୍ୱ ଦେଇଆସିଛନ୍ତି। ଏହି ଆଉଟଲେଟ୍ ମାଧ୍ୟମରେ ଓଡ଼ିଶାର ସଂସ୍କୃତିର ପ୍ରଚାରପ୍ରସାରକୁ ମଧ୍ୟ ପ୍ରାଧାନ୍ୟ ଦେଉଥିବା ପ୍ରୀତି ପଲ୍ଲବୀଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର-କୋରାପୁଟରେ ଚାଷ କରାଯାଉଥିବା 'ଆରାବିକା କଫି'ର ପ୍ରଚାର ପାଇଁ 'ଓଡ଼ିଶା କଫି' କିପରି ଅନୁପ୍ରାଣିତ ହେଲା?**

ଉ- ଓଡ଼ିଶା କଫି ଆମର ସାମାଜିକ ସଂଗଠନ କଳିଙ୍ଗ ଦେଶୀଏଗ୍ରୋ ଫାଉଣ୍ଡେଶନ (କେଡିଏଫ୍)ର ଏକ ସମ୍ପ୍ରସାରଣ। କୋରାପୁଟର କଫି ସହିତ କାମ କରୁଥିବା ସମୟରେ ଆମ ବନ୍ଧୁ ଓ ପରିବାର ଲୋକେ ଉତ୍ତମମାନର କଫି (ରୋଷ୍ଟେଡ୍ ବିନ୍ସ) ଖୋଜୁଥିଲେ। ପ୍ରଥମେ ଆମେ ସେମାନଙ୍କୁ ଛୋଟ ଛୋଟ ବ୍ୟାଚ୍ ଦେଉଥିଲୁ। ପରେ ଭୁବନେଶ୍ୱରରେ କଫି ପପ୍-ଅପ୍ ଆୟୋଜନ କରି ଲୋକଙ୍କୁ କୋରାପୁଟ କଫି ଚଖାଇଲୁ। କୋରାପୁଟର ଉଚ୍ଚ ମାନର କଫିକୁ ସତେଜ ଭାବେ ରୋଷ୍ଟ କରି ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଏକ ସ୍ୱତନ୍ତ୍ର ଗ୍ରାହକ ଗୋଷ୍ଠୀ ତିଆରି କରିବା ପାଇଁ 'ଓଡ଼ିଶା କଫି' ବ୍ରାଣ୍ଡର ଜନ୍ମ ହେଲା।

**ପ୍ର-କଳିଙ୍ଗ ଦେଶୀଏଗ୍ରୋ ଫାଉଣ୍ଡେଶନ (କେଡିଏଫ୍) କୃଷକଙ୍କୁ କିପରି ସହାୟତା ପ୍ରଦାନ କରୁଛି?**

ଉ-କେଡିଏଫ୍‌ମାଧ୍ୟମରେ ଆମେ କୋରାପୁଟର ଚାଷୀଙ୍କ ସହ ସିଧାସଳଖ କାମ କରୁ, ଯାହା ଫଳରେ ଚାଷଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ସବୁ ପ୍ରକ୍ରିୟା ଉପରେ ଆମର ନଜର ରହିଥାଏ। କେଡିଏଫ୍‌ର କଫି ପ୍ରକ୍ରିୟାକରଣ ୟୁନିଟ୍ ଚାଷଜମିରୁ ଚୂଡ଼ାନ୍ତ ଉତ୍ପାଦ ପର୍ଯ୍ୟନ୍ତ ଗୁଣବତ୍ତା ବଜାୟ ରଖିବାରେ ସାହାଯ୍ୟ କରେ। ମଧ୍ୟସ୍ଥମାନଙ୍କୁ ବାଦ୍ ଦେଇ ଆମେ ସିଧାସଳଖ ଚାଷୀଙ୍କଠାରୁ କଫି ସଂଗ୍ରହ କରୁ, ଯାହାଦ୍ୱାରା ସେମାନେ ବଜାର ଦରଠାରୁ ଅଧିକ ମୂଲ୍ୟ ପାଇପାରୁଛନ୍ତି। ଏହା ଚାଷୀଙ୍କ ସହ ଆମର ଏକ ଦୀର୍ଘକାଳୀନ ସମ୍ପର୍କ ସ୍ଥାପନ କରିବା ସହ କଫିର ମାନ ବୃଦ୍ଧି କରିବାରେ ସହାୟକ ହେଉଛି।

**ପ୍ର- ବର୍ତ୍ତମାନ ପର୍ଯ୍ୟନ୍ତ ଆପଣଙ୍କ ଯାତ୍ରା କିପରି ରହିଛି? କଫି କାଫେରେ କେଉଁ ନୂଆ ଜିନିଷ କରୁଛନ୍ତି?**

ଉ- ଆମର ଯାତ୍ରା ସ୍ୱାଭାବିକ ଏବଂ ପରିବର୍ତ୍ତନଶୀଳ ରହିଛି। ପ୍ରଥମେ ଆମେ କେବଳ ଅନ୍‌ଲାଇନ (ଡି୨ସି) ମାଧ୍ୟମରେ କଫି ବିକ୍ରି କରିବାକୁ ଚାହୁଁଥିଲୁ, କିନ୍ତୁ ଭୁବନେଶ୍ୱର ପଟିଆରେ ଏକ ସେଲୁନ ଭିତରେ କାଫେ ଖୋଲିବାର ସୁଯୋଗ ମିଳିଲା। ଏହା ଆମକୁ ସହରର କଫି ସଂସ୍କୃତିକୁ ଏକ ନୂଆ ରୂପ ଦେବା ପାଇଁ ସୁଯୋଗ ଦେଲା। ଆଜି 'ଓଡ଼ିଶା କଫି' କେବଳ ଏକ ଉତ୍ପାଦ ନୁହେଁ, ବରଂ ଏକ ସାଂସ୍କୃତିକ ଅନୁଭୂତି। ଆମେ 'ଲାଟେ ଆର୍ଟ' ୱାର୍କଶପ ଏବଂ 'କଫି ରେଭ୍ସ' ଭଳି କାର୍ଯ୍ୟକ୍ରମ କରୁଛୁ। ପାନୀୟ କ୍ଷେତ୍ରରେ ଆମେ କୋକୋନଟ କ୍ଲାଉଡ୍ କଫି ଏବଂ ପିସ୍ତା ଲାଟେ ଭଳି ଅନ୍ତର୍ଜାତୀୟ ଟ୍ରେଣ୍ଡ ସହିତ ମାଣ୍ଡିଆ କଫି, ଛତୁଆ କଫି ଏବଂ ମହୁଲ ଫୁଲ କୋଲ୍ଡ ବ୍ରୁ ଭଳି ସ୍ଥାନୀୟ ସ୍ୱାଦକୁ ମଧ୍ୟ ସାମିଲ କରିଛୁ।

**ପ୍ର- 'ଓଡ଼ିଶା ଅନ୍‌ସ୍କ୍ରିପ୍ଟେଡ୍' ଭଳି କାର୍ଯ୍ୟକ୍ରମ କଫି ଶିକ୍ଷା ଏବଂ ସାଂସ୍କୃତିକ କାହାଣୀ ପ୍ରଚାରରେ କିପରି ସାହାଯ୍ୟ କରୁଛି?**

ଉ- ଓଡ଼ିଶା ଅନ୍‌ସ୍କ୍ରିପ୍ଟେଡ୍ ହେଉଛି ଏକ ସାମାଜିକ ପ୍ଲାଟ୍‌ଫର୍ମ, ଯାହା 'ଓଡ଼ିଶା କଫି'କୁ କେବଳ ଏକ କାଫେ ମଧ୍ୟରେ ସୀମିତ ନ ରଖି ଆଳାପ ଏବଂ ସାଂସ୍କୃତିକ ଆଦାନପ୍ରଦାନର ଏକ କେନ୍ଦ୍ରରେ ପରିଣତ କରେ। ଏହା କେବଳ କଫିପ୍ରେମୀଙ୍କ ପାଇଁ ନୁହେଁ, ବରଂ ସମସ୍ତଙ୍କ ପାଇଁ ଏକ ମାଧ୍ୟମ। ଏଠାରେ କଫି ବିଷୟରେ ଶିକ୍ଷା ଦେବା ଅପେକ୍ଷା ଲୋକଙ୍କୁ କଫିର ଅନୁଭୂତି ଦେବା ଉପରେ ଗୁରୁତ୍ୱ ଦିଆଯାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଓଡ଼ିଆ ପରିଚୟ ଏବଂ ସଂସ୍କୃତିକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାକୁ ଚେଷ୍ଟା କରୁଛୁ।

**ପ୍ର- ଆପଣ କାହିଁକି ଏହି ବ୍ୟବସାୟକୁ ବାଛିଲେ? ନୂତନ ଉଦ୍ୟୋଗୀମାନଙ୍କୁ ଆପଣ କି ପରାମର୍ଶ ଦେବେ?**

ଉ-ସତ କହିବାକୁ ଗଲେ, 'ଓଡ଼ିଶା କଫି' କୌଣସି ଯୋଜନାବଦ୍ଧ ବ୍ୟବସାୟ ନ ଥିଲା। ଏହା ଆମର ସାମାଜିକ ଲକ୍ଷ୍ୟର ଏକ ଅଂଶ ଥିଲା। ଆମର ଉଦ୍ଦେଶ୍ୟ ଥିଲା ଭୁବନେଶ୍ୱରରେ ଏକ କଫି ପରିବେଶ ସୃଷ୍ଟି କରିବା ଏବଂ କୋରାପୁଟ କଫିକୁ ସ୍ୱତନ୍ତ୍ର ପରିଚୟ ଦେବା। କଫି ଚାଷୀଙ୍କୁ ବଜାର ସହ ଯୋଡ଼ିବା ଏବଂ ଏକ ସ୍ଥାୟୀ ଜୀବିକା ପ୍ରଦାନ କରିବାକୁ ଆମେ ଚାହୁଁଥିଲୁ। ନୂତନ ଉଦ୍ୟୋଗୀମାନଙ୍କ ପାଇଁ ମୋର ପରାମର୍ଶ ହେଉଛି, କଫି ବଜାର ସବୁବେଳେ ପରିବର୍ତ୍ତନଶୀଳ, ତେଣୁ ଶିଖିବାକୁ ଚେଷ୍ଟା କରନ୍ତୁ। ନିଜର ବ୍ରାଣ୍ଡକୁ ସ୍ୱତନ୍ତ୍ର କରନ୍ତୁ ଏବଂ ଧୈର୍ଯ୍ୟ ଧରନ୍ତୁ। ମନରେ ସଦିଚ୍ଛା ଥିଲେ ସଫଳତା ନିଶ୍ଚୟ ମିଳିବ।

# ଟିପିସିଓଡିଏଲ୍ ପକ୍ଷରୁ କଷ୍ଟମର ରିୱାର୍ଡ କାର୍ଯ୍ୟକ୍ରମ ଆରମ୍ଭ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର,୧୮ା୪(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ 'କଷ୍ଟମର ରିୱାର୍ଡ କାର୍ଯ୍ୟକ୍ରମ' ର ଶୁଭାରମ୍ଭ କରାଯାଇଛି। ଗ୍ରାହକଙ୍କ ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ନିଜର ସେବା ଯୋଗାଣ ଅଞ୍ଚଳରେ ଉପଭୋକ୍ତାମାନଙ୍କୁ ଭରସାଯୋଗ୍ୟ ସେବା ପ୍ରଦାନ କରିବ। ଏହି ସ୍ୱତନ୍ତ୍ର ପଦକ୍ଷେପ ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ବ୍ରାଣ୍ଡ ଉପରେ ସର୍ବାଧିକ ୩୦% ପର୍ଯ୍ୟନ୍ତ ରିହାତି ପାଇବାର ସୁଯୋଗ ପାଇବେ। ଏହାର ପ୍ରମୁଖ ସୁବିଧାଗୁଡ଼ିକ ମଧ୍ୟରେ ଆମୋଦ ପ୍ରମୋଦ ପାର୍କ ଟିକେଟ ଉପରେ ସ୍ୱତନ୍ତ୍ର ରିହାତି, ଗ୍ରୋସେରି କିଣାକିଣି ଉପରେ କ୍ୟାଶ୍‌ବ୍ୟାକ୍ ଏବଂ ଇଲେକ୍ଟ୍ରୋନିକ୍ ଉପକରଣ କିଣିବା ସମୟରେ ଅର୍ଥ ସଞ୍ଚୟ କରିବାର ସୁବିଧା ରହିଛି। ଏହା ବ୍ୟତୀତ ଗ୍ରାହକମାନେ ଫିଟ୍‌ନେସ୍ ସଦସ୍ୟତା ଏବଂ ବିଭିନ୍ନ ଆତିଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଆକର୍ଷଣୀୟ ଲାଭ ପାଇପାରିବେ। ୭ଟି ଅଂଶୀଦାର କମ୍ପାନୀ ଏବଂ ୨୦ରୁ ଅଧିକ ପ୍ରତିଷ୍ଠିତ ବ୍ରାଣ୍ଡର ସହଯୋଗରେ ବିକଶିତ ଏହି କାର୍ଯ୍ୟକ୍ରମ ଟିପିସିଓଡିଏଲ୍‌ର ୩୦ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କ ପାଇଁ ଏକ ବ୍ୟାପକ ପୁରସ୍କାର ବ୍ୟବସ୍ଥା ସୃଷ୍ଟି କରୁଛି। ଏହି କାର୍ଯ୍ୟକ୍ରମରେ ବିଗ୍ ବାସ୍କେଟ୍ ଏବଂ କ୍ରୋମା ଭଳି ପ୍ରମୁଖ ଟାଟା ବ୍ରାଣ୍ଡଗୁଡ଼ିକ ସାମିଲ ହୋଇଛନ୍ତି। ଆତିଥ୍ୟ ସେବା କ୍ଷେତ୍ରରେ ଆଇଟିସି ୱେଲ୍‌କମ୍ ହୋଟେଲ ଏବଂ ଲାଇଫ୍ ହୋଟେଲ ଭଳି ଅଂଶୀଦାରମାନେ ଗ୍ରାହକଙ୍କୁ ସେବା ଯୋଗାଇଦେବେ। ଏହା ବ୍ୟତୀତ ୱାଣ୍ଡରଲା ଆମ୍ୟୁଜମେଣ୍ଟ ପାର୍କ ଏବଂ ଗ୍ରାହକମାନେ ୟୁସିବି, ଫାର୍ଷ୍ଟକ୍ରାଏ, ଟମି ହିଲ୍‌ଫିଗର, ଯାତ୍ରା, ମେଡିବଡି, ନିମାନ୍ସ ଏବଂ ଅର୍ବାନ ଜଙ୍ଗଲ ପ୍ରଭୃତିରେ ମଧ୍ୟ ବିଭିନ୍ନ ଅଫରର ଲାଭ ଉଠାଇପାରିବେ। ଏହି କାର୍ଯ୍ୟକ୍ରମରେ ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ବିଜ୍‌ନେସ୍ ଗଜାନନ କାଲେ ଏବଂ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଟାଟା ଇଣ୍ଟ୍ରା ଇଭିର କୋଷ୍ଟ ଟୁ ହିଲ୍ ଡ୍ରାଇଭ ଚ୍ୟାଲେଞ୍ଜ



ଫୁଲନଖରା,୧୮ା୪(ସତ୍ୟରଞ୍ଜନ ଦାସ ମହାପାତ୍ର)

ଟାଟା ମୋଟର୍ସ ପକ୍ଷରୁ ଶନିବାର କଟକ ଫୁଲନଖରାସ୍ଥିତ ତୃପ୍ତି ଅଟୋମୋଟିଭସର ନୂତନ ଟାଟା ଇଣ୍ଟ୍ରା ଇଭି ସହ 'କୋଷ୍ଟ ଟୁ ହିଲ୍' ଡ୍ରାଇଭ୍ ଚ୍ୟାଲେଞ୍ଜର ଶୁଭାରମ୍ଭ କରିଛି। ରାସ୍ତା ଓ ପରିସ୍ଥିତିରେ ଗାଡିର ଅସଲ କାର୍ଯ୍ୟକ୍ଷମତାକୁ ଦେଖାଇବା, ଯାହା ସମୁଦ୍ରତଟରୁ ପାହାଡି ଅଞ୍ଚଳ ପର୍ଯ୍ୟନ୍ତ ଯାତ୍ରା କରିବ। ଏହି ଯାତ୍ରାଟି ବାଲେଶ୍ୱରରୁ ଆରମ୍ଭହୋଇ ମାଲକାନଗିରି ପର୍ଯ୍ୟନ୍ତ ଯିବାର ଯୋଜନା ଅଛି। ଏହି ରୁଟ୍‌ରେ ୧୫ଟି ଚାର୍ଜ ଷ୍ଟେଶନ୍ ଅଛି, ଯାହା ଏହି ଯାତ୍ରା ଜରିଆରେ ସାଧାରଣ ଜନତାଙ୍କ ମନରେ ଚାର୍ଜ ସୁବିଧାକୁ ନେଇଥିବା ଭୟକୁ ଦୂର କରିବ। ଏହି ଅବସରରେ ତୃପ୍ତି ଅଟୋମୋଟିଭ୍ସର ଏମଡି ବିମଳେନ୍ଦୁ ମହାନ୍ତି କହିଥିଲେ, ଟାଟା ଇଣ୍ଟ୍ରା ଏହାର ନିର୍ଭରଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତା ପାଇଁ ବିଭିନ୍ନ ସେଗମେଣ୍ଟରେ ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିସାରିଛି। ଏହା ସହ ଅଙ୍କିତ୍ ମହାନ୍ତି କହିଥିଲେ, କ୍ଷମତାସମ୍ପନ୍ନ, ସ୍ୱଳ୍ପ ଖର୍ଚ୍ଚ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଇଣ୍ଟ୍ରା ଇଭି ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବଜାରରେ ବିକଶିତ ବ୍ୟବସାୟିକ ଆବଶ୍ୟକତା ପୂରଣ କରିବା ସହିତ ଏକ ସ୍ଥାୟୀ ଭବିଷ୍ୟତକୁ ଉତ୍ସାହିତ କରେ।

# ସ୍ମାଇଲ୍ ଗୋଲ୍ଡର ଅକ୍ଷୟ ତୃତୀୟା ଅଫର ଘୋଷଣା

ଭୁବନେଶ୍ୱର,୧୮ା୪(ଅନୁରାଧା ମହାରଣା)

SMILE GOLD JEWELLERS

ଭୁବନେଶ୍ୱର ଶହୀଦନଗରସ୍ଥିତ ସ୍ମାଇଲ୍ ଗୋଲ୍ଡ ପକ୍ଷରୁ ଅକ୍ଷୟ ତୃତୀୟା ଅଫର ଘୋଷଣା କରାଯାଇଛି। ଏଥିରେ ସୁନାଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫% ରିହାତି ପ୍ରଦାନ କରାଯାଉଥିବାବେଳେ ବିପିଏଲ୍ କାର୍ଡଧାରୀଙ୍କୁ ଫ୍ଲାଟ୍ ୪.୫% ରିହାତି ଦିଆଯାଉଛି। ପ୍ରତିଷ୍ଠାନ ପକ୍ଷରୁ 'ୱାର୍ଡ୍ରୋବ ବମ୍ପର ଲକିଡ୍ର' ମଧ୍ୟ ଘୋଷଣା କରାଯାଇଛି। ଏଥିରେ ଭାଗନେଇ ଗ୍ରାହକମାନେ ପୁରସ୍କାରରେ ଟିଭିଏସ୍ ଜୁପିଟର(ଆର୍‌ଟି ଓ ବୀମା ବିଜେତାଙ୍କ ଦ୍ୱାରା ଦେୟ), ଏଲ୍‌ଇଡି ଟିଭି ଓ ଫ୍ରିଜ୍ ଜିତିପାରିବେ। ଏହାସହ ଗ୍ରାହକମାନେ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୧୦ଟା ମିକ୍ସର ଗ୍ରାଇଣ୍ଡର ଏବଂ ହାତଘଣ୍ଟା ଜିତିପାରିବେ। ରାମନବମୀଠାରୁ ଆରମ୍ଭ ହୋଇଥିବା ଏହି ଅଫର ଅକ୍ଷୟ ତୃତୀୟାରେ ଶେଷ ହେଉଥିବା ଜୁଏଲର୍ସର ସ୍ୱତ୍ୱାଧିକାରୀ ବାବୁରାମ ସ୍ୱାଇଁ କହିଛନ୍ତି।

# ପୂର୍ବଘାଟ ପର୍ବତମାଳାରେ ରେକର୍ଡ ସଂଖ୍ୟକ ଟନେଲ୍ ନିର୍ମାଣ

ଭୁବନେଶ୍ୱର,୧୮ା୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଦ୍ୱାରା ପୂର୍ବଘାଟ ପର୍ବତମାଳାର ଜଟିଳ ଭୌଗୋଳିକ ପରିସ୍ଥିତି ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ଟି ଟନେଲର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି । ଏପ୍ରିଲ ୧୪ରେ କୋରାପୁଟ-ସିଙ୍ଗାପୁର ରୋଡ ଦୋହରୀକରଣ ପ୍ରକଳ୍ପର ସିକରପାଇ-କେଉଟଗୁଡ଼ା ସେକ୍ସନରେ ଥିବା ୧,୦୪୩ ମିଟର ଦୈର୍ଘ୍ୟ ବିଶିଷ୍ଟ ଟନେଲ୍ ନମ୍ବର-୩୦ର ବ୍ରେକ୍‌ଥ୍ରୁ ହୋଇଛି। ୫ ଡିଗ୍ରୀ ବକ୍ରପଥ ଉପରେ ଏହି ଟନେଲ୍ ନିର୍ମାଣ କରାଯାଇଛି। ଏଥିସହିତ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂଆ ରେଳ ଲାଇନ୍ ପ୍ରକଳ୍ପରେ ସବୁଠାରୁ ଲମ୍ବା ଟନେଲ୍ ଟି-୪ ଏବଂ ଟନେଲ୍ ଟି-୨ର ଖନନ ହୋଇଛି। ଜୁଲାଇ ୨୦୨୫ରେ ଟି-୫ ଓ ଟି-୬ ଏବଂ ନଭେମ୍ବର ୨୦୨୫ରେ ଟି-୭ ଟନେଲର ଖନନ କାର୍ଯ୍ୟ ହୋଇଛି।

# ଏସ୍‌ବିଆଇ ୟୋନୋ ଏଭିଏଶନ କପ୍: ସିଆଇଏସ୍‌ଏଫ୍ ଚାମ୍ପିୟନ



ଭୁବନେଶ୍ୱର,୧୮ା୪(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ( ଏସ୍‌ବିଆଇ) ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏସ୍‌ବିଆଇ ୟୋନୋ ଏଭିଏଶନ କପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୦ ତାରିଖରୁ ଭୁବନେଶ୍ୱର ବିମାନବନ୍ଦର ଗ୍ରାଉଣ୍ଡରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗନେଇଥିଲେ। ଶନିବାର ଫାଇନାଲରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ଏବଂ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍) ପରସ୍ପରକୁ ଭେଟିଥିଲେ। ପ୍ରଥମେ ବ୍ୟାଟିଂକରି ଏଏଆଇ ୧୧.୫ ଓଭରରେ ୧୦୧ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଜବାବରେ ସିଆଇଏସ୍‌ଏଫ୍ ୭.୩ ଓଭରରେ ୩ ଉଇକେଟରେ ୧୦୩ ରନ କରି ମ୍ୟାଚ୍ ଜିତିନେଇଥିଲା। ସିଆଇଏସ୍‌ଏଫ୍ ନବୀନ ରାୱତ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ପ୍ଲେୟର ଅଫ୍ ଦି ସିରିଜ୍ ମନୋନୀତ ହୋଇଛନ୍ତି। ଏଏଆଇର ରୋଶନ ଶ୍ରେଷ୍ଠ ବୋଲର ହୋଇଛନ୍ତି। ଚାମ୍ପିୟନ ସିଆଇଏସ୍‌ଏଫ୍‌କୁ ଏସ୍‌ବିଆଇ ଭୁବନେଶ୍ୱର ଡେପୁଟି ଜେନେରାଲ ମ୍ୟାନେଜର୍ ପ୍ରଶାନ୍ତ କୁମାର ବିଜୟ ଟ୍ରଫି ପ୍ରଦାନ କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସିଏସ୍‌ଓ ରାକେଶ ଚୌଧୁରୀ, ଏଜିଏମ୍ କୋଲା ବାଲାଜୀ, ସିଏମ୍ ଉମାକାନ୍ତ ଦୀକ୍ଷିତ, ସିଏମ୍ ଯାଜ୍ଞସେନୀ ବରାଳ, ଡେପୁଟି ମ୍ୟାନେଜର ସନ୍ତୋଷ କୁମାର ପୃଷ୍ଟି, ଇନ୍ସପେକ୍ଟର୍ ପ୍ରମୋଦ କୁମାର ସାହୁ ଏବଂ ସବ୍ ଇନ୍ସପେକ୍ଟର ପାର୍ଥ ପାଲ୍ ପ୍ରମୁଖ ଥିଲେ।

# ବିଏସ୍‌ବି ବୋର୍ଡ ପରୀକ୍ଷାଫଳ ପ୍ରକାଶ

ହରିଦ୍ୱାର୧୮ା୪

ଭାରତୀୟ ଶିକ୍ଷା ବୋର୍ଡ୍ (ବିଏସ୍‌ବି) ୨୦୨୫-୨୬ ଶିକ୍ଷାବର୍ଷର ଜାତୀୟ ସ୍ତରରେ ଆୟୋଜିତ ୧୦ମ ଓ ୧୨ଶ ବୋର୍ଡ ପରୀକ୍ଷାଫଳ ଘୋଷଣା କରିଛି। ଏହି ବର୍ଷ ଦେଶବ୍ୟାପୀ ବିଏସ୍‌ବି ସହ ସଂଯୁକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉତ୍କୃଷ୍ଟ ପ୍ରଦର୍ଶନକରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପରିଣାମରେ ଛାତ୍ରୀଛାତ୍ରଙ୍କ ପରିଶ୍ରମ, ଅନୁଶାସନ ଓ ଶିକ୍ଷକଙ୍କ ମାର୍ଗଦର୍ଶନର ପ୍ରଭାବ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି। ବୋର୍ଡ ପକ୍ଷରୁ ଜଣାଇଛନ୍ତି ଯେ ଛାତ୍ରୀଛାତ୍ରମାନେ ଡିଜିଲକର ମାଧ୍ୟମରେ କିଛି ଆବଶ୍ୟକ ତଥ୍ୟ ଦେଇ ନିଜର ପରିଣାମ ଜାଣିପାରିବେ। ପତଞ୍ଜଳି ଗୁରୁକୁଳମର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାବେଳେ ଭାରତୀୟ ଶିକ୍ଷା ବୋର୍ଡ ସମସ୍ତ ସଫଳ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛି। ସୂଚନା ଥାଉକି, ବିଏସ୍‌ବି ପକ୍ଷରୁ ୫ ମାର୍ଚ୍ଚରୁ ୨୯ ପର୍ଯ୍ୟନ୍ତ ଦେଶବ୍ୟାପୀ ପରୀକ୍ଷା ହୋଇଥିଲା।

# କଟକରେ କିସ୍‌ନାର ଏକ୍ସକ୍ଲୁସିଭ୍ ଶୋ'ରୁମ୍

ଭୁବନେଶ୍ୱର,୧୮ା୪(ଅନୁରାଧା ମହାରଣା)



କିସ୍‌ନା ଡାଏମଣ୍ଡ ଓ ଗୋଲ୍ଡ ଜୁଏଲେରି ଓଡ଼ିଶାରେ ତା'ର ପଞ୍ଚମ ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଉଦ୍‌ଘାଟନ କରିଛି। କଟକ ସିଡିଏ ସେକ୍ଟର-୬ରେ ଅବସ୍ଥିତ ଏହି ଶୋ'ରୁମ୍‌କୁ ଶନିବାର ହରି କୃଷ୍ଣ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଡାଇରେକ୍ଟର ଘନଶ୍ୟାମ ଢୋଲକିଆ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଡାଏମଣ୍ଡ ଜୁଏଲେରି ଉପରେ ଅତିରିକ୍ତ ୫% ରିହାତି ମିଳିବ। ଏହା ସହ ଚଳିତ ପର୍ବ ଋତୁକୁ ଆହୁରି ଉତ୍ସବମୟ କରିବା ପାଇଁ 'ଅକ୍ଷୟ ହ୍ୟାପିନେସ୍ କ୍ୟାମ୍ପେନ୍' ଅଧୀନରେ 'ସବୁଠାରୁ ବଡ଼ ପର୍ବ ଅଫର' ଘୋଷଣା କରାଯାଇଛି। ଏଥିରେ ଡାଏମଣ୍ଡ ଜୁଏଲେରିର ଗଢ଼ା ମଜୁରିରେ ଫ୍ଲାଟ୍ ୪୦% ଓ ସୁନାଗହଣା ଗଢ଼ା ମଜୁରି ଉପରେ ୩୦% ରିହାତି ରହିଛି। ନିର୍ଦ୍ଦିଷ୍ଟ କ୍ରୟ ଉପରେ ୧୦ଗ୍ରାମ୍ ଓ ୨୦ଗ୍ରାମ୍ ରୁପା ମୁଦ୍ରା ମାଗଣାରେ ମିଳିବ। ପୁରୁଣା ସୁନା ଉପରେ ମଧ୍ୟ ୧୦୦% ଏକ୍ସଚେଞ୍ଜ ମୂଲ୍ୟ ପ୍ରଦାନ କରାଯିବ। ଗ୍ରାହକଙ୍କ ଶପିଙ୍ଗ୍ ଅନୁଭୂତିକୁ ଆହୁରି ସୁବିଧାଜନକ କରିବା ପାଇଁ ଆଇସିଆଇସିଆଇ କ୍ରେଡିଟ୍ ଓ ଡେବିଟ୍ କାର୍ଡ ଉପରେ ୫% ତ୍ୱରିତ ରିହାତି ମିଳିବ। ଡବଲ ରେଟ୍ ପ୍ରୋଟେକ୍ସନ୍ ଲାଭ ସହ ମାତ୍ର ୨୫% ଡାଉନ୍ ପେମେଣ୍ଟରେ ଗ୍ରାହକମାନେ ସୁନାର ରେଟ୍ ଲକ୍ କରିପାରିବେ । ପ୍ରତିଷ୍ଠାନର ସିଇଓ ପରାଗ ଶାହ୍ କହିଛନ୍ତି, କଟକରେ ନୂତନ ଶୋ'ରୁମ୍ ସହ ଆମେ ଗ୍ରାହକଙ୍କୁ ଷ୍ଟାଇଲ, ଆରାମ ଓ ବିବିଧତାପୂର୍ଣ୍ଣ ଜୁଏଲେରି ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। କିସ୍‌ନାର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ ପାର୍ଟନର ସତ୍ୟସ୍ୱରୂପ ବେହେରା କହିଛନ୍ତି, କଟକରେ ତାହାର ଐତିହ୍ୟ ପହଞ୍ଚାଇବା ଆମର ଲକ୍ଷ୍ୟ। ଅକ୍ଷୟ ତୃତୀୟା ଦିନ ଏହି ଲଞ୍ଚ୍ ହେବା ଅବସରକୁ ଆହୁରି ବିଶେଷ କରିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୌନକ ଆର୍ ପାରିଖ୍, ସୁଦୀପ୍ତା ପାରିଖ, ରାଜ ପାରିଖ ଓ ସ୍ମିତା ପାରିଖ ପ୍ରମୁଖ ଉପସ୍ଥିତ ଥିଲେ।




# ଦିଲ୍ଲୀର ରୋମାଞ୍ଚକ ବିଜୟ

ବେଙ୍ଗାଲୁରୁ,୧୮।୪

ଡେଭିଡ୍ ମିଲରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଶନିବାର ଅପରାହ୍ନରେ ଖେଳାଯାଇଥିବା ଏକ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌ରେ ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। ଏହା ଦିଲ୍ଲୀର ୫ ମ୍ୟାଚ୍‌ରେ ତୃତୀୟ ବିଜୟ ହୋଇଥିବା ବେଳେ ଆର୍‌ସିବି ଲାଗି ୬ ମ୍ୟାଚ୍‌ରେ ଏହା ଦ୍ୱିତୀୟ ପରାଜୟ। ଲୋକେଶ ରାହୁଲ ଶନିବାର ଅର୍ଦ୍ଧଶତକୀୟ ପାଳି ଖେଳି ତାଙ୍କର ୩୪ତମ ଜନ୍ମଦିନ ଓ ୧୫୦ତମ ଆଇପିଏଲ୍ ମ୍ୟାଚ୍‌କୁ ସ୍ମରଣୀୟ କରାଇଛନ୍ତି। ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଟ୍ରିଷ୍ଟାନ ଷ୍ଟବ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ବ୍ୟାଟିଂ ଲାଗି କଷ୍ଟକର ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୫ ରନ କରିଥିଲା। ଫିଲିପ୍ ସଲ୍ଟଙ୍କର ୩୮ ବଲରେ ୬୩ (୪ ଚୌକା ଓ ୩ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ଆର୍‌ସିବି ଏକଦା ୧୨.୩ ଓଭରରେ ୧୩୧/୩ ସ୍କୋର କରିଥିଲା। ହେଲେ ଶେଷ ଆଡ଼କୁ ଟିମ୍ ଡେଭିଡ୍ (୧୭ ବଲ, ୨୬ ରନ, ୩ ଚୌକା ଓ ୧ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ବ୍ୟାଟର ସଂଘର୍ଷ କରିଥିଲେ। ଦିଲ୍ଲୀ ପାଇଁ ଅଧିନାୟକ ଅକ୍ଷର ପଟେଲ, ଲୁଙ୍ଗି ଏନ୍‌ଗିଡି ଓ କୁଲଦୀପ ଯାଦବ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର କୁମାରଙ୍କ ଘାତକ ବୋଲିଂ ଯୋଗୁ ଦିଲ୍ଲୀ ଆରମ୍ଭରୁ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଦଳ ୧୮ ରନ ମଧ୍ୟରେ ୩ ଉଇକେଟ ହରାଇ ସଙ୍କଟରେ ଥିବା ବେଳେ ରାହୁଲ ତାଙ୍କର ୩୪ତମ ଜନ୍ମଦିନରେ ନିଜ ଘରୋଇ ଗ୍ରାଉଣ୍ଡରେ ୩୪ ବଲରେ ୫୭ (୬ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏଥିସହିତ ସେ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ମିଶି ଚତୁର୍ଥ ଉଇକେଟରେ ୬୯ ରନ ଯୋଡ଼ିଥିଲେ। ଏହାପରେ ଷ୍ଟବ୍ସ ଓ ଅଧିନାୟକ ଅକ୍ଷରଙ୍କ ପଞ୍ଚମ ଉଇକେଟରେ ୩୪ ବଲରେ ୪୭ ରନ ଯୋଡ଼ିଥିଲେ। ହେଲେ ଅତ୍ୟଧିକ ଗରମ ପରିବେଶ କାରଣରୁ ଅକ୍ଷର (୧୯ ବଲ, ୨୬ ରନ, ୩ ଚୌକା) ବାରମ୍ବାର କ୍ରାମ୍ପର ସମ୍ମୁଖୀନ ହୋଇ ରିଟାୟର୍ଡ ହର୍ଟ ହୋଇ ପାଭିଲିଅନ ଫେରିଯାଇଥିଲେ। ତାଙ୍କ ସ୍ଥାନରେ ଆସିଥିବା ଡେଭିଡ୍ ମିଲର ଓ ଷ୍ଟବ୍ସ ଦଳକୁ ଜିତାଇଥିଲେ। ଦିଲ୍ଲୀକୁ ଜିତିବା ପାଇଁ ଅନ୍ତିମ ଓଭରରେ ୧୫ ରନ ଆବଶ୍ୟକ ଥିଲା ବେଳେ ରୋମାରିଓ ଶେଫର୍ଡଙ୍କ ଓଭରର ପ୍ରଥମ ଦୁଇ ବଲରେ ମିଲର ଓ ଟ୍ରିଷ୍ଟାନ ଷ୍ଟବ୍ସ ଗୋଟିଏ ଲେଖାଏ ସିଙ୍ଗଲ ନେଇଥିଲେ। ଏହାପରେ ମିଲର ଲଗାତର ଦୁଇଟି ଛକା ଓ ଚୌକା ମାରି ମ୍ୟାଚ୍ ଫିନିଶ୍ କରିଥିଲେ। ଫଳରେ ଦିଲ୍ଲୀ ୧୯.୫ ଓଭରରେ ୪ ଉଇକେଟ ହରାଇ ୧୭୯ ରନ କରିଥିଲା। ଷ୍ଟବ୍ସ ୪୭ ବଲରେ ୬୦ (୪ ଚୌକା ଓ ୧ ଛକା) ଓ ମିଲର ୧୦ ବଲରେ ୨୨ (୧ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ।


ମ୍ୟାଚ୍ ଫିନିଶ୍ କରିବା ପରେ ଡେଭିଡ୍ ମିଲର।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୧୭୫/୮ (ଫିଲିପ ସଲ୍ଟ-୬୩, ଅକ୍ଷର ପଟେଲ-୧/୧୮, କୁଲଦୀପ ଯାଦବ-୨/୩୨, ଲୁଙ୍ଗି ଏନ୍‌ଗିଡି-୨/୩୯)। ଦିଲ୍ଲୀ କ୍ୟାପିଟାଲ୍ସ: ୧୯.୫ ଓଭରରେ ୧୭୯/୪ (ଟ୍ରିଷ୍ଟାନ ଷ୍ଟବ୍ସ-୬୦*, ଲୋକେଶ ରାହୁଲ-୫୭, ଅକ୍ଷର ପଟେଲ-୨୬, ଭୁବନେଶ୍ୱର କୁମାର-୩/୨୬, କୃନାଲ ପାଣ୍ଡ୍ୟା-୧/୨୪)।

# ହାଇଦ୍ରାବାଦର ତୃତୀୟ ବିଜୟ


ଉଇକେଟ ନେବା ପରେ ଉଲ୍ଲସିତ ଇଶାନ ମାଲିଙ୍ଗା।

ହାଇଦ୍ରାବାଦ,୧୮।୪

ଅଭିଷେକ ଶର୍ମା ଓ ହେନରିଚ୍ କ୍ଲାସେନଙ୍କ ଅର୍ଦ୍ଧଶତକ ଏବଂ ଇଶାନ ମାଲିଙ୍ଗାଙ୍କ ଘାତକ ବୋଲିଂ ବଳରେ ଶନିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍) ୧୦ ରନରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଏହା ସିଏସ୍‌କେର ତୃତୀୟ ପରାଜୟ ହୋଇଥିବା ବେଳେ ହାଇଦ୍ରାବାଦ୍ ଲାଗି ଏହା ତୃତୀୟ ବିଜୟ।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୪ ରନ କରିଥିଲା। ଦଳ ପାଇଁ ଅଭିଷେକ ୨୨ ବଲରେ ବିସ୍ଫୋରକ ୫୯ (୬ ଚୌକା ଓ ୪ ଛକା) ଓ ହେନରିଚ୍ କ୍ଲାସେନ ୩୯ ବଲରେ ୫୯ (୬ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସିଏସ୍‌କେ ପକ୍ଷରୁ ଜେମି ଓଭରଟନ ଓ ଅଂଶୁଲ କାମ୍ବୋଜ ୩ ଲେଖାଏ ଉଇକେଟ ନେଇଥିବା ବେଳେ ମୁକେଶ ଚୌଧାରୀ ୨ ଉଇକେଟ ହାତେଇଥିଲେ। ଜବାବରେ ଚେନ୍ନାଇ ଆରମ୍ଭରୁ ସଞ୍ଜୁ ସାମସନ (୭)ଙ୍କ ଉଇକେଟ ହରାଇଥିଲେ। ଅଧିନାୟକ ଋତୁରାଜ ଗାଏକ୍‌ୱାଡ (୧୯ ରନ, ୩ ଚୌକା) ଓ ଆୟୁଷ ମାହାତ୍ରେ (୧୩ ବଲ, ୩୦ ରନ, ୫ ଚୌକା ଓ ୧ ଛକା) ଦ୍ୱିତୀୟ ଉଇକେଟରେ ୩.୩ ଓଭରରେ ଦ୍ରୁତ ୫୧ ରନ ଯୋଡ଼ିଥିଲେ। ଦୁଇ ବ୍ୟାଟର ସେଟ୍ ହେବା ପରେ କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଏହାପରେ ମାଥ୍ୟୁ ଶର୍ଟ ଓ ସର୍ଫରାଜ ଖାନ (୧୯ ବଲ, ୨୫ ରନ, ୩ ଚୌକା) ଚତୁର୍ଥ ଉଇକେଟରେ ୪୮ ରନ ଯୋଡ଼ି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ହେଲେ ଠିକଣା ସମୟରେ ଶର୍ଟ (୩୦ ରନ, ୩ ଚୌକା) ଓ ଦୁବେ (୨୧ ରନ, ୧ ଲେଖାଏ ଚୌକା ଓ ଛକା) ଆଉଟ୍ ହେବାରୁ ହାଇଦ୍ରାବାଦ୍ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଶେଷ ଆଡ଼କୁ ଜେମି ଓଭରଟନ (୧୬) ଓ କାମ୍ବୋଜ (୧୩) ଚେଷ୍ଟା କରିଥିଲେ। ହେଲେ ତାହା ଦଳର ବିଜୟ ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇ ନ ଥିଲା। ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୮୪ ରନ କରିଥିଲା। ହାଇଦ୍ରାବାଦ ପାଇଁ ମାଲିଙ୍ଗା ୩ ଓ ନୀତୀଶ କୁମାର ରେଡ୍ଡୀ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୯୪/୯ (ଅଭିଷେକ ଶର୍ମା-୫୯, ହେନରିଚ୍ କ୍ଲାସେନ-୫୯, ଅଂଶୁଲ କାମ୍ବୋଜ-୩/୨୨, ଜେମି ଓଭରଟନ-୩/୩୭, ମୁକେଶ ଚୌଧାରୀ-୨/୨୧)। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୮୪/୮ (ଆୟୁଷ ମାହାତ୍ରେ-୩୦, ମାଥ୍ୟୁ ଶର୍ଟ-୩୪, ନୀତୀଶ କୁମାର ରେଡ୍ଡୀ-୨/୩୧, ଇଶାନ ମାଲିଙ୍ଗା-୩/୨୯)।

## ଭାରତରେ ୯୦% ସିନ୍ଥେଟିକ୍ ଟ୍ରାକ୍ ନିମ୍ନମାନର

ନୂଆଦିଲ୍ଲୀ, ୧୮।୪ (ପି.ଟି.)

ଭାରତର ୯୦ ପ୍ରତିଶତ ସିନ୍ଥେଟିକ୍ ଟ୍ରାକ ହେଉଛି ନିମ୍ନ ମାନର। ସମସ୍ତଙ୍କୁ ଚମକାଇ ଦେବା ଭଳି ଏକଥା ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ମୁଖପାତ୍ର ଆଦିଲ ସୁମାରିୱାଲା ପ୍ରକାଶ କରିଛନ୍ତି। ଏଏଫ୍‌ଆଇ ତରଫରୁ ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ଏ ବିଷୟରେ ଅବଗତ କରାଯିବା ସହ ତୁରନ୍ତ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଛି। ନିମ୍ନମାନର ସିନ୍ଥେଟିକ୍ ଟ୍ରାକ୍ ଆଥଲେଟ୍‌ମାନଙ୍କ ଫଳାଫଳ କିମ୍ବା ପ୍ରଦର୍ଶନକୁ ରଦ୍ଦ କରାଯାଇ ନାହିଁ। ଭାରତରେ ବିଛା ଯାଉଥିବା ସିନ୍ଥେଟିକ୍ ଟ୍ରାକ୍‌ରେ ବ୍ୟବହାର କରାଯାଉଥିବା ସରଞ୍ଜାମ ଏବଂ ଏହାକୁ ବିଛାଇବାର ତରିକା ହେଉଛି ଅତ୍ୟନ୍ତ ନିମ୍ନମାନର। ଏହାର ମୋଟେଇ ନିମ୍ନମାନର। କେତେକ ସ୍ଥାନରେ ପଲିଉରେଥେନ୍ ବଦଳରେ କେବଳ ରବର କିମ୍ବା ଟାୟାର ରବର ବ୍ୟବହାର କରାଯାଉଛି।

## ଭାରତୀୟ ଆଥ୍‌ଲେଟ୍‌ଙ୍କ ଏସ୍‌ଆର୍‌ୱାଇ, ଡିଏନ୍‌ଏ ଟେଷ୍ଟ ହେବ

ନୂଆଦିଲ୍ଲୀ,୧୮।୪

ଆସନ୍ତା ମାସରେ ରାଞ୍ଚିଠାରେ ହେବାକୁ ଥିବା ଫେଡେରେଶନ କପ୍‌ରେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ଆଥ୍‌ଲେଟ୍‌ଙ୍କର ଏସ୍‌ଆର୍‌ୱାଇ ଜେନ ଟେଷ୍ଟ କରାଯିବ। ମହିଳା ବିଭାଗରେ କେବଳ ଜନ୍ମରୁ ମହିଳା ଥିବା ଆଥ୍‌ଲେଟ୍‌ଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ଏଥିସହିତ ଏଏଫ୍‌ଆଇ ପକ୍ଷରୁ ଭାରତୀୟ ଆଥ୍‌ଲେଟ୍‌ଙ୍କର ଡିଏନ୍‌ଏ ଟେଷ୍ଟିଂ କରାଯିବ। ଏହି ତଥ୍ୟକୁ ସଂଗ୍ରହ କରି ରଖାଯିବ, ଯାହାକି ରିସର୍ଚ୍ଚରେ ସାହାଯ୍ୟ କରିବ ଏବଂ ଖେଳାଳିଙ୍କୁ ଆହତ ସମସ୍ୟାରୁ ଦୂରେଇ ରଖିବା ସହ ନିର୍ଦ୍ଦିଷ୍ଟ ଆଥ୍‌ଲେଟ୍‌ଙ୍କ ଲାଗି ଟ୍ରେନିଂ ମେଥଡ୍ ନିର୍ଦ୍ଧାରିତ କରାଯାଇପାରିବ। ଉଭୟ ଏସ୍‌ଆର୍‌ୱାଇ ଓ ଡିଏନ୍‌ଏ ଟେଷ୍ଟର ଫଳାଫଳ ଓ ରେକର୍ଡ୍ସକୁ ଗୋପନୀୟ ରଖାଯିବ।

ଏସ୍‌ଆର୍‌ୱାଇ ଟେଷ୍ଟ ଏକ ଜାରି ରହିଥିବା ପ୍ରକ୍ରିୟା। ଆମ ହିସାବରେ ଇଣ୍ଟରନ୍ୟାଶନାଲ ସ୍ତରରେ ଖେଳିବାକୁ ଥିବା ଆଥ୍‌ଲେଟ୍‌ଙ୍କ ପାଇଁ ଗତବର୍ଷ ଏହା ଆରମ୍ଭ କରାଯାଇଥିଲା। ଆଥ୍‌ଲେଟ୍‌ଙ୍କୁ ଜୀବନରେ ଥରେ ଏହି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ଫଳାଫଳ ଓ ରେକର୍ଡ ଥରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ୱେବ୍‌ସାଇଟରେ ଅପଲୋଡ୍ ହେବା ପରେ ଏହାକୁ ନଷ୍ଟ କରାଯିବ। ଏଣୁ ଏହା ସମ୍ପୂର୍ଣ୍ଣ ଗୋପନୀୟ ରହିବ। ରାଞ୍ଚିରେ ହେବାକୁ ଥିବା ପ୍ରତିଯୋଗିତାରେ ସମସ୍ତ ଆଥ୍‌ଲେଟ୍ ଏକତ୍ରିତ ଥିବେ, ସେମାନଙ୍କ ମଧ୍ୟରୁ ଅନେକଙ୍କ ଏସ୍‌ଆର୍‌ୱାଇ ଟେଷ୍ଟ କରାଯିବ। କାରଣ ସମସ୍ତେ ଏକା ସମୟରେ ଗୋଟିଏ ସ୍ଥାନରେ ରହିବେ। ଏଣୁ ପରୀକ୍ଷା କରିବାରେ ସହଜ ହେବ ବୋଲି ଏଏଫ୍‌ଆଇ ପ୍ରବକ୍ତା ଆଦିଲ ସୁମରିୱାଲା କହିଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)

**କୋଲକାତା ବନାମ ରାଜସ୍ଥାନ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ଲକ୍ଷ୍ନୌ**
ସ୍ଥାନ: ନ୍ୟୁ ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଗୋକୁଲମକୁ ହରାଇଲା ହାର୍ବୋର

କଲ୍ୟାଣୀ, ୧୮।୪ (ପି.ଟି.)

ଚଳିତ ଇଣ୍ଡିଆନ ଫୁଟ୍‌ବଲ ଲିଗ୍ (ଆଇଏଫ୍‌ଏଲ୍)ର ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଡାଇମଣ୍ଡ ହାର୍ବୋର ଏଫ୍‌ସି ୫-୨ ଗୋଲ୍‌ରେ ଗୋକୁଲମ କେରଳ ଏଫ୍‌ସିକୁ ପରାସ୍ତ କରି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହି ସ୍ଥିତିକୁ ସୁଦୃଢ କରିଛି। ଏହି ପରାଜୟ ଦ୍ୱାରା ଗୋକୁଲମ ରିଲିଗେଶନ ପର୍ଯ୍ୟାୟକୁ ଖସିବା ନିଶ୍ଚିତ ହୋଇଛି। ବୌବା ଅମିନୋ ୧୭ତମ ମିନିଟରେ ଗୋଲ୍ ସ୍କୋର କରି କେରଳ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଲୁକା ମ୍ୟାଜ୍‌ସେନଙ୍କ ଗୋଲ୍‌ରେ ଡାଇମଣ୍ଡ ହାର୍ବୋର ମ୍ୟାଚକୁ ବରାବରସ୍ଥିତିକୁ ନେଇ ଆସିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ହୁଗୋ ଡିଆଜ ଦୁଇଟି ଗୋଲ୍ କରିଥିଲେ। ପରେ ଜୋବି ଜଷ୍ଟିନ ଓ ଆର୍. ରାମଦିନଥରା ପ୍ରମୁଖ ଗୋଲ କରି ଆୟୋଜକ ଦଳ ପାଇଁ ବିଜୟ ଆଣିଦେଇଥିଲେ। ମ୍ୟାଚ୍‌ରେ ଗୋକୁଲମ କେରଳ ତରଫରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ରାହୁଲ ରାଜୁ । ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଡିଆଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

## ଭୁବନେଶ୍ୱର-ବି'ର ବୃହତ୍ ବିଜୟ

କଟକ,୧୮।୪(କୁମାରଶ୍ରୀ)

୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହୋଇଛି। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ବି ଦଳକୁ ବୃହତ ବିଜୟ ମିଳିଛି। ଦଳ ୨୯୬ ରନରେ ବରଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ବି ୪ ଉଇକେଟ ବିନିମୟରେ ୩୮୫ ରନ ସଂଗ୍ରହ କରିଥିଲା। ପ୍ରତୀକ୍ଷିତ ପ୍ରଧାନ ୧୨୯ ବଲରୁ ୧୮୦ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଅନୁରାଗ ସାମନ୍ତରାୟ ୧୧୭ ରନ କରିଥିଲେ। ଜବାବରେ ବରଗଡ଼ ମାତ୍ର ୮୯ ରନରେ ଅଲଆଉଟ ହୋଇଯାଇଥିଲା। ସେହଜାଦ ଆଲାମ ୧୭ ରନ ବ୍ୟୟରେ ୫ ଉଇକେଟ ଦଖଲ କରି ବରଗଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶତକୀୟ ଇନିଂସ ଖେଳିଥିବା ପ୍ରତିକ୍ଷିତଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।



ପୁରସ୍କାର ସହ ରନରଅପ୍ ସଂରଚନା ଦାସ (ଡାହାଣ)।

## ବାଳିକାରେ ସଂରଚନା ରନର ଅପ୍

ଭୁବନେଶ୍ୱର,୧୮।୪(ଅନାଦି କର)

ମେଣ୍ଢାଶାଳସ୍ଥିତ ଗୁରୁକୂଳ ଟେନିସ ଏକାଡେମୀରେ ଚାଲିଥିବା ଏମ୍‌ଓଏସ୍‌ଏଫ୍ ଏଆଇଟିଏ ଓଟିଏ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ ୧୬

**ଏଆଇଟିଏ ଓଟିଏ ସୁପର ସିରିଜ୍**

ବର୍ଷରୁ କମ୍ ସୁପର ସିରିଜ୍ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗରେ ଓଡ଼ିଶା ସଂରଚନା ଦାସ ରନର ଅପ୍ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ଦ୍ୱିତୀୟ ସିଡ୍ ସଂରଚନା ୭-୬(୭-୫), ୬-୭(୬-୮), ୪-୬ ସେଟ୍‌ରେ ଟପ୍ ସିଡ୍ ଉତ୍ତର ପ୍ରଦେଶର ଆଶି ସମଶେରିଙ୍କଠାରୁ ପରାସ୍ତ ହୋଇଛନ୍ତି। ୫ ଘଣ୍ଟା ଧରି ଚାଲିଥିବା ଏହି ମ୍ୟାଚ୍‌ରେ ପ୍ରଥମ ଦୁଇ ସେଟ୍‌ର ଫଳାଫଳ ପାଇଁ ଟାଇବ୍ରେକର ଆବଶ୍ୟକତା ପଡ଼ିଥିଲା। ସଂରଚନାଙ୍କ ପ୍ରତି ଘରୋଇ ଦର୍ଶକଙ୍କ ସମର୍ଥନ ସତ୍ତ୍ୱେ ସମଶେରିଙ୍କ ସ୍ଥିରତା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ପଶ୍ଚିମବଙ୍ଗର ରିଶଭ କୁମାର ପ୍ରସାଦ ୬-୩, ୬-୨ ସିଧାସଳଖ ସେଟ୍‌ରେ ନିଜ ରାଜ୍ୟର ହବିଶ ବଂଶଲଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>

ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 19/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 144 | ମୂଲ୍ୟ ₹୭/-

No. 16001/5/2627

इलेक्ट्रॉनिकी एवं सूचना प्रौद्योगिकी मंत्रालय MINISTRY OF ELECTRONICS AND INFORMATION TECHNOLOGY | GOVERNMENT OF ODISHA | इंडिया सेमीकंडक्टर मिशन India Semiconductor Mission | HIPSPL a 3DGS company



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶିଳାନ୍ୟାସ ଉତ୍ସବ

## ହେଟେରୋଜେନସ ଇଣ୍ଟିଗ୍ରେସନ ପ୍ୟାକେଜିଂ ସଲ୍ୟୁସନ୍ସ (ଥ୍ରୀଡିଜିଏସ୍)

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରମନ୍ତ୍ରୀ, ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା

ଓଡ଼ିଶାର ପ୍ରଥମ ଥ୍ରୀ-ଡି ଗ୍ଲାସ୍‌ର ଅତ୍ୟାଧୁନିକ ପ୍ୟାକେଜିଂ ୟୁନିଟ

୧,୯୪୪ କୋଟି ଟଙ୍କାର ପୁଞ୍ଜି ନିବେଶ

ବାର୍ଷିକ ଉତ୍ପାଦନ : ପ୍ରାୟ ୭୦,000 ପ୍ୟାନେଲ୍ ଏବଂ ୧୩,୩00 ଥ୍ରୀଡିଏଚଆଇ ମଡ୍ୟୁଲ୍

୧୯ ଅପ୍ରେଲ ୨୦୨୬ | ପୂର୍ବାହ୍ଣ ୧୦.୩୦ ଘଟିକା
ଇନଫୋ ଭ୍ୟାଲି, ଭୁବନେଶ୍ୱର

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର**

OIPR-16001/16003/2/26-27/0005

## ସଂକ୍ଷେପରେ

### ଦିବ୍ୟାଙ୍ଗ ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ବରପାଲି ଥାନା ଅଞ୍ଚଳରେ ୨୦୧୧ ମସିହାରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ବରଗଡ଼ ମହିଳା କୋର୍ଟରେ ଉକ୍ତ ମାମଲାର ବିଚାର କରାଯାଇ ଅଭିଯୁକ୍ତ କେବାଡ଼ ଗ୍ରାମର ନରେନ ନାଏକଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହା ସହିତ ୧୦ହଜାର ଟଙ୍କା ଅର୍ଥଦଣ୍ଡ କରାଯାଇଛି। ଜରିମାନା ଅନାଦେୟ ହେଲେ କାରାଦଣ୍ଡ ଅବଧି ୬ମାସ ବୃଦ୍ଧି ପାଇବ ବୋଲି ବିଚାରପତିଙ୍କ ଆଦେଶ ରହିଛି। ୨୦୧୧ ଫେବୃୟାରୀ ୧୧ତାରିଖ ଗିରଫ ଅଭିଯୁକ୍ତ ପୀଡ଼ିତାଙ୍କୁ ଚକୋଲେଟ୍ ଦେବା ବାହାନାରେ ଡାକି ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ବରପାଲି ଥାନାରେ ସେତେବେଳେ ଏକ ମାମଲା(ନଂ-୨୫/୨୦୧୧) ରୁଜୁ ହୋଇଥିଲା।

# ଅସହ୍ୟ ତାତି, ଜନଜୀବନ କଲବଲ

- ପଥଚାରୀଙ୍କ ଦୁର୍ଦ୍ଦଶା, ଅଂଶୁଘାତ ଆଶଙ୍କା
- ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମକଷ୍ଟ, ବଢ଼ୁଛି ଅସନ୍ତୋଷ

ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ)

ତାତି ବଢ଼ୁଛି। ଗୁଳୁଗୁଳି ବି ହେଉଛି। ସକାଳ ୯ଟାରୁ ତାତିର ପ୍ରକୋପ ବଢ଼ିବାରେ ଲାଗିଛି। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଲାଗି ରହିଛି। ଏହା ଅସହ୍ୟ ହୋଇ ପଡୁଥିବାରୁ ଜୀବନ ଦହଗଞ୍ଜ ହୋଇ ପଡ଼ିଛି। ବରଗଡ଼ ଜିଲାରେ ବର୍ତ୍ତମାନ ଏଭଳି ସ୍ଥିତି ପରିଲକ୍ଷିତ ହୋଇଛି। ଅନ୍ୟପଟେ ଆଗଭଳି ପଥପାର୍ଶ୍ୱରେ ପର୍ଯ୍ୟାପ୍ତ ଜଳଛତ୍ର ନ ଥିବାବେଳେ ରାସ୍ତାକଡ଼ରେ ଆଉ ସେଭଳି ବୃକ୍ଷରାଜି ନାହିଁ। ଫଳରେ ସହର ସମେତ ବିଭିନ୍ନ ସ୍ଥାନରେ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ତାତିର ପ୍ରକୋପ ଯୋଗୁ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ଯଦିଓ କେହି ବାହାରିଲେ ଛତା କିମ୍ବା ମୁଣ୍ଡରେ ଗାମୁଛା, ଓଢ଼ଣିରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥଳେ ଥଣ୍ଡା ପାନୀୟ ଲସି, ସରବତ୍ ସମେତ ତରଭୁଜ, କାକୁଡ଼ି, ପଇଡ଼ର ଚାହିଦା ବଢ଼ିଛି। ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ତାତିକୁ ବେଖାତିର୍ କରି ଲୋକେ ଫୁଟ୍‌ପାଥ୍‌ରେ ତାହା ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି। ତାତିରୁ ମୁକ୍ତି ପାଇଁ ପଥଚାରୀମାନେ ତାହା କିଣୁଥିବା ଦେଖିବାକୁ ମିଳୁଛି।



ଛତାର ଆଶ୍ରୟ ନେଇ ବରଗଡ଼ ସହର ମୁଖ୍ୟରାସ୍ତାରେ ଯାଉଛନ୍ତି।

ତାତି ଏଭଳି ବଢ଼ି ଚାଲିଛି ଯେ, ତାହା ଜନଜୀବନକୁ କଲବଲ କରି ପକାଉଛି। ବେଳେବେଳେ ବିଦ୍ୟୁତ୍ କାଟ୍ ଆହୁରି ଦହଗଞ୍ଜ କରି ପକାଉଛି। ଏଭଳି ସ୍ଥିତିରେ ଅଂଶୁଘାତ ଆଶଙ୍କା ମଧ୍ୟ ରହିଛି। ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ମଧ୍ୟ ତାତିରୁ ନିସ୍ତାର ମିଳୁ ନାହିଁ। ସକାଳୁଆ ପାଠପଢ଼ା ହୋଇଛି ସତ, କିନ୍ତୁ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଛୁଟି ହେଉଛି। ସେତେବେଳେ ତାତିର ପ୍ରକୋପ ଅଧିକ ରହିଥିବାରୁ ସ୍କୁଲରୁ ଘରକୁ ପହଞ୍ଚିବା ଛାତ୍ରୀଛାତ୍ରଙ୍କ ପାଇଁ କାଠିକର ପାଠ ହୋଇପଡୁଛି।

ଏଭଳି ସ୍ଥିତିରେ ପଡ଼ୋଶୀ ଜିଲାରେ ଆସନ୍ତା କିଛିଦିନ ପାଇଁ ଜିଲାପାଳମାନେ ସ୍କୁଲ, କଲେଜ ଛୁଟି ଘୋଷଣା କରିଛନ୍ତି। କିନ୍ତୁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇ ନାହିଁ। ଏହାକୁ ନେଇ କେତେକ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ତାତି ସତ୍ତ୍ୱେ ଛୁଟି ଘୋଷଣା କରାଯାଇ ନ ଥିବାରୁ ସୋସିଆଲ ମିଡ଼ିଆରେ ପ୍ରଶାସନକୁ ସମାଲୋଚନା କରାଯାଉଥିବା ଦେଖିବାକୁ ମିଳିଛି।

## ସ୍କୁଲ, କଲେଜ ଛୁଟି ଦାବିରେ ଡିଇଓଙ୍କୁ ଫେରାଦ



ସ୍କୁଲ, କଲେଜ ଛୁଟି ଦାବିରେ ଡିଇଓଙ୍କୁ ଭେଟୁଛନ୍ତି।

ବରଗଡ଼,୧୮।୪
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଟାଣଖରା ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଅନ୍ୟପଟେ ଏଭଳି ସ୍ଥିତିରେ ସ୍କୁଲ, କଲେଜରେ ପାଠପଢ଼ା ଚାଲିଛି। ତାହା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପ୍ରତି ଖରାପ ପ୍ରଭାବ ପକାଇବା ସହିତ ଜୀବନ ପ୍ରତି ବିପଦ ଆଣିପାରେ ବୋଲି ବରଗଡ଼ ଜିଲା ଅଭିଭାବକ ସଂଘ ଆଶଙ୍କା ପ୍ରକାଶ କରିଛି। ଏହି ଦୃଷ୍ଟିରୁ ଯଥାଶୀଘ୍ର ସ୍କୁଲ, କଲେଜ ଗୁଡ଼ିକରେ ଖରାଛୁଟି ତଥା ଗ୍ରୀଷ୍ମ ଅବକାଶ କରିବାକୁ ସଂଘ ଦାବି କରିଛି। ଏହି ଦାବି ନେଇ ଶନିବାର ସଂଘର ଏକ ପ୍ରତିନିଧି ଦଳ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଜ୍ୟୋତିକାନ୍ତ ସାହୁଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଭାବକ ସଂଘର ବରଗଡ଼ ଜିଲା ସଭାପତି ବିମଳ କୁମାର ଦାଶ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

### ସ୍କୁଲଛୁଟିକୁ ନେଇ ଘୂରି ବୁଲୁଛି ନକଲି ଚିଠି

ତାତିବୃଦ୍ଧିକୁ ନେଇ ପଡ଼ୋଶୀ ଜିଲାଗୁଡ଼ିକରେ ସ୍କୁଲ, କଲେଜ ଛୁଟି ଘୋଷଣା କରାଯାଇଛି। କିନ୍ତୁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖବର ଲେଖାହେବା ସୁଦ୍ଧା(ରାତି ୮ଟା ପର୍ଯ୍ୟନ୍ତ) ସ୍କୁଲ, କଲେଜ ଛୁଟି ଘୋଷଣା କରାଯାଇନାହିଁ। ଅନ୍ୟପଟେ ବରଗଡ଼ କଲେଜରେ ସ୍କୁଲ, କଲେଜ ଛୁଟି ନେଇ ଏକ ନକଲି ଚିଠି ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି। ଉକ୍ତ ଚିଠିଟି କିଏ ଭାଇରାଲ କରିଛନ୍ତି, ତାହା ଜଣାପଡ଼ି ନାହିଁ। ପଡ଼ୋଶୀ ଜିଲା ଭଳି ବରଗଡ଼ ଜିଲାରେ ମଧ୍ୟ ସ୍କୁଲ, କଲେଜ ଛୁଟି କରାଯାଉ ବୋଲି ସୋସିଆଲ ମିଡ଼ିଆରେ ଦାବି ଜୋର୍ ଧରିଥିବାବେଳେ ଏପର୍ଯ୍ୟନ୍ତ ସ୍କୁଲ, କଲେଜ ଛୁଟି ଘୋଷଣା କରାଯାଇ ନ ଥିବାରୁ ଜିଲା ପ୍ରଶାସନକୁ ମଧ୍ୟ କେତେକେ ସମାଲୋଚନା କରୁଥିବା ଦେଖିବାକୁ ମିଳିଛି। ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କୁ ପଚାରିବାରୁ ତାହା ନକଲି ଚିଠି, ଏପର୍ଯ୍ୟନ୍ତ ସ୍କୁଲ କଲେଜ ଛୁଟି ଘୋଷଣା କରାଯାଇନାହିଁ ବୋଲି କହିଛନ୍ତି।

## କନବାର, କଦଳୀପାଲି ଫୁଟବଲ ବିଜୟୀ

ବରଗଡ,୧୮।୪(ପ୍ରେମାନନ୍ଦ ଖମାରୀ):

### ସିଏମ୍ ଟ୍ରଫି ଫୁଟବଲ

ଓଡ଼ିଶା ରାଜ୍ୟ ସରକାର, ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ଆନୁକୁଲ୍ୟରେ ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସିଏମ୍ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଶନିବାର ଥିଲା ଅଷ୍ଟମ ଦିବସ। ଏହି ଦିବସରେ ଅନୁଷ୍ଠିତ ବାଳିକାମାନଙ୍କ ମ୍ୟାଚରେ କନବାର ଫୁଟବଲ କ୍ଲବ ଦଳ ଓ ଦ୍ୱିତୀୟ ମ୍ୟାଚରେ କଦଳୀପାଲି ଫୁଟବଲ କ୍ଲବ ବିଜୟୀ ହୋଇଛନ୍ତି। କନବାର ଫୁଟବଲ କ୍ଲବ ଓ ଲେଣ୍ଡା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ କାନବାର ଦଳ ୫-୦ ଗୋଲରେ ବିଜୟୀ ହୋଇଛି। ପ୍ରଥମ ମ୍ୟାଚକୁ ଶୁଭମ ପାତ୍ର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ପିଙ୍କି ହଂସ ଓ ଅଜୟ ପ୍ରଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ଆଦିତ୍ୟ ନାୟକ। ସେହିପରି କଦଳୀପାଲି ଫୁଟବଲ କ୍ଲବ ଓ ସିଆଲଖଣ୍ଡହତା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କଦଳୀପାଲି ଦଳ ୫-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ରାଜେନ୍ଦ୍ର ଭୁଏ ପରିଚାଳନା କରିଥିଲେ।

## ଚାରା ରୋପଣ କରି ଜନ୍ମଦିନ ପାଳିଲେ ପରିବେଶବିତ୍

ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ପରିବେଶବିତ୍ ପ୍ରକୃତିବନ୍ଧୁ ଡୋଳାମଣି ଶତପଥୀ ଶନିବାର ତାଙ୍କ ଜନ୍ମ ଦିବସକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସେ ସକାଳୁ ରାଣା ପ୍ରତାପ ସ୍କୁଲ ପହଞ୍ଚି ପ୍ରଧାନ ଶିକ୍ଷକଙ୍କ ଅନୁମତିରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ସହ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। ଏଥିରେ ସ୍ଥାନୀୟ ଇକୋ କ୍ଲବର ସଦସ୍ୟ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ସମସ୍ତେ ଉପସ୍ଥିତ ରହିଥିଲେ। କ୍ରମବର୍ଦ୍ଧିଷ୍ଣୁ ଉତ୍ତାପ ଓ ତାର ନିରାକରଣ କେବଳ ବ୍ୟାପକ ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷାରେ ହିଁ ସମ୍ଭବ ବୋଲି ଜନ୍ମ ଦିବସ ପାଳନ ଅବସରରେ ଶତପଥି ସମସ୍ତଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ପୁରାତନ ଛାତ୍ର ତଥା ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର ବାଗ, ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ, ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ, ଗୋପବନ୍ଧୁ ପୁରୋହିତ, ଭାରତୀ ସେଟ, ନନ୍ଦିତା ସାହୁ, ସୀମା ସାହୁ, ସାଞ୍ଜା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।



ରାଣାପ୍ରତାପ ସ୍କୁଲରେ ଚାରାରୋପଣ କରୁଛନ୍ତି।

## କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜର୍ଜ ହାଇସ୍କୁଲ ଖେଳ ପଡ଼ିଆରେ ଶନିବାର ନବମ ଖଜୁରଟିକ୍ରା ପ୍ରୀମୀୟର ଲିଗ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିଦ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜିତୁ ଭୋଇ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୫ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ମାନସ ତ୍ରିପାଠୀ, ଜିତୁ ରାଉତ, ଅସୀମ ଦାସ, ସଞ୍ଜୀବ ରଥ, ମୋହନ ନାଗ , ଅଶୋକ ସାହୁ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଅବସରପ୍ରାପ୍ତ ଆର୍‌ଏସ୍‌ପି କର୍ମଚାରୀଙ୍କ ମୃତଦେହ ଜବତ

ରାଉରକେଲା,୧୮।୪(ସଙ୍ଗୀତା ଜେନା): ସେକ୍ଟର-୧୯ ଥାନା ଅନ୍ତର୍ଗତ ସେକ୍ଟର-୧୯ ଜି ବ୍ଲକ ସାରଳା ମନ୍ଦିର ନିକଟରେ ଥିବା ଏକ କାର୍ ଭିତରୁ ଆର୍‌ଏସ୍‌ପିର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତଦେହକୁ ଶନିବାର ଅପରାହ୍ନରେ ଜବତ କରାଯାଇଛି। ମୃତକ ହେଲେ ସେକ୍ଟର-୧୮ ବି ବ୍ଲକ ନିବାସୀ ଆଦିତ୍ୟ ପଣ୍ଡା(୬୩)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଏକ ମାମଲା(ନଂ.୨୨/୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଆଦିତ୍ୟ ଏକୁଟିଆ ଘରେ ରହୁଥିଲେ। ତାଙ୍କର ଏକମାତ୍ର ଝିଅ ବିବାହ ପରେ ବିଦେଶରେ ରହୁଛନ୍ତି। ସକାଳ ୯ଟାରେ ଏକ କାର୍ (ନଂ.ଓଡ଼ି୧୪ଏଜି/୦୯୩୯)ରେ ଆଦିତ୍ୟ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆର୍‌ଜିଏଚ୍ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବାସନ୍ତୀକଲୋନୀରେ ରହୁଥିବା ମୃତକଙ୍କ ଭଉଣୀଙ୍କୁ ଏ ନେଇ ସୂଚନା ଦେଇଛି।

# କର୍ମଚାରୀ ଅଭାବ, ଯାଞ୍ଚରେ ମିଳୁନି ସଫଳତା

ରାଉରକେଲା,୧୮।୪(ସଙ୍ଗୀତା ଜେନା)

ରାଉରକେଲାରେ ଜିଏସ୍‌ଟି ଠକେଇ ମାମଲା ବଢ଼ିବାରେ ଲାଗିଛି। ବିଶେଷ ଭାବେ ନକଲି ଇନ୍‌ଭଏସ୍ ବ୍ୟବହାର କରି ମାଲ୍ କାରବାର ମାମଲାରେ ଅଧିକାଂଶ ଠିକାସଂସ୍ଥା ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏଭଳି ୧୫ଶହରୁ ଊର୍ଦ୍ଧ୍ୱ ମାମଲା ଯାଞ୍ଚ ହୋଇଥିବାବେଳେ ଅଧିକାଂଶ ଠିକାସଂସ୍ଥା ଠକେଇରେ ସମ୍ପୃକ୍ତ ରହିଥିବା ତଥ୍ୟ ସାମ୍ନାକୁ ଆସିଛି। ଅନ୍ୟପକ୍ଷେ ବିଭିନ୍ନ ରାଜ୍ୟକୁ ଏହି ନକଲି ଇନ୍‌ଭଏସ୍ ମାମଲା ଚେର ଲମ୍ବିଛି। ଏହାର ତଦନ୍ତ ପ୍ରକ୍ରିୟା ସମୟସାପେକ୍ଷ ଏବଂ ବିଭାଗରେ କର୍ମଚାରୀଙ୍କ ଅଭାବ ଯୋଗୁ ସେଭଳି ସଫଳତା ମିଳୁନାହିଁ। ଏହି କ୍ରମରେ ୨୦୨୫-୨୬ ଆର୍ଥିକ ବର୍ଷରେ ମାତ୍ର ୩/୪ଟି ମାମଲାରେ ସଫଳତା ମିଳିଛି। ଯାହା ନଗଣ୍ୟ ଅଟେ। ଏଥିସହ ଜିଏସ୍‌ଟି ନିୟମରେ ମଧ୍ୟ ପରିବର୍ତ୍ତନ ହୋଇଛି। ତେଣୁ ଗିରଫ ମାମଲା ହ୍ରାସ ପାଇଛି ବୋଲି ରାଉରକେଲା ସେକ୍ଟର-୫ସ୍ଥିତ ଜିଏସ୍‌ଟି (କେନ୍ଦ୍ରୀୟ) ମହାନିର୍ଦ୍ଦେଶାଳୟ



ଜିଏସ୍‌ଟି (କେନ୍ଦ୍ରୀୟ) ମହାନିର୍ଦ୍ଦେଶାଳୟ କାର୍ଯ୍ୟାଳୟ।

**ଠିକାସଂସ୍ଥାରେ ନକଲି ଇନ୍‌ଭଏସ୍ ମାମଲା**

କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଉରକେଲାରେ ବ୍ୟବସାୟ, ଟ୍ରେଡ଼ିଂ ଓ ଜିଏସ୍‌ଟି ସମ୍ବନ୍ଧୀୟ ନେଣଦେଣରେ ନକଲି ଇନ୍‌ଭଏସ୍ ମାଧ୍ୟମରେ ଜିଏସ୍‌ଟି ଠକେଇ କରିବା ଭଳି ଘଟଣା ଘଟୁଛି। ପ୍ରକୃତ ମାଲ୍ ବା ସେବା ବିକ୍ରି ହୋଇ ନ ଥିଲେ ମଧ୍ୟ ଆର୍ଥିକ ନେଣଦେଣ ହେଉଛି। କାଗଜ କଲମରେ ନକଲି କମ୍ପାନୀ ଓ ଜିଏସ୍‌ଟି ନମ୍ବର ବ୍ୟବହାର କରାଯାଉଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ବିଗତ ଦିନରେ ରାଉରକେଲାରେ ଏଭଳି ହଜାରେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଏକାଧିକ ମାମଲା ଧରାପଡ଼ିଥିବା ନଜିର ରହିଛି। ଜାଲ୍ କମ୍ପାନୀ ନାଁରେ ଲୁହା ଓ ଖଣିଜ କାରବାରରେ ଜଡ଼ିତ କିଛି ବ୍ୟବସାୟୀଙ୍କୁ ମଧ୍ୟ ଧରାଯାଇଛି। ସେହିପରି ଶତାଧିକ ଗୁପ୍‌ଚୁପ୍ ବିକାଳି, ପରିବା ବ୍ୟବସାୟୀ, ମାଛ ଦୋକାନୀ ଓ ବସ୍ତିବାସୀଙ୍କ ନାଁରେ ଜାଲ୍ ଆକାଉଣ୍ଟ ଏବଂ କମ୍ପାନୀ ଠାବ କରାଯାଇ ସିଜ୍ କରାଯାଇଛି। ଏ ସମ୍ପର୍କରେ ରାଉରକେଲା ସେକ୍ଟର-୫ସ୍ଥିତ ଜିଏସ୍‌ଟି (କେନ୍ଦ୍ରୀୟ) ମହାନିର୍ଦ୍ଦେଶାଳୟର ଆଇଆର୍‌ଏସ୍ ଅଧିକାରୀ ଆଶିଷ ସାହୁଙ୍କୁ ପଚରାଯିବାରୁ ସେ କହିଲେ, ଠିକାସଂସ୍ଥା ଗୁଡ଼ିକ ଉପରେ ଦୃଷ୍ଟି ରଖାଯାଉଛି। ରାଜ୍ୟ ଓ ବାହାର ରାଜ୍ୟରେ ସକ୍ରିୟ ଠିକାଦାରମାନେ ନକଲି ଇନଭଏସ୍ ଯୋଗେ କୋଟି କୋଟି ଟଙ୍କା ଠକେଇ କରୁଥିବା ସନ୍ଦେହ ହେଉଛି। ଆମ ବିଭାଗରେ କମ୍ କର୍ମଚାରୀ ରହିଥିବା ଯୋଗୁ ଯାଞ୍ଚ ପ୍ରକ୍ରିୟାରେ ବିଳମ୍ବ ହେଉଛି। ଠିକାସଂସ୍ଥାର ପ୍ରତ୍ୟେକ ଦେଣନେଣ ଉପରେ ଯାଞ୍ଚ କରାଯାଉଛି। ତ୍ରୁଟି ପରିଲକ୍ଷିତ ହେଲେ ତୁରନ୍ତ ସେମାନଙ୍କୁ ସମନ୍ ଜାରି କରାଯାଉଛି। ଏହାସହ ରାଜ୍ୟ ସରକାରଙ୍କ ଆର୍ଥିକ ଅପରାଧ ଶାଖାର ସହଯୋଗ ମଧ୍ୟ ଲୋଡା ଯାଉଛି। ପ୍ରାୟ ୬ ମାସ ତଳେ ଛତିଶଗଡ଼ରୁ ୯୦ କୋଟି ଟଙ୍କା ଠକେଇରେ ୨ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ଯାଜପୁର ଅଞ୍ଚଳରୁ ଜଣେ ବ୍ୟବସାୟୀଙ୍କୁ ଠକେଇ ମାମଲାରେ ଗିରଫ କରାଯାଇଥିଲା ବୋଲି ସାହୁ ସୂଚନା ଦେଇଥିଲେ।

## ଇସ୍ପାତ ସହରରେ ବଢ଼ୁଛି ତାପମାତ୍ରା


ଖରାରେ ଲୋକେ ଛତା ଧରି ଯାଉଛନ୍ତି।

ରାଉରକେଲା,୧୮।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଦୁଇଦିନ ଧରି ସହରର ତାପମାତ୍ରା ୪୨ ଡିଗ୍ରୀ ରହିବା ପରେ ଶନିବାର ୪୩ ଡିଗ୍ରୀରେ ପହଞ୍ଚିଛି। ସମଗ୍ର ସୁନ୍ଦରଗଡ଼ ଜିଲାରେ ଖରା ସାଙ୍ଗକୁ ଗୁଳୁଗୁଳି ଯୋଗୁ ଲୋକମାନେ ଘରୁ ବାହାରିବାକୁ ସାହସ କରୁନାହାଁନ୍ତି। ଗୁରୁତ୍ୱପୂର୍ଣ୍ଣ କାମ ଥିଲେ ଲୋକମାନେ ପୂର୍ବାହ୍ନ ୧୧ଟା ପୂର୍ବରୁ ସେମାନଙ୍କ କାମ ସାରି ଘରକୁ ଫେରିଯାଉଛନ୍ତି। ବିଶେଷକରି ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୀଷଣ ରୋଦ୍ରତାପ ଏବଂ ଗୁଳୁଗୁଳି ରହୁଥିବାରୁ ଲୋକମାନେ ଛତା ସହିତ ମୁଣ୍ଡରେ ଟୋପି ଏବଂ ଚଷମା ପିନ୍ଧି ଘରୁ ବାହାରୁଛନ୍ତି। ଅତ୍ୟଧିକ ଗରମ ଯୋଗୁ ରାଜ୍ୟ ବାହାରୁ ଆସୁଥିବା ଲୋକମାନେ ସମସ୍ୟା ଭୋଗୁଛନ୍ତି। ଦିନ ୧୦ଟା ବାଜିଲେ ସହର ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ଅନ୍ୟପଟେ ଗରମ ଯୋଗୁ କଞ୍ଚା ଆମ୍ବ ପାଣି, ଆଖୁ ରସ, ବଟର ମିଲ୍କ, ଲସି ଏବଂ ଥଣ୍ଡା ପାନୀୟ ବିକ୍ରି ବୃଦ୍ଧି ପାଇଛି।

## ରେଲୱେ ଜିଏମ୍‌ଙ୍କ ରାଉରକେଲା ଗସ୍ତ



ରାଉରକେଲା,୧୮।୪(ସଙ୍ଗୀତା ଜେନା)

ଦକ୍ଷିଣ ପୂର୍ବ ରେଳବାଇ ଜିଏମ୍ ଅନୀଲ କୁମାର ଜୈନ ଶନିବାର ଅପରାହ୍ନ ୨ଟାରେ ରାଉରକେଲା ଷ୍ଟେଶନରେ ପହଞ୍ଚିଥିଲେ। ତାଙ୍କ ସହ ଚକ୍ରଧରପୁର ଡିଆର୍‌ଏମ୍ ତରୁଣ ହୁରିଆ ଓ ଅନ୍ୟ ବରିଷ୍ଠ ରେଳବାଇ ଅଧିକାରୀ ଅମୃତ ଭାରତ ଷ୍ଟେଶନର କାର୍ଯ୍ୟ ସମୀକ୍ଷା କରିଥିଲେ। ସେ ନୂତନ ରେଲଲାଇନର କାର୍ଯ୍ୟ ପରିଦର୍ଶନ କରିବା ସହ ଏହାକୁ ଯଥାଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ବନ୍ଧମୁଣ୍ଡା ଷ୍ଟେଶନ ଯାଇ ବିକାଶ କାର୍ଯ୍ୟ ସମୀକ୍ଷା କରି ସନ୍ଧ୍ୟା ୬ଟାରେ ଫେରିଯାଇଥିଲେ। ଏହି ସମୟରେ ଷ୍ଟେଶନ ମ୍ୟାନେଜର, ଆରପିଏଫ୍, ବାଣିଜ୍ୟିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍ ଟ୍ରଫି: କଳିଙ୍ଗ ସ୍ପୋର୍ଟ୍ସ ଫେଡେରେଶନ ଚାମ୍ପିୟନ

ରାଉରକେଲା,୧୮।୪(ସଙ୍ଗୀତା ଜେନା)

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଶନିବାର ଉଦ୍‌ଯାପିତ ହୋଇଛି। ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍‌ରେ ଆୟୋଜିତ ଫାଇନାଲ ମ୍ୟାଚ୍‌ରେ 'ଏ' ଗ୍ରୁପ୍‌ର କଳିଙ୍ଗ ସ୍ପୋର୍ଟସ ଫେଡେରେଶନ ଦଳ ଚାମ୍ପିୟନ ହୋଇଥିବା ବେଳେ ଆର୍‌ଏସ୍‌ପି ଦଳ ଉପବିଜେତା ହୋଇଛି। ସକାଳ ୭ଟାରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ କଳିଙ୍ଗ ଦଳ ପ୍ରଥମ କିକ୍ କରିଥିଲା। ଦୁଇ ଦଳ ମଧ୍ୟରେ ୨-୨ରେ ମ୍ୟାଚ୍ ଡ୍ର ରହିଥିବାବେଳେ କଳିଙ୍ଗ ଦଳ ଟାଇବ୍ରେକରରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଆରଏମ୍‌ସି ଉପାୟୁକ୍ତ ପଲ୍ଲବୀ ନାୟକ ମୁଖ୍ୟ ଅତିଥି, ଅନ୍ତର୍ଜାତୀୟ ଆଥଲେଟିକ୍ କୋଚ୍ ଶିବ ପ୍ରସାଦ ମିଶ୍ର, ଆର୍‌ଏସ୍‌ପି କ୍ରୀଡ଼ା ଅଧିକାରୀ ରଘୁନନ୍ଦନ ପାଢ଼ୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ କୋଚ୍ ସଞ୍ଜୟ ବାବୁଟା, ଧନେଶ୍ୱର ତିର୍କୀ, ବନମାଳି ଜମକିଆର, କେଶବ ପ୍ରଧାନ ସିଲେକ୍ଟର ଭାବେ ଉପସ୍ଥିତ ଥିଲେ। ମ୍ୟାଚ୍ କମିଶନର ଦୁର୍ଗାମାଧବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଏଏର ବିଶ୍ୱନାଥ ବେହେରା, ଭଲିବଲ କୋଚ୍ ଜ୍ଞାନରଞ୍ଜନ ପ୍ରହରାଜ, ରେଫରୀ ରୋଶନ ଖାନ୍, ରାଜକୁମାର ପାଣିଗ୍ରାହୀ, ସନିକା ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ। ଡିଏଏ ଉପସଭାପତି ରାଧାମୋହନ ନାୟକ, ବିଭୁଦତ୍ତ ବେହେରା, ମେରୀ ଜନ୍ ବାଗେ, କାଉନସିଲ୍ ମେମ୍ବର ଗୋପୀନାଥ ପଣ୍ଡା, ଅରବିନ୍ଦ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଆୟୋଜକଙ୍କ ଗହଣରେ ଖେଳାଳିଗଣ।




# ସାଇଟ ନର୍ସିଂ କଲେଜରେ ଶପଥ ଗ୍ରହଣ ଉତ୍ସବ



ଛାତ୍ରୀଛାତ୍ରମାନେ ଶପଥ ଗ୍ରହଣ କରୁଛନ୍ତି।

**ବଲାଙ୍ଗୀର,୧୮।୪(ବୀରେନ୍ଦ୍ର କୁମାରଝାଙ୍କର)**

ବଲାଙ୍ଗୀର ସାଇଟ୍ ନର୍ସିଂ କଲେଜର ଜିଏନ୍ଏମ୍ ଓ ବିଏସ୍‌ସି ନର୍ସିଂର ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଶତାଧିକ ନର୍ସିଂ ଛାତ୍ରୀଛାତ୍ର ସମାଜର ଉନ୍ନତି କଳ୍ପେ ଉପଯୁକ୍ତ ସମୟରେ ସେବା ଯୋଗାଇ ଦେବା ପାଇଁ ଶପଥ ଗ୍ରହଣ କରିଥିଲେ। ଫ୍ଲୋରେନ୍ସ ନାଇଟଏଙ୍ଗେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କଲା ପରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଫେସର ଲୋପାମୁଦ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷା ସ୍ନିଗଧା ମିନତୀ ଦାନୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପୁଷ୍ପାଞ୍ଜଳି ମିଶ୍ର ଯୋଗଦାନ କରି ଚିକିତ୍ସା କ୍ଷେତ୍ରରେ ନର୍ସମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର ଲୋହିତା ତାଣ୍ଡି, ରାମଜୀ ଯୁବକ ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ର ଓ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ପ୍ରଶାନ୍ତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଲିମାରାଣୀ ସାହୁ, ଆଦ୍ୟାଶା ବେହେରା, ଉପାସିନୀ ହରପାଲ, ପାୟଲ ବୁଡେକ, ନମିତା ଏକ୍କା, ସୁଶ୍ରୀ ପ୍ରଜ୍ଞା, ପ୍ରିୟଙ୍କା ମଞ୍ଜରୀ ସେଠ, ପୂଜା ମହାନନ୍ଦ, ପୁନମ ମହାନନ୍ଦ ଓ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଲକ୍ଷ୍ମୀ ମେହେର, ରିତା ସାହୁ, ଅର୍ପିତା ପଧାନ, ମହମ୍ମଦ କାଜିମ୍, ଅଶୋକ ପଧାନ ଏବଂ ନର୍ସିଂ ଛାତ୍ରୀ ପ୍ରଜ୍ଞା ପରିମିତା ଚାନ୍ଦ ସହଯୋଗ କରିଥିଲେ।

# ୧୯ରେ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ

**ବଲାଙ୍ଗୀର,୧୮।୪(ବୀରେନ୍ଦ୍ର କୁମାର ଝାଙ୍କର)**

ଆସନ୍ତା ୧୯ ତାରିଖ ରବିବାର ଦିନ ଭଗବାନ ଶ୍ରୀ ଶ୍ରୀ ପର୍ଶୁରାମ ଜନ୍ମୋତ୍ସବ ଉପଲକ୍ଷେ ଜିଲା ବ୍ରାହ୍ମଣ ମହାସଭା ଓ ପର୍ଶୁରାମ ବାହିନୀ ଆନୁକୂଲ୍ୟରେ ସ୍ଥାନୀୟ ପର୍ଶୁରାମ ଛକଠାରେ ଏକ ସୁଉଚ୍ଚ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ କରାଯିବ। ଏହି ଉପଲକ୍ଷେ ନୃସିଂହ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବ। ଜିଲା ବ୍ରାହ୍ମଣ ମହାସଭା ସଭାପତି ପ୍ରାଣବଲ୍ଲଭ ତ୍ରିପାଠୀ, ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ ଓ ପର୍ଶୁରାମ ବାହିନୀ ସଭାପତି ବିଧୁଭୂଷଣ ତ୍ରିପାଠୀ ଓ ପର୍ଶୁରାମ କମିଟି ଆବାହକ ଶିବଶଙ୍କର ଖୁଆସ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲଠାରେ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଏହି ଉତ୍ସବର ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିବା ସୂଚନା ଦିଆଯାଇଥିଲା। ୧୯ ତାରିଖ ସକାଳ ୮ଟା ସମୟରେ ଶ୍ରୀନୃସିଂହ ମନ୍ଦିରଠାରେ ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳନ ଓ ପୂଜାର୍ଚ୍ଚନା କରାଯିବ। ପୂର୍ବାହ୍ନ ୧୧ଟାରେ ପର୍ଶୁରାମଙ୍କର ବିଶାଳ ପ୍ରତିମୂର୍ତ୍ତି ଅନାବରଣ କରାଯିବ। ଶେଷରେ ଆଡଭୋକେଟ ଜୟରାମ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଆରମ୍ଭ ହେଲାଣି ଜନଗଣନା, ଶିକ୍ଷକଙ୍କୁ ମିଳିନି କିଟ୍

**ଲୋଇସିଂହା,୧୮।୪(ସୁଶାନ୍ତ ବାରିକ)**

ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ଡିଜିଟାଲ-୨୦୨୬ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ହେଲେ ଜନଗଣନାରେ ସାମିଲ ହୋଇଥିବା ଶିକ୍ଷକଙ୍କୁ ଜନଗଣନା ସମ୍ବନ୍ଧୀୟ ଉପକରଣ(କିଟ୍) ମିଳିନାହିଁ। ବିନା ଉପକରଣରେ ଶିକ୍ଷକମାନେ ଜନଗଣନା କରୁଥିବାରୁ ଏହାକୁ ନେଇ ସାଧାରଣରେ ଚିନ୍ତା ହେଉଛି।

ଅଭିଯୋଗରୁ ପ୍ରକାଶ ଯେ, ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟରେ ଏପ୍ରିଲ ୬ ତାରିଖ ସୁଦ୍ଧା ୩ ଟି ପର୍ଯ୍ୟାୟରେ ଶିକ୍ଷକଙ୍କୁ ଜନଗଣନା ତାଲିମ ଦିଆଯାଇଥିଲା। ଗୁରୁବାରଠାରୁ ଲୋଇସିଂହା ଏନଏସି ଓ ଲୋଇସିଂହା ବ୍ଲକରେ ଶିକ୍ଷକମାନେ ଘରକୁ ଘର ଯାଇ ଜନଗଣନା ଆରମ୍ଭ କରିଛନ୍ତି । ଜନଗଣନା ପାଇଁ ଶିକ୍ଷକଙ୍କୁ ବିଭିନ୍ନ ଉପକରଣ ଆବଶ୍ୟକ ରହିଛି। ଏହାକୁ ସରକାର ଯୋଗାଇଥାନ୍ତି । କିନ୍ତୁ ଜନଗଣନା ଆରମ୍ଭ ହୋଇଥିଲେ ସୁଦ୍ଧା ଉପକରଣ ଦିଆ ନଯାଇ କେବଳ ଏକ ପୁସ୍ତିକା ଦିଆଯାଇଛି। ଘର ନମ୍ବରିଂ କରିବା ପାଇଁ ମାର୍କର ପେନ୍ ମଧ୍ୟ ଯୋଗାଇ ଦିଆଯାଇନାହିଁ। ସର୍ଭେ କରୁଥିବା ଶିକ୍ଷକଙ୍କୁ ଉପକରଣ ମିଳି ନ ଥିବାରୁ ଏକ ସାଧା କାଗଜ ନେଇ ସର୍ଭେ କରୁଥିବା ଅଭିଯୋଗ ହେଉଛି। ସର୍ଭେରେ ନିୟୋଜିତ ଶିକ୍ଷକମାନେ ଉପକରଣ ଆଣିବାକୁ ଲୋଇସିଂହା ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ଯାଉଛନ୍ତି। କିନ୍ତୁ ଉଭୟ କାର୍ଯ୍ୟାଳୟ ପକ୍ଷରୁ ଉପକରଣ ଆସିନାହିଁ ବୋଲି କୁହାଯିବା ପରେ ଶିକ୍ଷକମାନେ ନିରାଶ ହୋଇ ଫେରୁଛନ୍ତି। ସର୍ଭେରେ ନିୟୋଜିତ ଶିକ୍ଷକଙ୍କ କହିବା ଅନୁଯାୟୀ, ଏହା ଫଳରେ କାମ ମନ୍ଥର ଗତିରେ ହେବା ସହ ଅସୁବିଧା ବଢୁଛି। ଏହି ପରିସ୍ଥିତିରେ ସରକାରଙ୍କ ଡିଜିଟାଲ ଜନଗଣନା ଉଦ୍ୟମ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଥମେ ସାଧନ ସୁବିଧା ଯୋଗାଇବା ପରେ ଜନଗଣନା କରିବାକୁ ଦାବି ହେଉଛି। ଏ ନେଇ ଏବିଡିଓ କେ. ମାନସିଂ କହିଛନ୍ତି, ଉପକରଣ ଆସିନାହିଁ, ଆସିଲେ ଯୋଗାଇ ଦିଆଯିବ। ସେହିପରି ତହସିଲର କର୍ମଚାରୀ ରତିକାନ୍ତ ପୁରୋହିତ କହିଛନ୍ତି, ଅଧା ଆସିଛି, ସମ୍ପୂର୍ଣ୍ଣ ଉପକରଣ ଆସିନାହିଁ ବୋଲି କହିଛନ୍ତି।

# ତୃତୀୟ ଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀ ସଶକ୍ତୀକରଣ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅଧିକାରୀ।

**ବଲାଙ୍ଗୀର,୧୮।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ତୃତୀୟ ଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ସଶକ୍ତିକରଣ ଉଦ୍ଦେଶ୍ୟରେ ଏକ କମର୍ଶାଳା ଆୟୋଜିତ ହୋଇଥିଲା। ଓଡ଼ିଶା ଜୀବିକା ମିଶନ ଓ ସାଥୀ ସଙ୍ଗଠନର ମିଳିତ ସହଯୋଗରେ ଅନୁଷ୍ଠିତ କର୍ମଶାଳାରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳାରେ ତୃତୀୟ ଲିଙ୍ଗୀମାନଙ୍କ ସାମାଜିକ ସୁରକ୍ଷା, କର୍ମ ଯୋଗାଣ ସୁଯୋଗ ଏବଂ ଓଡିଶା ଜୀବିକା ମିଶନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସେମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଓଡ଼ିଶା ଜୀବିକା ମିଶନର ବିଭିନ୍ନ ଯୋଜନା ଓ ତାର ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଯାଇଥିଲା। ତୃତୀୟ ଲିଙ୍ଗୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଦକ୍ଷତା ବିକାଶ ତାଲିମ ବିଷୟରେ ଉଲ୍ଲେଖ କରାଯାଇ ଏହି ସୁବିଧାଗୁଡିକର ଲାଭ ଉଠାଇବା ପାଇଁ ପରାମର୍ଶ ଦିଆଯାଇଥିଲା। କର୍ମଶାଳାରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଓ ଓରମାସର ଯୁଗ୍ମ ସିଇଓ ସୌରଭମୟ ଦାସ, ଆରଏସ୍‌ଇଟିଆଇ ନିର୍ଦ୍ଦେଶକ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ଅଧିକାରୀ ଅନିଲ ଦହଙ୍ଗା, ନୀଳିମା କୁଜୁର, ଏନଜିଓ ସହାୟକ ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ମିଶ୍ର ଉପସ୍ଥିତ ଥିଲେ। କର୍ମଶାଳାରେ ଜିଲା ଓ ବ୍ଲକସ୍ତରୀୟ ଓଡ଼ିଶା ଜୀବିକା ମିଶନ ଅଧିକାରୀ, କର୍ମଚାରୀ ଏବଂ ତୃତୀୟ ଲିଙ୍ଗୀମାନେ ଯୋଗଦାନ କରିଥିଲେ।

# ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ଉତ୍ସାହ ଉତ୍ସବ

**ଲୋଇସିଂହା,୧୮।୪(ସୁଶାନ୍ତ ବାରିକ)**

ନିକଟରେ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଦ୍ୟାଳୟରେ ପ୍ରିନ୍ସିପାଲ ଜ୍ୟୋର୍ତିମୟୀ ପଧାନଙ୍କ ଅଧ୍ୟକ୍ଷତାରେ ଉତ୍ସାହ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। ଗତ ଶିକ୍ଷାବର୍ଷରେ ପାସ୍ ହାର ୯୭ ପ୍ରତିଶତ ରହିଥିଲା । କିନ୍ତୁ ଚଳିତବର୍ଷ ପରୀକ୍ଷା ଫଳ ଶତ ପ୍ରତିଶତ ହୋଇ ଜିଲାରେ ବିଦ୍ୟାଳୟ ଗୌରବ ବଢ଼ାଇ ଥିବାରୁ ଅଧ୍ୟକ୍ଷା ପଧାନ ଖୁସି ବ୍ୟକ୍ତ କରିଥିଲେ । ଏଥିପାଇଁ ସେ ଛାତ୍ରୀଛାତ୍ର ଓ ସହକର୍ମୀଙ୍କୁ ସାଧୁବାଦ ଜଣାଇଥିଲେ। ଛାତ୍ରୀଛାତ୍ର ନିଜ ନିଜର ବକ୍ତବ୍ୟ ରଖି ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।






**ପାଠ୍ୟ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ**

ସମ୍ବଲପୁର,(ବି.ଶଙ୍କର): ଡ. ଆମ୍ବେଡକର ଯୁବକ ସଂଘ ପରିଚାଳିତ ଅଂଶୁପ୍ରିୟା ସୁରୁଜାଲ ମାଗଣା ଶିକ୍ଷାକେନ୍ଦ୍ରରେ ପାଠ୍ୟପୋକରଣ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ସମ୍ବଲପୁର ଆମ୍ବେଦକର ନଗରରେ ଅନୁଷ୍ଠିତ ହୋଇଛି। ଅତାବିରା ବନ ଅଧିକାରୀ ପ୍ରଦୀପ ପେରା ମୁଖ୍ୟ ଅତିଥି, ସତୀଶ ଶର୍ମା ଓ ମାନସ ପୁରୋହିତ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁସ୍ତକ, ଖାତା, ପେନ ଓ ପେନସିଲ ପ୍ରଦାନ କରିଥିଲେ। ସଂସ୍ଥାପକ ଅରୁଣ ସୁରୁଜାଲ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ମଧୁରାଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭୂତି ରଣଜିତ, ଆଦିତ୍ୟ ସୁରୁଜାଲ, ଆୟୁଷ ସୁରୁଜାଲ, ପ୍ରିୟଙ୍କା କୁମାର, ମାନସ ପୁରୋହିତ, ସୁଶାନ୍ତ ଗର୍ଡିଆ, କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଐତିହ୍ୟର ସଂରକ୍ଷଣ, ଉପଯୋଗିତାକୁ ଗୁରୁତ୍ୱ

**ଇନଟାକ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ**

ସମ୍ବଲପୁର,୧୮।୪(ବି.ଶଙ୍କର)

ଇନଟାକ ସମ୍ବଲପୁର ଚାପ୍ଟର ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ସମ୍ବଲପୁର ସହରସ୍ଥିତ ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟରେ ଶନିବାର ପାଳନ କରାଯାଇଛି। ଏହି ଅବସରରେ ସଂଗ୍ରହାଳୟକୁ ପ୍ରାଗୈତିହାସିକ ଯୁଗର ଅସ୍ତ୍ର ଓ ଉପକରଣ ପ୍ରଦାନ କରାଯାଇଛି। ଏଥିସହିତ ବରପାଲିର ଆହୁରି କିଛି ଟେରାକୋଟା ସାମଗ୍ରୀ ସଂଗ୍ରହାଳୟରେ ସଂଯୁକ୍ତ ହୋଇଛି । ଚାପ୍ଟର ଆବାହକ ଐତିହାସିକ ଦୀପକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଡ. ଅତୁଲ କୁମାର ପ୍ରଧାନ ବିଶ୍ୱ ଐତିହ୍ୟ ଦିବସର ତାତ୍ପର୍ଯ୍ୟ ଏବଂ ସ୍ଥାନୀୟ ଅଞ୍ଚଳ ପରିପ୍ରେକ୍ଷୀରେ ଏହାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଇନଟାକର ସଦସ୍ୟ ଲେଖକ ଧ୍ରୁବପ୍ରସାଦ ପଣ୍ଡା ଐତିହ୍ୟ ଟାଞ୍ଜିବୁଲ ଓ ଇନଟାଞ୍ଜିବୁଲ ଦୁଇ ପ୍ରକାରର ହୋଇଥିବା ଦର୍ଶାଇ ତାହାର ବ୍ୟାଖ୍ୟା କରିଥିଲେ। ପର୍ଯ୍ୟଟନ ବିଭାଗ ସହନିର୍ଦ୍ଦେଶକ ରବିନ୍ଦ୍ର କୁମାର ଦଳାଇ ଐତିହ୍ୟର ମହତ୍ତ୍ୱ, ସଂରକ୍ଷଣ ଓ ଉପଯୋଗିତା ବାବଦରେ କହିଥିଲେ।



ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟକୁ ପ୍ରସ୍ତର ଯୁଗୀୟ ଅସ୍ତ୍ର ଓ ଉପକରଣ ପ୍ରଦାନ କରାଯାଉଛି।

ସଭାପତି ପଣ୍ଡା ପଶ୍ଚିମ ଓଡ଼ିଶାରେ ପ୍ରାଗୈତିହାସିକ ଯୁଗଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଥିବା ସଭ୍ୟତାର ନିରନ୍ତରତା ଏବଂ ଐତିହ୍ୟର ବିବିଧତା ସମ୍ପର୍କରେ କହିଥିଲେ। ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟରେ କ'ଣ ସବୁ ରହିଛି, ସେ ସମ୍ପର୍କରେ ସୂଚିତ କରିଥିଲେ। ଏଥିସହ ସଂଗ୍ରହାଳୟ ପାଇଁ ସାମଗ୍ରୀ ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି। ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ବଟକୃଷ୍ଣ କହଁର, ସସ୍ମିତ ମେସଓ୍ୱା, ଅନନ୍ୟା ହୋତା ଏବଂ ଅନ୍ୟାନ୍ୟ ଇତିହାସ ଗବେଷକ, ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ବ୍ୟକ୍ତିବିଶେଷ ଉତ୍ସବରେ ସାମିଲ ହୋଇଥିଲେ। ଅଧ୍ୟାପକ ଡ. ଅତୁଲ କୁମାର ପ୍ରଧାନ ଏବଂ ଇତିହାସ ଗବେଷକ ଚୂଡାମଣି ରଣା ଖ୍ରୀଷ୍ଟପୂର୍ବ ଦୁଇ ଲକ୍ଷ ବର୍ଷରୁ ଦଶ ହଜାର ବର୍ଷ ତଳର ପ୍ରସ୍ତରଯୁଗୀୟ ଅସ୍ତ୍ର ଓ ଉପକରଣ ସଂଗ୍ରହାଳୟକୁ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି । ଏହା ବାରପାହାଡରେ ଝାଡ଼ଁ ନଦୀ ଅବବାହିକାରୁ ପ୍ରାପ୍ତ ହୋଇଛି। ଡ. ପ୍ରଧାନ ଓ ରଣା ଘୋଷଣା କରିଛନ୍ତି, ସେମାନେ ସଂଗ୍ରହାଳୟକୁ ଆହୁରି ଅଧିକ ପ୍ରାଗୈତିହାସିକ ଯୁଗୀୟ ଉପକରଣ, ତାଳପତ୍ର ପୋଥି ଏବଂ ଅନ୍ୟାନ୍ୟ ଜିନିଷ ଦେବେ।

# ଓଏଭି ପେଣ୍ଠବାହାଲରେ ସଚେତନତା କାର୍ଯ୍ୟକ୍ରମ

**ବିଶ୍ୱ ଐତିହ୍ୟ ଦିବସ ପାଳିତ**

ନକଟିଦେଉଳ,୧୮।୪(ବୈକୁଣ୍ଠନାଥ ସାହୁ)

ବିଶ୍ୱ ଐତିହ୍ୟ ଦିବସ ଅବସରରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ପେଣ୍ଠବାହାଲରେ ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପୁରୀ ଶାଖା ପକ୍ଷରୁ ଏକ ସଚେତନତା ଓ ଐତିହ୍ୟ ସଂରକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଏସଆଇ ପୁରୀ ଶାଖାର ଅଧ୍ୟକ୍ଷ ଡ. ଡି.ବି. ଗଡ଼ନାୟକ ଓ ତାଙ୍କ ଟିମ୍ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଐତିହ୍ୟ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ବିଦ୍ୟାଳୟ କରିଡରକୁ ଭାରତର ୪୩ଟି ବିଶ୍ୱ ଐତିହ୍ୟସ୍ଥଳୀର ବ୍ୟାନରରେ ସଜ୍ଜିତ କରାଯାଇଥିଲା। ଡ.ଗଡ଼ନାୟକ ତାଙ୍କ ବକ୍ତବ୍ୟରେ ଐତିହ୍ୟସ୍ଥଳୀର ଗୁରୁତ୍ୱ, ସେଗୁଡ଼ିକର ସଂରକ୍ଷଣର ଆବଶ୍ୟକତା ଏବଂ ଆମ ସଂସ୍କୃତି ଓ ପରମ୍ପରାକୁ ପାଶ୍ଚାତ୍ୟ ପ୍ରଭାବରୁ ସୁରକ୍ଷିତ ରଖିବା ଉପରେ ଆଲୋକପାତ କରିଥିଲେ। ସେ ବିଦ୍ୟାଳୟ ନିକଟବର୍ତ୍ତୀ ଭୀମମଣ୍ଡଳୀ ଗୁମ୍ଫାରୁ ସମ୍ପ୍ରତି ଖନନରେ ମିଳିଥିବା ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ ସମ୍ପର୍କରେ ବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏଏସ୍ଆଇ ଟିମ୍ ପକ୍ଷରୁ ପାଷାଣ ଯୁଗ ଓ ନବପାଷାଣ ଯୁଗର ଖନନରୁ ମିଳିଥିବା ଉପକରଣ ଓ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରଶ୍ନ ପଚାରିଥିବା ବେଳେ ଡ. ଗଡ଼ନାୟକ ଚିତ୍ର ଓ ପ୍ରତ୍ନବସ୍ତୁ ସହଯୋଗରେ ସେଗୁଡ଼ିକର ଉତ୍ତର ଦେଇଥିଲେ। ସେ ଛାତ୍ରୀଛାତ୍ରଙ୍କୁ ଭୀମମଣ୍ଡଳୀ ଗୁମ୍ଫା ପରିଦର୍ଶନ ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକଭାବେ ଅନୁଷ୍ଠାନ ଅଧ୍ୟକ୍ଷ ପ୍ରତାପ ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶିକ୍ଷକ କ୍ଷେତ୍ରବାସୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାର୍ଥୀମାନଙ୍କ ମନରେ ଐତିହ୍ୟ ସଂରକ୍ଷଣ ପ୍ରତି ଆଗ୍ରହ ଓ ସଚେତନତା ସୃଷ୍ଟି କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇଛି।



ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ରମାନେ।

# ରେଙ୍ଗାଲି ପାଇଁ ଗୌରବ ଆଣିଲେ ଆଲୋକିତା



ରେଙ୍ଗାଲି,୧୮।୪(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ମାଟିର ଝିଅ ଆଲୋକିତା ମିଶ୍ର ସିବିଏସସି ଦଶମ ପରୀକ୍ଷାରେ ୯୯% ମାର୍କ ରଖି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ୫ଟି ବିଷୟ ମଧ୍ୟରୁ ୩ଟିରେ ସେ ଶତପ୍ରତିଶତ ମାର୍କ ରଖିଛନ୍ତି। ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନ କରୁଥିବା ଆଲୋକିତା ଏହି ସଫଳତାର ଶ୍ରେୟ ନିଜ ବାପା, ମା, ଜେଜେ ବାପା, ଜେଜେମା, ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଇଛନ୍ତି। ଆଗକୁ ନିଟ ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ସହ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ରୋଗୀ ସେବା କରିବା ସେ ଲକ୍ଷ୍ୟ ରଖିଛନ୍ତି। ସେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ବରିଷ୍ଠ କବି ଅଶ୍ୱିନୀ କୁମାର ମିଶ୍ରଙ୍କ ନାତୁଣୀ ଅଟନ୍ତି।

# ୨୮ ବର୍ଷ ପରେ ପ୍ରାକ୍ତନ ଅଧିକାରୀ ଦୋଷମୁକ୍ତ

**ଅର୍ଥ ହଡ଼ପଜନିତ ଆପରାଧିକ ମାମଲାର ରାୟ ପ୍ରକାଶ**

ସମ୍ବଲପୁର,୧୮।୪(ପ୍ରମୋଦ ବହିଦାର)

ସମ୍ବଲପୁରର ସିଜେଏମ୍-ତଥା-ସହକାରୀ ସେସନ୍ସ ଜଜ୍ ସାବିତ୍ରୀ ନାୟକ ଏକ ସରକାରୀ ଅର୍ଥ ହଡ଼ପଜନିତ ଆପରାଧିକ ମାମଲାରେ ରାୟ ପ୍ରକାଶ କରି ଶନିବାର ଅଭିଯୁକ୍ତ ଗୋକୁଳ ଚନ୍ଦ୍ର ତ୍ରିପାଠୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୧୯୯୩-୯୪ ମସିହାରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି ୧୯୯୭ ମସିହାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଆଇପିସି ଧାରା ୪୦୯, ୪୬୮, ୪୭୧ ଓ ୪୭୭(ଏ)ରେ ଏକ ମାମଲା ରୁଜୁ ହୋଇଥିଲା। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଥିବା ଏହି ବିଚାର ପ୍ରକ୍ରିୟାରେ ୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ କୌଣସି ଦୃଢ଼ ପ୍ରମାଣ ଉପସ୍ଥାପନ କରାଯାଇ ନ ପାରିବାରୁ ଅଦାଲତ ବେନିଫିଟ୍ ଅଫ୍ ଡାଉଟ୍ ଆଧାରରେ ୭୬ ବର୍ଷୀୟ ଗୋକୁଳ ଚନ୍ଦ୍ର ତ୍ରିପାଠୀଙ୍କୁ ଦୋଷମୁକ୍ତ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ, ତ୍ରିପାଠୀ ବଲାଙ୍ଗୀର ଜିଲାରେ ଉଦ୍ୟାନବିତ୍‌ଭାବେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ସହିତ ଅନ୍ୟ ୩କର୍ମଚାରୀ ସୁବାସ ବାଗ, ଶୁକ୍ରୁ ବାରିକ ଏବଂ କପିଳେଶ୍ୱର ନାୟକଙ୍କ ନାମରେ ୧ଲକ୍ଷ ୧୧ ହଜାର ୪୮୮ ଟଙ୍କାର ସରକାରୀ ଅର୍ଥ ବାଟ ମାରଣା ଅଭିଯୋଗ ହୋଇଥିଲା। ବଙ୍ଗୋମୁଣ୍ଡାସ୍ଥିତ ପଞ୍ଚାୟତ ସମିତି ଅର୍ଚାଡରେ ସରକାରୀ ଯୋଜନା କାର୍ଯ୍ୟକାରୀ ଦେଖାଇ ମିଥ୍ୟା ବିଲ ଭାଉଚର ଦାଖଲ କରି ଟଙ୍କା ଉଠେଇବାର ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ୧୯୯୯ ଡିସେମ୍ବର ୩୧ରେ ଚାର୍ଜଶିଟ୍ ଦାଖଲ ପରେ ସିଜେଏମ୍ କୋର୍ଟରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ବର୍ତ୍ତମାନ ତ୍ରିପାଠୀଙ୍କ ବ୍ୟତୀତ ଅନ୍ୟ ୩ଜଣଙ୍କ ପରଲୋକ ହୋଇସାରିଛି। ଏହି ମାମଲାକୁ ତ୍ରିପାଠୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡ. ପ୍ରମୋଦ ରଥ ପରିଚାଳନା କରୁଥିଲେ।




ଧରିତ୍ରୀ
DHARITRI
ଧରିତ୍ରୀ 52 Years





ଯାଜପୁର ଜିଲା ସୁକିନ୍ଦା ବ୍ଲକ ବେଣାଗାଡ଼ିଆ ଗ୍ରାମର ନଳକୂପ ଜଳ ପାନୀୟ ଅନୁପଯୋଗୀ ହୋଇପଡ଼ିଥିବାରୁ ମହିଳାମାନେ ଗାଁ ନିକଟ ଏକ ନାଳରୁ ପାଣି ସଂଗ୍ରହ କରି ଆଣୁଛନ୍ତି। (ରିପୋର୍ଟ: ପୃଷ୍ଠା-୨)

# ବିରୋଧୀ ଅଟକାଉଛନ୍ତି ମହିଳା ବିଲ୍, ଗର୍ଜିଲେ ମୋଦି

ନୂଆଦିଲ୍ଲୀ,୧୮।୪ (ପି.ଟି.)



ସରକାରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ପାର୍ଲାମେଣ୍ଟରେ ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ ଗୃହୀତ କରାଇ ନ ଦେଇ ବିରୋଧୀ ଦଳଗୁଡ଼ିକ ମହିଳାମାନଙ୍କ ସ୍ୱପ୍ନକୁ ନିର୍ଦ୍ଦୟ ଭାବେ ଚୂନା କରିଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଲୋକ ସଭାରେ ବିଲ୍ ନାକଚ ହେବାର ଦିନକ ପରେ ରାଷ୍ଟ୍ରକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ଭଳି ଦଳଗୁଡ଼ିକର ସ୍ୱାର୍ଥପର ରାଜନୀତି ଦେଶର ମହିଳାଙ୍କ ବିରୋଧରେ ଯାଇଛି। ବ୍ୟବସ୍ଥାପିକାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଉଦ୍ୟମକୁ ସେମାନେ ବିଫଳ କରିଦେଇଛନ୍ତି। ଏଥିପାଇଁ ଦେଶର ସବୁ ମହିଳାଙ୍କଠାରୁ ମୁଁ ☞ପୃଷ୍ଠା-୨

# ହର୍ମୁଜ୍‌ରେ ୨ ଭାରତୀୟ ଜାହାଜକୁ ଗୁଳିମାଡ଼

**ବିଶ୍ୱର ଅନ୍ୟତମ ପ୍ରମୁଖ ବାଣିଜ୍ୟିକ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଶୁକ୍ରବାର ଇରାନ ଖୋଲିଦେଇଥିଲା। ମାତ୍ର ୨୪ ଘଣ୍ଟା ନ ପୂରୁଣୁ ପୁଣି ଏହି ବାଣିଜ୍ୟିକ ଜଳପଥକୁ ବନ୍ଦ କରିଦେଇଛି। ଏହାର କିଛି ଘଣ୍ଟା ପରେ ୨ ଭାରତୀୟ ଜାହାଜକୁ ଗୁଳିମାଡ଼ ହୋଇଛି। ୨ ଇରାନୀୟ ଗନ୍‌ବୋଟ୍‌ରୁ ଗୁଳି କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଏଥିରେ ଜାହାଜ କ୍ଷତିଗ୍ରସ୍ତ ହୋଇ ନ ଥିବାବେଳେ କେହି ଆହତ ହୋଇନାହାନ୍ତି। ଓମାନର ଉତ୍ତରପୂର୍ବ ଭାଗରେ ଗୁଳିମାଡ଼ ପରେ ଜାହାଜ ଦୁଇଟି ହର୍ମୁଜ୍‌ରୁ ଫେରିଯାଇଛି। ଏହି ଘଟଣା ପରେ ନୂଆଦିଲ୍ଲୀ ଇରାନୀୟ ରାଷ୍ଟ୍ରଦୂତଙ୍କୁ ସମନ କରିଛି।**

ନୂଆଦିଲ୍ଲୀ,୧୮।୪

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ଶନିବାର ପୁନର୍ବାର ଅବରୋଧ କରିବାର କିଛି ଘଣ୍ଟା ପରେ ୨ ଭାରତୀୟ ଜାହାଜକୁ ଗୁଳିମାଡ଼ ହୋଇଛି। ୨ ଇରାନୀୟ ଗନ୍‌ବୋଟ୍‌ରୁ ଗୁଳି କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଏଥିରେ ଜାହାଜ କ୍ଷତିଗ୍ରସ୍ତ ହୋଇ ନ ଥିବାବେଳେ କେହି ଆହତ ହୋଇନାହାନ୍ତି। ଓମାନର ଉତ୍ତରପୂର୍ବ ଭାଗରେ ଗୁଳିମାଡ଼ ପରେ ଜାହାଜ ଦୁଇଟି ହର୍ମୁଜ୍‌ରୁ ଫେରିଯାଇଛି। ଗୁଳିମାଡ଼ର ସମ୍ମୁଖୀନ ହୋଇଥିବା ୨ଟି ଜାହାଜ ମଧ୍ୟରୁ ଗୋଟିଏ ବହୁତ ବଡ଼ ହୋଇଥିବାବେଳେ ସେଥିରେ ଅଶୋଧିତ ତୈଳ ଆସୁଥିଲା। ଏହି ଘଟଣା ପରେ ନୂଆଦିଲ୍ଲୀ ଇରାନୀୟ ରାଷ୍ଟ୍ରଦୂତଙ୍କୁ ସମନ କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଏହା ଉପରେ ବିବୃତି ଦେଇପାରେ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି।

ସୁପର ଟ୍ୟାଙ୍କର ସମେତ ୨ ଭାରତୀୟ ବାଣିଜ୍ୟିକ ଜାହାଜ ଶନିବାର ହର୍ମୁଜ୍ ଅତିକ୍ରମ କରିବାକୁ ଉଦ୍ୟମ କଲାବେଳେ ଗୁଳିମାଡ଼ର ସମ୍ମୁଖୀନ ହୋଇଥିଲା ବୋଲି ଏକାଧିକ ସାମୁଦ୍ରିକ ଓ ସୁରକ୍ଷା ସୂତ୍ରରୁ ଜଣାପଡ଼ିଛି। ଇରାନର ରିଭୋଲ୍ୟୁଶନାରି ଗାର୍ଡ ଗନ୍‌ବୋଟ୍‌ରୁ ଗୁଳିମାଡ଼ ହୋଇଥିବା ଟ୍ୟାଙ୍କରଟ୍ରାକର୍ ରିପୋର୍ଟ କରିଛି। ଭାରତୀୟ ସୁପର ଟ୍ୟାଙ୍କରରେ ପ୍ରାୟ ୨ ନିୟୁତ ବ୍ୟାରେଲ୍ ଇରାକୀ ତୈଳ ବୋଝେଇ ହୋଇଥିଲା। ଇରାନ ରିଭୋଲ୍ୟୁଶନାରି ଗାର୍ଡର ୨ଟି ଗନ୍‌ବୋଟ୍‌ରୁ ଏକ ତୈଳବାହୀ ଜାହାଜକୁ ଗୁଳି ହୋଇଥିବା ବ୍ରିଟେନ୍ ମେରିଟାଇମ୍ ଟ୍ରେଡ୍ ଅପରେଶନ (ୟୁକେଏମ୍‌ଟିଓ) ସେଣ୍ଟର ପକ୍ଷରୁ ସ୍ପଷ୍ଟ କରାଯାଇଛି। କେଶମ୍ ଏବଂ ଲାରାକ ଦ୍ୱୀପ ମଧ୍ୟବର୍ତ୍ତୀ ଅଞ୍ଚଳରେ ଗୁଳିମାଡ଼ ☞ପୃଷ୍ଠା-୨

## ପୁଣି ହର୍ମୁଜ୍ ବନ୍ଦକଲା ଇରାନ | ଆମେରିକା ଚୁକ୍ତି ଉଲ୍ଲଂଘନ କରିଥିବା ଅଭିଯୋଗ

କାଇରୋ,୧୮।୪

ଇରାନ ସହ ଜଡ଼ିତ ଜାହାଜ ଚଳାଚଳ ଉପରେ ଆମେରିକା ଲଗାଇଥିବା କଟକଣା ହଟାଇବ ନାହିଁ ବୋଲି କହିବା ପରେ ତେହରାନ୍ ଶନିବାର ପୁଣିଥରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ବନ୍ଦ କରିଦେଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ନିୟନ୍ତ୍ରଣ ସଶସ୍ତ୍ର ବଳର କଠୋର ପରିଚାଳନାରେ ପୁଣି ପୂର୍ବ ସ୍ଥିତିକୁ ଫେରିଥିବା ଇରାନର ଯୁଗ୍ମ ସାମରିକ କମାଣ୍ଡ କହିଛନ୍ତି। ଇରାନୀୟ ବନ୍ଦରଗୁଡ଼ିକ ଉପରେ ଆମେରିକାର ଅବରୋଧ ଯେପର୍ଯ୍ୟନ୍ତ ରହିଥିବ, ସେପର୍ଯ୍ୟନ୍ତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଜାହାଜ ଚଳାଚଳ ବନ୍ଦ ରହିବ ବୋଲି ଇରାନ ସାମରିକ କମାଣ୍ଡ ଚେତାବନୀ ଦେଇଛନ୍ତି।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସମସ୍ତ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ☞ପୃଷ୍ଠା-୨

# ଏସ୍‌ଡିପିଓଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ

## ନୟାଗଡ଼ ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜିପି

ଭୁବନେଶ୍ୱର,୧୮।୪(ତ୍ରିନାଥ ମହାନ୍ତି)

ନୟାଗଡ଼ ଜିଲା ଖଣ୍ଡପଡ଼ା ସବ୍‌ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ) ମଦନ ମୋହନ ପ୍ରଧାନଙ୍କ ନାମରେ ଯୌନ ନିର୍ଯାତନା ଓ ଧମକ ଅଭିଯୋଗ ଆସିଛି। ଏନେଇ ଜଣେ ମହିଳା ଭୁବନେଶ୍ୱର ଡିଜିପିଙ୍କ କ୍ୟାମ୍ପ ଅଫିସ୍ ଆସି ଅଭିଯୋଗ କରିଛନ୍ତି। ଏସ୍‌ଡିପିଓ ତାଙ୍କୁ ଅଶ୍ଲୀଳ ଇଙ୍ଗିତ କରୁଥିବାର ଏକ ଅଡିଓ କ୍ଲିପ୍ ମଧ୍ୟ ମହିଳା ଜଣକ ପ୍ରଦାନ କରିଛନ୍ତି। ଉକ୍ତ ଅଡିଓରେ ଏସ୍‌ଡିପିଓ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଏବଂ ଶାରୀରିକ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି। ଡିଜିପି ୱାଇ. ବି. ଖୁରାନିଆ ଅଭିଯୋଗକୁ ଗ୍ରହଣ କରିବା ସହ ଘଟଣାର ତଦନ୍ତ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ, ମହିଳା ଜଣକ ଏକ ମାମଲା ନେଇ ଥାନାକୁ ଯାଇଥିଲେ। ଏସ୍‌ଡିପିଓ ଉକ୍ତ ମାମଲାର ତଦନ୍ତ କରୁଥିବା କହି ତାଙ୍କଠାରୁ ☞ପୃଷ୍ଠା-୨

# କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବୃଦ୍ଧି

ନୂଆଦିଲ୍ଲୀ,୧୮।୪(ପି.ଟି.): କେନ୍ଦ୍ର ସରକାର ଶନିବାର ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ସହାୟତା (ଡିଆର୍)କୁ ୨ ପ୍ରତିଶତ ବୃଦ୍ଧି କରିଛନ୍ତି। ଫଳରେ ୫୦.୪୬ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଏବଂ ୬୮.୨୭ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ। ଏବାବଦରେ ସରକାରଙ୍କୁ ବାର୍ଷିକ ଅତିରିକ୍ତ ୬,୭୯୧.୨୪ କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଜଣାଇବା ବେଳେ କହିଛନ୍ତି। କେନ୍ଦ୍ରୀୟ କର୍ମଚାରୀଙ୍କ ☞ପୃଷ୍ଠା-୨

# ଖରା ପାଇଁ ୯ ଜିଲାରେ ଶିକ୍ଷାନୁଷ୍ଠାନ ଛୁଟି

ଭୁବନେଶ୍ୱର,୧୮।୪(ସୁଚିସ୍ମିତା ସାହୁ)

ରାଜ୍ୟରେ ଏବେ ଗ୍ରୀଷ୍ମ ଲହରି ଜାରି ରହିଛି। ଆସନ୍ତା ସପ୍ତାହରେ ଆହୁରି ୩ରୁ ୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଓ ଗରମ ଗୁଳୁଗୁଳିରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୯ ଜିଲାରେ ଅଙ୍ଗନୱାଡ଼ି, ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗାଇଡ୍‌ଲାଇନ୍ ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ସ୍ଥିତିକୁ ଦେଖି ଜିଲାପାଳମାନେ ସାମୟିକ ଭାବେ ଶିକ୍ଷାନୁଷ୍ଠାନ ବନ୍ଦ ନିଷ୍ପତ୍ତି ନେଇଛନ୍ତି। ପାଠପଢ଼ା ବନ୍ଦ ହୋଇଥିଲେ ମଧ୍ୟ ପରୀକ୍ଷାଗୁଡ଼ିକ ଚାଲୁ ରହିବ। ସକାଳ ୭ଟାରୁ ୯ ମଧ୍ୟରେ ପରୀକ୍ଷା ପରିଚାଳନା ହେବ ଓ ଏହି ସମୟରେ ପାଣି ଏବଂ ଓଆର୍‌ଏସ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲାରେ ଆସନ୍ତା ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ସେହିପରି ବୌଦ୍ଧ, ସୋନପୁର ଓ ଝାରସୁଗୁଡ଼ା ଜିଲାରେ ୨୨ ତାରିଖ ଯାଏ ଛୁଟି ଘୋଷଣା କରାଯାଇଥିବାବେଳେ କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ାରେ ୨୧ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରାଯାଇଛି। ନବରଙ୍ଗପୁରରେ ମଧ୍ୟ ଆସନ୍ତା ୨୦ ତାରିଖଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏବଂ ମୟୂରଭଞ୍ଜରେ ୨୩ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆତଙ୍କବାଦୀ ଲିଙ୍କ୍‌ରେ ଥିଲେ ଓଡ଼ିଆ ଯୁବକ ଇମ୍ରାନ



ଇମ୍ରାନ ଓ ଅନ୍ୟ ଅଭିଯୁକ୍ତଙ୍କ ସହ ଦିଲ୍ଲୀ ପୋଲିସର ସ୍ପେଶାଲ ଟିମ୍।

## ଲାଲକିଲା, ଇଣ୍ଡିଆ ଗେଟ୍ ଅଞ୍ଚଳରେ ବିସ୍ଫୋରଣ ଯୋଜନା ଥିଲା

## ୪ଜଣଙ୍କୁ ଗିରଫ ସହ ସ୍ପଷ୍ଟ କଲା ଦିଲ୍ଲୀ ପୋଲିସ

ଭୁବନେଶ୍ୱର,୧୮।୪(ତ୍ରିନାଥ ମହାନ୍ତି)

ଗତ ୧୦ ତାରିଖ ରାତିରେ ଭୁବନେଶ୍ୱର ଗଙ୍ଗନଗରରୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଉଠାଇ ନେଇଥିବା କଟକର ଶେଖ ଇମ୍ରାନ୍‌ଙ୍କୁ ଶନିବାର ଗିରଫ ଦର୍ଶାଇଛି। ଆତଙ୍କବାଦୀ ଲିଙ୍କ୍‌ରେ ଇମ୍ରାନଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରାଯାଇଥିବା ଦିଲ୍ଲୀ ପୋଲିସ ସ୍ପଷ୍ଟ କରିଛି। ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଉଛନ୍ତି ବିହାର କଟିହାରର ମହମ୍ମଦ ସୋହେଲ, ମହାରାଷ୍ଟ୍ର ଥାଣେର ମୁଜୀବ ଅହମ୍ମଦ ଓରଫ ସୋନୁ ଓରଫ କଲାମ ଓ ମୁମ୍ବାଇର ମହମ୍ମଦ ହମ୍ମାଦ। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତମାନେ ମୌଳବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍‌ର ସଦସ୍ୟ ତଥା ଆତଙ୍କବାଦୀ ଖଲିଫା ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ସେମାନେ ଖୁରାସାନ(ଉତ୍ତରପୂର୍ବ ଇରାନ, ଦକ୍ଷିଣ ତୁର୍କମେନିସ୍ତାନ ଓ ଉତ୍ତର ଆଫଗାନିସ୍ତାନ)ରୁ ଲସ୍କର ଆସିବା ଓ କଳା ପତାକା ଉଡ଼ାଇବାର ଉଦ୍ଦେଶ୍ୟରେ ବିଶ୍ୱାସ ରଖୁଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଏମାନେ ଭାରତ ତଥା ଭାରତୀୟ ଉପମହାଦେଶୀୟ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି କରୁଥିବା ଇସ୍‌ଲାମିକ୍ ଗୋଷ୍ଠୀ 'ଗଜୱା-ଏ-ହିନ୍ଦ୍'ରେ ସାମିଲ ହେବାପାଇଁ ପ୍ରସ୍ତୁତି ଚଳାଇଥିଲେ। ଏନ୍‌କ୍ରିପ୍ଟେଡ୍ ସୋସିଆଲ ମିଡିଆ ଗ୍ରୁପ୍ ମାଧ୍ୟମରେ ଅନ୍ୟମାନଙ୍କୁ ମଧ୍ୟ ମୌଳବାଦୀ ଚିନ୍ତାଧାରାରେ ଯୋଡୁଥିଲେ। ନିଜର ଉପସ୍ଥିତି ଜାହିର କରିବାକୁ ଆଗାମୀ ଦିନରେ ବଡ଼ ବିସ୍ଫୋରଣ ପାଇଁ ଯୋଜନା ଚଳାଇଥିଲେ। ଜଣେ ଅଭିଯୁକ୍ତଙ୍କ ନିକଟରୁ ଏକ ଆଇଇଡ଼ି ଜବତ କରାଯାଇଛି। ଦୁଇଜଣ ସଦସ୍ୟ ସ୍ଥାନୀୟ ସୂତ୍ରରୁ ବିସ୍ଫୋରକ ☞ପୃଷ୍ଠା-୨



# ପୋଷଣ ସଚେତନତା କାର୍ଯ୍ୟକ୍ରମ

**ଝାରବନ୍ଧ,୧୮।୪(ଦେବେନ୍ଦ୍ର ସାହୁ):** ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ, ଝାରବନ୍ଧରେ ପୋଷଣ ସଚେତନତା କାର୍ଯ୍ୟକ୍ରମ ଶନିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଝାରବନ୍ଧ ସିଡିପିଓ ସୁଷମା ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବିଭିନ୍ନ ସର୍କଲରୁ ସୁପରଭାଇଜର ତିଲୋତ୍ତମା ଦାସ, ହୀରାବତୀ ଭୋଇ, ପ୍ରମିଳା ମୁନା ଅନ୍ୟ ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗ ମୁଖ୍ୟ ଯାଜ୍ଞସେନୀ ନାୟକଙ୍କ ତତ୍ତ୍ୱାବଧାନରେ ସୁଷମ ଖାଦ୍ୟ ପ୍ରଦର୍ଶନୀ ହୋଇଥିଲା। ଅତିଥି ମାନେ ସୁଷମ ଖାଦ୍ୟର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ।

# ଚିକିତ୍ସା ପାଇଁ କମ୍ ଦରରେ ଧାନ ବିକିଲେ ଚାଷୀ

**ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ)**

ଧାନବିକ୍ରି ପଞ୍ଜୀକରଣରୁ ବାଦ ପଡ଼ିଥିବା ଯୋଗୁ ବରଗଡ଼ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ଗତବର୍ଷ ଖରିଫରେ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ଏହାକୁ ନେଇ ସମ୍ପୃକ୍ତ ଚାଷୀଙ୍କ ଦୁଃଖ ବଢ଼ି ଚାଲିଛି। ଗତ କିଛିଦିନ ତଳେ ଏଭଳି ସମସ୍ୟା ଯୋଗୁ ଜଣେ ଚାଷୀ ବାହାଘର ପାଇଁ ଧାନ ବନ୍ଧା ପକାଇଥିଲେ। ତେବେ ତାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଶନିବାର ଆଉ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବଗରଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ରାମଖୋଲ ଗ୍ରାମର ଚାଷୀ ଝାଡ଼େଶ୍ୱର ପାତ୍ର ନିଜ ଚିକିତ୍ସା ପାଇଁ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ୩୧୦୦ ଟଙ୍କା ବଦଳରେ କୁଇଣ୍ଟାଲ ପ୍ରତି ୧୬୦୦ ଟଙ୍କାରେ ଧାନ ବିକ୍ରି ପାଇଁ ବାଧ ହୋଇଥିବା କହିଛନ୍ତି। ଗତ ୧୫ତାରିଖରୁ ସେ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି । ଗତ ବର୍ଷ ଖରିଫ ଋତୁରେ ନିଜ ପୈତୃକ ଜମି ଏକ ହେକ୍ଟର ଏବଂ ନିଜ ଶ୍ୱଶୁର ଘରର ଦୁଇ ଏକର ଜମିରେ ନିଜ ସ୍ତ୍ରୀ ତପସ୍ୱିନୀ ପାତ୍ର ଧାନ ଚାଷ କରି ଅଗଷ୍ଟ ୨୫ ତାରିଖରେ ଧାନ ବିକ୍ରି ପାଇଁ ଆବଶ୍ୟକ କାଗଜପତ୍ର ଦେଇ ସୋସାଇଟିକୁ ଯାଇ ପଞ୍ଜୀକରଣ କରିଥିଲେ। ମାର୍ଚ୍ଚ ମାସ ଶେଷ ସୁଦ୍ଧା ଟୋକନ ଆସିଲେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ବିକ୍ରି କରିବେ ବୋଲି ସେ ଆଶା ବାନ୍ଧିଥିଲେ। ମାତ୍ର ତାଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳି ନାହିଁ। ତାଙ୍କ ସାନଭାଇ ମଧ୍ୟ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଚାଷୀ ଝାଡେଶ୍ୱର ଚାଷକାର୍ଯ୍ୟ ସହିତ ଅଞ୍ଚଳର ପରିବେଶ ସୁରକ୍ଷା ଏବଂ ଲୋକଙ୍କ ସେବା କରି ଆସିଛନ୍ତି। ଏବେ ତାଙ୍କର ଏଭଳି ଦୁଃଖ ଅନ୍ୟମାନଙ୍କୁ ମଧ୍ୟ ଦୁଃଖରେ ପକାଇଛି।


ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଚାଷୀ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫ୍ରେଜରପୁରର ସଫଳତା



**ପାଇକମାଳ,୧୮।୪(ବଢ଼ ଶତପଥୀ)**

## ସିବିଏସ୍ଇ ପରୀକ୍ଷା

ସିବିଏସଇ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ପାଇକମାଳ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫ୍ରେଜରପୁରରେ ଖୁସିର ଲହରି ଖେଳିଯାଇଛି। ଏହି ବର୍ଷ ବିଦ୍ୟାଳୟର ଛାତ୍ର ଚିରାଗ ରଞ୍ଜନ ସାହୁ ୯୪.୨% ମାର୍କ ରଖି ଟପ୍ପର ହୋଇଛନ୍ତି। ରୋଶନ ଭୋଇ ୯୧.୮% ମାର୍କ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତୃତୀୟ ସ୍ଥାନରେ ଆଶୁତୋଷ ଘଡେଇ ୯୦.୮% ମାର୍କ ରଖିଛନ୍ତି। ସେହିପରି ଆର୍ଯ୍ୟା ଓଜସ୍ୱିନୀ ପ୍ରଧାନ ୯୦.୬% ମାର୍କ ରଖି ଚତୁର୍ଥ ସ୍ଥାନରେ, ଯୋଗେଶ ସାହୁ ୯୦.୪% ଓ ବବ୍ଲୀ ସାହୁ ୯୦.୨% ମାର୍କ ପାଇ ପଞ୍ଚମ ଓ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଖୁସୀ ପ୍ରଧାନ ୮୯.୮% ମାର୍କ ପାଇ ସପ୍ତମ ସ୍ଥାନ ହାସଲ କରିଥିବା ବେଳେ, ଅଷ୍ଟମ ସ୍ଥାନରେ ମୁସକାନ ତ୍ରିପାଠୀ ୮୭.୮% ମାର୍କ ଓ ନବମ ସ୍ଥାନରେ ହଂସିକା ଭୋଇ ୮୭.୬% ମାର୍କ ହାସଲ କରିଛନ୍ତି। ସମସ୍ତେ ନିଜର ସଫଳତା ପାଇଁ ନିଜ ମାତାପିତା ଓ ଶିକ୍ଷକମାନଙ୍କ ଆଶୀର୍ବାଦକୁ ମୂଳ କାରଣ ବୋଲି କହିଛନ୍ତି। ଏହି ବର୍ଷ ବିଦ୍ୟାଳୟର ମୋଟ ୬ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ମାର୍କ ରଖିଛନ୍ତି। ଏହା ଏକ ଗର୍ବର ବିଷୟ। ସେହିପରି ୮୦%ରୁ ୮୯% ମଧ୍ୟରେ ୧୧ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏଥିସହିତ ୬୦%ରୁ ୭୯% ମଧ୍ୟରେ ୩୫ ଜଣ ଛାତ୍ରୀଛାତ୍ର ମଧ୍ୟ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଶେଷ କଥା ହେଲା, ବିଦ୍ୟାଳୟର ପାସ୍ ହାର ୯୭% ରହିଛି, ଯାହା ବହୁତ ଉତ୍କୃଷ୍ଟ ଫଳାଫଳ ବୋଲି ଧରାଯାଏ। ବିଦ୍ୟାଳୟର ଅଧ୍ୟକ୍ଷ ଏହି ସଫଳତା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଇସ୍ରୋ ଯିବେ ଦିବ୍ୟକିଶୋର



**ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ)**

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂଗଠନ(ଇସ୍ରୋ)ରେ ହେବାକୁ ଥିବା ଇସ୍ରୋ ଯୁବିକା-୨୦୨୬ରେ ଭାଗ ନେବା ପାଇଁ ବରଗଡ଼ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଦିବ୍ୟକିଶୋର ମହାପାତ୍ର ମନୋନୀତ ହୋଇଛନ୍ତି। ଦିବ୍ୟକିଶୋର ବରଗଡ଼ ସହର ନିବାସୀ ରୂପଶ୍ରୀ ପଣ୍ଡା ଓ ଧୀରେନ୍ଦ୍ର କୁମାର ମହାପାତ୍ରଙ୍କ ପୁଅ। ଆସନ୍ତା ମେ ୧୦ତାରିଖ ଦିବ୍ୟକିଶୋର ସେଠାକୁ ପହଞ୍ଚିବେ ଏବଂ ଇସ୍ରୋ ଯୁବିକା-୨୦୨୬ରେ ଭାଗ ନେବେ। ମେ ୨୨ତାରିଖ ଉକ୍ତ କାର୍ଯ୍ୟକ୍ରମ ସରିବ ଏବଂ ଏହାପରେ ସେ ଫେରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଦିବ୍ୟକିଶୋର ମନୋନୀତ ହେବା ପରେ ଅଞ୍ଚଳରେ ଖୁସିର ଲହରି ଦେଖାଯାଇଛି।

# ରାଜନୀତି ବିଜ୍ଞାନ ବିଭାଗରେ ବିଦାୟ ସମ୍ବର୍ଦ୍ଧନା



**ବରପାଲି,୧୮।୪(ଚିତ୍ତରଞ୍ଜନ ସାହୁ)**

ବରପାଲି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ସ୍ନାତକ ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଲେଖ କୁମାର ମହାନନ୍ଦ ଉକ୍ତ ସଭାରେ ସଭାପତିତ୍ୱ ଓ ସଂଯୋଜନା କରିଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ସୁଶ୍ରୀ ଦେବାଙ୍ଗିନୀ ସାହୁ, ଅଞ୍ଜନା ଭୋଇ ଓ ସୀମା ଭୋଇ ସଭାରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କର ଉତ୍ତରୋତ୍ତର ଉନ୍ନତି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କନିଷ୍ଠ ଛାତ୍ରୀଛାତ୍ରମାନେ ବରିଷ୍ଠ ଛାତ୍ରୀଛାତ୍ରମାନଙ୍କୁ ଫୁଲ ଚନ୍ଦନ ଓ ଉପହାର ଦେଇ ସଭାକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଯୋଗଦେଇଥିବା ବେଳେ ଦ୍ୱିତୀୟ ବର୍ଷର ଛାତ୍ରୀ ସୁଶ୍ରୀ ଅର୍ପିତା ଥଇତ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ନବବଧୂଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ସମେତ ୩ ଅଟକ

**ଥୁଆମୂଳ ରାମପୁର, ୧୮।୪ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କାଦୋବେଡ଼ା ଗ୍ରାମରେ ଜଣେ ନବବଧୂଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ହେଲେ ଓଡ୍ରି ପଞ୍ଚାୟତ ବଡ଼ ବୋଫଲା ଗ୍ରାମର ଭଜମନ ନାଏକଙ୍କ ଝିଅ ବନିତା ନାଏକ। ଏହି ଘଟଣାରେ ପୋଲିସ ସ୍ୱାମୀଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ବନିତା ପ୍ରାୟ ୪ ମାସ ତଳେ ମହୁଲପାଟଣା ପଞ୍ଚାୟତ କାଦୋବେଡ଼ା ଗ୍ରାମର କରୁଣା ମୁଦୁଲିଙ୍କୁ ପ୍ରେମ ବିବାହ କରିଥିଲେ। ଗତ ଶୁକ୍ରବାର ସକାଳ ପ୍ରାୟ ୯ଟା ସମୟରେ ପାରିବାରିକ କଳହ ଯୋଗୁ ସ୍ୱାମୀଙ୍କ ସମେତ ଶ୍ୱଶୁର ଓ ଶାଶୁ ବିଧା ଓ ଗୋଇଠା ମାରିବା ସହ ତଣ୍ଟି ଚିପି ହତ୍ୟା କରିଥିବା ବନିତାଙ୍କ ବାପା ଭଜମନ ନାଏକ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ସଦର ଏସ୍‌ଡିପିଓ (SDPO) ନରେଶ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭବାନୀପାଟଣାରୁ ଏକ ସାଇଣ୍ଟିଫିକ ଟିମ୍ କାଦୋବେଡ଼ା ଗ୍ରାମରେ ପହଞ୍ଚି ଛାନ୍‌ଭିନ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୩ଜଣଙ୍କୁ ଥାନାରେ ଅଟକ ରଖିଛି। ଏ ନେଇ ଥୁଆମୂଳ ରାମପୁର ଥାନାରେ କେସ୍ ନମ୍ବର ୫୨/୨୬ ବିଏନ୍‌ଏସ୍ ଧାରା ୮୫, ୧୦୩(୧) ଓ ୩(୫) ଅନୁଯାୟୀ ମାମଲା ରୁଜୁ ହୋଇଛି। ଏସ୍‌ଆଇ ସନ୍ତୋଷ କୁମାର ସେଠୀ ଘଟଣାର ମୁଖ୍ୟ ତଦନ୍ତକାରୀ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସିବିଏସ୍ଇ ୧୦ମ ପରୀକ୍ଷା: ପ୍ରଗତି କନ୍‌ସେପ୍ଟ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

**ଭବାନୀପାଟଣା,୧୮।୪(ଉତ୍ତମ କୁମାର ଦାଶ):** ସିବିଏସ୍ଇ ଦଶମ ପରୀକ୍ଷାରେ କଳାହାଣ୍ଡି ଜିଲା ଭବାନୀପାଟଣା ସହର ପ୍ରଗତି କନ୍‌ସେପ୍ଟ ସ୍କୁଲର ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ଛାତ୍ର ବବୁଲ କୁମାର ମେହେର ୯୭.୬୦% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ପ୍ରମିଶ ମେହେର ୯୬%, ସୋମ ପ୍ରକାଶ ସାହୁ ୯୪.୬୦%, ସଚିନ କୁମାର ମେହେର ୯୪.୨୦%, ରମାକାନ୍ତ ସାହୁ ୯୩.୨୦%, ଶାଶ୍ୱତ କୁମାର ପାତ୍ର ୯୨.୮୦%, ସ୍ମିତ ସେଲିନା ସାହୁ ୯୨.୨୦%, ସୌରଭ ବେହେରା ୯୧.୨୦%, ନୀତୀଶ ପରାଶର ୯୦.୮୦%, ସ୍ୱସ୍ତିକ କୁମାର ସା ୯୦.୮୦%, ଏସ୍. ସୁଧାସ୍ମିତା ୯୦.୪୦%, ଚନ୍ଦନ ବୁଢ଼ିଆ ୯୦.୪୦%, ଐଶା ପଣ୍ଡା ୯୦.୨୦%, ଜ୍ୟୋତିର୍ମୟ ପାତ୍ର ୯୦% ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସ୍କୁଲରେ ୧୪ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଫଳାଫଳ ଶତ ପ୍ରତିଶତ ରହିଛି। ଏ ନେଇ ସ୍କୁଲ ସମ୍ପାଦକ ଇଂ. ଅଜୟ କୁମାର ପଣ୍ଡା, ଚେୟାରପର୍ସନ ସୁଶ୍ରୀ ସଙ୍ଗୀତା ପଣ୍ଡା, ଅଧ୍ୟକ୍ଷ ଚିନ୍ମୟ ଗୁରୁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


## OFFICE OF THE MUNICIPAL COUNCIL, MALKANGIRI

Odisha, Pin-764045, Ph : 06861-230244, e-Mail : malkangiri@ulborissa.gov.in
Lt. No. 1499/Mpl./2026 Date : 13/04/2026

**Expression of Interest (EOI) for Selection of Local Self-Help Group (SHG) for Operation and Management of Pickel Unit at Ashirwad Colony, Malkangiri**

**No.13001/222/2627** : Sealed proposals are invited from the local WSHGS for Operation and Management of Pickel Unit at Ashirwad Colony, Ward No-08, Malkangiri. The Sealed expression of interest should be submitted to the Malkangiri Municipality on or before date-22-04-2026 Time 4.00 PM by Registered / speed post only.

The EOIs will be opened on 23-04-2026 at 09.00 AM in the conference hall of the Malkangiri Municipality. The sealed envelope should be superscripted with "EOI for Operation & Management of Pickle Unit. The detailed Terms & Reference of the Expression of Interest is available in the office NULM Section.

**Eligibility Criteria**
1. The SHG must be a local group functioning within Malkangiri Municipality
2. The local Self-Help Groups (SHGs) must be registered under NULM / Mission Shakti / ORMAS / Government recognized SHG federations.
3. Should have a minimum of one year of experience in income generating activities.
4. The SHG should not be blacklisted or involved in any litigation with any government agency.
5. Preference will be given to women-led and experienced SHGs.
6. The SHG must adhering to Pancha Sutra for Group management.
7. No financial irregularities such as loan declared as NPA, Write of, one time settlement of loan etc.

**Document Should be Submitted:**
1. Application expressing interest.
2. SHG registration certificate
3. Copy of Aadhaar card & Pan Card of all members
4. Past Experience details (if any) with supporting documents.
5. Bank account details
6. Resolution copy for willingness to take up the work.
7. SHG should submit last 06 (Six) months resolution copy.
8. SHG should submit the last 06 (Six) month cash book copy.
9. SHG should submit last One year transaction details copy.
10. SHG PAN Card.

For any further information, please contact the Executive Officer, Malkangiri Municipality office during working hours.

Sd./- Executive Officer
Malkangiri Municipality
OIPR-13001/13125/1/26-27/0001



GOVERNMENT OF ODISHA No.32001/72/2627
DEPARTMENT OF WATER RESOURCES

## OFFICE OF THE CHIEF CONSTRUCTION ENGINEER, KHAIRIBHANDAN & DEO IRRIGATION PROJECT, KARANJIA

AT/PO : KARANJIA, DIST. : MAYURBHANJ-757037
Tel : 06796-296144, e-mail : cce.dip.dowr@gmail.com

**e-Procurement Notice No. 03/CCEKDIP of 2026-27**
**Bid Identification No.03/CCEKDIP of 2026-27**

1. Nature of work : Civil Work
2. Number of works : 02 (Two) Nos of Individual Work
3. Approximate amount put to tender : Rs.470.88 Lakh to Rs.555.31 Lakh
4. Period of completion : 9 (Nine) Calendar Months including rainy season
5. Class of Contractor : "A" Class Contractor
6. Date & Time of Availability of Bid document in the portal : Dt.22.04.2026 at 10 A.M. to 06.05.2026 up to 5.30 P.M.
7. Last date & time of seeking Tender Clarification : Dt.02.05.2026 up to 1.00 P.M.
8. Last date & time of receipt of Bids in the portal : Dt.06.05.2026 up to 5.30 P.M.
9. Date, time & place of opening of Technical Bid/s (Cover-I) : Dt.07.05.2026 at 10.30 A.M. in O/o the Chief Construction Engineer, Khairibhandan & Deo Irrigation Project, Karanjia
10. Date, time & place of opening of Financial Bid/s (Cover-II) : To be intimated after evaluation of Technical BID
11. Name & address of the officer inviting bid : Chief Construction Engineer, Khairibhandan & Deo Irrigation Project, Karanjia, AT/PO-Karanjia, PS-Karanjia, Dist.-Mayurbhanj, PIN-757037

*Further details can be seen from the Govt. website www.tendersodisha.gov.in. Any addendum/corrigendum/cancellation of tender can also be seen in the said Website.

Sd./- Chief Construction Engineer, Khairibhandan & Deo Irrigation Project, Karanjia
OIPR-32001/32380/1/26-27/0001



## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. 9001/15/2627: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ତା**20.04.2026**ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-9001/9001/1/26-27/0005



GOVERNMENT OF ODISHA No.32001/74/2627
DEPARTMENT OF WATER RESOURCES

## OFFICE OF THE SUPERINTENDING ENGINEER KHORADHA IRRIGATION DIVISION, KHORADHA

Dist. : Khurda, Odisha-752056, Tel/Fax : 06755-796308, Mail id : eekhurdairrigationdivision@gmail.com

**'e' Procurement Notice No.KHD-01 OF 2026-27. Dtd. 16.04.2026**

1. Name of the Work : 11 (Eleven) nos. of Civil Work, 2. Tender Cost : Varies from Rs.37.93 Lakhs to Rs.42.34 Lakhs, 3. Bid Document Cost : Rs.6000/-, 4. Bid Security : Varies from Rs.38000/- to Rs.42400/-, 5. Class of Contractor : C & B, 6. Period of Completion : 06 (six) calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khoradha Irrigation Division, Khoradha | KHD 01-01 of 2026-27 to KHD 01-11 of 2026-27 | 21.04.2026 at 11.00 A.M. | 30.04.2026 up to 5.00 P.M. | 02.05.2026 at 11.00 A.M. |

8. e-mail Id : eekhurdairrigationdivision@gmail.com
9. If required lottery may be held on **12.05.2026 at 11.00 A.M.**
Further detail conditions can be seen from the Govt. website www.tendersodisha.gov.in

Sd./- Superintending Engineer
Khoradha Irrigation Division, Khoradha
OIPR-32001/32078/1/26-27/0003



## OFFICE OF THE NOTIFIED AREA COUNCIL, TUSURA

(Dept. of Housing & Urban Development, Govt. of Odisha)
At/PO.PS. - Tusura, Dist. : Balangir-767030, e-mail : nactusura@gmail.com

**e-tender notice details**
**BID Identification No. Tusura-NAC-02-2026**
**e-tender call notice/DTCN No. [illegible] /16.04.2026**

**No.13001/223/2627** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

1. Name of the work : **Civil Construction works as mentioned in website**
2. No. of works : **04 nos. of Civil Projects**
3. Tender Cost : **Rs.500000/- to Rs.20,00000/-**
4. Period of Completion : **90 days**
5. Date & Time of availability of Bid Documents in the Portal : **From 18.04.2026, 12:00 A.M. to 24.04.2026, 5:00 P.M.**
6. Last date & time for receipt of bids in the portal : **On 24.04.2026 at 5:00 P.M.**
7. Last date & time for deposit of Fees & Documents (in sealed envelope) at Office tender box : **On 27.04.2026 at 05:00 P.M.**
8. Bids received online & Offline will be opened on : **On 29.04.2026 at 11:00 A.M.**
9. Name and address of the officer inviting Bid : **Executive Officer, Tusura NAC.**

Further details can be seen from the procurement portal i.e. **https://tendersodisha.gov.in**

Sd./- Chandan Ku. Satpathy
Executive Officer, Tusura NAC
OIPR-13001/13167/1/26-27/0002



## IN THE COURT OF CIVIL JUDGE (SENIOR DIVISION): 2ND ADDITIONAL COURT: CUTTACK

**Civil Suit No. 505 of 2021(III)**

**Canara Bank, (E-Syndicate Bank), Udyamimitra (SSME) Branch, Nandisahi, Dist.: Cuttack ........ Plaintiff**
**-Versus-**
**M/s. Nibedita Chakra ......... Defendant**

**NOTICE**
**Under order V Rule 20 of the Civil Procedure Code, 1908**

1. **M/s. Nibedita Chakra,** D/o: Santanu Chakra, At: Near Madan Mohan Temple, PO: Arunadoya Market, Balabhadrapur, Town/. Dist.: Cuttack. ....... Defendant

Whereas that the above-named plaintiff/ Canara Bank, **(E-Syndicate Bank) Udyamimitra (SSME) Branch, Nandisahi, Dist.: Cuttack**, has instituted a money suit against you for recovery of an outstanding dues amounting to **Rs.2,15,021.31 (Rupees two lakhs fifteen thousand twenty-one and thirty-one paisa only) as on dt. 16.12.2021** with pendentilite interest and future interest as per the contract.

You are hereby summoned to appear in this court in person or by a pleader instructed, and able to answer all material questions relating to the suit or shall be accompanied by some person able to answer all question on **11th Day of May 2026** to answer the claim and you are directed to produce on that day all the documents upon which you rely in support of your defence.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this **08th Day** of **April, 2026.**

**Sd/- JUDGE**



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
**ମହାନଦୀ ବିହାର ଶାଖା**
**ପ୍ଲଟ୍ ନଂ.: ୧୩୩୭, ମହାନଦୀ ବିହାର, ଜିଲ୍ଲା: କଟକ, ପିନ୍ - ୭୫୩୦୦୪**

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାନଦୀ ବିହାର ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାନଦୀ ବିହାର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ କେ ସି ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଜେନା,** ସା/ପୋ.: ନୟାବଜାର, ଥାନା: ସିଆର୍‌ଆର୍‌ଆଇ, ଜିଲ୍ଲା: କଟକ-୭୫୩୦୦୪ / **ଗ୍ୟାରେଣ୍ଟିଦାତା/ ବନ୍ଧକଦାତା: ଶ୍ରୀମତୀ କଳ୍ପଲତା ସାହୁ,** ସ୍ୱାମୀ: ଶ୍ରୀ ଦିଲ୍ଲିପ କୁମାର ସାହୁ, ସା.: କପାଳେଶ୍ୱର, ଶିବାନୀ ମନ୍ଦିର ନିକଟ, ପୋ/ଥାନା: ଚୌଦ୍ୱାର, ଜିଲ୍ଲା: କଟକ-୭୫୪୦୨୫ | ୩୧.୦୧.୨୦୨୬ ସୁଦ୍ଧା ଟ.୪୮,୮୬,୧୯୦.୪୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୦.୦୨.୨୦୨୬ / ୧୭.୦୪.୨୦୨୬ | ଶ୍ରୀମତୀ କଳ୍ପଲତା ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୬୭/୪୩୭୯, ଖାତା ନଂ.: ୮୫୯/୧୬୦୩, ଗ୍ରାମ/ମୌଜା: କପାଳେଶ୍ୱର, ୱାର୍ଡ: ଚୌଦ୍ୱାର ମ୍ୟୁନିସିପାଲିଟି - ୧୭, ଜିଲ୍ଲା: କଟକ, **ସମୁଦାୟ କ୍ଷେତ୍ର: ଏକର ୦.୦୮୦ ଡିସିମିଲି ଯାହା ୩୪୮୫ ବର୍ଗଫୁଟ,** ଏହାର ଚତୁଃପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀ ଜେଠୀଙ୍କ ବାସସ୍ଥାନ, ପୂର୍ବ: ଶ୍ରୀ ଜୟନ୍ତ ପରିଡା, ପଶ୍ଚିମ: ଶ୍ରୀ ଜୟନ୍ତ ପରିଡା |

**ସ୍ଥାନ: କଟକ, ତାରିଖ: ୧୮.୦୪.୨୦୨୬** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



## IN THE COURT OF THE CIVIL JUDGE (SENIOR. DIVISION), 2ND ADDITIONAL COURT, CUTTACK

**Civil Suit (III) No. 68 of 2021**

**Canara Bank, (E-Syndicate Bank), Nandi Sahi Branch, Nandi Sahi, Dist.: Cuttack ... Plaintiff**
**-Vrs-**
**Ashwin Kumar Pattnaik and another ... Defendants**

**NOTICE**
**Under order V Rule 20 of the Civil Procedure Code, 1908**

1. **Sri Ashwin Kumar Pattnaik ,** S/o: Late Akshay Kumar Pattnaik, At.: Station Bazar, Matha Sahi, PO.: College Square, Dist.: Cuttack-753003
2. **Sri Ajit Kumar Pattanaik,** S/o: Late Akshay Kumar Pattnaik, At.: Station Bazar, Matha Sahi, PO.: College Square, Dist.: Cuttack-753003 .... Defendants

Whereas that the above-named plaintiff/ Canara Bank **(E-Syndicate Bank), Nandi Sahi Branch, Nandi Sahi, Cuttack** has instituted a money suit against you for recovery of an outstanding dues amounting to **Rs.3,53,992.69 (Rupees Three lakhs fifty three-thousand Nine hundred ninety two and sixty nine paise only) as on dt. 15.01.2021** with pendentilite interest and future interest as per the contract.

You are hereby summoned to appear in this court in person or by a pleader instructed, and able to answer all material questions relating to the suit or shall be accompanied by some person able to answer all question on **11th Day of May 2026** to answer the claim and you are directed to produce on that day all the documents upon which you rely in support of your defence.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this **8th Day** of **April, 2026.**

**Sd/- JUDGE**



## IN THE COURT OF CIVIL JUDGE (SENIOR DIVISION): 2ND ADDITIONAL COURT: CUTTACK

**Civil Suit No. 344 of 2022 (III)**

**Canara Bank, (E-Syndicate Bank), Udyamimitra (SSME) Branch, Nandisahi, Dist.: Cuttack ........ Plaintiff**
**-Versus-**
**Mrs. G. Prabhani and another ......... Defendants**

**NOTICE**
**Under order V Rule 20 of the Civil Procedure Code, 1908**

1. **Mrs. G. Prabhani,** W/o: G. Appa Rao, At: Bala Krishna Road, PO/PS.: Dargha Bazar, Town/Dist.: Cuttack-753001.
2. **Mr. G. Appa Rao,** S/o: G. Krishna Rao, At: Bala Krishna Road, PO/PS.: Dargha Bazar, Town/Dist.: Cuttack-753001. ....... Defendants

Whereas that the above-named plaintiff/ Canara Bank, **E-Syndicate Bank, Udyamimitra (SSME) Branch, Nandisahi, Dist.: Cuttack,** has instituted a money suit against you for recovery of an outstanding dues amounting to **Rs.1,41,475.01 (Rupees one lakh forty one thousand four hundred seventy-five and zero one paisa only) as on dt. 01.09.2022** with pendentilite interest and future interest as per the contract.

You are hereby summoned to appear in this court in person or by a pleader instructed, and able to answer all material questions relating to the suit or shall be accompanied by some person able to answer all question on **11th Day of May 2026** to answer the claim and you are directed to produce on that day all the documents upon which you rely in support of your defence.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this **08th Day** of **April, 2026.**

**Sd/- JUDGE**

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜେଲରେ ବଢୁଛି କଏଦୀ ମୃତ୍ୟୁ

**୧୦ ବର୍ଷରେ ଗଲାଣି ୫୭୨ କଏଦୀଙ୍କ ଜୀବନ**

- ୩ ବର୍ଷରେ ଆତ୍ମହତ୍ୟା କରିଛନ୍ତି ୨୭ରୁ ଅଧିକ କଏଦୀ
- ଫୁଲବାଣୀ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କଲେ ଏନ୍‌ଏଚ୍‌ଆର୍‌ସି




ଭୁବନେଶ୍ୱର,୧୮।୪(ତ୍ରିନାଥ ମହାନ୍ତି)

ରାଜ୍ୟର ବିଭିନ୍ନ ଜେଲରେ କଏଦୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଚିକିତ୍ସା ଅଭାବରୁ ଅଧିକାଂଶ କଏଦୀଙ୍କ ମୃତ୍ୟୁ ଘଟୁଥିବାବେଳେ ଅନେକେ କଏଦୀ ଆତ୍ମହତ୍ୟା କରୁଛନ୍ତି। ବୁଧବାର ଫୁଲବାଣୀ ଜିଲା କାରାଗାରରେ ଜଣେ କଏଦୀଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି)। ଜେଲ ଭିତରେ କିଭଳି କଏଦୀଙ୍କ ମୃତ୍ୟୁ ଘଟୁଛି ତାହାକୁ ନେଇ ଆୟୋଗ ପ୍ରଶ୍ନ କରିଛନ୍ତି। ଜେଲରେ ମୃତ୍ୟୁର ନିରପେକ୍ଷ ତଦନ୍ତ ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରତି ୱାର୍ଡ ଏବଂ ପ୍ରତି ସେଲ୍‌ରେ କ୍ୟାମେରା ଲାଗିବା ସହ ୱାର୍ଡରମାନେ ଜଗି ରହୁଛନ୍ତି। ଏପରି କି ସିସିଟିଭିର ଲାଇଭ୍ ଫୁଟେଜକୁ ଜେଲର ଏବଂ ସୁପରିଣ୍ଟେଣ୍ଡେଣ୍ଟ ଦେଖୁଛନ୍ତି। ଏହା ସତ୍ତ୍ୱେ କଏଦୀ କିଭଳି ଆତ୍ମହତ୍ୟା କରୁଛନ୍ତି ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। କାରଣ ବଲାଙ୍ଗୀର ଜେଲରେ କଏଦୀ ଗୋପାଳ ସାହୁ ହାଇସିକ୍ୟୁରିଟି ସେଲରେ ଆତ୍ମହତ୍ୟା କରିଥିଲେ। ଉକ୍ତ ସେଲ୍‌ରେ ମାଳ ମାଳ ସିସିଟିଭି ଲାଗିଥିଲେ ମଧ୍ୟ କିଭଳି ମୃତ୍ୟୁ ଘଟିଲା ତାହା ଏବେ ବି ରହସ୍ୟରେ ରହିଛି। ଜେଲ କର୍ତ୍ତୃପକ୍ଷ ସିସିଟିଭିକୁ ମନିଟରିଂ କରୁ ନ ଥିବାର ସୁଯୋଗ ନେଇ ବଡ଼ ଅପରାଧୀମାନେ ଜେଲ ଭିତରେ ଦାଦାଗିରି ଦେଖାଇବା ସହ ହତ୍ୟା ଭଳି ବିଭିନ୍ନ କାଣ୍ଡ ଘଟାଉଛନ୍ତି। ଏପରିକି ସେମାନଙ୍କ ଅତ୍ୟାଚାରରେ ବହୁ କଏଦୀ ମାନସିକ ଭାରସାମ୍ୟ ହରାଇବା ସହ ଜେଲ ଜୀବନରୁ ସବୁଦିନ ମୁକ୍ତି ପାଇବାକୁ ଆତ୍ମହତ୍ୟା ଭଳି ପନ୍ଥା ଆପଣାଉଥିବା କୁହାଯାଉଛି।

ପ୍ରତି ସପ୍ତାହରେ ରାଜ୍ୟର କୌଣସି ନା କୌଣସି ଜେଲରେ ଜଣେ କଏଦୀ ଆତ୍ମହତ୍ୟା କରୁଛନ୍ତି। ଜେଲ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଗତ ୧୦ ବର୍ଷରେ ୫୭୨ଜଣ କଏଦୀଙ୍କ ମୃତ୍ୟୁ ଘଟିଲାଣି। ସେଥିରୁ ୩ବର୍ଷରେ ୨୭ଜଣ କେବଳ ଆତ୍ମହତ୍ୟା କରି ଜୀବନ ହାରିଛନ୍ତି। ୨୦୧୪ରୁ ୨୦୨୩ ମଧ୍ୟରେ ରାଜ୍ୟର ବିଭିନ୍ନ କାରାଗାରରେ ୫୭୨ଜଣ ବିଚାରାଧୀନ କଏଦୀଙ୍କ ଜୀବନ ଯାଇଛି। କଏଦୀମାନେ ଜେଲରେ ରହିବା ଭିତରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟୁଛି। ୨୦୨୪ରେ ସର୍ବାଧିକ ୮୭ ଜଣ କଏଦୀଙ୍କ ଜୀବନ ଯାଇଥିଲା। ଏହାପଛକୁ ୨୦୨୦ରେ ୭୫ ଓ ୨୦୨୧ରେ ୬୦ ଜଣଙ୍କ ଜୀବନ ଯାଇଛି। ୨୦୧୫ରେ ସବୁଠୁ କମ୍ ୪୫ କଏଦୀଙ୍କ ମୃତ୍ୟୁ ଘଟିଛି। ମ୍ୟାଲେରିଆ, ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗରୁ ମଧ୍ୟ ଅଧିକ ମୃତ୍ୟୁ ଘଟୁଛି। ୨୪୩ ଜଣଙ୍କ ମ୍ୟାଲେରିଆରେ ଜୀବନ ଯାଇଥିବାବେଳେ ଏହାପଛକୁ ହୃଦ୍‌ରୋଗରେ ୮୧, କିଡ୍‌ନୀରେ ୪୦, କର୍କଟ ରୋଗରେ ୨୩, ଯକ୍ଷ୍ମାରେ ୧୮ ଏବଂ ୧୫ ଜଣ ଫୁସ୍‌ଫୁସ୍ ସଂକ୍ରମଣରେ ଜୀବନ ଯାଇଛି। ବ୍ରେନ୍‌ଷ୍ଟ୍ରୋକରେ ୧୪, ଯକୃତ ରୋଗରେ ୧୧, ଏଡ୍ସରେ ୪ ଓ ଝାଡ଼ାବାନ୍ତିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଗତ ୩ବର୍ଷରେ ରାଜ୍ୟର ବିଭିନ୍ନ ଜେଲରେ ୩୧ଜଣ କଏଦୀ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଗତ ନଭେମ୍ବର ୨୦୨୫ରେ ଚୌଦ୍ୱାର ଜେଲରେ ଜଣେ କଏଦୀ ଆତ୍ମହତ୍ୟା କରିଥିବାବେଳେ ୨୦୨୫ ଅକ୍ଟୋବରରେ ପୋକ୍‌ସୋ ମାମଲାରେ ଜେଲରେ ଥିବା କଏଦୀ ଆତ୍ମହତ୍ୟା କରିଥିଲେ। ୨୦୨୫ ମେ'ରେ ଚୌଦ୍ୱାର ଜେଲରେ ଆଉ ଜଣେ କଏଦୀ ଆତ୍ମହତ୍ୟା କରିଥିଲେ। ସେହିପରି ୨୦୨୫ ଜୁନ୍‌ରେ ମଧ୍ୟ ଝାରପଡ଼ାରେ ଜଣେ କଏଦୀ ଆତ୍ମହତ୍ୟା କରିଥିଲେ। ଜେଲରେ କଏଦୀ ଆତ୍ମହତ୍ୟା କରିବାର ଅନେକ କାରଣ ରହିଛି। ଅନେକ ସମୟରେ ଜେଲରେ କଏଦୀଙ୍କୁ ଖାଇବାକୁ ନ ଦେଇ ନିର୍ଯାତନା ଦିଆଯାଉଛି। ଯେଉଁଥିପାଇଁ କଏଦୀ ନିର୍ଯାତନା ସହ୍ୟ କରି ନ ପାରି ଶେଷରେ ଆତ୍ମହତ୍ୟା କରୁଛନ୍ତି। ଅନେକ କ୍ଷେତ୍ରରେ ଜେଲ କର୍ତ୍ତୃପକ୍ଷ କଏଦୀଙ୍କୁ ଇ-ମୁଲାକାତ ମାଧ୍ୟମରେ ଭେଟ କରିବାର ସୁଯୋଗ ଦେଉନାହାନ୍ତି। ଫଳରେ ସେମାନେ ଗୋଟିଏ ଘର ଭିତରେ ରହି ମାନସିକ ଭାରସ୍ୟାମ ହରାଇ ଆତ୍ମହତ୍ୟା ଭଳି ରାସ୍ତାକୁ ବାଛି ନେଉଛନ୍ତି। ଏନେଇ ଜେଲ ଡିଜି ସୁଶାନ୍ତ ନାଥ କହିଛନ୍ତି, ଜେଲରେ ଏଆଇ କ୍ୟାମେରା ଲାଗିବା ସହ ୱାର୍ଡରମାନଙ୍କୁ କଡ଼ା ପହରା ଏବଂ ସିସିଟିଭି ମନିଟରିଂ କରିବାକୁ କୁହାଯାଇଛି। ଫଳରେ ଜେଲରେ ଆତ୍ମହତ୍ୟା କମିବ ବୋଲି ସେ ଆଶା କରିଛନ୍ତି।

# ପୁତୁରା ଠେଙ୍ଗାମାଡ଼ରେ ଖୁଡ଼ୀଙ୍କ ଜୀବନଗଲା

**ଜମିବାଡ଼ି ବିବାଦରୁ ହତ୍ୟାକାଣ୍ଡ**

ପାଟଣା/ଢେଙ୍କିକୋଟ,୧୮।୪(ବୀର କିଶୋର ଦାଶ/ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଲିପୋଷି ପଞ୍ଚାୟତ ରୁଢ଼ିଆପଡ଼ା ଗ୍ରାମରେ ଶୁକ୍ରବାର ଜମିବାଡ଼ି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଛି। ପୁତୁରା ଠେଙ୍ଗାମାଡ଼ରେ ଖୁଡ଼ୀଙ୍କ ଜୀବନ ଯାଇଛି। ମୃତା ହେଲେ ଗ୍ରାମର ରାଜୁ ମହାନ୍ତଙ୍କ ସ୍ତ୍ରୀ କୌଶଲ୍ୟା (୫୮)। ପୋଲିସ ଅଭିଯୁକ୍ତ ପୁତୁରା ବିଦ୍ୟାଧର ମହାନ୍ତ (୫୬)ଙ୍କୁ ଗିରଫକରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଜମିବାଡ଼ି ଭାଗବଣ୍ଟାକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ରହିଥିଲା। ବିଦ୍ୟାଧର ଅଭିଯୋଗ କରିଆସୁଥିଲା ଯେ, ତାଙ୍କ ବାପା ଦଲୁଙ୍କୁ ଅନ୍ୟ ୫ ଭାଇ ଠିକ୍ ଜମି ଭାଗ ଦେଇନାହାନ୍ତି। ତାଙ୍କୁ କମ୍ ଭାଗ ଦେଇ ଅନ୍ୟମାନେ ଠକି ଦେଇଛନ୍ତି। ଏ ନେଇ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ଶୁକ୍ରବାର ରାତିରେ ବିଦ୍ୟାଧର ଓ କୌଶଲ୍ୟାଙ୍କ ମଧ୍ୟରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ଓ ଯୁକ୍ତି ତର୍କ ହୋଇଥିଲା। ବିଦ୍ୟାଧର ଉତ୍ତକ୍ଷିପ୍ତ ହୋଇ ପାଖରେ ପଡ଼ିଥିବା ଠେଙ୍ଗାରେ ଖୁଡ଼ୀଙ୍କୁ ନିର୍ମମଭାବେ ପିଟିଥିଲେ। ଗୁରୁତର ଅବସ୍ଥାରେ କୌଶଲ୍ୟାଙ୍କୁ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୌଶଲ୍ୟାଙ୍କ ପୁଅ ସଞ୍ଜୟ ଓ ଝିଅ ଡାଳିମ୍ବ ଥାନାରେ ଅଭିଯୋଗକରି ଅଭିଯୁକ୍ତଙ୍କୁ କୋଠାର ଶାସ୍ତି ଦେବା ପାଇଁ ଦାବି କରିଛନ୍ତି। ପୋଲିସ ଶନିବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଗାଁ ଥାନାରେ ଏକ ମାମଲା(ନଂ. ୨୩୨/୨୬) ରୁଜୁ ହୋଇଛି। ବିଦ୍ୟାଧରଙ୍କୁ ପୋଲିସ ଗିରଫକରି ତଦନ୍ତ ଜାରି ରଖିଥିବା ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ ଜେନା କହିଛନ୍ତି।

On this joyous occasion, we extend our heartfelt birthday wishes to our beloved maternal grandmother (Aai), the most respected and cherished elder of our family. Your life is a shining example of love, kindness and wisdom. Your blessings and guidance have always been our greatest strength and inspiration. The warmth of your affection and the values you have instilled in us continue to guide our lives. On your special day, we pray to the Almighty to bless you with good health, long life, happiness and peace. May your life always remain filled with joy and divine blessings.
Happy Birthday, Aai.
With love, respect and warm regards,
Swastik Sarangi (Sonu) & Family
ଧ-୧୪୨

# ଯୁବତୀଙ୍କ ବାପାଙ୍କୁ ଭୁଜାଲିରେ ଆକ୍ରମଣ

ବାଲେଶ୍ୱର, ୧୮।୪(ବାଞ୍ଛାନିଧି ଦେ)

**ଏକତରଫା ପ୍ରେମରୁ ତୁମୁଳକାଣ୍ଡ**

ଏକତରଫା ପ୍ରେମରେ ବିଫଳ ହୋଇ ଜଣେ ଯୁବକ ତୁମୁଳକାଣ୍ଡ ଭିଆଇଛନ୍ତି। ଯୁବତୀଙ୍କ ବାପାଙ୍କୁ ଭୁଜାଲିରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରୁ ଯୁବକ ଜଣକ ଚମ୍ପଟ ମାରିଥିବା ବେଳେ ଗୁରୁତର ଅବସ୍ଥାରେ ଯୁବତୀଙ୍କ ବାପାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତରେ।

ଏହି ପଞ୍ଚାୟତ ଅନ୍ତର୍ଗତ ବେଣାପୁରା ଗ୍ରାମର ଟିକୁ ମହାପାତ୍ର ଗୁଣ୍ଡୁରିପଦା ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ଆସୁଥିଲେ। ତାଙ୍କୁ ବିବାହ କରିବା ପାଇଁ ଚାହୁଁଥିଲେ। ହେଲେ ଝିଅ ପରିବାର ଲୋକେ ଏଥିରେ ରାଜି ନ ଥିଲେ। ଯୁବତୀଙ୍କ ବାପା ଶନିବାର ସ୍ଥାନୀୟ ହଳଦୀପାଳ ହାଟରୁ ଫେରୁଥିବା ବେଳେ ପୂର୍ବ ଯୋଜନା ମୁତାବକ ଟିକୁ ତାଙ୍କ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ଭୁଜାଲିରେ ଆକ୍ରମଣ କରିଥିଲେ। ଏପରିକି ବନ୍ଧୁକରେ ଫାଙ୍କା ଗୁଳିଚାଳନା କରି ଭୟଭୀତ କରାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବତୀଙ୍କ ବାପାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗିଛି। ଏ ସମ୍ପର୍କରେ ବସ୍ତା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ ୨୨୮/୨୬) ରୁଜୁ କରିଛି। ବସ୍ତା ଥାନା ଏସ୍ଆଇ ସନ୍ଦୀପ କୁଜୁର ଓ ଏଏସ୍ଆଇ ଉତ୍ତମ ସିଂ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି।

# ପଥରରେ ଛେଚି ସ୍ତ୍ରୀଙ୍କୁ ହତ୍ୟା

**ଅଭିଯୁକ୍ତ ସ୍ୱାମୀ ଗିରଫ**

ସୁନ୍ଦରଗଡ଼,୧୮।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ଡମକୁଡ଼ା ଗ୍ରାମରେ ଶୁକ୍ରବାର ରାତିରେ ସ୍ତ୍ରୀଙ୍କୁ ପଥରରେ ଛେଚି ସ୍ୱାମୀ ହତ୍ୟା କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରାଜେଶ କୁମାର ହେମ୍ବ୍ରମ (୪୦)। ଏ ନେଇ ତଳସରା ଥାନାରେ କେସ୍ ନମ୍ବର ୧୦୯/୨୬ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପାରିବାରିକ କଳହକୁ କେନ୍ଦ୍ରକରି ସେହି ଗ୍ରାମର ରାଜେଶ ଓ ସ୍ତ୍ରୀ ଆରତି ହେମ୍ବ୍ରମ(୩୫)ଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ରାଜେଶ ପ୍ରଥମେ ଏକ ବାଡ଼ିରେ ସ୍ତ୍ରୀଙ୍କୁ ନିସ୍ତୁକ ବାଡ଼େଇବା ପରେ ଏକ ପଥରରେ ଛେଚି ହତ୍ୟା କରିଥିଲେ। ଶନିବାର ସକାଳେ ତାଙ୍କର ବଡ଼ପୁଅ ଏ ସମ୍ପର୍କରେ ତଳସରା ଥାନାରେ ରିପୋର୍ଟ କରିବା ପରେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ଓ ତଳସରା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ରାଜେଶଙ୍କୁ ଥାନାକୁ ଆଣି ପଚରାଉଚରା ପରେ ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରିଥିଲା।

**Classified Everyday**
**0674-2580101, 9692975378**


MATRIMONIAL

**BRIDE WANTED**

ଚାକିରି କରି ଏକାକି ରହୁଥିବା 50 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। Candidate-9861141891. D-148

Karan Boy 1995, 5'7", B.Tech (IT) Serving Software Engineer MNC Netherland "SUNASANSAR". 9937512659. D-152

ଚାକିରି କରୁଥିବା ଉଚ୍ଚ ଶିକ୍ଷିତ ପୁଅ (31) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି: ବଣିଆ। ଯୋଗାଯୋଗ: 9238600228. D-105

**GROOM WANTED**

A suitable match required for Karan girl, height 5'3", born 1995. MSC Microbiology working as a Microbiologist at WATCO (Contractual). Preferably State/Central Government employee. Karan or Khandayat Groom. Contact: 6371692768, 9437244075. D-104

Wanted Brahmin groom for Doctor Bride, studying DM in Mumbai. 9337627101. D-102

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


REAL ESTATE
SALE

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay-7077144498.** D-250

DO U NEED TO INVEST on property/Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-252

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

**Ready to move Duplex at prime location near V2 Showroom, Patrapada, Bhubaneswar. Contact: 9861037729/ 9040337729.** D-76961

**Plot Sale Near Sundarpada OEC College with Boundary wall- 6372670155.** D-30

Gharabari PLOT GATED SOCIETY MOUZA: Kurangasasan (phulnakhara ) ROAD 30ft Sqft: 1450/ 79781 59677, 9937679910. D-146

**Ready to move apartment Sale Near Hanspal, Rasulgarh, Bhubaneswar. 9777433701.** D-29

**3BHK Flat 1500sqft., 500 meter from Gate-1, Kalinga Stadium, 3years 6 months old, North facing, 2 Balcony with Pujaroom for sale. Price- 1.45 crores (Negotiable). 8984896487. Brokers not allowed.** D-139




**East facing Ground and First Floor commercial area measuring about 1900sqft. each with lift facility on right canalroad side, Bomikhala, Bhubaneswar for rent. Contact. 8058998588.** D-147




All types of physiotherapy and massage. Contact: 9556924059 / 7656969134. D-109

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

Newly opening full body massage. Best therapist, Good Looking: 7205888795. D-135

Newly open Jyoti spa positively health benefits (Expert therapist). 8458067955. D-76960

**AFFIDAVIT**

I, AKSHAY KUMAR NAYAK, S/o.- Sadasib Nayak, resident of Qtr. No. LCR-501, Chhend, Rourkela, PIN- 769015, ODISHA declare by this affidavit No.A/50, Date 06.04.26 that now onwards I shall be known as AKSHAYA KUMAR NAYAK for all future purposes. D-145

By virtue of an affidavit sworn before the Executive Magistrate, Bhubaneswar on dated 13.04.2026, I, Moningi Chhabilata Paikaray, At- Majhisahi, Panabaraj, Khordha, Odisha- 752056, Aadhaar card No. xxxx xxxx 8387 declare that I have changed my name from Tarulata Paikaray to Chhabilata Paikaray. Henceforth, I shall be known as Chhabilata Paikaray.
CHHABILATA PAIKARAY D-144

By virtue of an affidavit sworn before the Notary Public, Titilagarh, dtd.- 18.04.2026, I, Pankaj Thapa, S/o- Puran Thapa, R/o. Village- Lamkani, P.O.- Kumbhari, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Janmita Thapa to Bhismita Thapa. Henceforth, she shall be known as Bhismita Thapa for all purposes.
Pankaj Thapa D-143

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ଯୋଗେନ୍ଦ୍ର ସ୍ୱାଇଁ
ସାର୍ତ୍ତୋଳ, ନୂଆବଜାର, କଟକ-୭୫୩୦୦୪
ଆବିର୍ଭାବ: ୨୩.୧୧.୧୯୩୩
ତିରୋଧାନ: ୩୦.୦୪.୨୦୨୫
ତୁମ ସଚ୍ଚୋଟତା, ତୁମ କର୍ତ୍ତବ୍ୟନିଷ୍ଠା ପାଇଁ ତୁମେ ସର୍ବଦା ପୂଜିତ, ତୁମରି ସ୍ମୃତି ହିଁ ଆମ ଜୀବନର ପାଥେୟ।
ତୁମ ସ୍ମୃତିରେ
ଜିତେନ୍ଦ୍ର ସ୍ୱାଇଁ ଏବଂ ସମସ୍ତ ସ୍ୱାଇଁ ପରିବାର
ଧ-୧୪୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ବିଶ୍ୱଜିତ୍ ପାଢୀ
ଆବିର୍ଭାବ: ୦୨.୦୯.୧୯୭୪ ତିରୋଧାନ: ୧୯.୦୪.୨୦୦୨
(ତିଥି- ବୈଶାଖ ଶୁକ୍ଳ ଦ୍ୱିତୀୟା)
ତୁମେ ଯିବାର ଚାହୁଁ ଚାହୁଁ ୨୪ ବର୍ଷ ବିତିଗଲେ ମଧ ତମେ ଆମ ସମସ୍ତଙ୍କ ହୃଦୟରେ ଅଲିଭାସ୍ମୃତି ହୋଇ ହୋଇ ରହିଛ ଓ ଆଉ ରହିଥିବ ମଧ୍ୟ। ଆଜିର ଏହି ଶ୍ରାଦ୍ଧ ଦିବସରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପତ୍ନୀ- ସୁନନ୍ଦା, ପୁତ୍ର- ରାଜନ୍, ରୋଷନ୍
ପୁତ୍ରବଧୂ- ଶେଫାଳି ଓ ପରିବାରବର୍ଗ।
ଧ-୧୧୧

# ଜଳସେଚନ ବିଭାଗର ପୂର୍ବତନ କର୍ମଚାରୀଙ୍କୁ ୩ ବର୍ଷ ଜେଲ୍

ବାରିପଦା, ୧୮।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଭିଜିଲାନ୍ସ କୋର୍ଟରେ ଶନିବାର ଏକ ଦୁର୍ନୀତି ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାର କରି ଅଭିଯୁକ୍ତ ଜଳସେଚନ ବିଭାଗ ଏସ୍‌ଇ ଅଫିସ୍‌ର ପୂର୍ବତନ ଡିଲିଂ ଆସିଷ୍ଟାଣ୍ଟ-କମ୍-ଡେସ୍ପାଚ୍ କ୍ଲର୍କ (ଅବସରପ୍ରାପ୍ତ) ଗୌରହରି ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ପାତ୍ର ଠିକାଦାରଙ୍କ ନୂତନ ଏବଂ ନବୀକରଣ ଲାଇସେନ୍ସ ଫି' ବର୍ଷକ ପାଇଁ ୩ ଲକ୍ଷ ୧୪ ହଜାର ବ୍ୟାଙ୍କରେ ଜମା କରିବା ଲାଗି ଉଦ୍ଦିଷ୍ଟ ସରକାରୀ ଟଙ୍କାକୁ ନିଜ ଆକାଉଣ୍ଟରେ ମିସ୍ଆପ୍ରୋପ୍ରିଏଟ କରିବା ପାଇଁ ମିଥ୍ୟା ଅଫିସିଆଲ ରେକର୍ଡ ପ୍ରସ୍ତୁତ କରିଥିଲେ। ଯାହାକୁ ନେଇ ଓଡ଼ିଶା ଭିଜିଲାନ୍ସ ତାଙ୍କ ବିରୋଧରେ ପିସି ଆକ୍ଟ ୧୯୮୮ର ଧାରା ୧୩(୨) ରିଡ/ୱି ୧୩(୧) (ସି)(ଡି) ଏବଂ ଆଇପିସିର ଧାରା ୪୬୮, ୪୨୦, ୪୭୧ ଓ ୪୦୯ ଅନୁଯାୟୀ ଚାର୍ଜସିଟ୍ କରିଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ଭିଜିଲାନ୍ସ ପାତ୍ରଙ୍କ ପେନ୍‌ସନ୍ ସ୍ଥଗିତ ରଖିବା ପାଇଁ ଆବେଦନ କରିବ ବୋଲି ସୂଚନା ମିଳିଛି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ଶାନ୍ତନୁ ଦାସ ପରିଚାଳନା କରୁଥିଲେ।

# ଟଙ୍କା,ସୁନା ଅଳଙ୍କାର ଚୋରି ଘଟଣାର ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୮।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଚୈତନ୍ୟପୁର ଗ୍ରାମର ଏନ. ରାଜିୟା ରେଡ୍ଡୀଙ୍କ ଘରେ ପଶି ନଗଦ ୬୦ ହଜାର ଟଙ୍କା, ୩୦ଟି ଲୁଗା, ମୋବାଇଲ ଫୋନ ଏବଂ ସୁନା ଅଳଙ୍କାର ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ ଶ୍ରଦ୍ଧାପୁର ଗ୍ରାମର ଟି.ଚନ୍ଦ୍ର(୩୬)। ତାଙ୍କ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି। ୧୮।୧୨।୨୫ରିଖ ରାତିରେ ଏନ.ରାଜିୟା ଏବଂ ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ଚୋରି କରିଥିଲେ। ଏନେଇ ରାଜିୟା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ ୪୭୨/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଚୋରି ମୋବାଇଲକୁ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚୁରା ବେଳେ ସେ ଏବଂ ତାଙ୍କ ସମ୍ପର୍କୀୟ ଭାଇ ଟି.ସିଦ୍ଧାନ୍ତ ରାଜିୟାଙ୍କ ଘରେ ପଶି ଚୋରି କରିଥିବା ସ୍ୱୀକାର କରିଛନ୍ତି।

## ସଂକ୍ଷେପରେ

### ସିବିଏସ୍ଇ ୧୦ମ ପରୀକ୍ଷା: ପ୍ରଗତି କନ୍‌ସେପ୍ଟ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

ଭବାନୀପାଟଣା,୧୮।୪(ଉତ୍ତମ କୁମାର ଦାଶ): ସିବିଏସ୍ଇ ଦଶମ ପରୀକ୍ଷାରେ କଳାହାଣ୍ଡି ଜିଲା ଭବାନୀପାଟଣା ସହର ପ୍ରଗତି କନ୍‌ସେପ୍ଟ ସ୍କୁଲର ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ଛାତ୍ର ବବୁଲ କୁମାର ମେହେର ୯୭.୬୦% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ପ୍ରମିଶ ମେହେର ୯୬%, ସୋମ ପ୍ରକାଶ ସାହୁ ୯୪.୬୦%, ସଚିନ କୁମାର ମେହେର ୯୪.୨୦%, ରମାକାନ୍ତ ସାହୁ ୯୩.୨୦%, ଶାଶ୍ୱତ କୁମାର ପାତ୍ର ୯୨.୮୦%, ସ୍ମିତ ସେଲିନା ସାହୁ ୯୨.୨୦%, ସୌରଭ ବେହେରା ୯୧.୨୦%, ନୀତୀଶ ପରାଶର ୯୦.୮୦%, ସ୍ୱସ୍ତିକ କୁମାର ସା ୯୦.୮୦%, ଏସ୍. ସୁଧାସ୍ମିତା ୯୦.୪୦%, ଚନ୍ଦନ ବୁଢ଼ିଆ ୯୦.୪୦%, ଐଶା ପଣ୍ଡା ୯୦.୨୦%, ଜ୍ୟୋତିର୍ମୟ ପାତ୍ର ୯୦% ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସ୍କୁଲର ୧୪ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଫଳାଫଳ ଶତ ପ୍ରତିଶତ ରହିଛି। ଏ ନେଇ ସ୍କୁଲ ସମ୍ପାଦକ ଇଂ. ଅଜୟ କୁମାର ପଣ୍ଡା, ଚେୟାରପର୍ସନ ସୁଶ୍ରୀ ସଙ୍ଗୀତା ପଣ୍ଡା, ଅଧ୍ୟକ୍ଷ ଚିନ୍ମୟ ଗୁରୁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



### ରେଣୁ ବିଶି ପାଇବେ ଜାତୀୟ ଶିଶୁ କଳାକାର ବୃତ୍ତି ସମ୍ମାନ

ଭବାନୀପାଟଣା,୧୮।୪(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ଟିଭି ସେଣ୍ଟରପଡ଼ାର ସୁଶ୍ରୀ ରେଣୁ ବିଶି ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନ ସି ସି ଆ ର ଟି ତରଫରୁ ଜାତୀୟ ଶିଶୁ କଳାକାର ବୃତ୍ତି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ରେଣୁ ସକ୍ଷମ ନୃତ୍ୟ ଏକାଡେମୀରେ ଗୁରୁଶ୍ରୀ ଲିପ୍ସାରାଣୀ ବାରିକଙ୍କଠାରୁ ନୃତ୍ୟ ପ୍ରଶିକ୍ଷଣ ନେଉଛନ୍ତି। ସେ ଭବାନୀପାଟଣା ସରସ୍ୱତୀ ଶିଶୁ ମନ୍ଦିର ବାଲାଜୀ ବିହାରର ଅଷ୍ଟମ ଶ୍ରେଣୀର ଛାତ୍ରୀ ହୋଇଥିବାବେଳେ ଯୋଗେଶ୍ୱର ବିଶି ଓ ରେବତୀ ବିଶିଙ୍କ ସୁପୁତ୍ରୀ। ରେଣୁ କଳାହାଣ୍ଡିର ଲୋକନୃତ୍ୟରେ ୭ ବର୍ଷ ପର୍ଯ୍ୟନ୍ତ ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ କରିବେ। ଏହା ଜାଣିବା ପରେ ବିଶିଷ୍ଟ ନାଟ୍ୟକାର ପରମେଶ୍ୱର ମୁଣ୍ଡ, ସଂସ୍କୃତି ଗବେଷକ ଧାନାନନ୍ଦ ପଣ୍ଡା, ସାମାଜିକ କର୍ମୀ ଆଲୋକ କୁମାର ସାହୁ, ଗୁରୁ ସଙ୍ଗୀତା ରାଉତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



### ଅଭିଜ୍ଞାନ ଖମାରୀଙ୍କ କୃତିତ୍ୱ

ଖଡ଼ିଆଳ,୧୮।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସହରର ୱାର୍ଡ ନମ୍ବର ୧୨ରେ ରହୁଥିବା ଦୀପକ କୁମାର ଖମାରୀ ଓ ବିଦ୍ୟୁତ୍‌ପ୍ରଭା ଖମାରୀଙ୍କ ପୁଅ ଅଭିଜ୍ଞାନ ଖମାରୀ ଚଳିତ ସିବିଏସ୍ଇ ୧୦ମ ପରୀକ୍ଷାରେ ୯୭ ପ୍ରତିଶତ ମାର୍କ ରଖି ସଫଳତା ଆଣିଛନ୍ତି। ଅଭିଜ୍ଞାନ ଭୁବନେଶ୍ୱରସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନ କରୁଥିଲେ। ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛୁମାନେ ଶୁଭକାମନା ଜଣାଇଛନ୍ତି।

# ଉଜୁଡ଼ିବାକୁ ବସିଛି ରବି ଧାନ

ନୂଆପଡ଼ା,୧୮।୪ (ମକାରୁ ବେମାଲ)



ଚାଷ ଜମିରେ ଗୋରୁ ଛଡାଯାଇଛି।

- ଅପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ଜଳାଭାବ
- ଜମିରେ ଗୋରୁ ଛାଡିଲେ ଚାଷୀ

ନୂଆପଡ଼ା ସଦର ବ୍ଲକ ପତୋରାଠାରେ ଅବସ୍ଥାପିତ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ଚଳିତବର୍ଷ ଆବଶ୍ୟକତାଠାରୁ କମ ପାଣି ଥିବାରୁ ରବି ଧାନ ଉଜୁଡିବା ଆଶଙ୍କା ଦେଖାଦେଇଛି। ଏପରି କି ଅନେକ ସ୍ଥାନରେ ରବି ଧାନ ଉଜୁଡିଥିବା କୁହାଯାଉଛି। ଆଶା ହରାଇଥିବା ସାରାବଙ୍ଗ ଅଞ୍ଚଳର କେତେଜଣ ଚାଷୀ କିଆରିରେ ଗୋରୁ ଛାଡି ଦେଇଥିବା ଦେଖିବାକୁ ମିଳିଛି। ଏହି ଜଳସେଚନ ପ୍ରକଳ୍ପରୁ ଖରିଫରେ ପ୍ରାୟ ୯ ହଜାର ହେକ୍ଟର ଓ ରବିରେ ୨ ହଜାର ହେକ୍ଟର ଜମିରେ ଜଳସେଚନ ହୋଇଥାଏ। ପ୍ରକଳ୍ପର ଡାହାଣ ଓ ବାମ ମୁଖ୍ୟ କେନାଲରେ ମୋଟ ୨୦ଟି ପାଣି ପଞ୍ଚାୟତ ରହିଛି । ରବିରେ ଡାହାଣ ମୁଖ୍ୟ କେନାଲର ୧ରୁ ୫ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ଓ ବାମ ମୁଖ୍ୟ କେନାଲର ୧୬ରୁ ୨୦ ପର୍ଯ୍ୟନ୍ତ ପାଣି ପଞ୍ଚାୟତକୁ ପାଣି ଯୋଗାଇ ଦିଆଯାଉଛି । ନୂଆପଡା ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରବି ଧାନ ଜଳ ପରିଚାଳନା ବୈଠକରେ ଚଳିତ ରବି ଋତୁରେ ମୋଟ ୧୯୫୧.୭ ହେକ୍ଟର ଜମିକୁ ଜଳ ଯୋଗାଇଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ସେଥିରୁ ୫୦% ଜମିରେ ୯୦ ଦିନିଆ ଧାନ ଓ ବାକି ୫୦% ଜମିରେ ଅଣଧାନ କରିବାକୁ ଆଲୋଚନା ହୋଇଥିଲା । କିନ୍ତୁ ପ୍ରକୃତ ପକ୍ଷେ ଧାର୍ଯ୍ୟଠାରୁ ଅଧିକ ୩୫ ଶହ ହେକ୍ଟର ଜମିରେ ଧାନ ହେଉଛି। ସଂପ୍ରତି ପ୍ରକଳ୍ପରେ ରବି ଧାନ ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାଣି ନାହିଁ । ଫଳରେ ଡାହାଣ ମୁଖ୍ୟ କେନାଲର ଭଇଁଷମୁଣ୍ଡି ପର୍ଯ୍ୟନ୍ତ ପାଣି ଯାଇପାରୁ ନ ଥିବାବେଳେ ସାରାବଙ୍ଗ ଅଞ୍ଚଳରେ ପାଣି ଅଭାବରୁ ଧାନ ମରିବାକୁ ବସିଲାଣି। କେତେକ ସ୍ଥାନରେ ଚାଷୀ ଆଶା ହରାଇ ନିଜ ଜମିରେ ଗୋରୁ ଛାଡି ଦେଉଥିବା ଦେଖିବାକୁ ମିଳିଛି। ଡାହାଣ ମୁଖ୍ୟ କେନାଲର କିଛି ଚାଷୀଙ୍କ କହିବା ଅନୁଯାୟୀ ବୈଠକରେ ବାମ ମୁଖ୍ୟ କେନାଲର କେବଳ ୧୬ ଓ ୧୭ ପାଣି ପଞ୍ଚାୟତକୁ ପାଣି ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ବାମ ମୁଖ୍ୟ କେନାଲରେ ୧୬ରୁ ୨୦ ଓ ଡାହାଣ ମୁଖ୍ୟ କେନାଲରେ ୬ ଓ ୭ ନମ୍ବର ପାଣି ପଞ୍ଚାୟତରେ ମଧ୍ୟ ଚାଷ ହୋଇଛି । ଯଦି ପ୍ରକଳ୍ପରେ ଆବଶ୍ୟକ ପାଣି ନ ଥିଲା ତେବେ ଚାଷୀଙ୍କୁ ଚାଷ କରିବା ପାଇଁ ଅନୁମତି ଦେଲେ କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଚାଷୀ ଧାର କରଜ କରି ଚାଷ କରିଛି। ଧାନ କେଣ୍ଡା ବାହାରିବା ଆରମ୍ଭ କରିଲାଣି । ବର୍ତ୍ତମାନ ପାଣି ଅଭାବରୁ ଧାନ ମରିବା ଦେଖି ଚିନ୍ତାରେ ଥିବା କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଉଜ୍ଜ୍ୱଳ ଜାନିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା ।

# ନୂଆପଡ଼ାରେ ୩ ଦିନ ସ୍କୁଲ ବନ୍ଦ

ନୂଆପଡ଼ା,୧୮।୪ (ମକାରୁ ବେମାଲ)

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନୂଆପଡ଼ା ଜିଲା ପ୍ରଶାସନ ସମସ୍ତ ସ୍କୁଲକୁ ୩ ଦିନ ପାଇଁ ବନ୍ଦ ଘୋଷଣା କରିଛି। ଜିଲାରେ ଚଳିତ ସପ୍ତାହରେ ତାପମାତ୍ରା ୪୧ରୁ ୪୨ ଡିଗ୍ରୀ ସେଲସିୟସ ରହୁଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଆଦେଶ ଅନୁଯାୟୀ, ସମସ୍ତ ସରକାରୀ, ବେସରକାରୀ, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ଓ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ଏପ୍ରିଲ ୨୦ରୁ ୨୨ ପର୍ଯ୍ୟନ୍ତ ବନ୍ଦ ରହିବ। ହେଲେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଣ୍ଟରି ପରୀକ୍ଷା ନିର୍ଦ୍ଧାରିତ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ପାଇଁ ଫଳରସ ଓ ଓଆର୍ଏସ୍ ବ୍ୟବସ୍ଥା କରାଯିବା ସହ ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଜନଗଣନା ସମ୍ବନ୍ଧୀୟ କାର୍ଯ୍ୟ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରି ଜାରି ରହିବ। ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବିଦ୍ୟାଳୟରେ ଉପସ୍ଥିତ ରହିବେ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏହି ନିର୍ଦ୍ଦେଶକୁ କଡାକଡି ଭାବରେ ପାଳନ କରିବାକୁ କୁହାଯାଇଛି।

# ନବବଧୂଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ସମେତ ୩ ଅଟକ

ଥୁଆମୂଳ ରାମପୁର, ୧୮।୪ (ଦୁର୍ଗା କୀର୍ତ୍ତି): ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କାଦୋବେଡ଼ା ଗ୍ରାମରେ ଜଣେ ନବବଧୂଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ହେଲେ ଓଡ୍ରି ପଞ୍ଚାୟତ ବଡ଼ ବୋଫଲା ଗ୍ରାମର ଭଜମନ ନାଏକଙ୍କ ଝିଅ ବନିତା ନାଏକ। ଏହି ଘଟଣାରେ ପୋଲିସ ସ୍ୱାମୀଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ବନିତା ପ୍ରାୟ ୪ ମାସ ତଳେ ମହୁଲପାଟଣା ପଞ୍ଚାୟତ କାଦୋବେଡ଼ା ଗ୍ରାମର କରୁଣା ମୁଦୁଲିଙ୍କୁ ପ୍ରେମ ବିବାହ କରିଥିଲେ। ଗତ ଶୁକ୍ରବାର ସକାଳ ପ୍ରାୟ ୯ଟା ସମୟରେ ପାରିବାରିକ କଳହ ଯୋଗୁ ସ୍ୱାମୀଙ୍କ ସମେତ ଶ୍ୱଶୁର ଓ ଶାଶୁ ବିଧା ଓ ଗୋଇଠା ମାରିବା ସହ ତଣ୍ଟି ଚିପି ହତ୍ୟା କରିଥିବା ବନିତାଙ୍କ ବାପା ଭଜମନ ନାଏକ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ସଦର ଏସ୍‌ଡିପିଓ (SDPO) ନରେଶ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭବାନୀପାଟଣାରୁ ଏକ ସାଇଣ୍ଟିଫିକ ଟିମ୍ କାଦୋବେଡ଼ା ଗ୍ରାମରେ ପହଞ୍ଚି ଛାନ୍‌ଭିନ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୩ଜଣଙ୍କୁ ଥାନାରେ ଅଟକ ରଖିଛି। ଏ ନେଇ ଥୁଆମୂଳ ରାମପୁର ଥାନାରେ କେସ୍ ନମ୍ବର ୫୨/୨୬ ବିଏନ୍ଏସ୍ ଧାରା ୮୫, ୧୦୩(୧) ଓ ୩(୫) ଅନୁଯାୟୀ ମାମଲା ରୁଜୁ ହୋଇଛି। ଏସ୍ଆଇ ସନ୍ତୋଷ କୁମାର ସେଠୀ ଘଟଣାର ମୁଖ୍ୟ ତଦନ୍ତକାରୀ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦୁର୍ଘଟଣାରେ ୩ ଗୁରୁତର, ରାସ୍ତାରୋକୋ

ଥୁଆମୂଳ ରାମପୁର, ୧୮।୪ (ଦୁର୍ଗା କୀର୍ତ୍ତି)



ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି।

ଥୁଆମୂଳ ରାମପୁର ଥାନା ଶ୍ରୀମସ୍କା ଛକଠାରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ୩ଜଣ ଗୁରୁତର ହେବା ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ସୂଚନା ମୁତାବକ, ଅପରାହ୍ଣରେ ଶ୍ରୀମସ୍କା ଗ୍ରାମର ଶୁଭଶ୍ରୀ ମାଝୀ (୧୬), କେଦାରନାଥ ମାଝୀ (୧୯) ଓ ସୌରଭି ମାଝୀ (୧୮) ଏକ ବାଇକ୍ (ଓଆର୍୦୮କେ-୩୫୫୩) ଯୋଗେ ମୁଖ୍ୟ ରାସ୍ତା ଉପରକୁ ଆସୁଥିଲେ। ଏହି ସମୟରେ ଥୁଆମୂଳ ରାମପୁର ପଟୁ ଆସୁଥିବା ହାଇୱା (ଓଡ଼ି୦୮ଡବ୍ଲ୍ୟୁ-୩୩୯୨) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୩ ବାଇକ୍ ଆରୋହୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ପଡ଼ିରହିଥିଲେ। ସେମାନଙ୍କୁ ପ୍ରଥମେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ହାଇୱା ଅଟକ ରଖିବା ସହ ଶ୍ରୀମସ୍କା ଛକଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ରାସ୍ତା ଅବରୋଧ ହଟି ନ ଥିବା ବେଳେ ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଛି। ଥୁଆମୂଳ ରାମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କ୍ଷତିପୂରଣ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକେ ଅଟଳ ରହିଛନ୍ତି।

## ନୂତନ ଜିଲା ଦୌରା ଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଡ଼ିଆଳ,୧୮।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ାରେ ନୂତନ ଭାବେ ଯୋଗଦାନ କରିଥିବା ଜିଲା ଦୌରାଜଜ୍ ସମର ବିକାଶ ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଖଡ଼ିଆଳ କୋର୍ଟ ପରିସର ବାର୍ ହଲ୍‌ଠାରେ ଅନୁଷ୍ଠିତ ସଭାରେ ଜୁଡିସିଆଲ ଓକିଲ ସଂଘ ସଭାପତି ଗିରିଧାରୀ ବିଭାର ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଇନଜୀବୀ ସାରଦା ପ୍ରସାଦ ପଣ୍ଡା, ଶିବପ୍ରସାଦ ମେହେର, ଭବେଶ ପାଣିଗ୍ରାହୀ, ଯୁଧିଷ୍ଠିର ମେହେର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଜିଲା ଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନ୍ୟାୟିକ ବ୍ୟବସ୍ଥାରେ ଓକିଲ ଓ ମାଜିଷ୍ଟ୍ରେଟ୍‌ଙ୍କ ସହ ସୁସମ୍ପର୍କ ସ୍ଥାପନକରି ସାଧାରଣ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ କାର୍ଯ୍ୟ କରିବାକୁ ଜିଲାଜଜ୍ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଅନନ୍ତ କୁମାର ପଣ୍ଡା, ପ୍ରତାପ କିଶୋର ଜଗତ, ରବୀନ୍ଦ୍ର କୁମ୍ଭାର, ଚିତ୍ତରଞ୍ଜନ ସିଂଦେଓ, ବିରଜା ସିଂ ଦଳପତି, ସୁରେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ସାପ୍ତାହିକ ବଜାର ଶୁଭାରମ୍ଭ



ସାପ୍ତାହିକ ବଜାର ଶୁଭାରମ୍ଭ କରାଯାଉଛି।

ମଦନପୁର, ୧୮।୪ (ଜଗଦୀଶ ପ୍ରସାଦ ରଣା): କଳାହାଣ୍ଡି ଜିଲାର ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଗୋଛାଡେଙ୍ଗେନ ଗ୍ରାମ ପଞ୍ଚାୟତ ଅଧୀନ ତାଲକୁନା ଗ୍ରାମରେ ସାପ୍ତାହିକ ବଜାରର ଶୁଭାରମ୍ଭ ହୋଇଛି। ଏହା ପ୍ରତି ଶୁକ୍ରବାର ବସିବ। କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଜାରକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ଏହି ସପ୍ତାହିକ ବଜାର ଅଞ୍ଚଳର କୃଷକ ଓ ବ୍ୟବସାୟୀମାନଙ୍କ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିବ ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଶମ୍ଭୁ ପ୍ରଧାନ, ଗାଁ ମୁଖିଆ ହରିଶ୍ଚନ୍ଦ୍ର ଧରୁଆ, ଶିକ୍ଷାବିତ୍ ଗିରିଶ ଚନ୍ଦ୍ର ପଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚଞ୍ଚଳ ହରିଜନ, ଯୋଗାଣ ସହାୟକ ଗୁପ୍ତେଶ୍ୱର ବିଭାର, ଧୁମାଭଟାର ୱାର୍ଡ ମେମ୍ବର ରାଜେନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ପାରଦ ୪୨ ଡିଗ୍ରୀ, ଜନଜୀବନ ଅସ୍ତବ୍ୟସ୍ତ

## ପଞ୍ଚାୟତରେ ନାହିଁ ଜଳଛତ୍ର ବ୍ୟବସ୍ଥା

ଲାଞ୍ଜିଗଡ଼,୧୮।୪(ରମେଶ ଚନ୍ଦ୍ର ନାୟକ)



ଆଖୁରସ ପିଇବାକୁ ଲୋକେ ଭିଡ଼ ଜମାଇଛନ୍ତି।

କଳାହାଣ୍ଡି ଜିଲାର ଶିଳ୍ପାଞ୍ଚଳ ସହର ଲାଞ୍ଜିଗଡ଼ରେ ପାରଦ ଏବେ ଉପରମୁହାଁ। ଗତ କିଛିଦିନ ହେଲା ସହରର ତାପମାତ୍ରା ୪୨ ଡିଗ୍ରୀରୁ ଅଧିକ ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସତେଯେମିତି ତତଲା କଡ଼େଇରେ ଭାଜି ହେଉଥିବା ଭଳି ମନେହେଉଛି। ଖରା ତାତିରୁ ରକ୍ଷା ପାଇବା ପାଇଁ କିଏ ମୁଣ୍ଡରେ ଟୋପି, ଗାମୁଛା ପିନ୍ଧୁଛି ତ ଆଉ କିଏ କଳାଚଷମା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଥଣ୍ଡା ପାନୀୟ, ଲସି, ସରବତ ଓ ଆଖୁରସ ଦୋକାନରେ ଲୋକଙ୍କ ଭିଡ଼ ଜମୁଛି। ଥଣ୍ଡା ପାନୀୟର ଚାହିଦା ବଢ଼ିଥିବା ବେଳେ ଲସି କିମ୍ବା ସରବତ ପିଇ ଲୋକେ ଆଶ୍ୱସ୍ତି ଅନୁଭବ କରୁଛନ୍ତି । ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସହରର ଅଧିକାଂଶ ଦୋକାନବଜାର ବନ୍ଦ ରହୁଥିବା ବେଳେ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ପ୍ରବଳ ଗରମ ଯୋଗୁ ଦିନମଜୁରିଆ ଓ ନିର୍ମାଣ ଶ୍ରମିକ ହଇରାଣ ହେଉଥିବା ବେଳେ ସ୍କୁଲ, କଲେଜକୁ ସରକାର କିଛିଦିନ ଛୁଟି ଘୋଷଣା କରିଛନ୍ତି। ରାସ୍ତାକଡ଼ରେ ବଡ଼ ବଡ଼ ଗଛ କାଟି ଦିଆଯାଇଥିବାରୁ ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ସେହିପରି ଖରାତାତି ସହ ଉତ୍କଟ ଜଳାଭାବ ପରିସ୍ଥିତିକୁ ଆହୁରି ଜଟିଳ କରିଦେଉଛି। ଏପରି ସମୟରେ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବନାଗ୍ନି ତଥା ଜମିରେ ଲାଗୁଥିବା ନିଆଁ ଚିନ୍ତା ବଢାଉଛି। ନଦୀ, ନାଳ, ପୋଖରୀ ଆଦି ଜଳଉତ୍ସ ଶୁଖିବାରେ ଲାଗିଲାଣି। ଏଥିଯୋଗୁ କେବଳ ମଣିଷ ନୁହନ୍ତି, ପଶୁପକ୍ଷୀ ଓ ଗୋରୁ ହଇରାଣ ହେଉଛନ୍ତି। ସପ୍ତାହେ ହେଲାଣି ଦିନତମାମ ଖରା ଯୋଗୁ ବ୍ଲକ୍‌ର ଲାଞ୍ଜିଗଡ଼, ବିଶ୍ୱନାଥପୁର, ଲାଞ୍ଜିଗଡ଼ ରୋଡ୍ ଅଞ୍ଚଳରେ ରାସ୍ତାଘାଟ ଶୂନଶାନ୍ ହୋଇଯାଉଛି। ଏପରି ସ୍ଥିତିରେ ବ୍ଲକ୍‌ର କେତେକ ପଞ୍ଚାୟତରେ ଜଳଛତ୍ର ଖୋଲାଯାଇ ନ ଥିବାରୁ ପଥଚାରୀ ଓ ବାଇକ୍ ଆରୋହୀ ପାଣି ମୁନ୍ଦାଏ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ଗତବର୍ଷ ଜଳଛତ୍ର ସ୍ଥାନରେ ଜଣେ ମହିଳା ନିୟୋଜିତ ଥିଲେ। ଏବର୍ଷ ସେ ମନାକରିଦେଲେ। ଅନ୍ୟ ଜଣଙ୍କୁ ନିୟୋଜନକରି ଅତିଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

# ଜନଗଣନା କାର୍ଯ୍ୟ ଆରମ୍ଭ



ଖଡ଼ିଆଳ,୧୮।୪ (ସୁଜିତ କୁମାର ପ୍ରଧାନ)

ସ୍ୱଗଣନା ପ୍ରକ୍ରିୟା ସମାପ୍ତି ପରେ ନୂଆପଡ଼ା ଜିଲାରେ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ଆରମ୍ଭ ହୋଇଛି। ଅଧିକାରୀମାନେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧୦ରେ ଘର ଘର ବୁଲି ଗଣନା କରୁଛନ୍ତି। ଏହି ସମୟରେ ଘର ସଂଖ୍ୟା, ପରିବାର ସଂଖ୍ୟା ଓ ଅନ୍ୟାନ୍ୟ ବିବରଣୀ ସଂଗ୍ରହ କରୁଛନ୍ତି। ପରେ ଘର ଗଣନା ସହ ବ୍ୟକ୍ତିଙ୍କ ତଥ୍ୟ ସଂଗ୍ରହ କରିବେ। ଗଣନା ସମୟରେ ବରିଷ୍ଠ ନାଗରିକ ଅବନୀ ମୋହନ ପାଣିଗ୍ରାହୀ ନାଗରିକଙ୍କୁ ଠିକ୍ ତଥ୍ୟ ଦେବା ପାଇଁ ଆହ୍ୱାନ କରିଥିଲେ। ଏହି ତଥ୍ୟ ସଶକ୍ତ ଭାରତ ଗଠନରେ ସହଯୋଗ ହେବ। ମେ ୧୫ ପର୍ଯ୍ୟନ୍ତ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ପାଇଁ ଦିନ ଧାର୍ଯ୍ୟ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଗଣନା ଫେବୃଆରୀ ୨୦୨୭ରେ ଅନୁଷ୍ଠିତ ହେବ।

# ଗୃହପାଳିତ ପ୍ରାଣୀଙ୍କ ପାଇଁ ଜଳକୁଣ୍ଡ ନିର୍ମାଣ ଦାବି

କେସିଙ୍ଗା,୧୮।୪(ତୁମେଶ୍ୱର ସାହୁ)



କେସିଙ୍ଗା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ଅକାମି ହୋଇପଡିଥିବା ଜଳକୁଣ୍ଡ।

ଗ୍ରୀଷ୍ମତାତିକୁ ଦୃଷ୍ଟିରେ ରଖି କେସିଙ୍ଗା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ବିଭିନ୍ନ ପ୍ରାଣୀ ଚିକିତ୍ସାଳୟ ଓ ପ୍ରାଣୀସମ୍ପଦ ସହାୟକ କେନ୍ଦ୍ରରେ ଗୃହପାଳିତ ପ୍ରାଣୀଙ୍କ ପାଇଁ ପାନୀୟଜଳ କୁଣ୍ଡ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଛନ୍ତି। ସୂଚନା ମୁତାବକ ଏହି ବ୍ଲକରେ ତୁଣ୍ଡଲା, ପାଷ୍ଟିକୁଡି, କେସିଙ୍ଗା ପ୍ରାଣୀ ଚିକିତ୍ସାଳୟ ସହ ୧୩ଟି ପ୍ରାଣୀସମ୍ପଦ ସହାୟକ କେନ୍ଦ୍ର ରହିଛି। ଗାଷ୍ଠୀ ପ୍ରାଣୀ ଚକିତ୍ସାଧିକାରୀଙ୍କ ସୂଚନାକ୍ରମେ ବ୍ଲକରେ ୧୮,୧୪୬ ଗାଇ ବଳଦ, ୧୯୬ ମଇଁଷି, ୨୫,୯୭୬ଟି ଛେଳି, ୫୩୦୧ ମେଣ୍ଢା ଓ ୨୫୦୦ଟି ବତକ ରହିଛନ୍ତି। ବର୍ତ୍ତମାନ ବ୍ଲକ ଅଞ୍ଚଳରେ ତାପମାତ୍ରା ୪୨ଡିଗ୍ରୀ ଉପରେ ରହୁଥିବାରୁ ପୋଖରୀ, ନଈ, ନାଳ, ଚେକ୍‌ଡ୍ୟାମ୍, କୂଅରେ ପାଣି ଶୁଖିବାକୁ ବସିଛି। ଗୃହପାଳିତ ପ୍ରାଣୀଙ୍କ ଗାଧୋଇବା ଓ ପିଇବା ପାଇଁ ଜଳ ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସେମାନେ ଗୋଷ୍ଠୀ ପ୍ରାଣୀ ଚକିତ୍ସାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ତୁରନ୍ତ ପ୍ରତି ପଞ୍ଚାୟତରେ ପାନୀୟଜଳ ଓ ଜଳକୁଣ୍ଡ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ସହ ପ୍ରାଣୀସମ୍ପଦ ସହାୟକ ଡା. ସୌମ୍ୟ ରଞ୍ଜନ ଦାଶଙ୍କୁ ପଚାରୁବାରୁ ଗୃହପାଳିତ ପ୍ରାଣୀଙ୍କ ପାଇଁ ପାନୀୟଜଳ ଓ ଜଳକୁଣ୍ଡ ନିର୍ମାଣ ପାଇଁ ବିଭାଗ ପକ୍ଷରୁ କୌଣସି ଆର୍ଥିକ ସହାୟତା ସୁବିଧା ନାହିଁ, ଆମେ ଏ ନେଇ କେସିଙ୍ଗା ବିଡିଓଙ୍କୁ ଲିଖିତ ଆକାରରେ ଜଣାଇଛୁ ବୋଲି ପ୍ରକାଶ କରିଥିଲେ।

# କଳାହାଣ୍ଡି, ନୂଆପଡ଼ାରେ ଜନଜାତି ପର୍ଯ୍ୟଟନର ବିକାଶ ହେଉ

ଭବାନୀପାଟଣା,୧୮।୪ (ଉତ୍ତମ କୁମାର ଦାଶ)



ଜନଜାତି ପର୍ଯ୍ୟଟନ ବିକାଶ ପାଇଁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

କଳାହାଣ୍ଡି ଓ ନୂଆପଡ଼ା ଜିଲାର ଜନଜାତି ପର୍ଯ୍ୟଟନର ବିକାଶ ପାଇଁ ବିକଶିତ କଳାହାଣ୍ଡି, ନୂଆପଡ଼ା ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଛନ୍ତି। ତେବେ ଜିଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଦାବିପତ୍ର ଗ୍ରହଣ କରିଥିଲେ। ଏହାର ନକଲ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ଆଦିବାସୀ ମନ୍ତ୍ରୀ ତଥା ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଛନ୍ତି। ଜନଜାତି ପର୍ଯ୍ୟଟନ ପର୍ଯ୍ୟଟକଙ୍କୁ ଜନଜାତିଙ୍କ ନିଆରା ଜୀବନଶୈଳୀ, ପରମ୍ପରା, ସଂସ୍କୃତି ଓ କଳା ସହିତ ପରିଚିତ କରାଇଥାଏ। ଅତି ନିକଟରୁ ସେମାନେ ଆଦିବାସୀମାନଙ୍କ ଜୀବନର ଅନନ୍ୟତାକୁ ଅନୁଭବ କରିବାର ସୁଯୋଗ ପାଇଥାନ୍ତି। ଜନଜାତି ଗ୍ରାମ, ହାଟ, ଯାତ୍ରା, ମେଳଣ ଆଦି ଭ୍ରମଣ ବ୍ୟତୀତ ସେମାନଙ୍କ ଭାଷା, ଖାଦ୍ୟ, ସଙ୍ଗୀତ, ପରମ୍ପରା, ସଂସ୍କୃତି ସହ ପରିଚିତ ହେବା, ଆଦିବାସୀ ଦେବତା, ପୂଜା ପଦ୍ଧତି, ବାଦ୍ୟଯନ୍ତ୍ର, ପୋଷାକ ପରିପାଟୀ, ପରିଧାନ, ଅଳଙ୍କାର, କାନ୍ଥଚିତ୍ର କଳା, ହସ୍ତଶିଳ୍ପ ଆଦି ଏହି ପର୍ଯ୍ୟଟନର ଅନ୍ତର୍ଭୁକ୍ତ। ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ବିଶେଷକରି କେବିକେ ସହ କଳାହାଣ୍ଡି ଓ ନୂଆପଡ଼ା ଜିଲାରେ ପର୍ଯ୍ୟଟନ ପରିଚାଳନା ମାଧ୍ୟମରେ ଏକ ସ୍ଥାୟୀ ବିକାଶ ସୁନିଶ୍ଚିତ କରାଯାଇପାରିବ ବୋଲି ସ୍ମାରକପତ୍ରରେ ନିବେଦନ କରାଯାଇଛି। ଏହି କ୍ରମରେ କଳାହାଣ୍ଡିଜିଲାର କର୍ଲାପାଟ ୱାଇଲ୍ଡଲାଇଫ, ଜାକମ, ରାବଣଧାରା, ଫୁରଲିଝରଣ, ଡୋକରୀ ଚଞ୍ଚରା, ଇନ୍ଦ୍ରାବତୀ ଡ୍ୟାମ୍, ଭଜରଗଡ ଜଳପ୍ରପାତ ଏବଂ ନୂଆପଡ଼ା ଜିଲାର ସୁନାବେଡ଼ା ୱାଇଲ୍ଡ ଲାଇଫ, ପାତାଳଗଙ୍ଗା, ପତୋରା, ଗଉପକା ଗଙ୍ଗା, ତିଖାଲି ଡ୍ୟାମ୍‌କୁ ଜନଜାତି ପର୍ଯ୍ୟଟନ ବିକାଶ ଏଜେଣ୍ଡାରେ ସାମିଲ କରାଯାଇପାରେ ବୋଲି ଦାବିପତ୍ରରେ ଦର୍ଶାଯାଇଛି।

## ସଂକ୍ଷେପରେ

### କିରୋସିନ ଢାଳି ପୋଡ଼ି ହୋଇଥିବା ମହିଳାଙ୍କ ମୃତ୍ୟୁ

ବଡ଼ଗାଁ,୧୭।୪(ଅଶୋକ ଷଡଙ୍ଗୀ)
କିରୋସିନି ଢାଳି ପୋଡ଼ି ହୋଇଥିବା ଜଣେ ମହିଳାଙ୍କ ରାଉରକେଲାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ବଡ଼ଗାଁ ପୋଲିସ ଥାନା କେସ୍ ନମ୍ବର ୧୨୨/୨୬ ରେ ମାମଲା ରୁଜୁ କରି ସ୍ୱାମୀ ରୋଶନ ସାଙ୍ଗାଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି।
ଘଟଣା ଅନୁଯାୟୀ, ବିରବିରା ଗ୍ରାମର କାନ୍ତିଲତା ସାଙ୍ଗା (୩୧) ଗତ କିଛିବର୍ଷ ପୂର୍ବେ ବଡ଼ଗାଁ ଥାନା ଅନ୍ତର୍ଗତ ବାଙ୍କିବାହାଲ ଗ୍ରାମର ରୋଶନଙ୍କୁ ବିବାହ କରିଥିଲେ। ତେବେ ଗତ ରବିବାର ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। କାନ୍ତିଲତା ଉତ୍କ୍ଷିପ୍ତ ହୋଇ ଘରେ ଥିବା କିରୋସିନ ତାଙ୍କ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କ ଶରୀରର ୭୦ ପ୍ରତିଶତ ପୋଡ଼ି ଯାଇଥିଲା। ତାଙ୍କୁ ସୁନ୍ଦରଗଡ଼ ମେଡିକାଲରେ ଚିକିତ୍ସା ପରେ ରାଉରକେଲାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ପଡ଼ିଆ ସଫାକଲେ ଯୁବଗୋଷ୍ଠୀ

ବାଲିଶଙ୍କରା,୧୮।୪ ( ହୃଦାନନ୍ଦ ବାରିକ)
ପଣା ସଂକ୍ରାନ୍ତି ହନୁମାନ ଜୟନ୍ତୀ ଅବସରରେ ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡ଼ିଆରେ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଥିଲା।
ପରେ ପଡିଆ ସଫା ନ ହେବାରୁ ଅଳିଆ ଆବର୍ଜନା ଗଦା ହୋଇଥିଲା। ଫଳରେ ପିଲାମାନଙ୍କୁ ପଡିଆରେ ଖେଳିବାରେ ବିଭିନ୍ନ ଅସୁବିଧା ହେଲା। ତେଣୁ ବାଲିଶଙ୍କରାର ଯୁବଗୋଷ୍ଠୀ ରଜତ ପଟେଲ, ରଞ୍ଜନ ସିଂ, ସୁବିତ ଦାନୀ, ଧ୍ରୁବ ସା, ପ୍ରବୀଣ ଏକ୍କା, ରାଜା ଦାନୀ, ରାହୁଲ ସା, ମହେଶ ସା, ମଣ୍ଟୁ ରଣା, ଅବଲୁ ସା, କ୍ରିକେଟ ଖେଳାଳି ଓ ଅନ୍ୟାନ୍ୟ ଯୁବବର୍ଗ ମିଶି ଖେଳ ପଡିଆକୁ ସଫା କରିଥିଲେ।

### ମୋବାଇଲ ଦୋକାନରୁ ଚୋରି ଘଟଣା, ୪ ଗିରଫ

ହେମଗିର,୧୮।୪(ଚୈତନ୍ୟ ପଟେଲ )
ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଲୁଆବାହାଲ ଛକଠାରେ ଥିବା ଏକ ମୋବାଇଲ ଦୋକାନରୁ ଗତ ୧୫ତାରିଖରେ ଚୋରି ହୋଇଥିଲା। ଏନେଇ ମୋବାଇଲ ଦୋକାନ ମାଲିକ ବିନୋଦ ମଲ୍ଲିକ ହେମଗିର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ. ୧୧୩/୨୬ ରୁଜୁକରି ଘଟଣାର ତଦନ୍ତ କରି ୪ଜଣଙ୍କୁ ଶନିବାର ଗିରଫ କରିଛି । ୪ ଜଣଙ୍କ ମଧ୍ୟରେ ଦୁଇ ଜଣ ନାବାଳକ ଥିବାରୁ ବାଲ ସୁଧାର ଗୃହକୁ ପଠାଇବା ସହ ଅନ୍ୟ ଦୁଇ ଜଣ ଟିଙ୍କିଲିପଡା ଗ୍ରାମର ଜିତୁ ସୁନାନୀ ଓ ଗୋପାଳପୁର ଗ୍ରାମର ଯୁଧିଷ୍ଠିର ମାଝିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କ ଠାରୁ ୮ଟି ମୋବାଇଲ ଫୋନ, ମୋବାଇଲ ଚାର୍ଜର,୨ଟି ବାଇକ ଓ ଲୁହା ରଡକୁ ପୋଲିସ ଜବତ କରିଛି।

### ଗଛ ଡାଳ ଭାଙ୍ଗି ଘର ଭାଙ୍ଗିଲା
#### ଗଛ କାଟିବାକୁ ଗ୍ରାମବାସୀଙ୍କ ଦାବି

କୁତ୍ରା,୧୮।୪ (ଦେବାଶିଷ ସାହୁ)
କୁତ୍ରା ବ୍ଲକ ଅନ୍ତର୍ଗତ ବୁଡାକଟା ବସ୍ତିରେ ଥିବା ଏକ ପୁରୁଣା ବିରାଟ ଅଶ୍ୱତ୍ଥ ଗଛର ଡାଳ ଭାଙ୍ଗି ନୀଳମଣି ସାହୁଙ୍କ ଘର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଘଟଣା ସମୟରେ ସେଇ ରାସ୍ତା ଦେଇ ଏକ ସ୍କୁଲ ପିଲା ଯାଉଥିଲା। କିନ୍ତୁ ଭାଗ୍ୟ ବଶତଃ ସେ ବର୍ତ୍ତି ଯାଇଛି । ଏଥିରେ ବିଦ୍ୟୁତ୍ ତାର ଛିଣ୍ଡି ପଡିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ପୁରୁଣା ଅଶ୍ୱତ୍ଥ ଗଛଟି ବହୁଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ହଠାତ୍ ଏକ ବଡ଼ ଡାଳ ଭାଙ୍ଗି ନୀଳମଣିଙ୍କ ଘର ଉପରେ ପଡ଼ିଥିଲା, ଯାହାଫଳରେ ଘରର ସାମ୍ନା ଅଂଶ ଭାଙ୍ଗିଯାଇଛି। ଗଛର ଅଧିକାଂଶ ଡାଳ ଅସୁରକ୍ଷିତ ଅବସ୍ଥାରେ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଝଡ଼ତୋଫାନ ହେଲେ ଅବଶିଷ୍ଟ ଡାଳ କିମ୍ବା ଗଛଟି ଭାଙ୍ଗି ପଡ଼ି ଦୁର୍ଘଟଣା ଘଟିପାରେ ବୋଲି ଆଶଙ୍କା କରାଯାଉଛି। ପରେ ଅଗ୍ନିଶମ ବିଭାଗ ପହଞ୍ଚି ଭାଙ୍ଗି ପଡ଼ିଥିବା ଡାଳକୁ କାଟିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗୋଦାମ ଘରେ ଅଗ୍ନିକାଣ୍ଡ

- ପ୍ରାୟ ୮ ଘଣ୍ଟାର ଅବିରତ ପ୍ରୟାସ ପରେ ନିଆଁ ଆୟତ୍ତ
- ନିୟୋଜିତ ଥିଲେ ୨ ଅଗ୍ନିଶମ ବାହିନୀ
- କାରଣ ଅସ୍ପଷ୍ଟ, ତଦନ୍ତ ଜାରି



କୁତ୍ରା,୧୮।୪(ଦେବାଶିଷ ସାହୁ)
କୁତ୍ରା ବ୍ଲକ ଅନ୍ତର୍ଗତ ବାଇଲମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗୋଦାମ ଘରେ ଶନିବାର ସକାଳେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ନିୟନ୍ତ୍ରଣ କରିଥିଲା। ଗୋଦାମ ଘରର ଅନେକ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ମତାନୁସାରେ, କେହି ଦୁର୍ବୃତ୍ତ ଇଚ୍ଛାକୃତ ଭାବେ ନିଆଁ ଲଗାଇଦେଇଛନ୍ତି। ତେବେ କିଏ ଏବଂ କାହିଁକି ଏହି କାଣ୍ଡ ଘଟାଇଲା, ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ସୌଭାଗ୍ୟବଶତଃ ଏହି ଅଗ୍ନିକାଣ୍ଡରେ କାହାରି ପ୍ରାଣହାନି କିମ୍ବା ଆହତ ହୋଇନାହାନ୍ତି। ଏହି ଘଟଣାକୁ ନେଇ ବିଦ୍ୟାଳୟ ପକ୍ଷରୁ କୁତ୍ରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ସକାଳୁଆ ସ୍କୁଲ ଚାଲିଛି। ଶନିବାର ସକାଳୁ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ପହଞ୍ଚିବା ସମୟରେ ରୋଷେଇ ଘର ଦିଗରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ନିକଟକୁ ଯାଇ ଦେଖିବାରୁ ଗୋଦାମ ଘର ଭିତରେ ନିଆଁ ଜଳୁଥିବା ଦେଖିବାକୁ ପାଇଥିଲେ। ଘଟଣା ବିଷୟରେ ତୁରନ୍ତ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଖବର ପାଇ କୁତ୍ରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ଲାଗିଥିଲେ। କିନ୍ତୁ ଅଗ୍ନିର ତୀବ୍ରତା ବେଶି ଥିବାରୁ ପ୍ରଥମ ପର୍ଯ୍ୟାୟରେ ତାହାକୁ ନିୟନ୍ତ୍ରଣ କରିବା ସମ୍ଭବ ହୋଇ ନ ଥିଲା। ପରେ ବଡ଼ଗାଁ ଦମକଳ ବାହିନୀକୁ ଡାକାଯାଇଥିଲା। ପ୍ରାୟ ୮ ଘଣ୍ଟାର ଅବିରତ ପ୍ରୟାସ ପରେ ଦମକଳ ବାହିନୀ ନିଆଁକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ଆଣିପାରିଥିଲା। ଏହି ଅଗ୍ନିକାଣ୍ଡରେ ଗୋଦାମ ଘରେ ରଖାଯାଇଥିବା ଅନେକ କାଠ ସହିତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା ଓ ଅଗ୍ନିକାଣ୍ଡର ପ୍ରକୃତ କାରଣ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକମାନେ ଚିନ୍ତା ପ୍ରକଟ କରିଛନ୍ତି।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଲହୁଣୀପଡ଼ା,୧୮।୪(ଦାଶରଥି ପଣ୍ଡା)
ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଶଶ୍ୟକଳା ପଞ୍ଚାୟତସ୍ଥିତ ଓମ୍ ବାଟିକାଠାରେ ଶୁକ୍ରବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ରାଉରକେଲା ଗ୍ରାମୀଣ ଜିଲା ପ୍ରମୁଖ ଜନ ସଂଯୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବରସୁଆଁ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟ ବକ୍ତାଭାବେ ପଶ୍ଚିମ ଓଡ଼ିଶା ସଂଘ ଚାଳକ ସନାତନ ପ୍ରଧାନ ଯୋଗଦେଇଥିବା ବେଳେ ରାଉରକେଲା ବିଭାଗ ଚାଳକ ଅନାଦୀ ଚରଣ ମାହାନ୍ତ ଓ ରାଉରକେଲା ଗ୍ରାମୀଣ ସଂଘ ଚାଳକ ଶିବଶଙ୍କର ସାଥୁଆ ମଞ୍ଚାସୀନ ଥିଲେ। ଜିଲା ସମ୍ପର୍କ ପ୍ରମୁଖ ଦୟାନିଧି ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଶତ ସ୍ମୃତି କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚ ପରିବର୍ତ୍ତନ ଆଧାରରେ ସମାଜର କିପରି ସୁପରିବର୍ତ୍ତନ ହୋଇପାରିବ ସେ ବିଷୟରେ ମୁଖ୍ୟବକ୍ତା ନିଜର ବକ୍ତବ୍ୟ ରଖିଥିଲେ। ଏହାସହିତ ଭ୍ରମିତ ହୋଇ ଧର୍ମ ପରିବର୍ତ୍ତନ କରିଥିବା ହିନ୍ଦୁ କିପରି ଭାବେ ସ୍ୱଧର୍ମକୁ ଫେରିଆସିବେ ସେଥିପାଇଁ ଚେଷ୍ଟା କରିବା ସହିତ ଭବିଷ୍ୟତରେ କେହି ଯେମିତି ଧର୍ମ ପରିବର୍ତ୍ତନ ନ କରନ୍ତି ସେଥିପାଇଁ ସଚେତନ ବାର୍ତ୍ତା ଦେଇ ସମସ୍ତ ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ସହଯୋଗ ନିମନ୍ତେ ଆହ୍ୱାନ କରିଥିଲେ। ଶେଷରେ ଜିଲା କାର୍ଯ୍ୟବାହ ଉମାଶଙ୍କର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବନ୍ଦେ ମାତରମର ସାମୂହିକ ଗାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ବଣେଇ ଉପଖଣ୍ଡର ୪ଟି ବ୍ଲକର ବହୁ ସଂଖ୍ୟାରେ ବୁଦ୍ଧିଜୀବୀଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବାସୁକୀନାଥ ଅଗ୍ରୱାଲଙ୍କ ସମେତ ବାସୁକୀନାଥ ଗ୍ରୁପର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ନୂଆଖାଇର ଭାବ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା

## ଡିଆଇଇଟିର ବାର୍ଷିକୋତ୍ସବ ସ୍ପନ୍ଦନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ

ସୁନ୍ଦରଗଡ,୧୮।୪
(ଜୟ ନାରାୟଣ ମେଣ୍ଢୁଲି)
ସୁନ୍ଦରଗଡ଼ ଶଙ୍କରାସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନରେ ବାର୍ଷିକୋତ୍ସବ 'ସ୍ପନ୍ଦନ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷା ଲିପିକା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅଧକ୍ଷା ଡକ୍ଟର ସରୋଜିନୀ ପତି, ସମ୍ମାନିତ ଅତିଥିଭାବେ ଡ. ଶ୍ରବଣ କୁମାର ବାଗ, ଅତିରିକ୍ତ ଜିଲା ଅଧିକାରୀ ସାରଙ୍ଗଧର ବରିହା ଓ ସଦାନନ୍ଦ ପ୍ରଧାନ ଯୋଗଦେଇ ଆଧୁନିକ ଶିକ୍ଷଣ ପ୍ରଣାଳୀ, ଶିକ୍ଷକଙ୍କ କର୍ତ୍ତବ୍ୟ ଓ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ପ୍ରଶିକ୍ଷିକା ସସ୍ମିତା ନାୟକଙ୍କ ଦ୍ୱାରା ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରାଯାଇଥିଲା, ଯେଉଁଥିରେ ଅନୁଷ୍ଠାନର ଏକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକଳାପ ଓ ସଫଳତାକୁ ଉଲ୍ଲେଖ କରାଯାଇଥିଲା। ମାର୍ଟିନା ଶ୍ୟାମୋଲୀ ମାଲ୍ଲୀ କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ। ସୁନ୍ଦରଗଡ଼ ଜିଲାର ଭାଷାର ବିବିଧତାକୁ ସମ୍ମାନ ଓ ଶିକ୍ଷଣ ଅଧିଗମକୁ ସହଜ କରିବାରେ ନୂତନ ପଦକ୍ଷେପ ସ୍ୱରୂପ ବହୁଭାଷୀ ଛବିଳ ଶବ୍ଦକୋଷର ଉଦ୍‌ଘାଟନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଏହି ଅବସରରେ ଗୁରୁଛାତ୍ର ଓ ଗୁରୁଛାତ୍ରୀଙ୍କ ବିବିଧ ପ୍ରତିଭାର ଚମତ୍କାର ପ୍ରଦର୍ଶନ ହୋଇଥିଲା। ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ସାମାଜିକ ବାର୍ତ୍ତା ବହନ କରୁଥିବା ନାଟକ ନୂଆଖାଇର ଭାବ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମୁଖ୍ୟ ଅତିଥି ଶିକ୍ଷକଙ୍କ ତ୍ୟାଗ ଓ ସମର୍ପଣକୁ ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଗୁରୁଛାତ୍ର ଓ ଗୁରୁଛାତ୍ରୀଙ୍କୁ କୋମଳମତି ଶିଶୁମାନଙ୍କ ସହ ସହଯୋଗମୂଳକ ଭାବେ କାମ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଡ. ଶ୍ରବଣ ବାଗ ନିଜସ୍ୱ ଆତ୍ମପର୍ଯ୍ୟବେକ୍ଷଣର ଗୁରୁତ୍ୱ ଉପସ୍ଥାପନ କରିଥିବା ବେଳେ ସାରଙ୍ଗଧର ବରିହା ଶ୍ରେଣୀ ଗୃହରେ ମୋବାଇଲକୁ ମନୋରଞ୍ଜନରେ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ସଦାନନ୍ଦ ପ୍ରଧାନ ଜୀବନବ୍ୟାପୀ ଶିକ୍ଷା ପ୍ରତି ଆଗ୍ରହ ବଢ଼ାଇବାକୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନରେ ଶିକ୍ଷା, କ୍ରୀଡ଼ା, ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ଉତ୍କୃଷ୍ଟ ପାରଦର୍ଶିତା ଅର୍ଜନ କରିଥିବା ଗୁରୁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଅନୁଷ୍ଠାନର ସମସ୍ତ ପ୍ରଶିକ୍ଷକ ସୁଜାତା କାଲୋ, ବୁଧୁରାମ କିସାନ, ସୁଶ୍ରୀ ମମତା ମାଝୀ, ପ୍ରିୟଦର୍ଶିନୀ ପାତ୍ର, ଅନୁତୃଷ୍ଟା ସିଂ, ନୀଳିମା ଲାକ୍ରା, ସୌମ୍ୟରଞ୍ଜନ ମହାଳିକ, ସୁଜ୍ଞାନନନ୍ଦ କୁସୁମ, କମ୍ପ୍ୟୁଟର ଅନୁଦେଷ୍ଟା, ରାଜେଶ ବେହେରାଙ୍କ ସମେତ ସମସ୍ତ ଗୁରୁଛାତ୍ରୀଛାତ୍ର ମାନେ ସହଯୋଗ କରିଥଲେ। ପ୍ରଶିକ୍ଷିକା ବନ୍ଦିତା ରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନି ନିରାପତ୍ତା ସଚେତନତା ଶିବିର

ସୁନ୍ଦରଗଡ,୧୮।୪(ଜୟ ନାରାୟଣ ମେଣ୍ଢୁଲି)
ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ ଛତାସର୍ଗୀଠାରେ ଥିବା ଅନୁସୂଚିତ ଜାତି – ଜନଜାତି ବିଭାଗ ଦ୍ୱାରା ପରିଚାଳିତ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅଗ୍ନି ନିରାପତ୍ତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶି ବାଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ସବ୍‌ଡେଗାସ୍ଥିତ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଉପସ୍ଥିତ ଛାତ୍ରୀମାନଙ୍କୁ ରୋଷେଇ ଘରେ ବ୍ୟବହୃତ ରନ୍ଧନ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଫାଟିବା(ବିସ୍ଫୋରଣ ହେବା ) ଦାଉକୁ କିଭଳି ଆୟତ୍ତ କରାଯାଇ ଧନଜୀବନ ସୁରକ୍ଷିତ ରଖାଯାଇପାରିବ ସେ ନେଇ ବିଭିନ୍ନ କଳା କୌଶଳ ଉପରେ ଶିକ୍ଷାଦାନ କରିଥିଲେ। ଏଥିସହ ବର୍ତ୍ତମାନ ଗ୍ରୀଷ୍ମଋତୁରେ ଅତ୍ୟଧିକ ଗରମ ହେତୁ ବିଭିନ୍ନ କାରଣରୁ ଘରେ ନିଆଁ ଲାଗିଯାଉଥିବା ବେଳେ ଏହାକୁ ଆୟତ୍ତ କରି କିଭଳି ଧନଜୀବନ ସୁରକ୍ଷିତ ରଖାଯାଇ ପାରିବ ସେ ନେଇ କଳା କୌଶଳ ଶିଖାଇ ଥିଲେ। କାର୍ଯ୍ୟକ୍ରମରେ ସବ୍‌ଡେଗାସ୍ଥିତ ଅଗ୍ନିଶମ ବାହିନୀର କର୍ମଚାରୀ ବିଚେନ୍ଦ୍ର ଦଣ୍ଡସେନା, ସୁମନ୍ତ ବାଗ, ସଞ୍ଜିତ ବାଗ ଓ ବସନ୍ତ ବେହେରା ପ୍ରମୁଖ ଅଂଶ ଗ୍ରହଣ କରି ନିଆଁ ଦାଉରୁ ଧନ ଜୀବନ ରକ୍ଷା ନେଇ କଳା କୌଶଳ ଉପରେ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବନେତା ଦେବେନ୍ଦ୍ର ପ୍ରସାଦ ମାଝୀ, ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବଲ୍ଲଭ ତନ୍ତୀ, ମିନତି ଦେହୁରୀ, ବିରୂପା ପଟେଲ, ଲକ୍ଷ୍ମୀପ୍ରିୟା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



## ନବଜୀବନ ଅନୁଷ୍ଠାନର ବସନ୍ତ ମହୋତ୍ସବର ଚତୁର୍ଥ ସନ୍ଧ୍ୟା
# ଦର୍ଶକଙ୍କୁ ବାନ୍ଧି ରଖିଲା ସମ୍ବଲପୁରୀ ନାଟକ ଭାଗ



ସୁନ୍ଦରଗଡ଼,୧୮।୪(ଜୟ ନାରାୟଣ ମେଣ୍ଢୁଲି)
ସୁନ୍ଦରଗଡ଼ର ସାଂସ୍କୃତିକ ଅନୁଷ୍ଠାନ ନବଜୀବନ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ବସନ୍ତ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଶନିବାର ସମ୍ବଲପୁର ନନ୍ଦପଡା ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନାଟକ ଭାଗ ପରିବେଷିତ ହୋଇଥିଲା। ଭାରତୀୟ ସଂସ୍କୃତିର ମର୍ଯ୍ୟାଦା ପୂର୍ଣ୍ଣ ପାରିବାରିକ ମୂଲ୍ୟବୋଧ ବର୍ତ୍ତମାନର ଆଧୁନିକ ଯୁଗରେ ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁ କିଭଳି ହଜିଯାଉଛି ସେ ସମ୍ପର୍କରେ କଳାକାରମାନେ ନିଖୁଣ ଅଭିନୟ ଜରିଆରେ ପ୍ରଦର୍ଶିତ କରି ପରିବାରର ସେହି ମୂଲ୍ୟ ବୋଧକୁ ବଜାୟ ରଖିବାକୁ ଆହ୍ୱାନ କରିଛନ୍ତି। ନାଟ୍ୟକାର ସନ୍ତୋଷ କୁମାର ମିଶ୍ରଙ୍କ ରଚିତ ଏହି ନାଟକକୁ ଦିଲିପ କୁମାର ଦେବ ନିର୍ଦ୍ଦେଶନା ଦେଇଥିବା ବେଳେ ସନ୍ତୋଷ କୁମାର ମିଶ୍ର ସହ ନିର୍ଦ୍ଦେଶନା ଦେଇଥିଲେ। ବିଭିନ୍ନ ଭୂମିକାରେ ଶୁଭେନ୍ଦ୍ର ନନ୍ଦ, ଜଗଦୀଶ ନାରାୟଣ ମହାପାତ୍ର, ସନ୍ତୋଷ ମିଶ୍ର, ସ୍ୱାଧୀନ ପଣ୍ଡା, କୃଷ୍ଣଚନ୍ଦ୍ର ପତି, ଝୁନା ପାଢୀ, ସ୍ୱୟଂ ସିଦ୍ଧା ପଟ୍ଟନାୟକ, ଶ୍ୱେତା ପଣ୍ଡା, ମୋନାଲିସା ସାହୁ ଅଭିନୟ କରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦ୍ୱାରା ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ




ରାଜଗାଙ୍ଗପୁର,୧୮।୩(ଅଶୋକ ପାଣି)
ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଅଗ୍ରସେନ ଭବନଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ରାଉରକେଲା ଗ୍ରାମୀଣ ଜିଲା ଦ୍ୱାରା ରାଜଗାଙ୍ଗପୁର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆନୁକୂଲ୍ୟରେ ସଂଘର ଶତ ବାର୍ଷିକି ପାଳନ ଅବସରରେ ଏକ ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ପଶ୍ଚିମପ୍ରାନ୍ତ ସଂଘ ଚାଳକ ସନାତନ ପ୍ରଧାନ ଯୋଗଦେଇ ୧୦୦ ବର୍ଷ ଧରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦେଶ ପ୍ରତି ଓ ସମାଜ ପ୍ରତି କରିଥିବା ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ରାଜଗାଙ୍ଗପୁରର ବିଭିନ୍ନ ବର୍ଗର ଜନସାଧାରଣ ଯୋଗଦେଇ ନିଜର ବିଭିନ୍ନ ମତାମତ ଦେଇଥିଲେ। ରାଜଗାଙ୍ଗପୁର ସଂଘ ଚାଳକ ଦିଲ୍ଲୀପ ସିଂ, ବିବେକ ଅଗ୍ରୱାଲ, ବିନୟ ଅଗ୍ରୱାଲ, ଦିନେଶ ପୁରୋହିତଙ୍କ ସମେତ ସଂଘର ଅନ୍ୟମାନେ ଉପସ୍ଥିତ ଥିଲେ।

# ମାଣିକେଶ୍ୱରୀ ଲୋକାଲ ୟୁନିଟ୍ ସଙ୍ଗଠନ ବୈଠକ



ହେମଗିର,୧୮।୪(ଚୈତନ୍ୟ ପଟେଲ)
ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ବିଶ୍ୱକାନନ ବଗିଚାଠାରେ ଶୁକ୍ରବାର ମାଣିକେଶ୍ୱରୀ ଲୋକାଲ ୟୁନିଟ୍ ସଙ୍ଗଠନର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହେମଗିର ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ୧୦୦ରୁ ଊର୍ଦ୍ଧ୍ୱ ଯୁବକ ଯୋଗଦାନ କରିଥିଲେ। ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟତା ଥାଇ କୋଇଲା ଖଣିରୁ ବଞ୍ଚିତ ହେଉଥିବା ଲୋକାଲ ଯୁବକଙ୍କୁ କୋଇଲା ଖଣି ସହିତ ଲଢ଼େଇ କରି ନିଯୁକ୍ତି ଦେବା। ବିଗତ ଦିନରେ ଏହି ସଙ୍ଗଠନର ସହଯୋଗରେ ଅଞ୍ଚଳର ଅନେକ ଯୁବକ ନିଯୁକ୍ତି ପାଇ ସାରିଛନ୍ତି । ଏହି କାର୍ଯ୍ୟକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରୁଛନ୍ତି। ଆଜି ଏହି ସଙ୍ଗଠନର କମିଟି ଗଠନ ହୋଇଛି ସମସ୍ତ ଯୁବକଙ୍କ ଉପସ୍ଥିତିରେ। ଜଣେ ସଭାପତି, ୨ ଜଣ ଉପସଭାପତି, ଜଣେ ସମ୍ପାଦକ, ୨ଜଣ ସହ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ଜଣେ ସହ କୋଷାଧ୍ୟକ୍ଷ ଏବଂ ୮ଜଣ ଶାସକ ମେମ୍ବର ଚୟନ କରାଗଲା। ସଭାପତିଭାବେ ହେମଗିର ବ୍ଲକର ଜଣେ ଜଣାଶୁଣା ତଥା ଉଦୟ ମାନ ଯୁବକ ସମାଜସେବୀ କଳାକାହ୍ନୁ ମେହେରଙ୍କୁ ସଭାପତି ଭାବେ ଚୟନ କରାଗଲା। ସେହିପରି ଉପସଭାପତି ଭାବେ ରମେଶ କିଶାନ, ତପନ ନାଗ, ସମ୍ପାଦକ ଭାବେ ଦିନେଶ ଭୋଇ, ସହ ସମ୍ପାଦକ ଭାବେ ପ୍ରହ୍ଲାଦ ବଡେକ, ସୁଶାନ୍ତ ଭୋଇଁସାଲ ଏବଂ କୋଷାଧ୍ୟକ୍ଷ ଭାବେ ଦୀନଦୟାଲ ନିଷାଦ, ସହ କୋଷାଧ୍ୟକ୍ଷ ଭାବେ ପ୍ରଦୀପ ଲାକ୍ରାଙ୍କୁ ଚୟନ କରାଗଲା। ଚୟନ କରାଯାଇଥିବା ନୂତନ ପଦାଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନରେ ସଂଗ୍ରାମ ଜୋରଦାର ହେବା ନେଇ ସମସ୍ତେ ଶପଥ ନେଲେ ଏବଂ ପରିଶେଷରେ ନୂତନ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସଦର ବ୍ଲକ୍ ଚାମ୍ପିୟନ
## ସୁନ୍ଦରଗଡ଼ ଜିଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କପ ଖୋ- ଖୋ ଉଦ୍ଯାପିତ


ଟ୍ରଫି ସହ ସଦରବ୍ଲକ ଚମ୍ପିୟାନ ଦଳ

ସୁନ୍ଦରଗଡ଼,୧୮।୪(ଜୟ ନାରାୟଣ ମେଣ୍ଢୁଲି)
ସ୍ଥାନୀୟ ସେଣ୍ଟ ଟେରେସା ବିଦ୍ୟାଳୟରେ ଚାଲିଥିବା ମୁଖ୍ୟମନ୍ତ୍ରୀ କପ ୧୪ ବର୍ଷରୁ କମ ବାଳିକା ଏବଂ ବାଳକ ବର୍ଗର ଖୋ – ଖୋ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଭୟ ବାଳିକା ଓ ବାଳକ ବର୍ଗରେ ସଦର ବ୍ଲକ ଓ କୁଆଁରମୁଣ୍ଡା ବ୍ଲକ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ସଦର ବ୍ଲକ ଦଳ ବିଜୟୀ ହୋଇଥିଲା ବେଳେ କୁଆଁରମୁଣ୍ଡା ବ୍ଲକ ଉପବିଜେତା ଭାବେ ଘୋଷିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସେଣ୍ଟ ଟେରେସା ବିଦ୍ୟାଳୟର ପ୍ରିନ୍ସିପାଲ ସିଷ୍ଟର ପି.ସଲ ଭି ମାଡାମ ମୁଖ୍ୟ ଅତିଥି ଏବଂ ଜିଲା କ୍ରିଡା ସଂସଦର କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସୁନ୍ଦରଗଡ଼ ଜିଲା ଦଳ ତରଫରୁ ଜାତୀୟ ତଥା ରାଜ୍ୟ ସ୍ତରୀୟ ପଦକ ବିଜେତା ଖୋ–ଖୋ ଖେଳିଥିବା ଖେଳାଳି ତଥା ତାଙ୍କ କୋଚ, ମ୍ୟାନେଜରଙ୍କୁ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ତରଫରୁ ସମ୍ମାନିତ କରାଯାଇଥିଲା। ଯେଉଁଥିରେ ଜାତୀୟ ସ୍ତରୀୟ ଖୋ–ଖୋ ଖେଳାଳି ବିଶାଲ ଓରାମ, ସମୀର ଖାଲକୋ, ଶ୍ରାବଣୀ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ହୃଦୟ ରଞ୍ଜନ ସିଂ, ଉପସଭାପତି ବିମଲ ବୋଷ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ପ୍ରଭାତ କୁମାର୍ ଭୋଳ ବିଜେତା ଏବଂ ଉପବିଜେତା ଦଳକୁ ମୁଖ୍ୟମନ୍ତ୍ରୀ କପ ସହ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଖୋ – ଖୋ ସେକ୍ରେଟାରୀ ଅକ୍ଷୟ ନାଏକ ଏବଂ ଜିଲା କବାଡି ସମ୍ପାଦକ ପ୍ରଶାନ୍ତ ପଟେଲ , ଜିଲା ଫୁଟବଲ ସମ୍ପାଦକ ରାଜେନ୍ଦ୍ର ପଣ୍ଡା, ଜିଲା ଦୌଡ଼ କୁଦ ସମ୍ପାଦକ ଅଜୟ ବହିଦାର, ସୁରଜ ଭଇଁସାଲ ପରିଚାଳନା ଓ ସହଯୋଗ କରିଥିଲେ। ରାଜ୍ୟ ସ୍ତରୀୟ ଖୋ–ଖୋ ରେଫରୀ ତଥା ପ୍ରଶିକ୍ଷକ ଅନିଲ ସାହୁ ଏବଂ ରାକେଶ ବାରିକ, ଅମରଦୀପ କୁଜୁର୍, ମଞ୍ଜୁଶ୍ରୀ ପଟେଲ, ମମତା ପଟେଲ, ନରହରି ପଣ୍ଡା,ଧିରୋଜ ମହାନ୍ତ, ମାନସ ରଞ୍ଜନ ବାରିକ, ଆଦର୍ଶ କୁମାର୍ କାଲୋ, ସୁନିଲ ଭୋଇ ,ବିପ୍ଳବ କୁଆ, ମୋନୋଜ ମିଞ୍ଜ , ବିଶାଲ ଖାଖା , ସମୀର ଖାଲ ଖୋ ଖେଳ ପରିଚାଳନା କରିବା ସହିତ ଖେଳାଳୀ ଚୟନ ମଧ୍ୟ କରିଥିଲେ। ସୁନ୍ଦରଗଡ଼ ଜିଲା ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହିଭଳି ମୁଖ୍ୟମନ୍ତ୍ରୀ କପ ଖୋ– ଖୋ ସୁନ୍ଦର ଭାବରେ ଆୟୋଜନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

**ଆଉଟସୋର୍ସିଂ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ**

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସିରେ ନିୟୋଜିତ ସଫେଇ ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଶନିବାର ତୃତୀୟ ଦିନରେ ପହଞ୍ଚିଛି। ସେମାନେ ଅଭିଯୋଗ କରିଛନ୍ତି, ପ୍ରତ୍ୟେକ ମାସରେ ଠିକ୍ ସମୟରେ ଦରମା ମିଳୁନାହିଁ। ତେଣୁ ଠିକାସଂସ୍ଥାକୁ ବନ୍ଦ କରି ଏନଏସି କାର୍ଯ୍ୟାଳୟ ପକ୍ଷରୁ ଆମଙ୍କୁ ମଜୁରି ଦେବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଦାବି ପୂରଣ ନହେଲେ ସଫେଇ କାର୍ଯ୍ୟ କରିହେବନାହିଁ ବୋଲି ସେମାନେ କହିଛନ୍ତି। ବିନିକା ଏନଏସି ସଫେଇ ଠିକା କର୍ମଚାରୀ, ସୁଇପରମାନେ କାର୍ଯ୍ୟାଳୟ ସମ୍ମୁଖରେ ବସି ବିକ୍ଷୋଭ ପ୍ରଦର୍ଶନ କରି ଆସୁଛନ୍ତି।

# ବେଆଇନ ଭାବେ ପିସ୍ତଲ, ମାରଣାସ୍ତ୍ର ଧରି ବୁଲୁଛନ୍ତି ଯୁବପିଢ଼ି

ସୋନପୁର,୧୮।୪(ମୃତ୍ୟୁଞ୍ଜୟ ଶତପଥୀ)



**ସୁବର୍ଣ୍ଣପୁର ଜିଲା**
**ବିଗୁଡୁଛି ଆଇନଶୃଙ୍ଖଳା ପରିସ୍ଥିତି**

ସୁବର୍ଣ୍ଣପୁର ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। କଥା କଥାକେ ଗୁଳି ଫୁଟୁଛି। ଲାଇସେନ୍ସ ନ ଥାଇ ନିଶାଗ୍ରସ୍ତ ବ୍ୟକ୍ତି ଓ ଅପରାଧିମାନେ ପିସ୍ତଲ ଧରି ବୁଲୁଛନ୍ତି। ପୋଲିସ ପାଟ୍ରୋଲିଂ କଡାକଡି କରାଯାଉନି। ଫଳରେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଆପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଏହାର ସୁଯୋଗରେ କେତେକ ଯୁବପିଢି କଫସିରପ୍ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ କରି ପିସ୍ତଲ, ବୋମା ଓ ମାରଣାସ୍ତ୍ର ଧରି ଖୁଲମଖୁଲା ବୁଲୁଛନ୍ତି। ତେବେ ଜିଲା ପୋଲିସ ମୁଖ୍ୟଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଓ କଡା ତାଗିଦ୍ ଯୋଗୁ ଅନେକ ଆପରାଧିକ ମାମଲାର ପର୍ଦ୍ଦାଫାଶ ହୋଇଛି।

ଏଭଳି ପିସ୍ତଲ ଖେଳରୁ ଶୁକ୍ରବାର ରାତିରେ ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଛକରେ ଗୁଳିକାଣ୍ଡ ଘଟି ବିକ୍ରମ ମହାରଣା(୨୪)ଙ୍କ ମୃତ୍ୟୁ ହୋଇଛି। ଚମ୍ପାମାଳ ଗ୍ରାମର ଶୁଭମ୍ ପ୍ରୀତମ ହୋତା(୨୭)ଙ୍କ ପିସ୍ତଲର ଗୁଳି ସିଧା ବିକ୍ରମଙ୍କ ବେକରେ ବାଜିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିକ୍ରମଙ୍କୁ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନା ଓ ପରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତନାଘନା ଜାରି ରଖିଛି। ଅଭିଯୁକ୍ତ ଶୁଭମ୍ ପ୍ରୀତମ ଫେରାର ହୋଇ ଯାଇଛନ୍ତି। ବୀରମହାରାଜପୁର ଥାନାଠାରୁ ମାତ୍ର ୧୦୦ ମିଟର ଦୂର ମୁଖ୍ୟ ଛକରେ ପିସ୍ତଲ ଓ ମାରଣାସ୍ତ୍ର ଧରି ୫ରୁ ୬ଯୁବକ ହାଇମାଷ୍ଟ ଲାଇଟ୍ ତଳେ ବସି ମଉଜ ମଜ୍‌ଲିସ କରୁଥିଲେ। ବୀରମହାରାଜପୁର ଥାନା ପୋଲିସ ଏହା ଜାଣି ନ ପାରିବା ଓ ଏଭଳି ଏକ ଅଭାବନୀୟ ଘଟଣା ଘଟିବାକୁ ନେଇ ନାନା ଆଲୋଚନା ହେଉଛି। ସ୍ଥାନୀୟ ପୋଲିସର ପାରିବା ପଣିଆ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ଫେବୃୟାରୀ ୯ତାରିଖ ରାତିରେ ଡକାୟତି ଉଦ୍ୟମ କରୁଥିବା ଚମ୍ପାମାଳର ଶୁଭମ୍ ପ୍ରୀତମ୍, ଉଲୁଣ୍ଡା ଥାନା ଏସ୍ ପତ୍ରାପାଲି ଗ୍ରାମର ଦେବାଶିଷ ପଣ୍ଡା ଓ ସୁବର୍ଣ୍ଣପୁର ସହର ବ୍ଲକ ଛକ ଅଞ୍ଚଳର ଶୁଭ୍ରାଂଶୁ ଶେଖର କୁମ୍ଭାରଙ୍କୁ ସୋନପୁର ଟାଉନ ଥାନା ପୋଲିସ ଗିରଫ କରିଥିଲା। ଅଭିଯୁକ୍ତମାନେ ଏକ କାରରେ ସହରର ନଳିନୀ ଛକ ପଟୁ ବିଜୁ ପଟ୍ଟନାୟକ ଛକ ଅଭିମୁଖେ ଆସୁଥିଲା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ଓ ଜବତ କାରରୁ ପୋଲିସ ୨ଟି ଦେଶୀ ପିସ୍ତଲ, ୨ ରାଉଣ୍ଡ ଗୁଳି, ମାଗାଜିନ୍, ଛୁରି, ବୋମା ଓ କୁରାଢୀ ଜବତ କରିଥିଲା। ଜେଲରୁ ଜାମିନ୍‌ରେ ଆସିବା ପରେ ଶୁଭମ୍ ପ୍ରୀତମ୍ ପୁଣି ପିସ୍ତଲ ଧରି ବୁଲୁଥିବା ଶୁକ୍ରବାର ରାତି ଗୁଳିକାଣ୍ଡ ଘଟଣାରୁ ସ୍ପଷ୍ଟ ହୋଇଛି। ତାଙ୍କ ଉପରେ ସ୍ଥାନୀୟ ପୋଲିସର ନଜର ନଥିଲା। ଏ ସମ୍ପର୍କରେ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକଙ୍କ ସହିତ ଯୋଗାଯୋଗ କରିବାରୁ ମୃତ ବିକ୍ରମଙ୍କ ବେକରେ ଗୁଳିମାଡ ହୋଇଥିଲା। ବନ୍ଧୁ ଶୁଭମ ହୋତାଙ୍କ ପିସ୍ତଲରୁ ଫାୟାରିଂ ହୋଇଛି। ଘଟଣା ପରେ ସେ ଫେରାର ହୋଇଯାଇଛନ୍ତି। ତେବେ ଶୁଭମଙ୍କ ନାମରେ ପ୍ରଶାସନ ପକ୍ଷରୁ କୌଣସି ପିସ୍ତଲ ଇସ୍ୟୁ ହୋଇ ନ ଥିବା ଏସ୍‌ପି ନାୟକ କହିଛନ୍ତି।

# ସରକାରୀ ପଲିଟେକ୍‌ନିକ୍‌ରେ ଡିଟିଇଟି ଟିମ୍

ସୋନପୁର,୧୮।୪(ମୃତ୍ୟୁଞ୍ଜୟ ଶତପଥୀ)


୨ ଜଣିଆ ଟିମ୍ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

**ଛାତ୍ରୀଛାତ୍ର, ଅଧ୍ୟକ୍ଷଙ୍କ ସହିତ ଆଲୋଚନା କଲେ**

ସୁବର୍ଣ୍ଣପୁର ସହର ଉପକଣ୍ଠ ଝିଙ୍କିସ୍ଥିତ ସୋନପୁର ସରକାରୀ ପଲିଟେକ୍‌ନିକ୍‌ରେ ଛାତ୍ର ଅଶାନ୍ତି ଲାଗି ରହିଛି। କ୍ୟାଣ୍ଟିନ୍‌ରେ ଛାତ୍ରୀଛାତ୍ରଙ୍କୁ ନିମ୍ନ ମାନର ଖାଦ୍ୟ ଦିଆଯିବା, ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ଉତ୍ସବ ଆୟୋଜନ ନ ହେବା, ଛାତ୍ରାବାସରେ ଅବ୍ୟବସ୍ଥା, ଅଧ୍ୟକ୍ଷଙ୍କ ବଦଳି ଆଦି ଦାବି ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକ ଆନ୍ଦୋଳନ କରିଥିଲେ। ଏପରିକି ଛାତ୍ରୀଛାତ୍ରମାନେ ଖରାରେ ଚାଲି ଚାଲି ଆସି ଜିଲାପାଳ ଡ. ନୃପରାଜ ସାହୁଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଜିଲାପାଳ ଘଟଣା ସମ୍ପର୍କରେ ସରକାରଙ୍କୁ ଲିଖିତ ଭାବେ ଜଣାଇଥିଲେ। ତଦନୁଯାୟୀ ରାଜ୍ୟ ସରକାର ଡିଟିଇଟି(ଡାଇରେକ୍ଟୋରେଟ ଅଫ ଟେକ୍‌ନିକାଲ ଏଜୁକେଶନ ଏଣ୍ଡ ଟ୍ରେନିଂ)ର ୨ଜଣ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ପଠାଇଥିଲେ। ଶନିବାର ଡିଟିଇଟିର ଅଧିକାରୀ ବିଷ୍ଣୁ ଚରଣ ସାହୁ ଓ ତ୍ରିନାଥ ସାହୁ ପଲିଟେକ୍‌ନିକ୍‌କୁ ଆସି ଛାତ୍ରୀଛାତ୍ର ପରେ ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି ସମସ୍ୟା ଓ ସମାଧାନର କାରଣ ସମ୍ପର୍କରେ ଅବଗତ ହୋଇଥିଲେ। ପରେ ଏହି ଟିମ୍ ଜିଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। କମିଟି ସରକାରଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ ପରେ ସେହି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡିଛି।

# ପାରଦ ୪୨ ଡିଗ୍ରୀ, ଜନଜୀବନ ଅସ୍ତବ୍ୟସ୍ତ

ଲାଞ୍ଜିଗଡ଼,୧୮।୪(ରମେଶ ଚନ୍ଦ୍ର ନାୟକ)

**ପଞ୍ଚାୟତରେ ନାହିଁ ଜଳଛତ୍ର ବ୍ୟବସ୍ଥା**

କଳାହାଣ୍ଡି ଜିଲାର ଶିଳ୍ପାଞ୍ଚଳ ସହର ଲାଞ୍ଜିଗଡ଼ରେ ପାରଦ ଏବେ ଉପରମୁହାଁ। ଗତ କିଛିଦିନ ହେଲା ସହରର ତାପମାତ୍ରା ୪୨ ଡିଗ୍ରୀରୁ ଅଧିକ ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସତେଯେମିତି ତତଲା କଡ଼େଇରେ ଭାଜି ହେଉଥିବା ଭଳି ମନେହେଉଛି। ଖରା ତାତିରୁ ରକ୍ଷା ପାଇବା ପାଇଁ କିଏ ମୁଣ୍ଡରେ ଟୋପି, ଗାମୁଛା ପିନ୍ଧୁଛି ତ ଆଉ କିଏ କଳାଚଷମା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଥଣ୍ଡା ପାନୀୟ, ଲସି, ସରବତ ଓ ଆଖୁରସ ଦୋକାନରେ ଲୋକଙ୍କ ଭିଡ଼ ଜମୁଛି। ଥଣ୍ଡା ପାନୀୟର ଚାହିଦା ବଢ଼ିଥିବା ବେଳେ ଲସି କିମ୍ବା ସରବତ ପିଇ ଲୋକେ ଆଶ୍ୱସ୍ତି ଅନୁଭବ କରୁଛନ୍ତି । ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସହରର ଅଧିକାଂଶ ଦୋକାନବଜାର ବନ୍ଦ ରହୁଥିବା ବେଳେ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ପ୍ରବଳ ଗରମ ଯୋଗୁ ଦିନମଜୁରିଆ ଓ ନିର୍ମାଣ ଶ୍ରମିକ ହଇରାଣ ହେଉଥିବା ବେଳେ ସ୍କୁଲ, କଲେଜକୁ ସରକାର କିଛିଦିନ ଛୁଟି ଘୋଷଣା କରିଛନ୍ତି। ରାସ୍ତାକଡ଼ର ବଡ଼ ବଡ଼ ଗଛ କାଟି ଦିଆଯାଇଥିବାରୁ ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ସେହିପରି ଖରାତାତି ସହ ଉତ୍କଟ ଜଳାଭାବ ପରିସ୍ଥିତିକୁ ଆହୁରି ଜଟିଳ କରିଦେଉଛି। ଏପରି ସମୟରେ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବଣାଗ୍ନି ତଥା ଜମିରେ ଲାଗୁଥିବା ନିଆଁ ଚିନ୍ତା ବଢାଉଛି। ନଦୀ, ନାଳ, ପୋଖରୀ ଆଦି ଜଳଉତ୍ସ ଶୁଖିବାରେ ଲାଗିଲାଣି। ଏଥିଯୋଗୁ କେବଳ ମଣିଷ ନୁହନ୍ତି, ପଶୁପକ୍ଷୀ ଓ ଗୋରୁ ହଇରାଣ ହେଉଛନ୍ତି। ସପ୍ତାହେ ହେଲାଣି ଦିନତମାମ ଖରା ଯୋଗୁ ବ୍ଲକ୍‌ର ଲାଞ୍ଜିଗଡ଼, ବିଶ୍ୱନାଥପୁର, ଲାଞ୍ଜିଗଡ଼ ରୋଡ୍ ଅଞ୍ଚଳରେ ରାସ୍ତାଘାଟ ଶୁନଶାନ୍ ହୋଇଯାଉଛି। ଏପରି ସ୍ଥିତିରେ ବ୍ଲକ୍‌ର କେତେକ ପଞ୍ଚାୟତରେ ଜଳଛତ୍ର ଖୋଲାଯାଇ ନ ଥିବାରୁ ପଥଚାରୀ ଓ ବାଇକ୍ ଆରୋହୀ ପାଣି ମୁନ୍ଦାଏ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ଗତବର୍ଷ ଜଳଛତ୍ର ସ୍ଥାନରେ ଜଣେ ମହିଳା ନିୟୋଜିତ ଥିଲେ। ଏବର୍ଷ ସେ ମନାକରିଦେଲେ। ଅନ୍ୟ ଜଣକୁ ନିୟୋଜନକରି ଅତିଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

# ବଲାଙ୍ଗୀରରେ ପାଳନ ହେବ ପଞ୍ଚାୟତିରାଜ ଦିବସ

ବଲାଙ୍ଗୀର,୧୮।୪(ବୀରେନ୍ଦ୍ର କୁମାର ଝାଙ୍କର)

**୨୪ରେ ବଲାଙ୍ଗୀର ଆସିବେ ମୁଖ୍ୟମନ୍ତ୍ରୀ**

ଆସନ୍ତା ୨୪ ତାରିଖରେ ବଲାଙ୍ଗୀରରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରିବାର ଅଛି। ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ସଭା ଅୟୋଜନ ହେବ ବୋଲି ଜଣାପଡିଛି। ଏନେଇ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଉପଜିଲାପାଳ ଆଲୋକ ପଟେଲ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ କିଭଳି ସଫଳ କରାଯିବ ସେନେଇ ଆଲୋଚନା ହୋଇଥିଲା। ଦିନବେଳା ତାପମାତ୍ରା ବୃଦ୍ଧି ଓ ପ୍ରଚଣ୍ଡ ତାତି ହେଉଥିବାରୁ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ସଭା ଆୟୋଜନ ହେବ ବୋଲି କୁହାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀରରୁ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ଉପଜିଲାପାଳ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ଗାନ୍ଧୀ ଷ୍ଟାଡିୟମ ପରିଦର୍ଶନ କରିଥିବା ଜଣାପଡିଛି। ବଲାଙ୍ଗୀର ଗସ୍ତରେ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ସେଦିନ ଜିଲାବାସୀଙ୍କ ପାଇଁ କ'ଣ ଘୋଷଣା କରିବେ ସେନେଇ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଜିଲାରେ ଘୋଷିତ କୃଷି ମହାବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ, ଡେଣ୍ଟାଲ କଲେଜ, ନର୍ସିଂ କଲେଜ, ଆଇଟି ପାର୍କ ଓ ଦେଓଗାଁ ଟିନିକଲ ପୁନଃ କାର୍ଯ୍ୟକ୍ଷମ ସକାଶେ ଶିଳାନ୍ୟାସ କରିପାରନ୍ତି ବୋଲି ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି।

# ଟିକରପଡ଼ା ଇକୋ ଟୁରିଜମ୍ ସ୍ଥିତି ସମୀକ୍ଷା କଲେ ଜିଲାପାଳ


ଜିଲାପାଳ ଇକୋ ଟୁରିଜମ୍ ପ୍ରକଳ୍ପର ସ୍ଥିତି ସମୀକ୍ଷା କରୁଛନ୍ତି।

ହରଭଙ୍ଗା,୧୮।୪(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲାପାଳ ବିଭୂତି ଭୂଷଣ ନାୟକ ଶନିବାର ଜିଲାର ପର୍ଯ୍ୟଟନସ୍ଥଳୀ ଟିକରପଡା ପରିଦର୍ଶନ କରି ଇକୋ-ଟୁରିଜମ୍ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଅତଳସରା ନିକଟରେ ପାର୍କିଂସ୍ଥଳୀ, ଫରେଷ୍ଟ ବିଟ୍ ହାଉସ୍, ଶିଶୁ ବଗିଚା, କଟେଜ୍, ଶୌଚାଳୟ ଓ ବିଶ୍ରାମ ଗୃହ ସହିତ ସିତଲପାଣିରେ ଗେଷ୍ଟ ହାଉସ୍ ନିର୍ମାଣର ଯାଞ୍ଚ କରି ଏହି ପ୍ରକଳ୍ପଗୁଡ଼ିକୁ ଶୀଘ୍ର ରୂପାୟନ ପାଇଁ ହରଭଙ୍ଗା ବିଡ଼ିଓ ଓ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ତଳଗାଁ ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲ ଛାତ୍ରୀମାନଙ୍କ ସହ ଆଲୋଚନା କରି ଛାତ୍ରୀନିବାସ ପରିଚାଳନା ସୁଧାର ପାଇଁ ମେଟ୍ରନ ଓ ପରିଚାରିକାଙ୍କୁ ତାଗିଦ୍ କରିଥିଲେ। ପରିବେଶକୁ ସଫା ସୁତରା ରଖିବା ସହିତ ଅନ୍ତେବାସୀମାନଙ୍କ ଉପଯୁକ୍ତ ଯତ୍ନ ନେବା ପାଇଁ ଜିଲାପାଳ ଆଦେଶ ଦେଇଥିଲେ। ହଷ୍ଟେଲ ପାଚେରୀ ଉଚ୍ଚ କରିବା ସହିତ ତାରବାଡ ଦେବା ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ଜିଲାପାଳ ତଳଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ ସେବା ବ୍ୟବସ୍ଥା ସମୀକ୍ଷା କରି ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିୟମିତ ଉପସ୍ଥିତ ଓ ଗୁଣାତ୍ମକ ସେବା ପ୍ରଦାନରେ ଗୁରୁତ୍ୱ ଦେବାକୁ କହିଥିଲେ। ତଳଗାଁ-ରାଣୀସାହି ବିବାଦୀୟ ସଡ଼କ ପଥକୁ ମଧ୍ୟ ସେ ନିରୀକ୍ଷଣ କରି ତହସିଲଦାରଙ୍କୁ ଶୀଘ୍ର ଜମି ସୂଚନା ଯୋଗାଇବା ସହିତ ଓ କନିଷ୍ଠ ଯନ୍ତ୍ରୀ (ଆର୍‌ଡି)ଙ୍କୁ ରାସ୍ତା ନିର୍ମାଣ ସମସ୍ୟା ସମ୍ପର୍କରେ ଅବଗତ କରାଇ ଶୀଘ୍ର କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସହିତ ହରଭଙ୍ଗା ବିଡ଼ିଓ, ତହସିଲଦାର ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କଇଁତରାରେ ଜଣ୍ଡିସ୍ ରୋଗ, ଗାଁରେ ପହଞ୍ଚିଲା ମେଡିକାଲ ଟିମ୍

ବିନିକା,୧୮।୪ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଇନ୍ତରା ଗ୍ରାମରେ ଜଣ୍ଡିସ୍ ରୋଗ ବ୍ୟାପିବାରେ ଲାଗିଛି। ଏଥିରେ ଗ୍ରାମର ୮ଜଣ ଶିଶୁ ଆକ୍ରାନ୍ତ ହୋଇଛନ୍ତି। ଶନିବାର ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଗ୍ରାମରେ ପହଞ୍ଚିଥିଲେ। ଏହି ଟିମ୍‌ରେ ଡିପିଏଚ୍‌ଇଓ ଦେବୀ ପ୍ରସାଦ ମହାପାତ୍ର, ଏଡିପିଏଚ୍‌ଓ ରୋଗ ନିୟନ୍ତ୍ରଣ ଡ ରମେଶ ଚନ୍ଦ୍ର ସ୍ୱାଇଁ, ବିନିକା ମେଡିକାଲ ଅଫିସର, ଡ ମନୋଜ କୁମାର ପଧାନ, ଏପିଡେମୋଲାଜିଷ୍ଟ ଲୋପାମୁଦ୍ରା ମହାନ୍ତି, ମାଇକ୍ରୋ ବାଇଲୋଜିଷ୍ଟ ବଲ୍ଲରୀ ଦାସ ସାମିଲ ଥିଲେ। ସେମାନେ ଆକ୍ରାନ୍ତଙ୍କ ପରିବାରକୁ ଭେଟିଥିଲେ। ଆକ୍ରାନ୍ତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଏଥିସହ ପାଣି ନମୂନା ସଂଗ୍ରହ କରାଯାଇଛି। ଏହି ଅବସରରେ ବିପିଏମ ସୁଶାନ୍ତ ଭୋଇ, ସିଏଚଓ ଚିତରୂପା ମିଶ୍ର, ଏଏନ୍‌ଏମ୍ ପ୍ରିୟମ୍ବଦା ମିଶ୍ର, ଆଶାକର୍ମୀ ଦମୟନ୍ତୀ ସା ଉପସ୍ଥିତ ଥିଲେ ।

# ବାଲ୍ୟବିବାହ ନିରାକରଣ ପାଇଁ ସ୍ୱତନ୍ତ୍ର ବୈଠକ


ବୈଠକରେ ଉପସ୍ଥିତ ଅଧିକାରୀ ଓ ସ୍ୱେଚ୍ଛାସେବୀ।

ସୋନପୁର,୧୮।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଭାଗୃହରେ ଅକ୍ଷୟ ତୃତୀୟା ଉପଲକ୍ଷେ ବାଲ୍ୟ ବିବାହ ନିରାକରଣ ପାଇଁ ବ୍ଲକସ୍ତରୀୟ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମନୋରମା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଡିଏସ୍‌ପି ରେଣୁକା ସୁନା ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଲ୍ୟ ବିବାହ ଆଇନ ଓ ତାର ଦଣ୍ଡବିଧାନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିସିପିଓ ଚତୁର୍ଭୁଜ ଦାଶ, ଉଲୁଣ୍ଡା ଅତିରିକ୍ତ ତହସିଲଦାର ନିରଞ୍ଜନ ଧଳ, ଏବିଡ଼ିଓ ଶୁଭ୍ରାଂଶୁ ଶେଖର ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୁକେଶ ଭୋଇ ଓ ଉଲୁଣ୍ଡା ଯୁବ ମହାସଂଘ ସଭାପତି ମହେଶ ରଞ୍ଜନ ପୁରହିତ ଯୋଗଦାନ କରିଥିଲେ। ବିଶେଷ କରି ଅକ୍ଷୟ ତୃତୀୟା ଦିନ ପ୍ରାୟତଃ ବାହାଘରଗୁଡିକ ହୋଇଥାଏ। ଏଣୁ ଏହି ଦିନରେ ସମସ୍ତେ ସଜାଗ ହେଲେ ବାଲ୍ୟ ବିବାହକୁ ରୋକା ଯାଇ ପାରିବ ବୋଲି ପ୍ରକାଶ କରିବା ସହ ସମସ୍ତେ ସଚେତନ ହେବା ପାଇଁ ଅତିଥିଗଣ ପରାମର୍ଶ ଦେଇଥିଲେ । ସିଡିପିଓ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଅଙ୍ଗନୱାଡି କର୍ମୀ, ମନ୍ଦିର ପୂଜକ, ପିଆରଆଇ ମେମ୍ବର, ଡବ୍ଲ୍ୟୁଏସ୍‌ଏଚ୍‌ଜି ସଭ୍ୟ, ନିମନ୍ତ୍ରଣ ପତ୍ର ଛାପୁଥିବା ଦୋକାନର ମାଲିକ ମାନେ ବୈଠକରେ ଯୋଗଦାନ କରିଥିଲେ । ପରେ ଉଲୁଣ୍ଡା ବ୍ଲକରେ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଏକ ସାମୂହିକ ଶପଥ ପାଠ କରାଯାଇଥିଲା।

# ଅଙ୍ଗନୱାଡି କେନ୍ଦ୍ର ତାଲା ଭାଙ୍ଗିଲା ପ୍ରଶାସନ

ବଘିଆପଡା,୧୮।୪(ଶ୍ରୀକାନ୍ତ ସାହୁ)



ପ୍ରଶାସନିକ ଅଧିକାରୀମାନେ ତାଲା ଭାଙ୍ଗି ଅଙ୍ଗନୱାଡି କେନ୍ଦ୍ର ଖୋଲୁଛନ୍ତି।

ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡା ପଞ୍ଚାୟତ ଇସିରିଶିଙ୍ଗା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଗ୍ରାମବାସୀ ପକାଇଥିବା ତାଲାକୁ ପ୍ରଶାସନ ପକ୍ଷରୁ ପୋଲିସ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶନିବାର ଭାଙ୍ଗି ଦିଆଯାଇଛି। ସୂଚନା ଅନୁଯାୟୀ, ବୌଦ୍ଧ ବ୍ଲକ ବଘିଆପଡା ଗ୍ରାମପଞ୍ଚାୟତ ଇସିରିସିଙ୍ଗା ଆମ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତିକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅସନ୍ତୁଷ୍ଟ ଗ୍ରାମବାସୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଫଳରେ ଦୀର୍ଘ ମାସ ଧରି ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଥିଲା। ଶନିବାର ତହସିଲଦାର ଅନୀତା କୁମାରୀ ସାହୁ, ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ମହମ୍ମଦ ରୋଜାଏ ରସୁଲ, ପୋଲିସ୍ ଏସ୍‌ଆଇ ଚନ୍ଦନ ଜେନା, ସିଡ଼ିପିଓ ୱାହିଦା ବେଗମ, ଲେଡି ସୁପରଭାଇଜର, ଅଗ୍ନିଶମ ବାହିନୀ ଓ ଅନ୍ୟମାନେ ପହଞ୍ଚି ଅଙ୍ଗନୱାଡି କେନ୍ଦ୍ର ତାଲା ଖୋଲିଥିବା ଦେଖିବାକୁ ମିଳିଥିଲା।

# ତଦନ୍ତ ଆରମ୍ଭ, ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ବୀରମହାରାଜପୁର,୧୮।୪(ଯୁଗଳ କିଶୋର ମିଶ୍ର)


ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛି।


ମୃତକ ବିକି ମହାରଣା।

**ଗୁଳିମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟଣା**
**ଘଟଣାସ୍ଥଳରୁ ଖୋକା, ବାଇକ ଜବତ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଛକରେ ଶୁକ୍ରବାର ରାତି ୯ଟାରେ ଏକ ଗୁଳିକାଣ୍ଡ ଘଟିଥିଲା। ଏଥିରେ ଚମ୍ପମାଳ ଗାଁର ବିକ୍ରମ ମହାରଣା ଓରଫ ବିକି(୩୦)ଙ୍କ ମୃତ୍ୟୁ ଘଟିଥିଲା। ଇତିମଧ୍ୟରେ ୨୪ଘଣ୍ଟା ବିତିଯାଇଥିଲେ ବି ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ। ଶନିବାର ବଲାଙ୍ଗୀରରୁ ଏକ ତିନିଜଣିଆ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ମୃତକଙ୍କ ଚପଲ, ଗୁଳିର ଖୋକା ଓ ଏକ ପଲସର ବାଇକ ଜବତ ହୋଇଛି।

ମୃତକ ବିକି ମହାରଣାଙ୍କ ବାପା ରବି ମହାରଣାଙ୍କ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୨ଟା୩୦ରେ କରିଥିବା ଲିଖିତ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧) ଓ ଆର୍ମସ ଆକ୍ଟ ୨୭, ୨୭ରେ ଏକ ମାମଲା(ନଂ.୯୦/୨୬) ରୁଜୁ ହୋଇଛି। ଏତଲାରେ ଚମ୍ପାମାଳର ଶୁଭମ ପ୍ରୀତମ ହୋତା ((୨୭) ତାଙ୍କ ପୁଅକୁ ଗୁଳି କରି ହତ୍ୟା କରିଛି ବୋଲି ଦର୍ଶାଇଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଶୁକ୍ରବାର ରାତି ପ୍ରାୟ ୯ଟାରେ ଶୁଭମ ତାଙ୍କ ଘରକୁ ଆସି ବିକ୍ରମଙ୍କୁ ଗୁଳି ମାଡ଼ ହୋଇଛି ବୋଲି କହି ପଳାଇଥିଲେ। ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଚାଲିଛି। ଘଟଣାର ଗୁରୁତ୍ୱ ଉପଲବ୍ଧି କରି ରାତିରେ ଏସ୍‌ପି ନାରାୟଣ ନାଏକ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି ବୋଲି ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ କହିଛନ୍ତି।

ପୋଲିସ ପ୍ରାରମ୍ଭିକ ତଦନ୍ତରୁ ଜାଣିବାକୁ ପାଇଛି ଅଭିଯୁକ୍ତ ଶୁଭମ ଓ ମୃତକ ବିକ୍ରମ ମହାରଣା ଉଭୟେ ଭଲ ସାଙ୍ଗ। ଉଭୟେ ଅନ୍ୟ କେତେଜଣଙ୍କ ସହ ଶୁକ୍ରବାର ରାତି ପ୍ରାୟ ୯ଟାରେ ଉପଜିଲାପାଳ ଛକ ପାଖରେ ଥିବା ଏକ ପାନ ଦୋକାନରେ ବସିଥିଲେ। ଏହି ସମୟରେ ଶୁଭମ ଏକ ବନ୍ଧୁକ ବାହାର କରି ଅନ୍ୟମାନଙ୍କୁ ଦେଖାଇଥିଲେ। ପ୍ରଥମେ ଟ୍ରିଗର ଦବାଇବା ବେଳେ ଗୁଳି ବାହାରି ନଥିଲା। ଦ୍ୱିତୀୟଥର ଟ୍ରିଗର ଦବାଇବାରୁ ଗୁଳି ଫୁଟି ବିକ୍ରମ ମହାରଣା ବେକରେ ବାଜିଥିଲା। ଏହାପରେ ଘଟଣାସ୍ଥଳରୁ ଶୁଭମ ବନ୍ଧୁକ ଧରି ଫେରାର ହୋଇଯାଇଥିଲେ ବୋଲି ଏସ୍‌ପି ନାରାୟଣ ନାଏକ କହିଛନ୍ତି। ଅନ୍ୟପକ୍ଷରେ ଜିଲା ସଦର ଡାକ୍ତରଖାନାରେ ଏଫଏମଟି ଡାକ୍ତର ନ ଥିବାରୁ ବ୍ୟବଚ୍ଛେଦ ପାଇଁ ମୃତଦେହ ବୁର୍ଲା ବଡ଼ ଡାକ୍ତରଖାନା ପଠାଯାଇଛି ବୋଲି ଥାନା ଅଧିକାରୀ ପାଣିଗ୍ରାହୀ କହିଛନ୍ତି। ମୃତକ ବିକ୍ରମ ମହାରଣାଙ୍କ ମା'ବାପା ଓ ଦୁଇ ଭାଇ ରହିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଥାନାରୁ ମାତ୍ର ୨୦୦ ମିଟର ଦୂରରେ ଏହି ଗୁଳିକାଣ୍ଡ ଘଟିଛି। ଏହା ସହିତ ଘଟଣାସ୍ଥଳରୁ ମାତ୍ର ୫୦ ମିଟର ଦୂରରେ ଆମ୍ବେଦକର ସେବା ସଂଘ ଠାରେ ପୋଲିସ ମୁତୟନ ହୋଇଥିବା ସତ୍ତ୍ୱେ ଗୁଳିକାଣ୍ଡରେ ମୁଣ୍ଡ ଗଡିଛି।

**ସଂକ୍ଷେପରେ**

## ଏପ୍ରିଲ ୨୦ରୁ ୨୩ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା

ଝାରସୁଗୁଡ଼ା,୧୮।୪(ଆଶିଷ ରଞ୍ଜନ ଦାଶ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହି ଗରମକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ବିଦ୍ୟାଳୟକୁ ଆସନ୍ତା ୪ ଦିନ ପାଇଁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ଶିଶୁ ବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଏପ୍ରିଲ ୨୦ ସୋମବାରରୁ ୨୩ ତାରିଖ ଗୁରୁବାର ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଯାଇଛି।

**ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ**

## ମେ ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଝାରସୁଗୁଡ଼ା,୧୮।୪(ଆଶିଷ ରଞ୍ଜନ ଦାଶ)

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ମେ ୯ ତାରିଖରେ ଝାରସୁଗୁଡ଼ା ଜିଲାରେ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଝାରସୁଗୁଡ଼ା ଜିଲା କୋର୍ଟ ପରିସର ଏବଂ ଲଖନପୁରସ୍ଥିତ ଗ୍ରାମ୍ୟ ନ୍ୟାୟାଳୟଠାରେ ଏହି ଅଦାଲତ ଆୟୋଜିତ ହେବ। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ଏହି ଲୋକ ଅଦାଲତରେ ଉଭୟ କୋର୍ଟରେ ବିଚାରାଧୀନ ଏବଂ କୋର୍ଟକୁ ଆସି ନ ଥିବା ମାମଲାଗୁଡ଼ିକର ଆପୋସ ବୁଝାମଣା କରାଯାଇପାରିବ। ବ୍ୟାଙ୍କ ଋଣ ଓ ଚେକ ବାଉନ୍ସ ମାମଲା, ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ପାରିବାରିକ ସମସ୍ୟା ଓ ଶ୍ରମ ବିବାଦ, ଜଳ ଯୋଗାଣ ଏବଂ ଟ୍ରାଫିକ ଚାଲାଣ ସମ୍ପର୍କିତ ମାମଲା ଆଦିର ସମାଧାନ କରାଯିବ। ଅଧିକ ସୂଚନା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ କିମ୍ବା ନିଃଶୁଳ୍କ ହେଲ୍ପଲାଇନ ନମ୍ବର ୧୫୧୦୦ରେ ଜିଲାବାସୀ ଯୋଗାଯୋଗ କରିପାରିବେ।

## ବାର୍ହା ମାଂସ ଜବତ, ୩ ଅଟକ

**କୋଲାବିରା ବନ ବିଭାଗର ତଦନ୍ତ ଆରମ୍ଭ**

କୋଲାବିରା/ଲଇକେରା, ୧୮।୪
(ସଞ୍ଜୟ ପୂଜାରୀ/ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା କୋଲାବିରା ଫରେଷ୍ଟ ରେଞ୍ଜ ଲଇକେରା ଥାନା ଅଘରିଆ ବାଗଡିହି ନିକଟସ୍ଥ ମଙ୍ଗରକୁଣ୍ଡ ନାଳରେ ଚଢ଼ାଉ କରାଯାଇ ବାର୍ହା ମାଂସ ଜବତ କରାଯାଇଛି। ଏହା ସହ ୩ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା ଚାଲିଛି। ସୂଚନା ଅନୁଯାୟୀ ଉକ୍ତ ୩ ଜଣଙ୍କ ସହ ଅନ୍ୟ କେତେକ ଯୁବକ କୁଲେଇମୁରା ନିକଟ ଜଙ୍ଗଲରୁ ଶୁକ୍ରବାର ରାତିରେ ଏକ ବାର୍ହା ଶିକାର କରି ଶନିବାର ମଙ୍ଗରକୁଣ୍ଡ ନାଳରେ ବିକ୍ରୟ ପାଇଁ ମାଂସ କାଟୁଥିଲେ। ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ମାଂସ କାଟୁଥିବା ଯୁବକମାନେ ହାତୁଡ଼ରେ ପଡ଼ିଥିଲେ। ପୋଲିସକୁ ଦେଖି କେତେଜଣ ଯୁବକ ଫେରାର ହୋଇଯାଇଥିଲେ। ମାତ୍ର ପୋଲିସ ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ପୋଲିସ ଘଟଣାସ୍ଥଳରୁ ପ୍ରାୟ ୩୦ କେଜି ବାର୍ହା ମାଂସ, ବାର୍ହାର କଟାମୁଣ୍ଡ, ୩ଟି ମୋଟର ସାଇକେଲ, ୨ଟି ବଡ ଛୁରୀ ଜବତ କରିଥିଲା। ପୋଲିସ କୋଲାବିରା ବନ ବିଭାଗକୁ ସୂଚନା ଦେବା ପରେ ରେଞ୍ଜର ସୁଦାମ ଜଗଦଲାଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ରମାକାନ୍ତ ନାୟକ ଥାନାକୁ ପହଞ୍ଚି ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରିଛନ୍ତି।

# ଖରାରେ ଶ୍ରମିକଙ୍କୁ କାମ କରିବା ମନା

ଝାରସୁଗୁଡ଼ା,୧୮।୪(ଆଶିଷ ରଞ୍ଜନ ଦାଶ)




ବୈଠକରେ ଉପସ୍ଥିତ ଝାରସୁଗୁଡା, ରାୟଗଡ ଜିଲାପାଳଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ।

**ଗ୍ରୀଷ୍ମ ମୁକାବିଲା ପାଇଁ ସମନ୍ୱୟ ବୈଠକ**

ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡ଼ିଶା ଏବଂ ଛତିଶଗଡ଼ ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଶନିବାର ବନ୍ଧବାହାଲସ୍ଥିତ ଏମ୍‌ସିଏଲ୍ ଅତିଥି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଶିଳ୍ପାଞ୍ଚଳ ଏବଂ ପରିବହନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ଓ ଚାଳକମାନଙ୍କ ଜୀବନ ରକ୍ଷା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ମାଧ୍ୟମରେ ଏହି ସ୍ଥିତିର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ, ଜାତୀୟ ରାଜପଥ-୪୯ ଏକ ସମ୍ବେଦନଶୀଳ ମାର୍ଗ ହୋଇଥିବାରୁ ଏଠାରେ ଯାତାୟାତ କରୁଥିବା ଟ୍ରକ୍ ଚାଳକ ଓ ହେଲ୍‌ପରମାନଙ୍କ ସୁରକ୍ଷା ପାଇଁ ପୋଲିସ ଓ ପ୍ରଶାସନ ସଜାଗ ରହିବା ଜରୁରୀ। ସକାଳ ୧୧ଟା ପରେ ରାସ୍ତାରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଓ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ଓ ମେ ମାସରେ ପ୍ରବଳ ଖରା ଯୋଗୁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନନ-ଏସି ପରିବହନ ଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖୋଲା ସ୍ଥାନରେ ଶ୍ରମିକଙ୍କ କାର୍ଯ୍ୟ କରିବା ଉପରେ ନିଷେଧାଦେଶ ଜାରି କରାଯାଇଛି। ଗୋବିନ୍ଦପୁର ଟୋଲ ପ୍ଲାଜା ଓ ଜାତୀୟ ରାଜପଥ କଡ଼ରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ଜଳଛତ୍ର, ସିନଟେକ୍ସ ଟାଙ୍କି ଏବଂ ହାଇଡ୍ରେସନ କିଓସ୍କ ବ୍ୟବସ୍ଥା କରାଯିବ। ରାସ୍ତାର ବିଭିନ୍ନ ସ୍ଥାନରେ ଆମ୍ବୁଲାନ୍ସ ମୁତୟନ ରହିବା ସହ ମେଡିକାଲ ଟିମ୍ ପକ୍ଷରୁ ଓ.ଆର.ଏସ. ଯୋଗାଇ ଦିଆଯିବ। ଗାଡ଼ି ଚାଳକଙ୍କ ପାଇଁ ଯାନବାହନ ବୀମା ସହିତ ସେମାନଙ୍କ ଜୀବନ ବୀମାକୁ ସଂଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। କେବଳ ମଣିଷ ନୁହେଁ, ପଶୁପକ୍ଷୀଙ୍କ ପାଇଁ ମଧ୍ୟ ବିଭିନ୍ନ ସ୍ଥାନରେ ଜଳକୁଣ୍ଡ ବ୍ୟବସ୍ଥା କରାଯିବ। ଏହି ବୈଠକରେ ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ରାୟଗଡ଼ (ଛତିଶଗଡ଼) ଜିଲାପାଳ ମୟଙ୍କ ଚତୁର୍ବେଦୀ, ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଏ. କାଓଲେଙ୍କ ସମେତ ଉଭୟ ରାଜ୍ୟର ବହୁ ବରିଷ୍ଠ ପୋଲିସ ଓ ପରିବହନ ଅଧିକାରୀ ଉପସ୍ଥିତ ଥିଲେ। ଉଭୟ ରାଜ୍ୟର ସୀମାନ୍ତ ଅଞ୍ଚଳରେ ଥିବା ଶିଳ୍ପସଂସ୍ଥା ଓ ମାଇନିଂ ବେଲ୍ଟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା କରାଯାଇପାରିବ ବୋଲି ବୈଠକରେ ଆଲୋଚନା ହୋଇଛି।

## ୨ ଦିନିଆ ଦକ୍ଷତା ବୃଦ୍ଧି ଶିବିର

ଝାରସୁଗୁଡ଼ା,୧୮।୪(ଆଶିଷ ରଞ୍ଜନ ଦାଶ)

ଓଡ଼ିଶା ଜୈବବିବିଧତା ପରିଷଦ, ଝାରସୁଗୁଡ଼ା ବନଖଣ୍ଡ ଏବଂ ଭୁବନେଶ୍ୱରସ୍ଥିତ ସପ୍ମା ଅନୁଷ୍ଠାନର ମିଳିତ ସହଯୋଗରେ ଜୈବବିବିଧତା ପରିଚାଳନା କମିଟିର ସଭ୍ୟ ଓ ସଭ୍ୟାମାନଙ୍କ ପାଇଁ ଏକ ଦୁଇଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲା ଖଣିଜ ପାଣ୍ଠି ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷଠାରେ ଏପ୍ରିଲ ୧୭ ଏବଂ ୧୮ ତାରିଖରେ ଏହି ଶିବିର ଆୟୋଜିତ ହୋଇଥିଲା। ଜୈବବିବିଧତା ସଂରକ୍ଷଣ, ଜନ ଜୈବବିବିଧତା ପଞ୍ଜିକା ପ୍ରସ୍ତୁତି ଏବଂ ସ୍ଥାନୀୟ ଜୈବ ସମ୍ବଳର ଠିକ ପରିଚାଳନା କ୍ଷେତ୍ରରେ କମିଟି ସଦସ୍ୟମାନଙ୍କ ଜ୍ଞାନ ଏବଂ ଦକ୍ଷତାକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ କିର୍ମିରା ସ୍ଥିତ ଜି.ପାନପଲ୍ଲୀ ଗ୍ରାମପଞ୍ଚାୟତ ଜୈବବିବିଧତା ପରିଚାଳନା କମିଟିକୁ ସ୍ୱତନ୍ତ୍ର ଷ୍ଟାର୍ଟଅପ ପାଣ୍ଠି ମଧ୍ୟ ଯୋଗାଇ ଦିଆଯାଇଛି। ଏହି ଶିବିରରେ ସ୍ୱତନ୍ତ୍ର ଅତିଥି ଭାବରେ ଝାରସୁଗୁଡ଼ା ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ବ୍ରଜବନ୍ଧୁ ଭୋଇ, ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ପ୍ରମୁଖ ଯୋଗଦେଇ କମିଟି ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜୈବ ବିବିଧତା ବୋର୍ଡର ଡଏଫ୍‌ଓ ଶିଶିର କୁମାର ମିଶ୍ର, ବରିଷ୍ଠ ବୈଜ୍ଞାନିକ ଡ. ସତ୍ୟରଞ୍ଜନ ବେହେରା, ଡ. ପ୍ରସନ୍ନ କୁମାର ନାୟକ ଏବଂ ପ୍ରଫେସର ଶିବ ପ୍ରସାଦ ପରିଡ଼ା ଯୋଗଦେଇ ବୈଜ୍ଞାନିକ ପ୍ରଣାଳୀରେ ପରିବେଶ ଓ ଜୀବଜନ୍ତୁଙ୍କ ସଂରକ୍ଷଣ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ।



ଦକ୍ଷତା ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଝାଡ଼େଶ୍ୱର କ୍ଲବ, ଝାରସୁଗୁଡ଼ା ଏଫ୍‌ସି ମ୍ୟାଚ ଡ୍ର



ଖେଳାଳିଙ୍କ ସହିତ ଅତିଥି, ରେଫରୀ।

ଝାରସୁଗୁଡ଼ା,୧୮।୪(ଆଶିଷ ରଞ୍ଜନ ଦାଶ)

**ସିଏମ୍ କପ୍ ଫୁଟବଲ ଟୁର୍ନାମେଣ୍ଟ**

ଝାରସୁଗୁଡ଼ା ୨ୟ ଓଏସ୍‌ଏପି ପଡ଼ିଆରେ ଚାଲିଥିବା ୧୪ ବର୍ଷରୁ କମ୍ ବାଳକ ସିଏମ୍ କପ ଫୁଟବଲ ଟୁର୍ନାମେଣ୍ଟର ଶନିବାର ୧୩ତମ ମ୍ୟାଚରେ ଚିତୁଆପଡ଼ାର ଝାଡ଼େଶ୍ୱର କ୍ଲବ ଏବଂ ଝାରସୁଗୁଡ଼ା ଏଫ୍.ସି. ପରସ୍ପରକୁ ଭେଟିଥିଲେ। ଖେଳ ଶେଷ ସୁଦ୍ଧା ଉଭୟ ଦଳ ୨-୨ ଗୋଲ ଦେଇ ମ୍ୟାଚକୁ ଡ୍ର ରଖିବାରେ ସଫଳ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁରେଶ ବୋନ୍ଦିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ତାପସ ରାୟ ଚୌଧୁରୀ, ବିଜୟ ବେହେରା, ବିଜୟ ବକ୍ସି, ସୁଶାନ୍ତ ମାଳୀ, ସଞ୍ଜୟ ଦାସ, ବିଜୟ ଦାଶ, ରାମବିଳାସ ବିଶ୍ୱକର୍ମା, ସଞ୍ଜୟ ରାୟ ଏବଂ ସାଗର ଥାପା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅଭିଳାଷ ପ୍ରସାଦ ସାହୁ, ରତ୍ନାକର ସାଇ, ଅରୁଣ ପ୍ରଧାନ ଏବଂ ଅମିତ ବାଗ ମ୍ୟାଚ ପରିଚାଳନା କରିଥିଲେ। ଅନ୍ୟପଟେ ଶନିବାର ସକାଳେ ଅନୁଷ୍ଠିତ ହେବାକୁ ଥିବା ବାଳିକା ବର୍ଗର ୭ମ ମ୍ୟାଚ କୌଣସି କାରଣବଶତଃ ସ୍ଥଗିତ ରଖାଯାଇଛି। ଏହି ମ୍ୟାଚ ରବିବାର ଅନୁଷ୍ଠିତ ହେବ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ରିଆମାଳ,୧୮।୪(ବଦ୍ରିନାରାୟଣ ଅଗ୍ରୱାଲା)

ରିଆମାଳ ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଶିଶୁ ବାଟିକା ପ୍ରମୁଖ ଭାରତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଭାଗ ୨ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପରିଚାଳନା ସମିତିର କୋଷାଧ୍ୟକ୍ଷ ତଥା ଅବସରପ୍ରାପ୍ତ ଶିକ୍ଷକ କୁମରମଣି ପ୍ରଧାନ ଯୋଗଦେଇଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ପିଙ୍କି ଧନ୍ୟବାଦ ଅର୍ପଣ କରିଥିଲେ। ଗୀତାଞ୍ଜଳି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଭାରତୀ ଗୁରୁମା କାର୍ଯ୍ୟକ୍ରମ ଆଭିମୁଖ୍ୟ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ହରେଶ କୁମାର ବେହେରା ସୋପାନ ବିଷୟକୁ ଆଗେଇ ନେଇଥିଲେ।

## ଡା. ଏମ୍.ଏମ୍.ପଣ୍ଡାଙ୍କୁ ମେଡିକାଲ ସଂଘର ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୧୮।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଏମ.ଏମ. ପଣ୍ଡାଙ୍କୁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ମିଳିଛି। ଏହି ସଫଳତା ପାଇଁ ଝାରସୁଗୁଡ଼ା ମେଡିକାଲ ସଂଘ ପକ୍ଷରୁ ଶନିବାର ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ସଂଘର ସଦସ୍ୟମାନେ ଯୋଗଦେଇ ଡାକ୍ତର ପଣ୍ଡାଙ୍କ ଦୀର୍ଘ ଦିନର ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବା ଓ ଜିଲା ପ୍ରତି ତାଙ୍କର ଅପରିମିତ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଡା.ପଣ୍ଡା କହିଥିଲେ ଯେ, ଆଗାମୀ ଦିନରେ ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବା ସହ ଲୋକଙ୍କ ନିକଟରେ ଉତ୍ତମ ଚିକିତ୍ସା ସୁବିଧା ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରହିବ। ଏହି କାର୍ଯ୍ୟକ୍ରମରେ ଜିଲା ମେଡିକାଲ କର୍ମଚାରୀ ସଂଘର ବହୁ ସଂଖ୍ୟକ ସଦସ୍ୟ ଓ ବରିଷ୍ଠ ଚିକିତ୍ସକମାନେ ଉପସ୍ଥିତ ରହି ଡାକ୍ତର ପଣ୍ଡାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଘର ପୋଡ଼ିଯାଇ ସର୍ବସ୍ୱାନ୍ତ

ରିଆମାଳ,୧୮।୪(ବଦ୍ରିନାରାୟଣ ଅଗ୍ରୱାଲା)



ପୋଡ଼ିଯାଇଥିବା ବାସଗୃହ ନିକଟରେ ଦୁଆରି ଶବର।

ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ରାଇରତନପୁର ଗ୍ରାମର ଦୁଆରି ଶବରଙ୍କର ବାସଗୃହ ନିଆଁ ଲାଗି ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ସୂଚନା ଅନୁଯାୟୀ ଶନିବାର ମଧ୍ୟାହ୍ନରେ ଦୁଆରି ଶବରଙ୍କ ସ୍ତ୍ରୀ ରଶ୍ମିତା ପାଣି ଆଣିବାକୁ ଘର ବାହାରକୁ ଯାଇଥିବାବେଳେ ତାଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ରିଆମାଳ ଅଗ୍ନିଶମ ବିଭାଗକୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଅଗ୍ନିଶମ ବିଭାଗ ଓ ଗ୍ରାମବାସୀ ମିଶି ନିଆଁ ଲିଭାଇଥିଲେ। ନିଆଁ ଲାଗିବାର କାରଣ ଜଣା ପଡି ନ ଥିଲେ ମଧ୍ୟ ରୋଷେଇଶାଳରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସେ ଦିନ ମଜୁରିଆ ଭାବେ କାମ କରି ପରିବାର ପୋଷଣ କରନ୍ତି। ତେଣୁ ଯଥାଶୀଘ୍ର ଦୁଆରି ଶବରଙ୍କୁ ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାର୍ହା ଆକ୍ରମଣରେ ୨ ଗୁରୁତର

ରିଆମାଳ,୧୮।୪(ବଦ୍ରିନାରାୟଣ ଅଗ୍ରୱାଲା)

ଦେବଗଡ଼ ଜିଲା ରିଆମାଳ ବ୍ଲକ ପଲସମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜିଅନ୍ତାପାଲି ଗ୍ରାମର ବାର୍ହା ଆକ୍ରମଣରେ ଶନିବାର ୨ଜଣ ଗୁରୁତର ହେଇଛନ୍ତି। ସେମାନେ ହେଲେ ମଦନ ମାଝି (୪୨) ଓ ଦୁଷ୍ମନ୍ତ ଭୋଇଙ୍କ ସ୍ତ୍ରୀ ଚୁନି ଭୋଇ (୩୮)। ମଦନ ଓ ଚୁନି ସକାଳେ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ବାର୍ହା ଆକ୍ରମଣ କରିଥିଲା। ଗ୍ରାମବାସୀ ଖବରପାଇ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଚୁନି ଭୋଇ ଅନୁଗୋଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମଦନ ମାଝିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବନବିଭାଗ କର୍ମଚାରୀ ତଦନ୍ତ କରୁଛନ୍ତି।

## ମାତାପିତା ଗୁରୁଜନଙ୍କୁ ସମ୍ମାନ ଦେବାକୁ ପରାମର୍ଶ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବେଲପାହାଡ଼,୧୮।୪(ସୁବାସ ପ୍ରଧାନ)

ବେଲପାହାଡ଼ସ୍ଥିତ ଇଂଲିଶ ମିଡିୟମ ବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିଆର୍‌ଏଲ୍ କ୍ରୋଶାକି ରିଫ୍ରାକ୍ଟୋରିଜ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନିତା ନାଏକ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ନାଏକ ନିଜ ଅଭିଭାଷଣରେ ଛାତ୍ରୀଛାତ୍ରମାନଙ୍କୁ ନିଜ ମାତାପିତା ଓ ଗୁରୁମାନଙ୍କୁ ସମ୍ମାନ ଦେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଶିକ୍ଷକମାନଙ୍କୁ ପିଲାଙ୍କ ଉତ୍ସାହ ବୃଦ୍ଧି ପାଇଁ ପ୍ରୋତ୍ସାହିତ କରିବାକୁ ଉପଦେଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୁମାର ହେରମ୍ବ ନାରାୟଣ ନାଏକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଭିନ୍ନ କୃତୀ ଛାତ୍ରୀଛାତ୍ରଙ୍କୁ ଟିଆର୍‌ଏଲ୍ କ୍ରୋଶାକି ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିଲା। ଅମ୍ବରୀଶ ଘୋଷଙ୍କ ସ୍ୱାଗତ ଭାଷଣ ପରେ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପିଙ୍କି ଭଟ୍ଟାଚାର୍ଯ୍ୟ ଓ ଶୁଭସ୍ମିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ହମିଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ବେଶ୍ ଉପଭୋଗ କରିଥିଲେ।

## ପୌର ପରିଷଦରେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବେଲପାହାଡ଼,୧୮।୪(ସୁବାସ ପ୍ରଧାନ)

ଝାରସୁଗୁଡା ଜିଲା ବେଲପାହାଡ ପୌରପରିଷଦରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଉପନଗରପାଳ ଏବଂ କେତେଜଣ କାଉନସିଲର ଶନିବାର ଝାରସୁଗୁଡା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୨-୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ପୌରପରିଷଦରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି ଉପନଗରପାଳ ଏବଂ ତାଙ୍କ ସମର୍ଥିତ କାଉନସିଲରମାନେ। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ବେଲପାହାଡ ପୌରପରିଷଦରେ ଦୁର୍ନୀତି ହେଉଥିବାନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାସହ ବେଲପାହାଡ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି ୨୦୨୫-୨୬ ଆର୍ଥିକ ବର୍ଷର ଆୟବ୍ୟୟ ରିପୋର୍ଟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଗତ ୧୦ ତାରିଖ କାଉନସିଲ ବୈଠକରେ ଏହି ରିପୋର୍ଟ ମଗାଯାଇଥିଲେ ହେଁ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନ ଥିବାରୁ ୨୦୨୫-୨୬ ଆର୍ଥିକ ବର୍ଷରେ ବେଲପାହାଡ ପୌରପରିଷଦକୁ ଆସିଥିବା ପାଣ୍ଠି ଏବଂ ଖର୍ଚ୍ଚର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି।

# ହାତୀ ଉପଦ୍ରବ: ଘର ଭାଙ୍ଗିଲା, ଚାଉଳ ଖାଇଲା

ରିଆମାଳ,୧୮।୪(ବଦ୍ରୀନାରାୟଣ ଅଗ୍ରୱାଲା)



ସଘାପୋଶି ଗ୍ରାମରେ ହାତୀ ପଶି ଉପଦ୍ରବ ଚଳାଇଛି।

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳରେ ହାତୀ ଉପଦ୍ରବ ଦେଖାଯାଇଛି। ଜଙ୍ଗଲୀ ଦନ୍ତାହାତୀ ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଜଳଗହଳିପୂର୍ଣ୍ଣ ସଘାପୋଶି ଗ୍ରାମରେ ପଶି ଆତଙ୍କ ଚଳାଇବା ସହ ଏକ ଘର ଭାଙ୍ଗି ତହିଁରୁ ଚାଉଳ ଖାଇ ଦେଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ଏକ ଦନ୍ତାହାତୀ ସଘାପୋଶି ଗ୍ରାମକୁ ପଶି ଆସିଥିଲା। ହାତୀକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡିଥିବାବେଳେ ହାତୀଟି ନିଶ୍ଚିନ୍ତରେ ଗାଁ ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଘୁରି ବୁଲିଥିଲା। ଗ୍ରାମବାସୀ ମିଳିତ ହୋଇ ହାତୀକୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ହାତୀଟି ଉକ୍ତ ଗ୍ରାମର ରଜନୀ ନାୟକଙ୍କ ଘର ଭାଙ୍ଗି ଘର ଭିତରୁ ଏକ ଚାଉଳ ବସ୍ତା ଟାଣି ଆଣି ଖାଇଦେଇଥିଲା। ତେବେ କିଛି ସମୟ ପରେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ବନ ବିଭାଗ କର୍ମଚାରୀମାନେ ଗ୍ରାମବାସୀଙ୍କ ସହାୟତାରେ ହାତୀକୁ ଜଙ୍ଗଲକୁ ଘଉଡାଇବାରେ ସଫଳ ହୋଇଥିଲେ।

ଜାଣନ୍ତୁ ଦୁନିଆ

# ଯେଉଁ ଗାଁରେ ମଣିଷଠୁ କଣ୍ଢେଇ ସଂଖ୍ୟା ଅଧିକ

**କେହି କେହି ପିଲାବେଳେ କଣ୍ଢେଇରେ ଖେଳିବାକୁ ଭଲପାଆନ୍ତି ତ ଆଉ କେହି କେହି ସଉକ ପାଇଁ ଅବା ଘର ସଜାଇବାକୁ କଣ୍ଢେଇ ରଖନ୍ତି। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଜାପାନରେ ନାଗୋରୋ ନାମକ ଏମିତି ଏକ ଗାଁ ଅଛି, ଯେଉଁଠି ମଣିଷ ତୁଳନାରେ କଣ୍ଢେଇଙ୍କ ସଂଖ୍ୟା ଖୁବ୍ ଅଧିକ। ତେବେ ଏପରି କାହିଁକି ଜାଣନ୍ତୁ ସେ ସମ୍ପର୍କରେ...**

➔ ଟେକ୍ନୋଲୋଜି କ୍ଷେତ୍ରରେ ଜାପାନ ଏକ ଅଗ୍ରଣୀ ଦେଶ। ହେଲେ ଏଠାରେ ନାଗୋରୋ ନାମକ ଏକ ଗାଁ ଅଛି, ଯାହା ଧୀରେ ଧୀରେ ଜନଶୂନ୍ୟ ହେବାରେ ଲାଗିଛି। ତଥ୍ୟ ଅନୁଯାୟୀ ଏହି ଗ୍ରାମରେ ଗତ ୧୮-୨୦ ବର୍ଷ ମଧ୍ୟରେ କୌଣସି ଶିଶୁ ଜନ୍ମ ହୋଇ ନାହାନ୍ତି। ଏଠାରେ ପ୍ରଥମେ ଜନସଂଖ୍ୟା ପ୍ରାୟ ୩୦୦ ଥିବାବେଳେ ୨୦୧୫ରେ ମାତ୍ର ୩୫, ୨୦୧୬ରେ ୩୦ ଏବଂ ୨୦୧୯ରେ ୨୭ ଥିଲା। ବର୍ତ୍ତମାନ ଏଠାରେ ଖୁବ୍ କମ୍ ଲୋକ ରହୁଥିବା ବେଳେ ଗଳି, ରାସ୍ତାଘାଟ, ସ୍କୁଲଠୁ ଆରମ୍ଭ କରି ସବୁଠି କଣ୍ଢେଇ ଦେଖିବାକୁ ମିଳନ୍ତି।

➔ଏହି କଣ୍ଢେଇଗୁଡ଼ିକୁ ଜାପାନୀ ଭାଷାରେ ବିଜୁକା ବୋଲି କୁହାଯାଇଥାଏ, ଯାହାକୁ ତିଆରି କରିଛନ୍ତି ଉକ୍ତ ଗାଁର ମହିଳା ଅୟାନୋ ସୁକିମୀ। ସେ ୨୦୦୨-୨୦୦୩ରେ ନିଜ ଅସୁସ୍ଥ ବାପାଙ୍କ ଯତ୍ନ ନେବା ଲାଗି ଗାଁକୁ ଫେରିଥିଲେ। ସେ ପ୍ରଥମେ ବାପାଙ୍କୁ ଖୁସି କରିବା ଲାଗି ପକ୍ଷୀଙ୍କ କବଳରୁ ନିଜ ବଗିଚାକୁ ରକ୍ଷା କରିବା ଲାଗି ଏକ ପାଳଭୂତ ପ୍ରସ୍ତୁତ କରିଥିଲେ। ଏହା ପରେ ଧୀରେ ଧୀରେ ସେ ବିଭିନ୍ନ ପ୍ରକାରର କଣ୍ଢେଇ ପ୍ରସ୍ତୁତ କରିବା ଆରମ୍ଭ କଲେ।

➔୨୦୧୨ ପରଠୁ ଗ୍ରାମରେ ପିଲା ନ ଥିବାରୁ ସ୍କୁଲ୍ ଖାଲି ଖାଲି ଲାଗୁଥିଲା। ତେଣୁ ଅନେକ କଣ୍ଢେଇ ପ୍ରସ୍ତୁତ କରି ସ୍କୁଲ୍‌ରେ ପିଲାଙ୍କ ସ୍ଥାନରେ ଏବଂ ଶିକ୍ଷକଙ୍କ ସ୍ଥାନରେ ରଖିଲେ, ଯାହାକି ବର୍ତ୍ତମାନ ଏକ ମ୍ୟୁଜିୟମ ପାଲଟିଛି। ସେହିପରି ଧୀରେ ଧୀରେ ଗାଁରୁ ବାହାରକୁ ଚାଲି ଯାଉଥିବା ଅବା ମରିଯାଉଥିବା ଲୋକଙ୍କୁ ସ୍ମରଣ କରିବା ଲାଗି ସେ କାଠ, ଖବରକାଗଜ, ପ୍ଲାଷ୍ଟିକ୍ ଏବଂ କପଡ଼ା ଭଳି ବିଭିନ୍ନ ସାମଗ୍ରୀ ବ୍ୟବହାର କରି ବହୁ ସଂଖ୍ୟାରେ କଣ୍ଢେଇ ପ୍ରସ୍ତୁତ କଲେ ଏବଂ ଅବିକଳ ମଣିଷଙ୍କ ଭଳି ମେକ୍‌ଅପ୍ ଦେଇ ଗାଁ ଭିତରେ ବିଭିନ୍ନ ସ୍ଥାନରେ ରଖିଲେ।

➔୨୦୧୪ରେ ଜର୍ମାନ ଫିଲ୍ମ ମେକର ଫ୍ରିଟଜ୍ ସୁମନ ଏହି ଗାଁ ଉପରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ କରିଥିଲେ। ସେବେଠୁ ଏହାକୁ କଣ୍ଢେଇର ଗାଁ ବୋଲି କୁହାଯାଉଛି। ଏହି ଗ୍ରାମ ବର୍ତ୍ତମାନ ଏକ ପର୍ଯ୍ୟଟନସ୍ଥଳ ପାଲଟିଛି।

➔ ଏଠାରେ ଅକ୍ଟୋବର ପ୍ରଥମ ରବିବାରରେ ଆୟୋଜିତ ହେଉଥିବା କଣ୍ଢେଇ ଉତ୍ସବ ଦେଖିବା ପାଇଁ ବହୁସଂଖ୍ୟାରେ ଜନସମାଗମ ହୋଇଥାଏ।





# ସଷ୍ଟେନେବଲ୍ ଫ୍ୟାଶନ୍ ଟ୍ରେଣ୍ଡ

**ଭଳିକି ଭଳି ଡିଜାଇନ୍, କଲର ଏବଂ ମ୍ୟାଟେରିଆଲ୍ ପ୍ରସ୍ତୁତ ଟ୍ରେଣ୍ଡି ଫ୍ୟାଶନେବଲ୍ ଆଉଟ୍‌ଫିଟ୍ ଯୁବପିଢ଼ିଙ୍କର ସବୁବେଳେ ପସନ୍ଦ। ହେଲେ ପରିବେଶକୁ ନେଇ ସଜାଗ ଆଜିର ଯୁବପିଢ଼ି ଆଉଟ୍‌ଫିଟ୍ କିଣିବା ବେଳେ କେବଳ ଷ୍ଟାଇଲ୍ ନୁହେଁ, ବରଂ ପରିବେଶ ସୁରକ୍ଷାକୁ ନେଇ ଅଧିକ ଯତ୍ନଶୀଳ ହେଉଛନ୍ତି। ତେଣୁ ଦିନକୁ ଦିନ ବିଭିନ୍ନ ଇକୋଫ୍ରେଣ୍ଡ୍‌ଲି ସଷ୍ଟେନେବଲ୍ ଆଉଟ୍‌ଫିଟ୍‌ର ଡିମାଣ୍ଡ ବଢ଼ିବାରେ ଲାଗିଛି...**




ପରିବେଶ ସୁରକ୍ଷାକୁ ନେଇ ବଢ଼ୁଥିବା ସଚେତନତା ଏବଂ ସୋସିଆଲ୍ ମିଡିଆ ପ୍ରଭାବରେ ସଷ୍ଟେନେବଲ୍ ଆଉଟ୍‌ଫିଟ୍‌ର ଚାହିଦା ବଢ଼ିବାରେ ଲାଗିଛି, ଯାହାକି ବର୍ତ୍ତମାନ ନା କେବଳ ଫ୍ୟାଶନ୍‌କୁ ନେଇ ସଭିଙ୍କ ଚିନ୍ତାଧାରାରେ ଏକ ପରିବର୍ତ୍ତନ ଆଣିପାରିଛି, ବରଂ ପରିବେଶ ସୁରକ୍ଷାକୁ ନେଇ ଏକ ଦାୟିତ୍ୱବୋଧ ସୃଷ୍ଟି କରିଛି। ଏହାଦ୍ୱାରା ଅନେକ ବିଭିନ୍ନ ଦିଗରୁ ଉପକୃତ ମଧ୍ୟ ହେଉଛନ୍ତି ..

**ପାଲଟିଛି ଆବଶ୍ୟକତା:** ଫ୍ୟାଶନ୍ ଇଣ୍ଡଷ୍ଟ୍ରିରୁ ବାହାରୁଥିବା ବର୍ଜ୍ୟ ପଦାର୍ଥ, ଅଧିକ ବ୍ୟବହୃତ ସିନ୍ଥେଟିକ୍ ପୋଷାକ ଆଦି ପରିବେଶ ପ୍ରଦୂଷଣ ପାଇଁ ଅନେକାଂଶରେ ଦାୟୀ। ଯେଉଁଥିପାଇଁ ସଷ୍ଟେନେବଲ୍ ଫ୍ୟାଶନ୍ ବର୍ତ୍ତମାନ କେବଳ ଏକ ଟ୍ରେଣ୍ଡ ନୁହେଁ, ବରଂ ଆବଶ୍ୟକତା ପାଲଟିଛି। ତେଣୁ ବର୍ତ୍ତମାନ ଛୋଟ ହେଉ କି ବଡ଼, ଅଧିକାଂଶ ଫ୍ୟାଶନ୍ ବ୍ରାଣ୍ଡ ମଧ୍ୟ ଏଭଳି ଡ୍ରେସ୍ ପ୍ରସ୍ତୁତ କରୁଛନ୍ତି ; ଯାହା ପରିବେଶ ଅନୁକୂଳ ହେବା ସହ ଦୀର୍ଘ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ।

**ପରିବେଶ ଉପଯୋଗୀ:** ଏଥିରେ ଅର୍ଗାନିକ୍ କଟନ୍, ବାଉଁଶ ଭଳି ଫେବ୍ରିକ୍ ସହ ରିସାଇକଲ୍ଡ ବା ପୁନଃ ବ୍ୟବହାର ଉପଯୋଗୀ ସାମଗ୍ରୀ, କେମିକାଲ୍ ଫ୍ରି ରଙ୍ଗ ଆଦି ବ୍ୟବହାର କରାଯାଇଥାଏ ; ଯଦ୍ୱାରା ନଦୀ, ମାଟି, ବାୟୁ ଆଦିରେ ପ୍ରଦୂଷଣ କମ୍ ହୋଇଥାଏ। ଫଳରେ ପରିବେଶରେ ସନ୍ତୁଳନ ରକ୍ଷା ହୋଇଥାଏ।

**ଦୀର୍ଘ ସ୍ଥାୟୀ ହୋଇଥାଏ:** ଅଧିକାଂଶ ଯୁବପିଢ଼ି ସବୁବେଳେ କମ୍ ଟଙ୍କାରେ ଅଧିକ ନୂଆ ନୂଆ ଆଉଟ୍‌ଫିଟ୍ କିଣିବାକୁ ପସନ୍ଦ କରନ୍ତି। ହେଲେ ଏହି ଫାଷ୍ଟ ଫ୍ୟାଶନ ଆଳରେ ଅଧିକ ପୋଷାକ ଯୋଗୁ ହେଉଥିବା ଆବର୍ଜନା ଏବଂ ପ୍ରଦୂଷଣ ବଢ଼ୁଛି ଏବଂ ଅଯଥା ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଉଛି। ତେଣୁ ବର୍ତ୍ତମାନ ଅନେକ ଯୁବତୀଯୁବକ ଏ ଦିଗରେ ସଚେତନ ହେବା ସହ ଅଧିକ ଦିନ ବ୍ୟବହାର ହୋଇପାରୁଥିବା ବିଭିନ୍ନ ହସ୍ତତନ୍ତ ବା ହ୍ୟାଣ୍ଡଲୁମ୍ ପୋଷାକ ବାଛୁଛନ୍ତି।

**ସ୍ୱାସ୍ଥ୍ୟ ପାଇଁ ଉପକାରୀ:** ସଷ୍ଟେନେବଲ୍ ଡ୍ରେସ୍‌ରେ କୌଣସି ପ୍ରକାରର ସିନ୍ଥେଟିକ୍ କପଡ଼ା ଏବଂ କେମିକାଲ୍‌ଯୁକ୍ତ ରଙ୍ଗ ଆଦି ବ୍ୟବହାର କରାଯାଇ ନ ଥାଏ। ତେଣୁ ଏହା ସ୍କିନ୍ ଫ୍ରେଣ୍ଡ୍‌ଲି ହୋଇଥିବାରୁ ସେନ୍‌ସିଟିଭ୍ ସ୍କିନ୍‌ରେ ବି କୁଣ୍ଡେଇ ହେବା, ଲାଲ୍ ହୋଇ ଫଳିଯିବା କିମ୍ବା ଅନ୍ୟ କୌଣସି ଆଲର୍ଜି ସମସ୍ୟା ଆଦୌ ଦେଖାଯାଇ ନ ଥାଏ। ତେଣୁ ଏହା ଉଭୟ ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ଉପକାରୀ।

**ବଢ଼ୁଛି ଥ୍ରିଫ୍ଟିଙ୍ଗ୍ ଓ ରି ୟୁଜ୍:** ନ ପିନ୍ଧୁଥିବା କିମ୍ବା ଥରେ ବ୍ୟବହାର କଲା ପରେ ଆଉଥରେ ରିପିଟ୍ ନ କରିବା ଲାଗି ଅନେକେ ଭଲ ଭଲ ପୁରୁଣା ପୋଷାକ ଫିଙ୍ଗିଦିଅନ୍ତି, ଯଦ୍ୱାରା ଆବର୍ଜନା ଓ ପ୍ରଦୂଷଣ ବଢ଼ିଥାଏ। ହେଲେ ବର୍ତ୍ତମାନ ଏହାକୁ ନେଇ ସଚେତନତା ବଢ଼ିଛି। ତେଣୁ ଏପରି ପୋଷାକ, ଶାଢ଼ି ଆଦିକୁ ବିକ୍ରି କରାଯାଉଛି (ଥ୍ରିଫ୍ଟିଙ୍ଗ) ଏବଂ ଅନେକେ ଏହି ସେକେଣ୍ଡ ହ୍ୟାଣ୍ଡ୍ ପୋଷାକ କିଣି ବ୍ୟବହାର କରୁଛନ୍ତି। ଏମିତିକି ଏହାକୁ ନେଇ ଅନେକେ ପୁନଃ ବ୍ୟବହାର କରି ନୂଆ ନୂଆ ଡିଜାଇନ୍‌ରେ ଆଉଟ୍‌ଫିଟ୍ ମଧ୍ୟ ପ୍ରସ୍ତୁତ କରୁଛନ୍ତି।

**ବଢ଼ୁଛି ସ୍ଥାନୀୟ ହସ୍ତତନ୍ତର ଡିମାଣ୍ଡ:** ସମସ୍ତେ ଏଭଳି ଖଦି, ହ୍ୟାଣ୍ଡଲୁମ୍ ଭଳି ଆଉଟ୍‌ଫିଟ୍‌କୁ ଅଧିକ ପସନ୍ଦ କରୁଥିବାରୁ ଏହି ଫ୍ୟାଶନ୍ ଇଣ୍ଡଷ୍ଟ୍ରି ବୃଦ୍ଧିପାଉଛି। ଧୀରେ ଧୀରେ କେବଳ ଲୋକାଲ୍ ନୁହେଁ, ଗ୍ଲୋବାଲ୍ ମାର୍କେଟ୍‌ରେ ବି ଏହାର ଚାହିଦା ବଢ଼ୁଛି। ଫଳରେ ଲୋକାଲ୍ କାରିଗରମାନଙ୍କ ପାଇଁ ରୋଜଗାର ମଧ୍ୟ ବଢ଼ୁଥିବା ଦେଖିବାକୁ ମିଳୁଛି। ଏହାକୁ ଲୋକେ ଦୀର୍ଘଦିନ ପର୍ଯ୍ୟନ୍ତ ବ୍ୟବହାର କରିପାରୁଛନ୍ତି।

**ରେଣ୍ଟାଲ୍ ଫ୍ୟାଶନ୍:** ବିବାହ କିମ୍ବା କୌଣସି ବଡ଼ ବଡ଼ ଫଙ୍କସନ୍ ନିମନ୍ତେ ଆଉଟ୍‌ଫିଟ୍ କିଣିବାରେ ବହୁତ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ ସେଭଳି ଆଉଟ୍‌ଫିଟ୍ ମଧ୍ୟରୁ ଖୁବ୍ କମ୍ ପୁନର୍ବାର ବ୍ୟବହାର ହେଉଥିବା ବେଳେ ବାକିସବୁ ବର୍ଷ ବର୍ଷ ଧରି ସାଇତା ହୋଇ ରହିଥାଏ। ସେହିପରି ହଳଦୀ, ମେହେନ୍ଦୀ, ବରଯାତ୍ରୀ ଆଦିରେ ଏକାଭଳି ପୋଷାକ ପିନ୍ଧିବା ଲାଗି କିଣାଯାଉଥିବା ଡ୍ରେସ୍ ପରେ ଆଉ ବ୍ୟବହାର ହେଉ ନ ଥିବାରୁ ଟଙ୍କା ନଷ୍ଟ ସହ ଆବର୍ଜନା ବଢ଼ାଇ ପରିବେଶ ପ୍ରଦୂଷଣର କାରଣ ସାଜୁଛି। ଏମିତିରେ ବର୍ତ୍ତମାନ ଅନେକ ସଂସ୍ଥା ପକ୍ଷରୁ ରେଣ୍ଟାଲ୍ ଆଉଟଫିଟ୍ ଉପଲବ୍ଧ ହେଉଛି, ଯଦ୍ୱାରା ଅଯଥା ଟଙ୍କା ଏବଂ ପୋଷାକ ନଷ୍ଟ ସମସ୍ୟା ବି କମିପାରିଛି।

ସଷ୍ଟେନେବଲ୍ ଫ୍ୟାଶନ୍ ଟ୍ରେଣ୍ଡ ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ ପରିବେଶ ସୁରକ୍ଷା ଦିଗରେ ଏକ ଆହ୍ୱାନ ପାଲଟିଛି। ଫଳରେ ସେମାନେ ଭ୍ୟାଲୁ ବେସ୍‌ଡ ପର୍ଚ୍ଚେଜିଂ ବା ମୂଲ୍ୟ ଆଧାରିତ କ୍ରୟ ଦିଗରେ ମଧ୍ୟ ସଚେତନ ହେଉଛନ୍ତି।







## କ'ଣ କୁହନ୍ତି ଏମାନେ...



**ମାଧବ ସାହୁ** (ସଫ୍ଟୱେର ଡେଭେଲପର, ଭୁବନେଶ୍ୱର)- ପେସାରେ ଯଦିଓ ଜଣେ ଇଞ୍ଜିନିୟର, ହେଲେ ନିଶା ଆକ୍ଟିଂ ଏବଂ ମଡେଲିଂ। ତେଣୁ ସବୁବେଳେ ଡିଫରେଣ୍ଟ ଏବଂ ଫ୍ୟାଶନେବଲ୍ ଆଉଟ୍‌ଫିଟ୍ ପିନ୍ଧିବାକୁ ହୋଇଥାଏ। ଏମିତିରେ ଯଥାସମ୍ଭବ ଇକୋଫ୍ରେଣ୍ଡ୍‌ଲି ଆଉଟ୍‌ଫିଟ୍ କ୍ୟାରି କରିବାକୁ ଚେଷ୍ଟା କରେ। ଏମିତିକି ବଡ଼ ବଡ଼ ଫାବ୍ରିକ୍ ବ୍ରାଣ୍ଡର ବିଭିନ୍ନ ହ୍ୟାଣ୍ଡଲୁମ୍ ଆଉଟ୍‌ଫିଟ୍ ପିନ୍ଧି ଫ୍ୟାଶନ୍ ଶୋ'ରେ ବ୍ରାଣ୍ଡ ପ୍ରମୋଶନ ସହ ଆମ କଲ୍ଚରକୁ ବି ରିପ୍ରେଜେଣ୍ଟ କରେ। ଏଭଳି ଆଉଟ୍‌ଫିଟ୍ ସ୍କିନ୍ ଫ୍ରେଣ୍ଡ୍‌ଲି ହେବା ସହ ପରିବେଶ ପାଇଁ ମଧ୍ୟ ଭଲ। ତା'ଛଡ଼ା ଏହାକୁ ପ୍ରସ୍ତୁତ କରିବା ଲାଗି ମେଶିନ୍ ବ୍ୟବହାର ହେଉ ନ ଥିବାରୁ ଲୋକାଲ୍ କାରିଗରଙ୍କ ପାଇଁ ମଧ୍ୟ ରୋଜଗାର ସୁଯୋଗ ବଢ଼ୁଛି। ତେଣୁ ସଷ୍ଟେନେବଲ୍ ଫ୍ୟାଶନ୍ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ହେଲେ ମୋ ମତରେ, ଯଦି ଫାବ୍ରିକ୍ କମ୍ପାନୀଗୁଡ଼ିକ ଏହି ହ୍ୟାଣ୍ଡଲୁମ୍ ମ୍ୟାଟେରିଆଲ୍‌ରେ କେବଳ ପୂଜାପର୍ବ କିମ୍ବା କୌଣସି ବିଶେଷ ଅବସର ପାଇଁ ନୁହେଁ ବରଂ ପ୍ରତିଦିନ ବ୍ୟବହାର କରି ହେବା ଭଳି ସିମ୍ପଲ୍ ଏବଂ ଜେଣ୍ଟଲ୍ ଡିଜାଇନ୍ ଆଉଟ୍‌ଫିଟ୍ ପ୍ରସ୍ତୁତ କରିବେ, ତେବେ ଏହା ଆହୁରି ଅଧିକ ଆଦୃତ ହୋଇପାରିବ ଏବଂ ରେଗୁଲାର ଅଫିସ୍ ୱେର୍ ପାଇଁ ମଧ୍ୟ ଯୁବପିଢ଼ି ଏହାକୁ ବହୁମାତ୍ରାରେ ବ୍ୟବହାର କରିପାରିବେ।



**ଆନ୍‌ଭୀ ସମ୍ପଦା**(ଛାତ୍ରୀ, ଭୁବନେଶ୍ୱର)- କେବଳ ଫ୍ୟାଶନ୍ ପାଇଁ ଅନାବଶ୍ୟକ ଅଧିକ ଡ୍ରେସ୍ କିଣିବା ଅପେକ୍ଷା ମଝିରେ ମଝିରେ ହ୍ୟାଣ୍ଡଲୁମ୍ ଡ୍ରେସ୍ କିଣିବା ମୋ ମତରେ ଭଲ। କାରଣ ଏଭଳି ସଷ୍ଟେନେବଲ୍ ଆଉଟ୍‌ଫିଟ୍ ବହୁ ଦିନ ବ୍ୟବହାର କରିହୁଏ ଏବଂ କେବେବି ଫ୍ୟାଶନ୍ ଟ୍ରେଣ୍ଡରୁ ଆଉଟ୍‌ଡେଟେଡ୍ ହୁଏ ନାହିଁ। ତା'ଛଡା ଏହା ଉଭୟ ସ୍କିନ୍‌ଫ୍ରେଣ୍ଡଲୀ ଏବଂ ଇକୋଫ୍ରେଣ୍ଡଲୀ ମଧ୍ୟ। ବର୍ତ୍ତମାନ ସରକାରୀସ୍ତରରେ ମଧ୍ୟ ଏଭଳି ପୋଷାକ ପିନ୍ଧିବାକୁ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଏହାକୁ ଆଧିକ ଲୋକାଦୃତ କରିବା ଲାଗି ହ୍ୟାଣ୍ଡଲୁମ୍ ମେଳା, ଫ୍ୟାଶନ୍ ଶୋ', ବଡ ବଡ ସେଲିବ୍ରେଟୀମାନଙ୍କୁ ନେଇ ପ୍ରମୋଶନ୍ ଆଦି କାର୍ଯ୍ୟକ୍ରମମାନ କରାଯାଉଛି। ତେଣୁ ସମସ୍ତେ ଏ ଦିଗରେ ସଚେତନ ହେବା ଆବଶ୍ୟକ।

ୟୁଥ୍ ଆଲର୍ଟ

# ଖରାବେଳେ ଥଣ୍ଡା ଖାଦ୍ୟପେୟ...

**ଖରା ଆଉ ଅସହ୍ୟ ଗରମରେ ବାହାରକୁ ଯାଉଥିବା ଅଧିକାଂଶ ଯୁବତୀଯୁବକ ଆଇସ୍‌କ୍ରିମ୍, ଚୁସ୍କି, କୋଲ୍ଡ ଡ୍ରିଙ୍କ୍ସ ଭଳି ଥଣ୍ଡା ଖାଦ୍ୟ ଓ ପାନୀୟ ପିଇବାକୁ ଭଲପାଆନ୍ତି। ଏହା ସେହି ସମୟରେ ଖୁବ୍ ଆନନ୍ଦ ମଧ୍ୟ ଦେଇଥାଏ। ହେଲେ ଖରାରେ ଏଭଳି ଖାଦ୍ୟପେୟ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ...**

➤ ଖରାବେଳେ ବାହାରକୁ ଯାଇଥିଲେ ପରିବେଶ ସହ ଶରୀରର ତାପମାତ୍ରା ମଧ୍ୟ ଅଧିକ ଥାଏ। ଏହି ସମୟରେ ଆଇସ୍‌କ୍ରିମ୍ କିମ୍ବା ଅନ୍ୟ କୌଣସି ଥଣ୍ଡା ଖାଦ୍ୟ ଖାଇଲେ ବିଶେଷକରି ଥଣ୍ଡା ପାନୀୟ ପିଇଲେ ହଠାତ୍ ଶରୀରର ତାପମାତ୍ରା ଅସନ୍ତୁଳିତ ହେବା ଦ୍ୱାରା ହୃତ୍‌ସ୍ପନ୍ଦନ ଧୀର ହୋଇଥାଏ। ଏକ ଗବେଷଣା ରିପୋର୍ଟ ମୁତାବକ ଏଥିପାଇଁ ମୃତ୍ୟୁ ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।

➤ ଖରାରେ ଥଣ୍ଡା ଖାଦ୍ୟପେୟ ଅନେକଙ୍କଠାରେ ଥଣ୍ଡା, କାଶ, ଥ୍ରୋଟ୍ ବା ଗଳା ଇନ୍‌ଫେକ୍ସନ୍ ଭଳି ସମସ୍ୟା ବି ଉପୁଜାଇଥାଏ।

➤ ଖରାରେ ଥଣ୍ଡା ଖାଦ୍ୟପେୟ ଶରୀରରେ ଥିବା ଶିରାଗୁଡ଼ିକ ସଂକୁଚିତ କରିଦିଏ। ଫଳରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଯଦ୍ୱାରା ପାକସ୍ଥଳୀ ଏବଂ ଅନ୍ୟ ସ୍ଥାନରେ ଠିକ୍ ଭାବେ ରକ୍ତ ପହଞ୍ଚି ନ ପାରିବାରୁ ହଜମକ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ। ଫଳରେ ପେଟରେ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ପୋଷକତତ୍ତ୍ୱର ଅଭାବ ଦେଖାଦେଇଥାଏ। ତା'ଛଡ଼ା ଥଣ୍ଡା ପାଣି ପିଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେବାର ଆଶଙ୍କା ବି ରହିଛି।

➤ ଅନେକ ଯୁବତୀଯୁବକଙ୍କର ପାଣିରେ ବରଫ ପକାଇ ପିଇବାର ବଦଭ୍ୟାସ ରହିଛି। ଯଦିଓ ଏହାଦ୍ୱାରା ଆରାମ ଲାଗିଥାଏ, ହେଲେ ଏଥିପାଇଁ ପରେ ଗଳା ଦରଜ, ଫୁଲିବା ଏବଂ ଥଣ୍ଡାରେ ନାକ ବନ୍ଦ ହେବା ଭଳି ସମସ୍ୟା ଦେଖାଦେଇପାରେ। ବିଶେଷକରି ଖାଇବା ପରେ ଥଣ୍ଡା ପାଣି ପିଇଲେ ଶ୍ୱାସନଳୀରେ ମ୍ୟୁକସ୍ ଜମା ହୁଏ ଏବଂ କେବେକେବେ ଇନ୍‌ଫେକ୍ସନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ।

➤ ଖରାଦିନେ ଖାଇବା ପରେ ଯଦି କୋଲ୍ଡଡ୍ରିଙ୍କ୍ସ କିମ୍ବା ଆଇସ୍‌କ୍ରିମ୍ ଖାଆନ୍ତି, ତେବେ ପୂର୍ବରୁ ଖାଇଥିବା ଖାଦ୍ୟରେ ଫ୍ୟାଟ୍‌ଜାତୀୟ ଖାଦ୍ୟ କଠିନ ହୋଇଯିବା ଫଳରେ ହଜମ ହୋଇ ନ ପାରି ଶରୀରରେ ଜମା ହୋଇ ରୁହେ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ।



## ଏ ସପ୍ତାହର ପ୍ରଶ୍ନ ?

୧- ଗଙ୍ଗୋତ୍ରୀ ନ୍ୟାଶନାଲ ପାର୍କ .......... ରାଜ୍ୟରେ ଅବସ୍ଥିତ ?
୨- ନମୋ ଡ୍ରୋନ୍ ଦିଦି ଯୋଜନାରେ ସର୍ବାଧିକ ସଂଖ୍ୟକ ଏସ୍‌ଏଚ୍‌ଜି ମହିଳାଙ୍କୁ ଡ୍ରୋନ୍ ପାଇଲଟ୍ ଟ୍ରେନିଂ ଦିଆଯାଇଥିବା ରାଜ୍ୟ ............. ?
୩- ଜୁଆଙ୍ଗ ଜନଜାତି ମୁଖ୍ୟତଃ ............ ରାଜ୍ୟରେ ବସବାସ କରନ୍ତି ?
୪- ଚାଣକ୍ୟ ........... ନାମରେ ବି ପରିଚିତ ?
୫- ୨୦୧୯ କ୍ରିକେଟ୍ ୱାର୍ଲ୍ଡ କପ୍‌ରେ ସର୍ବାଧିକ ରନ୍ କରିଥିବା ଖେଳାଳି ....... ?

## ଗତ ଥରର ଉତ୍ତର

୧ ଆସାମ
୨ ଜଙ୍ଗଲୀ ଅସରପା
୩ ୧୧୬
୪ ଶିଗେଲା ବ୍ୟାକ୍ଟେରିଆ
୫ ବାନୁ ମୁସ୍ତାକ୍

## ଉତ୍ତରଦାତା


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ଅନ୍ନପୂର୍ଣ୍ଣା ମହାନ୍ତି, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବାଧିକ ମାଛ ଉତ୍ପାଦନକାରୀ ଦେଶ



୧...... ଚାଇନା
୨...... ଇଣ୍ଡୋନେସିଆ
୩...... ଭାରତ
୪...... ଭିଏଟ୍‌ନାମ
୫...... ପେରୁ
୬...... ରୁଷିଆ
୭...... ଆମେରିକା
୮...... ବାଂଲାଦେଶ
୯...... ନରୱେ
୧୦...... ଫିଲିପାଇନ୍ସ

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>